# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୫/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, October 5/2019 | ★★★★

୪୫ଶ ଭାଗ ୩୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ପୁଣି ଫେରିବେ ଶାହାରୁଖ

ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍ ପୁଣି ବଡ଼ ପରଦାକୁ ଫେରିବେ ବୋଲି ଘୋଷଣା କରିଛନ୍ତି। ଏଥର ବୋଧହୁଏ ଦୀପିକାଙ୍କ ସହ ଶାହରୁଖ ଫେରିବେ ବୋଲି ଅନୁମାନ କରାଯାଉଛି।

୧୦

୧୮

## ଅଶ୍ୱିନଙ୍କୁ ୫ ଉଇକେଟ

ବିଶାଖାପାଟଣାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତାଲାଭ କରିଛନ୍ତି ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ।



### ■ ଚାଲିଆ ଉଚ୍ଛେଦ ନେଇ ତେଜିଲା ବିବାଦ

# ବିଧାୟକ-ତହସିଲଦାର ମୁହାଁମୁହିଁ

**ବାଲେଶ୍ୱର ଅଫିସ/ସଜନାଗଡ, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ପ୍ରଶାସନ ଓ ଲୋକପ୍ରତିନିଧି ମୁହାଁମୁହିଁ ହେବା ଘଟଣା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ନୀଳଗିରି ବିଧାୟକଙ୍କୁ ସ୍ଥାନୀୟ ତହସିଲଦାରଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଓ ତହସିଲଦାରଙ୍କୁ ବିଧାୟକ ଜାତିଆଣ ଆକ୍ଷେପ କରିବା ଭଳି ଅଭିଯୋଗ ହୋଇଛି। ଏନେଇ ଉଭୟ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବିଧାୟକ ସୁକାନ୍ତ ନାୟକଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ତାଙ୍କ ସମର୍ଥକମାନେ ଉତ୍‌କ୍ଷିପ୍ତ ହୋଇ ତହସିଲଦାର ସୁଶ୍ରୀତା ଟୁଡୁଙ୍କ ତୁରନ୍ତ ବଦଳି ଦାବି କରି ତାଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଧାରଣା ଦେଇଥିଲେ। ତହସିଲଦାର ଟୁଡୁ ଦୀର୍ଘ ସମୟ ଧରି ଅଫିସ ବାହାରକୁ ଆସିପାରି ନ ଥିଲେ। ଏଭଳି ପରିସ୍ଥିତିରେ ପୋଲିସ ଓ ଉଚ୍ଚ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ଯାଏ ସମାଧାନ ବାଟ ବାହାରିନାହିଁ। ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ସର୍ବଦଳୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରାଯାଇଛି। ବିଧାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାରେ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବିଧାୟକଙ୍କ ସମର୍ଥକ ତଥା ଭାଜପା କର୍ମୀମାନେ ଅଡି ବସି ଧାରଣା ଜାରି ରଖିଛନ୍ତି। ଖବର ଲେଖା ହେବା ଯାଏ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ସୂଚନା ମିଳିଛି।



ତହସିଲଦାର ସୁଶ୍ରୀତା ଟୁଡୁ ଓ ବିଧାୟକ ସୁକାନ୍ତ ନାୟକଙ୍କ ମଧ୍ୟରେ କଥା କଟାକଟି।

ଉଲ୍ଲେଖନୀୟ ଯେ, ନୀଳଗିରି କଚେରି ପରିସରରେ ଥିବା ଉପଜିଲାପାଳ, ସବ୍‌ରେଜିଷ୍ଟ୍ରାର ଓ ତହସିଲଦାରଙ୍କ ଅଫିସ ବାରଣ୍ଡାରେ ମୋହରିର ବସି ଦୀର୍ଘଦିନ ଧରି କୋର୍ଟ କାର୍ଯ୍ୟ କରି ଆସୁଥିଲେ। ୨୦୧୩ରେ ତତ୍କାଳୀନ ଉପଜିଲାପାଳ ଶ୍ରୀଧର ନାୟକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅବ୍ୟବହୃତ ଜାଗାରେ ମୋହରିରଙ୍କୁ ଚାଲିଆ ନିର୍ମାଣ କରିବା ଲାଗି ଅନୁମତି ଦେବାରୁ ସେମାନେ ନିଜ ଖର୍ଚ୍ଚରେ ଚାଲିଆ କରି କାର୍ଯ୍ୟ କରି ଆସୁଥିଲେ। ଘଟଣାକ୍ରମେ ତହସିଲ କର୍ତ୍ତୃପକ୍ଷ ଓ ମୋହରିରଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ମୋହରିରମାନଙ୍କ ଚାଲିଆ ଉଚ୍ଛେଦ ସକାଶେ ତହସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ, ଗତ ୩ ଦିନ ପୂର୍ବରୁ ଜେସିବି ମେଶିନ ଅଣାଯାଇଥିଲା। ମୋହରିରମାନଙ୍କ ନିବେଦନକ୍ରମେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଧାୟକ ସୁକାନ୍ତ ନାୟକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଉଚ୍ଛେଦ ସ୍ଥଗିତ ରଖି ୭ ଦିନିଆ ନୋଟିସ ଜାରି କରିବାକୁ କହିଥିଲେ। ଘଟଣାର ୪ ଦିନ ନ ପୂରୁଣୁ ଶୁକ୍ରବାର ପୂର୍ବାହ୍ଣ ୮ଟା ବେଳେ ତହସିଲ ପକ୍ଷରୁ ଚାଲିଆ ଭଙ୍ଗା ଆରମ୍ଭ ହୋଇଥିଲା। ଖବର ପାଇ ନୀଳଗିରି ବିଧାୟକ ପହଞ୍ଚି ଚାଲିଆ ନ ଭାଙ୍ଗିବାକୁ ତହସିଲଦାରଙ୍କୁ କହିଥିଲେ। ୭ ଦିନ ନ ପୂରୁଣୁ ଏବଂ ଏକ ଜରୁରୀ ବୈଠକ ଡକାଯିବାର ପ୍ରସ୍ତାବ ଥିବା ବେଳେ କାହିଁକି ଚାଲିଆ ଭଙ୍ଗାଗଲା ବୋଲି ବିଧାୟକ ପ୍ରଶ୍ନ କରିବାରୁ ସେଠାରେ ବିଧାୟକ ଓ ତହସିଲଦାରଙ୍କ ମଧ୍ୟରେ ଉଚ୍ଚବାଚ ପରିସ୍ଥିତି ସୃଷ୍ଟି ହୋଇଥିଲା। ☞ପୃଷ୍ଠା-୪

# ଓଡ଼ିଶା ହାଇକୋର୍ଟରେ ନିଯୁକ୍ତ ହେବେ ୨ ନୂଆ ବିଚାରପତି

### କେନ୍ଦ୍ରକୁ ନାମ ସୁପାରିସ କଲେ କଲେଜିୟମ

**କଟକ ଅଫିସ, ୪।୧୦**

ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଜିଲା ଓ ସେସନ୍ସ ଜଜ୍ ବିଭୁପ୍ରସାଦ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ସୁପ୍ରିମ୍‌କୋର୍ଟ କଲେଜିୟମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଗତ ମେ ୭ ତାରିଖରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ବିଚାରପତି ନିଯୁକ୍ତି ଲାଗି ୮ଜଣ ଆଇନଜୀବୀ ଓ ୪ଜଣ ଜୁଡିସିଆଲ ଅଫିସରଙ୍କ ନାମ ସୁପ୍ରିମ୍‌କୋର୍ଟଙ୍କୁ ସୁପାରିସ କରିଥିଲେ। ଆଇନଜୀବୀଙ୍କ ମଧ୍ୟରୁ ବରିଷ୍ଠ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜୁଡିସିଆଲ ଅଫିସରଙ୍କ ମଧ୍ୟରୁ ବିଭୁପ୍ରସାଦ ରାଉତରାୟଙ୍କ ନାମକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଏସ୍.ଏ. ବୋବ୍‌ଡେ ଓ ବିଚାରପତି ଏନ୍.ଭି. ରମନାଙ୍କୁ ନେଇ ଗଠିତ କଲେଜିୟମ ☞ପୃଷ୍ଠା-୪



ସଞ୍ଜୀବ କୁମାର ପାଣିଗ୍ରାହୀ | ବିଭୁପ୍ରସାଦ ରାଉତରାୟ


## ସବୁଠାରୁ ବଡ଼ ଡିସ୍‌କାଉଣ୍ଟ ସେଲ୍ !

**ବ୍ରାଣ୍ଡେଡ୍ ରେଡିମେଡ୍ ଗାର୍ମେଣ୍ଟ୍ସ ଏବଂ ଜୋତା ସିଧାସଳଖ କାରଖାନାରୁ**

ବିଶ୍ୱବ୍ୟାପୀ ଅର୍ଥନୈତିକ ମାନ୍ଦାବସ୍ଥା କାରଣରୁ, ଆମ କମ୍ପାନୀର ବିଶାଳ ପରିମାଣର ଅର୍ଡରଗୁଡ଼ିକ ରଦ୍ଦ ହୋଇଯାଇଛି। ଏହି କାରଣରୁ ଆମ କାରଖାନା ସମସ୍ତ ଷ୍ଟକ୍‌କୁ **ଭୁବନେଶ୍ୱର ସହରରେ** 5,000 ବର୍ଗ ଫୁଟର ବିଶାଳ ହଲ୍‌ରେ ଭାରି ରିହାତି ସହିତ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛି। ବିକ୍ରୟ **ଦି ନ୍ୟୁ ମ୍ୟାରିୟନ୍ ହୋଟେଲ୍‌**ରେ ଆୟୋଜିତ ହେଉଛି

**Discount Upto 80%**

**Sale @ Rs. 350/-, 550/- & 800/-**

The Roadster Lifestyle Co. | NIKE | Levi's | PUMA | benetton | Wrangler | Flying Machine | W | SCULLERS | Reebok | adidas | JOHN MILLER | ARROW | ColorPlus | PARK AVENUE | ZARA | INDIGO NATION

ମହିଳା, ପୁରୁଷ ଓ ପିଲାଙ୍କ ପାଇଁ ବ୍ରାଣ୍ଡେଡ୍ ଜିନ୍‌ସ, ଟ୍ରାଉଜର୍, ଶାର୍ଟ, ଟିନୋସ୍ ପ୍ୟାଣ୍ଟ, 100% କଟନ୍ ଟି-ଶାର୍ଟ, ଜ୍ୟାକେଟ୍, ବରମୁଡ଼ା, ଫ୍ୟାନ୍ସି 3/4, ଲେଡିଜ୍ ଟପ୍, ପଲାଜୋ, ଫ୍ରକ୍, ଲେଡିଜ୍ ଲୋଅର୍ ପ୍ୟାଣ୍ଟ, ଜିନ୍‌ସ, କୁର୍ତ୍ତି.. ଏବଂ ହଜାର ହଜାର ଭେରାଇଟି ଓ ଡିଜାଇନ୍ ଉପଲବ୍ଧ

ଯେକୌଣସି ସାମଗ୍ରୀର ସେଲ୍ ମାତ୍ର **@400/-, 550/-** ଏବଂ **800/-**ରେ

**ଅଫର୍ କେବଳ 3 ଦିନ ପାଇଁ - 5, 6 ଓ 7 ଅକ୍ଟୋବର, 2019**

**ସ୍ଥାନ**

**ଦି ନ୍ୟୁ ମ୍ୟାରିୟନ୍ ହୋଟେଲ**

**6, ଜନପଥ, ରାମ ମନ୍ଦିର ସମ୍ମୁଖ, ଭୁବନେଶ୍ୱର**

**ସ୍ୱେଶାଲ କାଉଣ୍ଟର:** ଲେଡିଜ୍ ଫୁଟ୍‌ୱେର୍ ସାମଗ୍ରୀ ଯେପରି ଫେଟ୍, ବେଲୀ, ହିଲ୍ ଜୋତା, ସାଣ୍ଡାଲ, ଲେଡିଜ୍ ବ୍ୟାଗ୍, ପୁରୁଷଙ୍କ ଜୋତା ଯେପରି ପୁମା, ନାଇକ୍, ରିବକ୍, ରୋଡଷ୍ଟାର୍, ଆଡିଡାସ୍, ବ୍ରାଣ୍ଡେଡ୍ ସ୍ପୋର୍ଟସ୍ ଜୋତା, ସାଣ୍ଡାଲ୍, ଚପଲ ଇତ୍ୟାଦି ଅନେକ ଭେରାଇଟିରେ।

- ମାଗଣା ପାର୍କିଂ • ସେଲ୍‌ରେ ବ୍ୟାଗ୍, ସୁଟ୍‌କେସ ଇତ୍ୟାଦି ନିଷିଦ୍ଧ
- ସାମଗ୍ରୀଗୁଡ଼ିକ ବିକ୍ରି ହୋଇଯିବା ପରେ କାଉଣ୍ଟରକୁ ବନ୍ଦ କରିଦିଆଯିବ
- ସେଲ୍ ମାତ୍ର 3 ଦିନ ପାଇଁ ଏବଂ କୌଣସି ପରିସ୍ଥିତିରେ ମଧ୍ୟ ଏହାକୁ ବଢ଼ାଯିବ ନାହିଁ
- ସମୟ: 10 amରୁ 9 pm
- କ୍ରେଡିଟ୍ କାର୍ଡ ଗ୍ରହଣଯୋଗ୍ୟ

nikitamedia.in


### ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା

# ୨୦୨୦ରୁ ଏମ୍ସରେ ଲାଗୁ ହେବ ନିଟ୍

**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଆଗାମୀ ୨୦୨୦ ଶିକ୍ଷାବର୍ଷରୁ ଏମ୍ସ, ଜେଆଇପିଏମ୍ଇଆର୍ (ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ) ସମେତ ଦେଶର ସମସ୍ତ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ହେଲେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଦେବାକୁ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଦେଶର ମେଡିକାଲ ଶିକ୍ଷାକ୍ଷେତ୍ରରେ ସମାନ ମାନ ଧାର୍ଯ୍ୟ କରିବାରେ ଏହା ସହାୟକ ହୋଇପାରିବ। ଏବେ ଏମ୍ସ ଏବଂ ଜେଆଇପିଏମ୍ଇଆର୍ ବ୍ୟତୀତ ଅନ୍ୟ ସମସ୍ତ ମେଡିକାଲ କଲେଜରେ ନାମଲେଖା ପାଇଁ ନିଟ୍ ଦେବାକୁ ପଡୁଛି। ଏମ୍ସ ଓ ଜେଆଇପିଏମ୍ଇଆର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ହେଉଥିବାରୁ ସେମାନେ ନିଜସ୍ୱ ନାମଲେଖା ପରୀକ୍ଷା କରିଥାଆନ୍ତି। ଜାତୀୟ ମେଡିକାଲ କମିଶନ ଆଇନ (ଏନ୍ଏମ୍‌ସି), ୨୦୧୯ ଅନୁଯାୟୀ ହେଉଥିବା ନିଟ୍ ସମେତ କମନ୍ କାଉନସେଲିଂ ଏବଂ ଏମ୍‌ବିବିଏସ୍ ଶେଷ ବର୍ଷ ପରୀକ୍ଷା ସମସ୍ତ ☞ପୃଷ୍ଠା-୪

### ■ ବାଲାକୋଟ ଏୟାର୍‌ଷ୍ଟ୍ରାଇକ୍‌ର ଭିଡିଓ ଜାରିକଲା ଆଇଏଏଫ୍

# 'ନିଜ ହେଲିକପ୍ଟର ଖସାଇବା ବଡ଼ ଭୁଲ୍'

**ନୂଆଦିଲ୍ଲୀ, ୪।୧୦(ପି.ଟି.)**

ଭାରତୀୟ ବାୟୁସେନା ପକ୍ଷରୁ କଶ୍ମୀରର ବଡ଼ଗାମ୍‌ଠାରେ ଗତ ଫେବୃୟାରୀ ୨୭ରେ ଏହାର ଏକ ଏମ୍ଆଇ-୧୭ ହେଲିକପ୍ଟରକୁ କ୍ଷେପଣାସ୍ତ୍ର ମାଡ଼କରି ଖସାଇ ଦିଆଯାଇଥିଲା। ବାୟୁସେନା ହେଲିକପ୍ଟରରେ ଥିବା ୬ ଯବାନଙ୍କ ସହ ୭ ନିହତ ହୋଇଥିଲେ। ଏହା ଏକ ବଡ଼ ଭୁଲ୍ ଥିଲା ବୋଲି ବାୟୁସେନା ମୁଖ୍ୟ ରାକେଶ କୁମାର ସିଂ ଭଦୌରିଆ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏନେଇ ଏକ ଭିଡିଓ କ୍ଲିପ୍ ଜାରି କରାଯାଇଛି। ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ଶତ୍ରୁପକ୍ଷର ହେଲିକପ୍ଟର ଭାବି ଭାରତୀୟ ବାୟୁସେନା ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଭୁଲ୍ ଲାଗି ଦୁଇ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ୪ ଅଧିକାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବାୟୁସେନା ମୁଖ୍ୟ କହିଛନ୍ତି। କୋର୍ଟ ଅଫ୍ ଇନକ୍ୱାରି ଶେଷ ହୋଇଥିବାବେଳେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯୋଗାଯୋଗରେ ତ୍ରୁଟି ଯୋଗୁ ଏଭଳି ଅଘଟଣ ଘଟିଥିଲା। ଆଗକୁ ସେଭଳି ନ ହେବା ଲାଗି ସତର୍କତା ଅବଲମ୍ବନ କରାଯିବ ବୋଲି ସେ ମତ ଦେଇଛନ୍ତି।



ରାକେଶ କୁମାର ସିଂ ଭଦୌରିଆ

# ରେପୋ ରେଟ୍ ୦.୨୫% ହ୍ରାସ କଲା ଆର୍‌ବିଆଇ

**ମୁମ୍ବାଇ,୪।୧୦**

ଦେଶର ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଏହାର ସୁଧହାରରେ ଶୁକ୍ରବାର ହ୍ରାସ ଘୋଷଣା କରିଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ରେଟ୍ (ବ୍ୟାଙ୍କଗୁଡିକୁ ପ୍ରଦାନ କରୁଥିବା ଋଣ ଉପରେ ସୁଧହାର)କୁ ୦.୨୫% ବା ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ୨୦୧୯ରେ ଲଗାତର ୫ଥର ଲାଗି ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ କରିବା ଫଳରେ ଏହା ୧.୩୫% କମି ୫.୧୫% ରହିଛି। (ସମ୍ପୂର୍ଣ୍ଣ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)






### ଆଜିର ସମ୍ପାଦକୀୟ

କ୍ଷେତ୍ରାଧିକାର ଚିନ୍ତା

### ଆଜିର ମନ୍ତବ୍ୟ

"ରାଷ୍ଟ୍ରବାଦ କେବେ ବିପଜ୍ଜନକ ହୋଇ ନ ପାରେ।

-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

### କିଛି ତଥ୍ୟ

ଅକ୍ଟୋବର ୧ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୪୩୪.୬ ବିଲିୟନ ଡଲାର ସ୍ତରରେ ରହିଛି। ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ଏହା ୨୧.୭ ବିଲିୟନ ଡଲାର ବଢ଼ିଛି।

-ରିଜର୍ଭ ବ୍ୟାଙ୍କ


Vencobb Fresh Chicken — Taste the difference!

03.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 61 | 107 | 117 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |
| BHM | 57 | 102 | 112 |

*Conditions Apply

Issued in the Interest of Consumers



ଧରିତ୍ରୀ
DHARITRI
ଶନିବାର, ୫ ଅକ୍ଟୋବର ,୨୦୧୯



"ଦଲାଇ ଲାମା ନିଜେ ତାଙ୍କ ଉତ୍ତରାଧିକାରୀ ବାଛିବେ। ଏହା ସ୍ଥିର କରିବା ଚାଇନାର କାମ ନୁହେଁ। ବିଶେଷକରି ଧର୍ମକୁ ବିଷ ସହ ତୁଳନା କରୁଥିବା ଚାଇନାର କମ୍ୟୁନିଷ୍ଟ ପାର୍ଟି ଏକ ନାସ୍ତିକ ସଙ୍ଗଠନ ହୋଇଥିବାରୁ ଏହି ବ୍ୟାପାରରେ ମୁଣ୍ଡ ଖେଳାଇବା ଅନୁଚିତ।

-ଲୋବ୍‌ସାଙ୍ଗ ସଙ୍ଗୟ,ନିର୍ବାସିତ ତିବ୍ବତୀୟ ସରକାର ଅଧ୍ୟକ୍ଷ



## ସଂକ୍ଷେପରେ

### ୧୭ରେ ସରିବ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୪।୧୦(ପି.ଟି.):** ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ୧୭ ତାରିଖରେ ଶେଷ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ୩୭ ଦିନର ଶୁଣାଣି ପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ମୁସଲମାନ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ୧୪ରେ ଶେଷ ହେବାକୁ ଥିବାବେଳେ ହିନ୍ଦୁ ପକ୍ଷଙ୍କୁ ଆଉ ଦୁଇଦିନ ସମୟ ମିଳିବ ଏବଂ ୧୭ ତାରିଖ ଶୁଣାଣିର ଶେଷ ଦିନ ବୋଲି ଅଦାଲତ କହିଛନ୍ତି। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ଅଛନ୍ତି। ନଭେମ୍ବର ୧୭ରେ ପ୍ରଧାନ ବିଚାରପତି ଅବସର ନେବାକୁ ଥିବାରୁ ଉକ୍ତ ତାରିଖ ସୁଦ୍ଧା ମାମଲାର ରାୟ ପ୍ରକାଶ ପାଇବ। ପୂର୍ବରୁ ଅକ୍ଟୋବର ୧୮ରେ ଶୁଣାଣି ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା।

### ୟାସିନ ମଲିକଙ୍କ ବିରୋଧରେ ଚାର୍ଜଶିଟ୍



**ନୂଆଦିଲ୍ଲୀ,୪।୧୦(ପି.ଟି.):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜେକେଏଲ୍‌ଏଫ୍ ମୁଖ୍ୟ ୟାସିନ ମଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଏନ୍‌ଆଇଏ ଦିଲ୍ଲୀ ଅଦାଲତରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଜମ୍ମୁ-କଶ୍ମୀରର ପୂର୍ବତନ ବିଧାୟକ ରଶିଦ ଇଞ୍ଜିନିୟରଙ୍କ ସମେତ ବିଚ୍ଛିନ୍ନତାବାଦୀ ନେତା ଆସିୟା ଅନ୍ଦ୍ରାବି, ଶବୀର ଶାହ ଏବଂ ମସରତ ଆଲମ ଭଟଙ୍କ ନାଁ ରହିଛି। ଅକ୍ଟୋବର ୨୩ରେ ଅତିରିକ୍ତ ଦୌରାଜଜ୍ ରାକେଶ ସୟାଲ ଏହାକୁ ଅନୁଧ୍ୟାନ କରିବେ।

### ସମର୍ଥନକାରୀ ରାଷ୍ଟ୍ରଙ୍କ ନାଁ ପଚାରିବାରୁ ଚିଡ଼ିଲେ କୁରେଶୀ

**ଇସ୍‌ଲାମାବାଦ,୪।୧୦:** ଜାତିସଂଘ ମାନବାଧିକାର କମିଶନରେ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଇସ୍‌ଲାମାବାଦର ଆଭିମୁଖ୍ୟକୁ ୫୮ଟି ଦେଶ ସମର୍ଥନ କରୁଥିବା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦାବି କରିଥିଲେ। ଇମ୍ରାନ୍‌ଙ୍କ ଏହି ମନ୍ତବ୍ୟକୁ ସମର୍ଥନ କରି ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀ ଟୁଇଟ୍ କରିଥିଲେ। ଏକ ଟିଭି ଶୋରେ ଖବରଦାତା ତାଙ୍କୁ ୫୮ଟି ସମର୍ଥନକାରୀ ରାଷ୍ଟ୍ରଙ୍କ ନାଁ ପଚାରିବାରୁ ସେ ଚିଡ଼ିଯାଇଥିଲେ। ଆପଣ କାହା ଏଜେଣ୍ଡାରେ କାମ କରୁଛନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଜାଭେଦ ଚୌଧୂରୀଙ୍କ ଦ୍ୱାରା ଏହି ଟକ୍ ଶୋ ଆୟୋଜନ କରାଯାଇଥିଲା। ଏପରିକି ସେ କରିଥିବା ଟୁଇଟ୍‌କୁ ତାଙ୍କୁ ଦେଖାଯିବାରୁ ଏଥିରେ କିଛି ଭୁଲ୍ ନାହିଁ ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରୀ କହିଥିଲେ।

### ଇତିହାସର ଆଇନାରେ

### ଅକ୍ଟୋବର ୫ର ପ୍ରମୁଖ ଘଟଣା

୧୯୪୮ ଅକ୍ଟୋବର ୫ରେ ତୁର୍କମେନିସ୍ତାନ୍‌ର ଆସ୍କାବେଥ୍‌ରେ ଭୟଙ୍କର ଭୂକମ୍ପ ହେବାରୁ ଏହାଦ୍ୱାରା ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୩ ଥିଲା। ଏହାର ପ୍ରଭାବରେ ବହୁ ଘର ଭାଙ୍ଗିଯାଇଥିବାବେଳେ ଅନେକ କ୍ଷୟକ୍ଷତି ହୋଇଥିଲା।

୧୯୯୧ ଅକ୍ଟୋବର ୫ରେ ଇଣ୍ଡୋନେସିଆ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୧୩୫ ଯାତ୍ରୀ ପ୍ରାଣ ହରାଇଥିଲେ। ଜାକର୍ତ୍ତା ବିମାନବନ୍ଦରରୁ ବନଦୁର୍ଗ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ବିମାନଟିରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ଏହା ବିସ୍ଫୋରଣ ହୋଇଥିଲା।

## ସରକାର ବିରୋଧୀ ବିକ୍ଷୋଭର ୪ ମାସ ପରେ

# ହଂକଂରେ ଫେସ୍ ମାସ୍କ ନିଷିଦ୍ଧ

**ହଂକଂରେ ପ୍ରତ୍ୟର୍ପଣ ବିଲ୍ ବିରୋଧରେ ଗତ ଜୁନ୍‌ରେ ଆରମ୍ଭ ହୋଇଥିବା ସରକାର ବିରୋଧୀ ବିକ୍ଷୋଭକୁ ୪ ମାସ ବିତିଛି। ସରକାର ଗତମାସରେ ଏହି ବିବାଦୀୟ ବିଲ୍‌କୁ ପ୍ରତ୍ୟାହାର କରିନେଇଥିଲେ ହେଁ ଜଳୁଥିବା ନିଆଁ ଲିଭୁନାହିଁ। ଅଦ୍ୟାବଧି ୧୭୫୦ ବିକ୍ଷୋଭକାରୀଙ୍କୁ ଅଟକ କିମ୍ବା ଗିରଫ କରାଯାଇଛି। ସେମାନଙ୍କୁ ମୁକ୍ତ କରିବା, ପୋଲିସ ବର୍ବରତାର ନିରପେକ୍ଷ ତଦନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ବାଚନକୁ ପ୍ରତ୍ୟକ୍ଷ କରି ସାବାଳକଙ୍କୁ ମତଦାନ ଅଧିକାର ପ୍ରଦାନ ଆଦି ଦାବିରେ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀ ପଛଘୁଞ୍ଚା ଦେବାର ନାଁ ଧରୁନାହାନ୍ତି। ଏହି ସ୍ଥଳେ ଚାଇନାର ୭୦ତମ ଜାତୀୟ ଦିବସ ପାଳନର ଦୁଇଦିନ ପରେ ହଂକଂରେ ଫେସ୍ ମାସ୍କକୁ ନିଷେଧ କରାଯାଇଛି।**

**ହଂକଂ,୪।୧୦**



**ପ୍ରଥମ ବିପଜ୍ଜନକ କଟକଣା**

- ମୁଖାବରଣ ପିନ୍ଧିଲେ ବା ମୁହଁରେ ପେଣ୍ଟିଂ କଲେ ବର୍ଷେ ଜେଲ
- ଚାଇନା କହିଲା ହିଂସା ରୋକିବା ପାଇଁ ନିଷେଧ 'ଅତ୍ୟନ୍ତ ଜରୁରୀ'
- ଫେସ୍ ମାସ୍କ ପିନ୍ଧି ରାସ୍ତାକୁ ଓହ୍ଲାଇଲେ ହଜାର ହଜାର ବିକ୍ଷୋଭକାରୀ

ହଂକଂରେ ସରକାର ବିରୋଧୀ ବିକ୍ଷୋଭ ଚତୁର୍ଥ ମାସରେ ପହଞ୍ଚିଥିବାବେଳେ ଫେସ୍ ମାସ୍କ (ମୁଖାବରଣ)କୁ ନିଷିଦ୍ଧ ଘୋଷଣା କରାଯାଇଛି। ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ କେରି ଲାମ୍ ଶୁକ୍ରବାର ଏକ ପୁରୁଣାକାଳିଆ ଜରୁରୀ ଆଇନ ବଳରେ ଏହା ଉପରେ କଟକଣା ଜାରି ଆନ୍ଦୋଳନକୁ ଚପାଇବା ଉଦ୍ୟମ କରିଛନ୍ତି। ଚାଇନାର ଅର୍ଦ୍ଧ ସ୍ୱୟଂଶାସିତ କ୍ଷେତ୍ର ହଂକଂ ଉପରେ ଅଧିପତ୍ୟ ଜାହିର କରୁଥିବା ବେଜିଂ ଏହି ନିଷ୍ପତ୍ତିକୁ 'ଅତ୍ୟନ୍ତ ଜରୁରୀ' ଭାବେ ଅଭିହିତ କରି ସମର୍ଥନ କରିଥିବାବେଳେ ପ୍ରତିବାଦରେ ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ହଂକଂରେ ଫେସ୍ ମାସ୍କକୁ ନିଷିଦ୍ଧ ଘୋଷଣା କରି କରି ଲାମ୍ କହିଛନ୍ତି, ଅକ୍ଟୋବର ୧ରେ ବିକ୍ଷୋଭ ବେଳେ ବ୍ୟାପକ ହିଂସା ଦେଖିବାକୁ ମିଳିଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପରିସ୍ଥିତିକୁ ଅଧିକ ଖରାପରୁ ଖରାପ ହେବାକୁ ଦିଆଯାଇ ପାରିବ ନାହିଁ। ଏହା ସହରକୁ ଧ୍ୱଂସ କରିବାରେ ଲାଗିଥିବାରୁ ଏପରି ନିଷ୍ପତ୍ତି ନେବାକୁ ସେ ବାଧ ହୋଇଛନ୍ତି। ଶନିବାରଠାରୁ ଏହି ଆଇନ କାର୍ଯ୍ୟକାରୀ ହେବ। ଏହାର ବୈଧତା ପାଇଁ ବ୍ୟବସ୍ଥାପିକାର ସହଯୋଗ ନିଆଯିବ ବୋଲି ସେ କହିଛନ୍ତି। ସେହପରି ଚାଇନାର ହଂକଂ ଓ ମକାଓ ବ୍ୟାପାର ମୁଖପାତ୍ର ୟାଙ୍ଗ୍ ଗୁଆଙ୍ଗ୍ କହିଛନ୍ତି, ହଂକଂରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଅରାଜକତା ଚାଲିପାରିବ ନାହିଁ। ହିଂସା ବନ୍ଦ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସିଛି। ତେଣୁ ଫେସ୍ ମାସ୍କ ଉପରେ କଟକଣା ଯଥାର୍ଥ। ସେପଟେ ଏହି ଘୋଷଣା ପରେ ବିକ୍ଷୋଭକାରୀମାନେ ଏହାକୁ ଅବଜ୍ଞା କରି ରାସ୍ତାକୁ ଓହ୍ଲାଇଛନ୍ତି। ହଜାର ହଜାର ବିକ୍ଷୋଭକାରୀ ମୁଖାବରଣ ପିନ୍ଧି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେଣ୍ଟ୍ରାଲ ବିଜିନେସ ଡିଷ୍ଟ୍ରିକ୍ ଓ ଅନ୍ୟ ଅଞ୍ଚଳରେ ସେମାନେ 'ହଂକଂବାସୀ ବିରୋଧ କର' ବୋଲି ସ୍ଲୋଗାନ ଦେଇଛନ୍ତି। ଫେସ୍ ମାସ୍କକୁ ନିଷିଦ୍ଧ କରାଯିବା ମାତ୍ରେ ଦୁଇଜଣ ବିକ୍ଷୋଭକାରୀ ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଭୟ ସଂଚାର କରିବା ସହ ସେମାନଙ୍କ ବାକ୍ ସ୍ୱାଧୀନତା ଓ ଏକତ୍ରିତ ହେବାର ଅଧିକାରକୁ କ୍ଷୁଣ୍ଣ କରିବ ବୋଲି ସେମାନେ ଦାଏର କରିଥିବା ପିଟିଶନରେ ଉଲ୍ଲେଖ କରିଛନ୍ତି। କାରଣ ସାଧାରଣ ସମାଗମସ୍ଥଳରେ ମୁଖାବରଣ ପିନ୍ଧିଥିବା ବା ମୁହଁରେ ପେଣ୍ଟିଂ କରିଥିବା ବ୍ୟକ୍ତିଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ସେହିପରି ଚିହ୍ନଟ ପାଇଁ ଫେସ୍ ମାସ୍କ ହଟାଇବାକୁ ପୋଲିସର ନିର୍ଦ୍ଦେଶ ନ ମାନିଲେ ୬ ମାସ ଜେଲ ହୋଇପାରେ। ତେବେ ସ୍ୱାସ୍ଥ୍ୟ କିମ୍ବା ଧାର୍ମିକ କାରଣରୁ ମାସ୍କ ପିନ୍ଧିଥିବା ପ୍ରମାଣ ଦେଇପାରିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନତଃ ଅନୁମତି ମିଳିବ। ସରକାର ଆମକୁ ଉତ୍ତେଜିତ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ୧ ଲକ୍ଷ ଜଣଙ୍କୁ ରାସ୍ତାରେ ଗିରଫ କରିପାରିବେ କି ବୋଲି ଲୁଇ ନାମକ ଜଣେ ବିକ୍ଷୋଭକାରୀ ପ୍ରଶ୍ନ କରିଛନ୍ତି। ଏହି ବିବାଦୀୟ ନିଷେଧାଦେଶକୁ କାର୍ଯ୍ୟକାରୀ କରିବା କଠିନ ହେବ ବୋଲି ବିଶ୍ଳେଷକମାନେ କହିଛନ୍ତି। ସେହିପରି ସମାଲୋଚକମାନେ ଏହାକୁ ଅନେକ ନିର୍ଦ୍ଦୟ ପଦକ୍ଷେପ ମଧ୍ୟରୁ ପ୍ରଥମ ଉପାୟ ଏବଂ ଆଗକୁ ଆଇନ ନାମରେ ଏକାଧିକ କଟକଣା ଜାରି ହୋଇପାରେ ବୋଲି ଚେତାଇଦେଇଛନ୍ତି। ଇତିମଧ୍ୟରେ ବ୍ରିଟେନ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ରାଜନୈତିକ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି।

> ଜରୁରୀ ନିୟନ୍ତ୍ରଣ ଅଧ୍ୟାଦେଶ ଅତ୍ୟନ୍ତ ବିପଜ୍ଜନକ। ୧୯୨୨ରେ ବ୍ରିଟିଶ ଶାସନ ଅମଳରେ ନାବିକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବେଳେ ଏପରି କରାଯାଇଥିଲା। ୧୯୬୭ରେ ଦଙ୍ଗା ରୋକିବା ପାଇଁ ମଧ୍ୟ ଜରୁରୀ ଅଧ୍ୟାଦେଶ ଅଣାଯାଇଥିଲା। ଏହା ବଳରେ ହଂକଂର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଜରୁରୀ ପରିସ୍ଥିତିରେ କାର୍ଯ୍ୟ କରିବା ଭଳି କ୍ଷମତା ମିଳିଥାଏ। ଏଥିପାଇଁ ତାଙ୍କୁ ହଂକଂ ପାର୍ଲାମେଣ୍ଟ ଲେଜିସ୍‌ଲେଟିଭ୍ କାଉନ୍‌ସିଲର ଅନୁମତି ନେବାକୁ ପଡ଼ି ନ ଥାଏ। ଫେସ୍ ମାସ୍କ ନିରୋଧୀ ଆଇନ ପ୍ରଭାବଶାଳୀ ନ ହେଲେ ଲୋକଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରି କର୍ଫ୍ୟୁ ଜାରି କରିବା ଭଳି କଠୋର ଆଇନ ଅଣାଯାଇପାରେ।
>
> **-ପ୍ରଫେସର ୱିଲି ଲାମ୍, ଚାଇନା ୟୁନିଭର୍ସିଟି**



ଇରାକ୍ ରାଜଧାନୀ ବାଗ୍‌ଦାଦରେ ସରକାର ବିରୋଧୀ ବିକ୍ଷୋଭ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ପାନୀୟ ଜଳ, ବିଦ୍ୟୁତ୍ ସେବା, କର୍ମନିଯୁକ୍ତି ପ୍ରଦାନ ସହ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକୁ ଚପାଇବା ପାଇଁ ସୁରକ୍ଷା ବଳ ଗୁଳି ଚଳାଇଛି। ଏଥିରେ ୪୦ ନିହତ ହୋଇଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଦଙ୍ଗା ବେଳେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିବା ବିକ୍ଷୋଭକାରୀମାନେ ବିଜୟ ସଙ୍କେତ ଦେଖାଉଛନ୍ତି।

### 'ମାନସିକତା ବଦଳାନ୍ତୁ ଦକ୍ଷିଣ ଏସୀୟ ରାଷ୍ଟ୍ର'

**ନୂଆଦିଲ୍ଲୀ,୪।୧୦ (ପି.ଟି.)**

ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ସଂଖ୍ୟାଗରିଷ୍ଠ-ସଂଖ୍ୟାଲଘୁ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଶୁକ୍ରବାର କହିଛନ୍ତି। ବହୁଳତାବାଦ ହେଉଛି ଆଞ୍ଚଳିକ ଶକ୍ତି। ଆଞ୍ଚଳିକ ସହଯୋଗ ବଢ଼ାଇବା ଲାଗି ବାଂଲାଦେଶ ସବୁବେଳେ ଉଦ୍ୟମ କରିଆସିଛି ବୋଲି ଇଣ୍ଡିଆ ଇକୋନମିକ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ହାସିନା କହିଛନ୍ତି। ଭାରତ ହଠାତ୍ ପିଆଜ ରପ୍ତାନି ବନ୍ଦ କରିଦେବା ବାଂଲାଦେଶୀଙ୍କୁ ପ୍ରଭାବିତ କରିଛି। ପୂର୍ବରୁ ସୂଚନା ଦେଇଥିଲେ ଭଲ ହୋଇଥାନ୍ତା ବୋଲି ହାସିନା କହିଥିଲେ।




ଶେଖ୍ ହାସିନା

### ଭାଜପା-ଶିବସେନା ଆସନ ବୁଝାମଣା ଚୂଡ଼ାନ୍ତ

**ମୁମ୍ବାଇ,୪।୧୦**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ଶୁକ୍ରବାର ଚୂଡ଼ାନ୍ତ ହୋଇଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶିବସେନା ୧୨୪ ଆସନରେ ଲଢ଼ିବ। ଭାଜପା ଓ ଅନ୍ୟ ଛୋଟଦଳ ୧୬୪ ଆସନରେ ପ୍ରାର୍ଥୀ ଦେବେ। ଭାଜପାର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ନାଗପୁର ଦକ୍ଷିଣପଶ୍ଚିମ ଆସନ ପାଇଁ ନାମାଙ୍କନପତ୍ର ଦାଖଲ ଓ ରୋଡ ଶୋ' ସାରି ତୁରନ୍ତ ମୁମ୍ବାଇ ଫେରିଆସିଥିଲେ। ୨୧ରେ ମହାରାଷ୍ଟ୍ର ନିର୍ବାଚନ ଥିବାବେଳେ ୨୪ରେ ଫଳାଫଳ ପ୍ରକାଶ ପାଇବ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୪.୯ |
| ଚାନ୍ଦବାଲି | ୩୩.୨ | ୨୬.୬ |
| କଟକ | ୩୪.୨ | ୨୩.୫ |
| ପାରାଦ୍ୱୀପ | ୩୨.୬ | ୨୮.୦ |
| ଭୁବନେଶ୍ୱର | ୩୨.୭ | ୨୪.୮ |
| ଗୋପାଳପୁର | ୩୪.୧ | ୨୫.୫ |
| ପୁରୀ | ୩୫.୨ | ୨୭.୦ |
| ଅନୁଗୋଳ | ୩୪.୭ | ୨୦.୬ |
| ବାରିପଦା | ୩୧.୮ | ୨୪.୫ |
| ଝାରସୁଗୁଡ଼ା | ୩୧.୪ | ୨୪.୫ |
| କେନ୍ଦୁଝର | ୩୧.୩ | ୨୨.୬ |
| ସମ୍ବଲପୁର | ୩୩.୨ | ୨୩.୭ |
| ସୁନ୍ଦରଗଡ଼ | -- | ୧୮.୦ |
| ହୀରାକୁଦ | ୩୨.୫ | ୨୫.୧ |
| ତାଳଚେର | -- | ୨୪.୫ |
| ଭବାନୀପାଟଣା | ୩୧.୫ | ୨୪.୦ |
| ବଲାଙ୍ଗୀର | ୩୩.୮ | ୨୩.୫ |
| କୋରାପୁଟ | ୩୧.୨ | ୧୯.୬ |
| ଫୁଲବାଣୀ | ୩୧.୬ | -- |
| ଟିଟିଲାଗଡ଼ | ୩୩.୪ | ୨୦.୬ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ମେ'ରେ ଆସିବ ରାଫାଲ



**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଆସନ୍ତାବର୍ଷ ମେ'ରେ ପ୍ରଥମ ରାଫାଲ ଯୁଦ୍ଧବିମାନ ଭାରତୀୟ ଆକାଶରେ ଦେଖିବାକୁ ମିଳିବ। ମେ' ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ଡାସଲ୍ଟ ଆଭିଏଶନ କମ୍ପାନୀ ଭାରତକୁ ୪ଟି ରାଫାଲ ଜେଟ୍ ଯୋଗାଇଦେବ ବୋଲି ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର.କେ.ଏସ୍. ଭଦୁରିଆ କହିଛନ୍ତି। ସେତେବେଳକୁ ଭାରତୀୟ ପାଇଲଟଙ୍କ ପ୍ରଶିକ୍ଷଣ ଶେଷ ହୋଇଥିବ। ୮ ତାରିଖରେ ବାୟୁସେନା ଦିବସ ପାଳନ ହେବାକୁ ଥିବାବେଳେ ଭଦୁରିଆ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୮ ତାରିଖ ଦଶହରା ଦିନ ଫ୍ରାନ୍ସରେ ପ୍ରଥମ ରାଫାଲ ଜେଟ୍ ଗ୍ରହଣ କରିବେ। ସେ ଏହାର ଏକ ଟ୍ରେନର୍ ଭର୍ସନକୁ ଉଡ଼ାଇବା କାର୍ଯ୍ୟକ୍ରମ ରହିଛି। ଏହି ଆନୁଷ୍ଠାନିକ ହସ୍ତାନ୍ତର ପ୍ରକ୍ରିୟା ଶେଷ କରିବା ଲାଗି ଗତ ମାସରେ ଏକ ତଦାରଖ ଟିମ୍ ଫ୍ରାନ୍ସ ଯାଇଥିଲା। ସେତେବେଳେ କାଗଜପତ୍ର କାମ ଶେଷ ହେବା ସହ ବାୟୁସେନା ରାଫାଲ ବିମାନ ଗ୍ରହଣ କରିଥିଲା। ୮ରେ ପ୍ରତିରକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହାକୁ ଗ୍ରହଣ କରିବେ ବୋଲି ଭଦୁରିଆ କହିଛନ୍ତି।

## ଚିଦାମ୍ବରମଙ୍କ ଜାମିନ ଆବେଦନ

# ସିବିଆଇକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୪।୧୦(ପି.ଟି.)**



ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ତିହାର ଜେଲ୍‌ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ସିବିଆଇକୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଆର୍. ଭାନୁମଥି ଓ ହୃଷୀକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଜବାବ ଦାଖଲ କରିବା ଲାଗି ସିବିଆଇ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରିଛନ୍ତି। ସେପ୍ଟେମ୍ବର ୩୦ରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ସେ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଅଗଷ୍ଟ ୨୧ରେ ସିବିଆଇ ଚିଦାମ୍ବରମଙ୍କୁ ଗିରଫ କରିବା ପରେ ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଦିଲ୍ଲୀର ଏକ ଅଦାଲତ ତାଙ୍କ ହାଜତ ସମୟସୀମାକୁ ୧୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସିବିଆଇ ହାଜତ ଓ ତିହାର ଜେଲ୍‌ରେ ଚିଦାମ୍ବରମ ୪୩ ଦିନ ବିତାଇସାରିଲେଣି।

## କୋରେଗାଁଓ-ଭୀମା ହିଂସା ମାମଲା

# ନଭଲଖାଙ୍କୁ ଅନ୍ତରୀଣ ସୁରକ୍ଷା

**ନୂଆଦିଲ୍ଲୀ,୪।୧୦(ପି.ଟି.)**



କୋରେଗାଁଓ- ଭୀମା ହିଂସା ମାମଲାରେ ନାଗରିକ ଅଧିକାର କର୍ମୀ ଗୌତମ ନଭଲଖାଙ୍କୁ ଗିରଫଦାରିରୁ ୧୫ ପର୍ଯ୍ୟନ୍ତ ସୁରକ୍ଷା ମିଳିଛି। ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କ ଅନ୍ତରୀଣ ସୁରକ୍ଷା ସମୟସୀମାକୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ଗୌତମଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ପ୍ରମାଣ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୌତମଙ୍କ ବିରୋଧରେ ଦାଏର ଏତଲା ଖାରଜ କରିବା ଆବେଦନକୁ ହାଇକୋର୍ଟ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି। ୨୦୧୭ କୋରେଗାଁଓ-ଭୀମା ହିଂସା ମାମଲା ଓ ଏଥିସହ ମାଓବାଦୀଙ୍କ ସମ୍ପୃକ୍ତି ଅଭିଯୋଗରେ ଗୌତମଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ଅନୁପ୍ରବେଶ ଅପେକ୍ଷାରେ ପାକ୍ ଆତଙ୍କବାଦୀ

# ଏଲ୍‌ଓସି, ଆଇବିରେ ହାଇଆଲର୍ଟ

**ନୂଆଦିଲ୍ଲୀ,୪।୧୦**

ଭାରତରେ ଅନୁପ୍ରବେଶ ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଲଞ୍ଚପ୍ୟାଡ୍‌ଗୁଡ଼ିକରେ ଆତଙ୍କବାଦୀ ଅପେକ୍ଷାରତ ଥିବା ଗୋଇନ୍ଦା ସୂଚନା ମିଳିବା ପରେ ଶୁକ୍ରବାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମା (ଆଇବି)ରେ ହାଇ ଆଲର୍ଟ ଜାରି ହୋଇଛି। ଏଲ୍‌ଓସି ନିକଟବର୍ତ୍ତୀ ମଛିଲ ଓ କେରନ ସେକ୍ଟରରେ ବହୁସଂଖ୍ୟାରେ ଆତଙ୍କବାଦୀଙ୍କ ଗତିବିଧି ଦେଖିବାକୁ ମିଳିଛି। ସୀମା ଆରପଟ ଅନ୍ୟ ଏକ ଲଞ୍ଚପ୍ୟାଡ୍‌ରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କର ଏକ ୬ ଜଣିଆ ଗ୍ରୁପ୍‌କୁ ଠାବ କରାଯାଇଛି। ଏହା ବ୍ୟତୀତ କେରନ ସେକ୍ଟର ନିକଟବର୍ତ୍ତୀ ଜୁରାଠାରେ ଥିବା ଲଞ୍ଚପ୍ୟାଡ୍‌ରେ ମଧ୍ୟ କେତେଜଣ ଆତଙ୍କବାଦୀ ଥିବା ଜଣାପଡ଼ିଛି। ସେହିପରି ଏଲ୍‌ଓସି ଆରପଟେ ଥିବା ମୋହରାରେ ୩ଟି ଆତଙ୍କବାଦୀ ଗୋଷ୍ଠୀ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ଭାରତର ଭିମ୍ବର ଗଲି ସେକ୍ଟରକୁ ଲାଗି ଏହି ଅଞ୍ଚଳ ରହିଛି। ସେହିପରି ଏଲ୍‌ଓସି ନିକଟବର୍ତ୍ତୀ ଲଞ୍ଜୋଟ୍ ଓ ଡାଡୋଟ ଲଞ୍ଚପ୍ୟାଡ଼ରେ ଆତଙ୍କବାଦୀଙ୍କର ୩ରୁ ୪ଟି ଗୋଷ୍ଠୀ ରହିଥିବାବେଳେ ତେଜିଆନ ଲଞ୍ଚପ୍ୟାଡ୍‌ରେ ଅତିରିକ୍ତ ୪ରୁ ୫ଟି ଗୋଷ୍ଠୀ ଅପେକ୍ଷାରତ ଅଛନ୍ତି।



ଗୋଇନ୍ଦା ସୂଚନା ଅନୁଯାୟୀ, ପିଓକେର ସଲହୁନ ଓ ମାଟ୍ରିଆନରେ ଅନ୍ୟୂନ ୫୦ ଜେଇଏମ୍ ଆତଙ୍କବାଦୀଙ୍କ ସହ ୩୦ ଲସ୍କର-ଇ-ତୋଇବା ଆତଙ୍କବାଦୀ ରହିଛନ୍ତି। ସେହିପରି କେରନ ସେକ୍ଟର ଦେଇ ଭାରତରେ ଅନୁପ୍ରବେଶ ଲାଗି ଲସ୍କର ଓ ଅଲ୍-ବଦର ସଂଗଠନର ପାଖାପାଖି ୯୦ ଆତଙ୍କବାଦୀ ପ୍ରତୀକ୍ଷା କରିଥିବା ଜଣାପଡ଼ିଛି। ଏମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଇହୁଦୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଶୁକ୍ରବାର ସୀମାରେ ସେନା ଓ ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ୧୭ଟି ହ୍ୟାଣ୍ଡ ଗ୍ରେନେଡ୍ ଜବତ ହୋଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଗୋଇନ୍ଦା ସୂଚନାକ୍ରମେ ଖରଗଲି ଓ ଲୋରାନ ସୀମାନ୍ତ ଅଞ୍ଚଳରେ ତଲାସି କରାଯାଇଥିଲା।


ASUS
16X FASTER
ULTRA-FAST NVME SSD LAPTOP*
Vivobook 14/ 15 (X409/ X509)
Ultra Fast PCIe NVMe SSD
Slim bezel 82.5% Screen-to-Body Ratio##
Fast & Secure Login
Fast charges the battery to 60% in just 49 minutes
Get your Vivobook EMI Starting at ₹3,443#
CPU Up to Intel® Core™ i7 8565U Processor
OS Windows 10 Home
GPU Up to NVIDIA GeForce MX230 2GB GDDR5 VRAM
Display Up to 39.6cm (15.6) Narrow border, FHD 1920x1080
RAM Upgradable up to 12GB
Dual Storage Upgradable up to 1TB+512GB NVMe SSD
1800-2090-365
www.asus.com/in
ASUS – No.1 consumer notebook brand in APAC**
For Sales Inquiry: - Madhusudan - 9040068400, Preetiranjan - 9439264188, Satya - 9337447044
Asus Exclusive Stores & ROG store: - Subham Infotech - 9776214096
Asus Authorised Dealers: BHUBANESWAR: The Computer House - 7205000252, The Gadget Zone - 8908183283, SA IT Gateway - 9337086618, Tanisha-e-world - 7978305858, Nigama Comptech & services-9937017235, IT Distributors - 9337336247, Prilin e world - 9338104040 • CUTTACK: Compuserve - 9437020022 • ROURKELA: Micro Computer - 9439308647, PC Island - 9437096534 • BERHMAPUR: Rajib Computer- 9776938444, IBC Systems - 9338704698, Global computer - 9438323432 • SAMBALPUR: Nexgen - 9437068063, Mahamaya - 9437093877 • BHADRAK: Jagannath Computer - 7978281344, ACT-7008239561, Computer Junxon - 9556677299, Computer Galaxy - 7540844065 • BALASORE: Raj computer - 9040009887, Jeeban computer - 8847861578, Mama Computer - 9439901047 • BARIPADA: Maa ambika-9338811175, Lokanath - 9937382712, Shivam - 9437084798, Samay computer - 9861038440, Cyber Planet - 9937277707
* To Know more about vivobook 14/15
Also available at
croma Reliance digital vijay sales amazon paytm
*When compared to sequential reading speed of HDD. # Processing fee & Downpayment needs to be paid as per the financing scheme. • **According to the latest IDC report, 2nd Half,2018, Asia Pacific excluding China & Japan • ASUS reserves the right to alter product offerings & specifications at any time without notice. Models product pictures are for illustration purpose only.Information as advertised has no contractual effect. ##82.5% is the screen-to-body ratio of X509
Found at www.asus.com/in
With Up to 8th Gen Intel® Core™ i7 processor.
intel CORE i7 8th Gen


TVS
ଏକ ରୁ ବଳି ଆରେକ
ଫେଷ୍ଟିଭ୍ ଧମାକା ଅଫର୍ସ
₹11,000^ ପର୍ଯ୍ୟନ୍ତ ସଞ୍ଚୟ କିମ୍ବା 0%# ଭଳି ନ୍ୟୁନତମ ସୁଧ ହାର
କୌଣସି ଅତିରିକ୍ତ ମୂଲ୍ୟ ନାହିଁ
5 ବର୍ଷର ପରିବର୍ଦ୍ଧିତ ୱାରେଣ୍ଟୀ* | ରୋଡ୍ ସାଇଡ୍ ଆସିଷ୍ଟାନ୍ସ**
Zest 110 Available in New Matte Series
TVS Wego 110 With Body Balance Technology
TVS NTORQ 125 India's first Bluetooth connected scooter
TVS Jupiter ବେଶୀ ଲାଭ 3 million+ Happy Customers
Scooty Pep+ Ex-showroom price ₹42,277/-##
Now available at CSD | www.tvsmotor.com | Toll Free Number: 1-800-425-2077 | SMS 'TVSMOT' to 575758 | SHOWROOMS OPEN ON SUNDAYS |
^ Applicable on TVS Jupiter (on RF offers). # Applicable on TVS Jupiter at select locations. * Terms and conditions apply. ** Within the cost of 1+5 years Insurance. ## Ex-showroom price in Orissa.
5 YEAR WARRANTY
Download TVS Service App
+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ................................



ରିଙ୍କୁ
ପରିବାରବର୍ଗ



ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅନୁଗୋଳ ଏନ୍‌କ୍ଲେଭର ଶୁଭାରମ୍ଭ

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟରେ 'ଅନୁଗୋଳ ଏନ୍‌କ୍ଲେଭ' ନାମରେ ନିର୍ମିତ ହେବାକୁ ଥିବା ବହୁତଳବିଶିଷ୍ଟ ପ୍ରାସାଦ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ବାସଗୃହଗୁଡିକ ବିକ୍ରି ସମ୍ପର୍କିତ ପୁସ୍ତିକା(ବୋଚର) ମଧ୍ୟ ଉନ୍ମୋଚିତ କରାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହାର ଶୁଭାରମ୍ଭ କରିଥିଲେ। କିଛିଦିନ ତଳେ ନିର୍ମାଣ ସଂସ୍ଥାର ଦାୟିତ୍ୱ ନେଇଥିବା ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ପ୍ରିୟଦର୍ଶୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ଜେନା ପ୍ରଶଂସା କରିଥିଲେ। ସେହିପରି ନିର୍ମାଣ ସଂସ୍ଥା ପକ୍ଷରୁ ଆଗକୁ ହେବାକୁ ଥିବା କାର୍ଯ୍ୟରେ ସହଯୋଗ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ କହିଥିଲେ ଯେ, ରେରା ଆକ୍ଟ ଅନୁଯାୟୀ ସଂସ୍ଥା ଗୃହ ନିର୍ମାଣ କରି କ୍ରେତାଙ୍କୁ ଉଚିତ ସମୟରେ ଘର ପ୍ରଦାନ କରିବ। ଏଥିପାଇଁ ସମସ୍ତ କର୍ମଚାରୀ କ୍ରିୟାଶୀଳ ହେବା ଆବଶ୍ୟକ ବୋଲି ସଚିବ କହିଥିଲେ। ସେହିପରି ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ କହିଥିଲେ ଯେ, ଅନୁଗୋଳ କନକ୍ଲେଭରେ ୬୧୩ଟି ଗୃହ ୨ଟି ପର୍ଯ୍ୟାୟରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୩୩୧ଟି ଗୃହ ନିର୍ମିତ ସୂଚନା ପୁସ୍ତିକା ଚଳିତ ଅକ୍ଟୋବର ୪ରୁ ଆସନ୍ତା ୩୦ ନଭେମ୍ବର ପର୍ଯ୍ୟନ୍ତ ରାଜଧାନୀରେଥିବା ମୁଖ୍ୟାଳୟ, ଅନୁଗୋଳ, କଟକ, ରାଉରକେଲା ଓ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ ବିକ୍ରୟ କରାଯିବ। ଆସନ୍ତା ୨୦୨୦ ଜାନୁୟାରୀ ସୁଦ୍ଧା ଭୁବନେଶ୍ୱର ଓ ବ୍ରହ୍ମପୁରସହରରେ ଅନ୍ୟ ଗୋଟିଏ ଲେଖାଏ ମେଗା ସ୍କିମ ପ୍ରଚଳନ ନେଇ ପ୍ରିୟଦର୍ଶୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର ସ୍ୱାଗତ ଭାଷଣ ଏବଂ ମୁଖ୍ୟଯନ୍ତ୍ରୀ ମଦନ ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶା ହାଇକୋର୍ଟରେ ନିଯୁକ୍ତ...

ଗୁରୁବାର ସୁପାରିସ କରିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିବା ପରେ ପାଣିଗ୍ରାହୀ ଓ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ମିଳିବ। ସୂଚନାଥାଉ କି, ଆଇନଜୀବୀ ଗୌତମ ମୁଖାର୍ଜୀ, ସମୀର କୁମାର ମିଶ୍ର, ପ୍ରସନ୍ନ କୁମାର ପାଢ଼ୀ, ସାବିତ୍ରୀ ରଥୋ, ପ୍ରଫୁଲ୍ଲ କୁମାର ରଥ, ଦୁର୍ଗାପ୍ରସାଦ ନନ୍ଦ, ପ୍ରଭାତ କୁମାର ମୁଦୁଲି, ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ୮ଜଣଙ୍କ ନାମ ଓଡ଼ିଶା ହାଇକୋର୍ଟ ପକ୍ଷରୁ ସୁପାରିସ କରାଯାଇଥିଲା। ସେହିପରି କାର୍ଯ୍ୟରତ ଜୁଡିସିଆଲ୍ ଅଫିସର ସତ୍ୟନାରାୟଣ ମିଶ୍ର, ବିଭୁପ୍ରସାଦ ରାଉତରାୟ, ଗୌତମ ଶର୍ମା, ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ନାମ ସୁପାରିସ କରାଯାଇଥିଲା।

## ବିଧାୟକ-ତହସିଲଦାର...

ଏପରିକି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ତହସିଲ କର୍ତ୍ତୃପକ୍ଷ ସେଠାରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ, ବରିଷ୍ଠ ନାଗରିକ, ଆଇନଜୀବୀ, ମୋହରିର ଏବଂ ବିଭିନ୍ନ ଦଳର କର୍ମୀ ଏକାଠି ହୋଇ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନିଜେ ବିଧାୟକ ମଧ୍ୟ ଅନଶନରେ ବସିଥିଲେ। ଘଟଣା ପ୍ରଚାରିତ ହେବା ହେବା ପରେ ଶହ ଶହ ଲୋକ ଆସି ଧାରଣାରେ ସାମିଲ ହୋଇଥିଲେ। ଏସ୍‌ଡିପିଓ ସୁଦାମ ଚରଣ ସାହୁ, ଆଇଆଇସି ନଳିତା ମୋଦୀ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଏହା ମଧ୍ୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିବାଦର ସମାଧାନ ଲାଗି ବାଲେଶ୍ୱର ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ ଜେନା, ପିଏ ଆଇଟିଡିଏ ବୀର କିଶୋର ପାଣିଗ୍ରାହୀ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀ ଏବଂ ବିଧାୟକ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ପନ୍ଥା ବାହାରି ପାରି ନ ଥିଲା। କାର୍ଯ୍ୟାଳୟ ଭିତରେ ଅଟକି ରହିଥିବା ତହସିଲଦାରଙ୍କୁ ପ୍ରାୟ ସାଢେ ୪ଟାରେ ପୋଲିସ ତହସିଲ ଅଫିସ ପଛଦ୍ୱାର ଦେଇ ଉଦ୍ଧାର କରି ଆଣିଥିଲା। ବିଧାୟକଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଓ ତହସିଲଦାରଙ୍କୁ ବିଧାୟକଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ କ୍ରମେ ପୋଲିସ ୨ଟି ପୃଥକ ମାମଲା (ନଂ.୨୪୩/୨୦୧୯ ଓ ନଂ.୨୪୨/୨୦୧୯) ରୁଜୁ କରି ତଦନ୍ତ କରୁଥିବା କହିଛି।

## ୨୦୨୦ରୁ ଏମ୍ସରେ...

ମେଡିକାଲ କଲେଜ ପାଇଁ ସମାନ ହେବ। ସେହିପରି ନେକ୍ସଟ୍ (ନ୍ୟାଶନାଲ ଏକ୍‌ଜିଟ୍ ଟେଷ୍ଟ) ଫଳାଫଳ ଆଧାରରେ ପିଜି ପାଠ୍ୟକ୍ରମରେ ନାମଲେଖା ସୁଯୋଗ ଏବଂ ଚିକିତ୍ସା ଲାଗି ଲାଇସେନ୍ସ ମିଳିବ। ବିଦେଶରେ ମେଡିକାଲ ଶିକ୍ଷାରେ ସ୍ନାତକ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଏହା ସ୍କ୍ରିନିଂ ପରୀକ୍ଷା ଭାବେ କାର୍ଯ୍ୟ କରିବ। ନେକ୍ସଟ୍ କାର୍ଯ୍ୟକାରୀ ହେବା ପୂର୍ବରୁ ୩ ବର୍ଷର ଓ୍ୱିଣ୍ଡୋ ପରିୟଡ ରଖାଯାଇଛି ଏବଂ ଏହି ପରୀକ୍ଷା କିଭଳି ହେବ ତାହା ପରବର୍ତ୍ତୀ ସମୟରେ ଏନ୍‌ଏମ୍‌ସି ଦ୍ୱାରା ସ୍ଥିରୀକୃତ ହେବ। ନେକ୍ସଟରେ ଉତ୍ତୀର୍ଣ୍ଣ ହେବା ପରେ ଜଣେ ପ୍ରାର୍ଥୀ ନିଜକୁ ପଞ୍ଜୀକୃତ କରିବା ସହ ଡାକ୍ତରୀ ବୃତ୍ତି ପାଇଁ ଲାଇସେନ୍ସ ପାଇପାରିବେ। ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ର୍ୟାଙ୍କ ବଢ଼ାଇବାକୁ ଜଣେ ଏକାଧିକ ଥର ନେକ୍ସଟ ଦେଇପାରିବେ ବୋଲି ହର୍ଷବର୍ଦ୍ଧନ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିକରି ଆପଣଙ୍କୁ ନିରୁତ୍ସାହିତ କରିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଏହି ଦିଗ ପ୍ରତି ଧ୍ୟାନ ଦେଲେ ନିଜ ଲୋକଙ୍କୁ ସନ୍ଦେହ କରିବେ। ତଥାପି ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** ଆପଣ ସ୍ତ୍ରୀଙ୍କ ମତଭେଦ କିମ୍ବା ଅସୁସ୍ଥତା କିମ୍ବା କୌଣସି ମହିଳାଙ୍କ ପ୍ରତି ଆଶକ୍ତି ଜନିତ ମିଥ୍ୟାରୋପ ଲାଗିପାରେ । ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଖର୍ଚ୍ଚାନ୍ତ କରାଇ କାମ ହାସଲରେ ସହାୟକ ହେବ। ନୂତନ କାମର ପରିକଳ୍ପନା କରିବେ। ଘରକୁ ଆଣି ପାରି ନଥିବା ଜିନିଷଟି ଆଜି ଆଣିପାରନ୍ତି।

**ମିଥୁନ** ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ପଡ଼ିବ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** ନୂତନ ସ୍ଥାନ, ନୂଆଁ କାମ, ଅଜଣା ଲୋକମାନଙ୍କ ସଂସ୍ପର୍ଶରେ ଆସି ଆଜି ଏତେଦୂର ବ୍ୟସ୍ତ ରହିବେ ଖାଇବାକୁ ମଧ୍ୟ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ବିମୁଖ ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟ , ପରିବହନ ବାଧାପ୍ରାପ୍ତ ହୋଇପାରେ।

**ସିଂହ** ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ପଛରେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନ କଥା ଅପ୍ରକାଶ୍ୟ ରହିଯିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ, ଅବଶ୍ୟ କିଛି ଘରୋଇ କଥାକୁ କେନ୍ଦ୍ରକରି ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ। ଯାହା ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ଆପଣଙ୍କ ସକାଶେ ଘର ଲୋକମାନଙ୍କ ବ୍ୟସ୍ତ ଓ ବିବ୍ରତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିପାରେ। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବ। ନିର୍ମାଣ,କଳା, ସାହିତ୍ୟ କ୍ଷେତ୍ରରେ ସୁନାମକୁ ନିକଟସ୍ଥ ବ୍ୟକ୍ତିମାନେ ଈର୍ଷା କରିପାରନ୍ତି।

**ବିଛା** ସତର୍କତା ଅଭାବରୁ ଆଜି ଭଲ ରୂପେ ନ ବୁଝି ନ ଶୁଝି ସରଳ ବିଶ୍ୱାସ କରି ଠକିଯାଇପାରନ୍ତି। ନିଜ ପରିସରର ଲୋକମାନେ ଅପଯଶ ଗାଇ ବୁଲିବେ, ଯଦ୍ଦ୍ୱାରା କି ଆପଣଙ୍କ ମନୋବଳ ହ୍ରାସ ପାଇବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସତର୍କ ରକ୍ଷା ନ କଲେ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣ ସୂତ୍ରରେ ଅର୍ଥଲାଭ କରିବେ। ଅଫିସ୍ କାମରେ ସହକର୍ମୀ ରାଗି ଦି'ପଦ ଶୁଣାଇ ଦେଇପାରନ୍ତି, କିନ୍ତୁ କାମଟି ଶେଷରେ କରିଦେଇପାରନ୍ତି।

**ମକର** ଆଜି ଏହିଭଳି କୌଣସି ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିବ ଯେପରିକି କ'ଣ କରିବେ କିମ୍ବା ନ କରିବେ ହଠାତ୍ କିଛି ଠିକ୍ କରିପାରିବେ ନାହିଁ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ଭଲ ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବା ସାଙ୍ଗକୁ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ତ ଆସିବ, ମାତ୍ର ଆପଣ ବ୍ୟସ୍ତ ନ ହୋଇ ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇପାରେ।

**ମୀନ** ଆପଣଙ୍କର ଅତୀତରେ ଯିଏ ଶତ୍ରୁତା କରୁଥିଲା ସେ ମଧ୍ୟ ଆପଣା ଆଡୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବ। କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ।

ଆଜି ଆଶ୍ୱିନ ଶୁକ୍ଳପକ୍ଷର ମହାଷ୍ଟମୀ ଶନିବାର, ମୃଣ୍ମୟୀ ଦେବୀଙ୍କର ସପ୍ତମୀପୂଜା, ଭାଇ ଜିଉନ୍ତିଆ ଓଷା, ମଣ୍ଡଳପୂଜା ବା ଫଳଥୁଆ, ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ,ରାଶି ନକ୍ଷତ୍ର- ଦିବା ଘ୧।୫୦ମି. ପର୍ଯ୍ୟନ୍ତ ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ ଘ୭।୧୬ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୬ମି. ଗତେ, ଘ୩।୦୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୮ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

Mercedes benz gla 200d new condition 5950 km 18month 8917525377. D-14631




**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-66786

ମୋର Readymade plot କଳିଙ୍ଗନଗର ଏବଂ ଘାଟିକିଆରେ ଅଛି, କେବଳ ଘର କରିବା ପାଇଁ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-14641

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14430

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330.** D- 66789

**Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172.** D-66791

**ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092.** D-66794

Yellowzone plots Badagada Canalroad 1600/-, simplex Tankapani Road 27,40,000/- simplex BJEM-(2) 15,80,000/, plots available at Jharapada, Pipili. 7735738102. D-14643

**1800sqft. residential plot for sale at Nakhara and Pahal with boundary wall. Mob: 8249485093, 7855071231.** D-14625

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

**213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar adjacent to 200ft road. Contact owner: 9338342502.** D-68118

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115

**GENERAL SALE**

A company want to purchase paper egg tray. Interested parties contact- 9778733339. D-14606

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14648




300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67236

Two partisoned room 600sqft. Jagannath Vihar Baramunda 4000/-, excluding electricity. Only for small family. 9437400407. D-66195

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D-14635

New 3BHK flat for rent @ 10,000 per month at Udayagiri Vihar, Patrapara, Bhubaneswar. Contact: 8851368162, 9938695933. D-68117

6000 sqft. open space commercial land for rent, Khandagiri 9437100949. D-66974

**ACCOMMODATION**

SC genuine private plot preferly Tankapani road, Badagada canal road (Brokers excuse) 8249993227. D-67083

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Shivam logistic packers movers. Household/ car relocation countrywide. 9777044177, 9338461133. D-14523




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Kajal ayurvedic massage club fully relaxed by smart lady, home service available. 9937637219. D-66971

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Newly open full body massage ladies and gents full service- 7609923705. D-38564

**Your Classified Advertisement published in Dharitri will be listed free in Dharitri Online Edition: www.dharitri.com**




Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-68116




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**LOST**

ମୁଁ ଚନା ସାମଲ, ଗ୍ରାମ: ଜୟପୁର, ପୋ: ପାହାଳ, ଥାନା: ବାଲିଅନ୍ତା, ମୋ.ନଂ. ୮୯୦୮୩୨୧୭୧୭. ମୋର ଗ୍ରାମରୁ ଭୁବନେଶ୍ୱର ଯାଉଥିବା ବେଳେ ମୂଳ ଦଲିଲ ୭୩୪୧ ଏବଂ ୫୭୧୮ ହଜିଯାଇଥିବାରୁ କେହି ସହୃଦୟ ବ୍ୟକ୍ତିଙ୍କୁ ମିଳିଥିଲେ ଉପରୋକ୍ତ ମୋବାଇଲ ନଂ.ରେ ଯୋଗାଯୋଗ କରିପାରିବେ। ନଚେତ୍ କୌଣସି ଦୁରୁପଯୋଗ ହେଲେ ମୁଁ ଦାୟୀ ରହିବି ନାହିଁ। ଧ-୧୪୬୪୯

**LEGAL NOTICE**

IN THE COURT OF
J.M.F.C. Niali
I.C.C. 20/2019
Sulochana Mallick .....Complainant
-Versus-
Sujata Anjali Mallick & 4 others ..... Accused

To,
1. Sujata Anjali Mallick, aged about 38 years, W/o- Debasis Mallick, D/o- Giridhari Mallick, Village- Haladibasanta, Po/Ps- Niali, Dist- Cuttack.
2. Giridhari Mallick, aged about 68 years, S/o- Late Shankar Mallick.
3. Basanti Mallick, aged about 63 years, W/o- Giridhari Mallick.
4. Preeti Mallick, aged about 33 years, D/o- Giridhari Mallick.
5. Lipi Mallick, aged about 31 years, D/o- Giridhari Mallick.

Sl. No. 2 to 5 all are of Village- Jena dihi, Po- Binjharpur, Dist- Jajpur.

At present Sl. 1 to 5 are residing at Qtr. No. B-7/1, SBI Colony, Sector-8, Ps- Sector-7, Rourkela-9, Dist-Sundargarh.

Take notice that the above named complainant has instituted the aforementioned complain case against all of you before this court and the court has been pleased to take cognizance against all of you U/S.323/294/354/506/34IPC and issued summons to you on the aforesaid address to appear before this court to answer the charges but you all are intentionally and deliberately avoiding to receive the same.

Hence you all are directed to appear before this court on 30.10.2019 at about 10.30 A.M. to answer the charges personally and in the event of your failure to appear before this court on the date and time fixed the action will be taken against all of you as per law.

Given under my hand and seal of this court on this 30th day September month of 2019.

Sd/-
J.M.F.C.
Niali
D-14636

**ଜନ୍ମଦିନ ଶୁଭେଚ୍ଛା**



ଦିବ୍ୟାଂଶୁ (ଜ୍ୟାନ୍)
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ
ଜେଜେ ମା', ଦେଠେଇ, ନାନୀମାନେ, ବାବା ଓ ମାମା, ନନା ଓ ବୋଉ, ତବୁ, ଡିମ୍ପୁଲ୍, ଖୁସି, ଇଚ୍ଛା, କାହ୍ନା ଓ ସିମ୍ପୁଲ୍
ଧ-୧୪୬୪୨

ପୂଜା ଚାନ୍ଦା




■ 'ଟ୩ କୋଟି ଖର୍ଚ୍ଚ ପରେ ବି ନଗଡ଼ାରେ ବିକାଶ ନାହିଁ'

# ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଲେ ଏନ୍ଏଚ୍ଆର୍ସି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଯାଜପୁର ଜିଲାର ନଗଡ଼ାରେ ପୁଷ୍ଟିହୀନତା ଖବର ପ୍ରକାଶ ପାଇବାର ୩ ବର୍ଷରୁ ଅଧିକ ହୋଇଗଲାଣି । ଏ ନେଇ ସରକାରଙ୍କ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବାସ୍ତବ ଚିତ୍ର କିଛି ଭିନ୍ନ ଦେଖିବାକୁ ମିଳୁଛି। ସେଠାକାର ଶିଶୁମାନଙ୍କୁ ଏବେ ବି ପୁଷ୍ଟିକର ଖାଦ୍ୟ ମିଳୁନାହିଁ। ସରକାରଙ୍କ ଅନୁଦାନ ସତ୍ତ୍ୱେ କାହିଁକି ନଗଡ଼ାର ଦୟନୀୟ ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କଠାରୁ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍ସି) ରିପୋର୍ଟ ମାଗିଛନ୍ତି। ନଗଡ଼ାର ଏଭଳି ସ୍ଥିତି ଉପରେ ମାନବିକ ଅଧିକାର କର୍ମୀ ଅଖଣ୍ଡ ଗତ ଅଗଷ୍ଟ ମାସରେ ଏକ ପିଟିଶନ୍ ଦାୟର କରିଥିଲେ। ସେ ଦର୍ଶାଇଥିଲେ ଯେ, ୨୦୧୬ ଜୁଲାଇ ମାସରେ ଗଣମାଧ୍ୟମରେ ନଗଡ଼ାରେ ଶିଶୁମାନଙ୍କ ପୁଷ୍ଟିହୀନତାରେ ମୃତ୍ୟୁ କଥା ପଦାକୁ ଆସିଥିଲା। ଏହାପରେ ସରକାର ସଜାଗ ହୋଇଥିଲେ। ସେଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ୩ ବର୍ଷରୁ ଅଧିକ ସମୟ ପରେ ବି ଅବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ



ହୋଇନାହିଁ। 'ଖାଦ୍ୟ ଅଧିକାର ଅଭିଯାନ' ପକ୍ଷରୁ ସେଠାକୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗତ ଜୁଲାଇ ୮ ତାରିଖରେ ଯାଇଥିଲେ। ସେମାନେ ଦେଖିବାକୁ ପାଇଥିଲେ ଯେ, ଏବେ ବି ଶିଶୁମାନେ ପୁଷ୍ଟିହୀନତାର ଶିକାର ଅଛନ୍ତି। ଭାତ, ଡାଲି ଓ ଲୁଣ ଖାଉଛନ୍ତି। ତିନି ଓଳି ଏହି ଜୁଆଙ୍ଗ ଶିଶୁଙ୍କୁ ଏହା ହିଁ ଖାଇବାକୁ ଦିଆଯାଉଛି। ସେମାନଙ୍କ ସ୍ଥିତି ବଦଳି ନାହିଁ। ଗାଁ ଲୋକଙ୍କ ପାଇଁ ଏମ୍ଜିଏନ୍ଆର୍ଜିଏସ୍ ମାଧ୍ୟମରେ ୮୮ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ବେଳେ ମାତ୍ର ୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଛି। ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ତେଣୁ ଗାଁ ଲୋକେ ବିଶୁଦ୍ଧ ଜଳରୁ ବଞ୍ଚିତ ହେଉଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ନଗଡ଼ା ପାଇଁ ବିଭିନ୍ନ ପ୍ରକଳ୍ପରେ ୨୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ କରାଯାଇପାରିନାହିଁ। ଅଖଣ୍ଡଙ୍କ ଏହି ଅଭିଯୋଗକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏନ୍ଏଚ୍ଆର୍ସି। ଏହା ଉପରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ରିପୋର୍ଟ ନ ଦେଲେ ମାନବିକ ଅଧିକାର ସୁରକ୍ଷା ଆଇନ ୧୯୯୩ ଧାରା ୧୩ ଅନୁଯାୟୀ ବ୍ୟକ୍ତିଗତ ଭାବେ ହାଜର ଦେବାକୁ ପଡ଼ିବ ବୋଲି କମିଶନ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।




# ୨୦ ଖଣି ନିଲାମ ପାଇଁ ବିଜ୍ଞପ୍ତି



ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟ ସରକାର ୨୦ଟି ଲୁହାପଥର ଓ ମାଙ୍ଗାନିଜ ଖଣି ନିଲାମ ପାଇଁ ପ୍ରସ୍ତୁତି ଚୂଡାନ୍ତ କରିଛନ୍ତି । ସେଥି ମଧ୍ୟରୁ ଶୁକ୍ରବାର ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ୧୦ଟି ଲୁହାପଥର ଓ ମାଙ୍ଗାନିଜ ଖଣି ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅବଶିଷ୍ଟ ଖଣିର ବିଜ୍ଞପ୍ତି ଆସନ୍ତା ୧୪ ତାରିଖ ମଧ୍ୟରେ ପ୍ରକାଶ କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେଥିରୁ ୧୨ଟି ଲୁହାପଥର, ୨ଟି ମାଙ୍ଗାନିଜ ଏବଂ ୬ଟି ଲୁହାପଥର ଓ ମାଙ୍ଗାନିଜ (ଉଭୟ ମିଶ୍ରିତ) ଖଣି ଦୁଇଟି ପର୍ଯ୍ୟାୟରେ ନିଲାମ ହେବ। ଲେଟର ଅଫ ଇଣ୍ଟେଣ୍ଟ ୨୦୨୦ ଜାନୁୟାରୀ ୪ରୁ ୧୪ ତାରିଖ ମଧ୍ୟରେ ପଠାଯିବ ବୋଲି ସୂଚନା ମିଳିଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୭ଟି ଲୁହାପଥର ଏବଂ ୩ଟି ଲୁହାପଥର ଓ ମାଙ୍ଗାନିଜ ଖଣିର ନିଲାମ ହେବ। ସେହି ଖଣିଗୁଡିକ ହେଲା ନୂଆଗାଁ, ଠାକୁରାଣୀ, ଜିଲିଙ୍ଗ, ଝରିବାହାଲ, ରୋଇଡା-୨, ଜୁରୁରୀ, ଗଣୁଆ ଲୁହାପଥର ଖଣି ଏବଂ ସିଲଝୋରା-କାଲିମାଟି, ନାରାୟଣପୋଷି ଓ ମହୁଲସୁଖ ଲୁହାପଥର ଓ ମାଙ୍ଗାନିଜ ଖଣି। ପ୍ରତ୍ୟେକ ଟେଣ୍ଡର ଫିଁ ୫ ଲକ୍ଷ ରଖାଯାଇଛି। କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଆସିବା ପରେ ୨୦୧୫ରେ ଖଣି ଆଇନକୁ ସଂଶୋଧନ କରି ସମସ୍ତ ଖଣିକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ୩୨୯ଖଣିର ଲିଜ୍ ଅବଧି ଶେଷ ହେଉଛି। ଏହି ସମୟ ମଧ୍ୟରେ ଓଡିଶାରୁ ୨୪ଟି ଖଣିର ଅବଧି ମଧ୍ୟ ଶେଷ ହେଉଛି। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୨ଟି କ୍ରୋମାଇଟ ଖଣି ପାଇଁ ବିଜ୍ଞପ୍ତି ପ୍ରକାଶ କରି ସାରିଛନ୍ତି। ତେବେ ଓଡିଶା ଖଣି ନିଗମର ସୁକିନ୍ଦା କ୍ରୋମାଇଟ ଖଣିକୁ ଟାଟା ଷ୍ଟିଲ୍ ପାଇଁ ରଖାଯାଇଛି।

■ ଦୁର୍ନୀତି ପ୍ରହାର

# ୫ ଅଧିକାରୀ ବିଦା

**ଭୁବନେଶ୍ୱର,୪।୧୦(ବ୍ୟୁରୋ):** ଦୁର୍ନୀତି ମାମଲାରେ ଜଡିତ ୫ଜଣ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଚାକିରିରୁ ଆଗୁଆ ଅବସର ଦିଆଯାଇଥିବା ବେଳେ ଜଣଙ୍କୁ ବହିଷ୍କାର କରାଯାଇଛି। ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ସେହି ଅଧିକାରୀମାନଙ୍କ ବିରୋଧରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ବସନ୍ତ କୁମାର ବେହେରା, ଅବକାରୀ ବିଭାଗର ଡେପୁଟି କମିଶନର ଦିଲୀପ କୁମାର ନାଗ, ଉପବନସଂରକ୍ଷକ ଶରତ ଚନ୍ଦ୍ର ପଣ୍ଡାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ ସହକାରୀ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝିଙ୍କୁ ଚାକିରିରୁ ଆଗୁଆ ଅବସର ଦିଆଯାଇଛି । ସେହିପରି କୋମନା ବ୍ଲକର ପୂର୍ବତନ ବିଡିଓ ତଥା ବର୍ତ୍ତମାନର ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରାଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସେହି ଅଧିକାରୀମାନଙ୍କୁ ଗିରଫ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନୂଆପଡା ଜିଲା କୋମନା ବ୍ଲକର ପୂର୍ବତନ ବିଡିଓ ତଥା ମୟୂରଭଞ୍ଜ ଜିଲାର କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରା ଦୁର୍ନୀତି ଅଭିଯୋଗରେ ଚାକିରିରୁ ବିଦା ହୋଇଛନ୍ତି। ୨୦୦୮ରେ ତାଙ୍କ ନାମରେ ଭିଜିଲାନ୍ସ କେସ କରାଯାଇଥିଲା। ସେହିପରି ଅବକାରୀ ବିଭାଗର ଡେପୁଟି କମିଶନର ଦିଲୀପ କୁମାର ନାଗ ଆୟ ବହିର୍ଭୂତ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ୨୦୧୨ରୁ ୨୦୧୫ ଯାଏ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ବସନ୍ତ କୁମାର ବେହେରା ମଧ୍ୟ ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୮ରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ୩ କୋଟି ୬୧ ଲକ୍ଷ ୧୯ ହଜାର ୨୨୬ ଟଙ୍କାର ସମ୍ପତ୍ତି ଜବତ ହୋଇଥିଲା। ନୂଆପଡା ଜିଲାର ଖରିଆର ବନଖଣ୍ଡରେ ଉପବନସଂରକ୍ଷକ ଭାବେ ନିଯୁକ୍ତି ପାଇଥିବା ଶରତ ଚନ୍ଦ୍ର ପଣ୍ଡା ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ୨୦୧୭ରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ୫ କୋଟି ୨୩ ଲକ୍ଷ ୬୦ ହଜାର ୭୮ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ସହକାରୀ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସହ ଅସାଧୁ ମିଲରମାନଙ୍କୁ ଅନୁକମ୍ପା ଦେଖାଇବା ଏବଂ ଗତ ଫନୀ ବାତ୍ୟା ସମୟରେ ନିଜର କର୍ତ୍ତବ୍ୟ ପାଳନ କରି ନ ଥିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।



ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ-ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ।
–ଶ୍ରୀଅରବିନ୍ଦ

# କନ୍ଦାଉଛି ପିଆଜ



ଅନିଲ କୁମାର ବିଶ୍ୱାଳ

ଲଙ୍ଗଳ କଥା ବୁଝୁଛି ଖେତ, ଖେତ କଥା ବୁଝେ ଚଷା, ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା। ଆଉ ଯେତେବେଳେ ପଖାଳର କଥା ଆସେ ସେତେବେଳେ ପିଆଜ ପଖାଳ ସହିତ ଆପେ ଯୋଡ଼ିହୋଇଯାଏ। ଏବେ ଓଡ଼ିଶା ବଜାରରେ ପିଆଜ କିଲୋ ୬୦ ଛୁଇଁଲାଣି। ପାଇକାରୀ ଦର ହୁ ହୁ ହୋଇ ବଢ଼ୁଥିବା ବେଳେ ଖୁଚୁରା ବଜାରରେ ତା'ର ପ୍ରଭାବ ବଢ଼ିବାରେ ଲାଗିଛି। ଆଗକୁ ସ୍ଥିତି ଆହୁରି ସଙ୍ଗିନ ହୋଇପାରେ। ପିଆଜର ଦରବୃଦ୍ଧି, ଉତ୍ପାଦନ ବେଳେ ଅଭାବୀ ବିକ୍ରି ପ୍ରାୟ ସବୁବର୍ଷ ହେଉଛି। ଆଉ ସବୁବେଳେ ସେହି ଗୋଟିଏ ଚିରାଚରିତ ଉତ୍ତର ସରକାରଙ୍କ ପାଖରୁ, 'ଏ ବର୍ଷ ନାସିକରେ ପିଆଜ ଉତ୍ପାଦନ କମ୍ ହୋଇଛି। ସାରା ଦେଶରେ ପିଆଜ ଦର ଉଚ୍ଚ ଅଛି। ଓଡ଼ିଶାରେ ବି ଉଚ୍ଚା ରହୁଛି। ଏହା ଏକ ଜାତୀୟ ସମସ୍ୟା'।

ଆମେ ଭାବୁ ଆଳୁ ଭଳି ପିଆଜରେ ବି ଆମେ ଆତ୍ମନିର୍ଭରଶୀଳ ନୁହଁ। ହେଲେ ବାସ୍ତବ ସ୍ଥିତି ତାହା ନୁହେଁ। ରାଜ୍ୟରେ ବର୍ଷକୁ ପିଆଜର ହାରାହାରି ଆବଶ୍ୟକତା ହେଉଛି ୨ ଲକ୍ଷ ୯୭ ହଜାର ମେଟ୍ରିକ ଟନ। ରାଜ୍ୟରେ ବାର୍ଷିକ ପିଆଜ ଉତ୍ପାଦନ ହାରାହାରି ଭାବେ ହେଉଛି ୩ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍‌ରୁ ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନ୍। ଏହାର ଅର୍ଥ ପିଆଜ ଉତ୍ପାଦନରେ ଆମେ ବଳକା ରାଜ୍ୟ। ଅତି କମ୍‌ରେ ୫୦ ହଜାର ମେଟ୍ରିକ ଟନ ପିଆଜ ଆମ ପାଖେ ବଳକା ରହିବା କଥା। ହେଲେ ଆମେ କାହିଁକି ପୁଣି ସେହି ଆନ୍ଧ୍ର, ନାସିକ ଉପରେ ନିର୍ଭରଶୀଳ। ଏହାର କାରଣ ହେଲା ଆମ ଚାଷୀ ପାଖେ ପିଆଜକୁ ଉଚିତ ଦରରେ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା ନାହିଁ, ପିଆଜକୁ ସଂରକ୍ଷଣ କରିବା ପାଇଁ ଶୀତଳଭଣ୍ଡାର ନାହିଁ, ଏପରି କି ଉତ୍ପାଦନ ସମୟରେ ବି ତାକୁ ଅତି କମ୍‌ରେ ମାସଟିଏ ସାଇତି ରଖିବା ପାଇଁ ଗୋଦାମ ଘରଟିଏ ବି ନାହିଁ। ଚାଷୀ ତ ଅମଳ କରୁଛି ହେଲେ ତାକୁ ଯଦି ତା' ଫସଲର ମୂଲ୍ୟ ଦେବା ଓ ସଂରକ୍ଷଣର ବ୍ୟବସ୍ଥା କରା ନ ଯାଏ ସେ କରିବ କ'ଣ? ବାଧ୍ୟ ହୋଇ ରାଜ୍ୟ ବାହାର ବେପାରୀଙ୍କୁ ବିକିବ। ସେହି ପିଆଜ ପୁଣି ବାହାର ରାଜ୍ୟର ଶୀତଳଭଣ୍ଡାରରୁ ଆସି ଓଡ଼ିଶା ବଜାରରେ ଚଢ଼ା ଦରରେ ବିକ୍ରି ହେବ। ଖାଉଟି କ୍ଷତିରେ, ଚାଷୀ ବି କ୍ଷତିରେ।

ଏବେ ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮-୧୯ ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟରେ ୩୩ ହଜାର ହେକ୍ଟର ଚାଷଜମିରେ ପିଆଜ ଚାଷ ହୋଇଥିଲା। ପିଆଜ ଉତ୍ପାଦନ ହେଉଛି ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନ। ଜାତୀୟ ସ୍ତରରେ ପିଆଜର ହେକ୍ଟର ପିଛା ଉତ୍ପାଦନ ୧୬ ମେଟ୍ରିକ ଟନ ଥିବା ବେଳେ ଓଡ଼ିଶାରେ ଏହା ହେଉଛି ୧୧ ମେଟ୍ରିକ ଟନ। ପାଖାପାଖି ୫ ମେଟ୍ରିକ ଟନ କମ୍। ଏହା ପଛରେ ବି ଅଛି ସରକାରୀ କଳର ଉଦାସୀନତା ଓ ଦୁର୍ନୀତିଖୋର ମନୋଭାବ। ଉନ୍ନତ ମାନର ବିହନର ଅଭାବ ଏହାର ଏକ ମୁଖ୍ୟ କାରଣ। ପିଆଜର ଉତ୍ପାଦନ ମୁଖ୍ୟତଃ ଅବିଭକ୍ତ କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଓ ଉପକୂଳ ଓଡ଼ିଶାର ଅନେକ ଜିଲାରେ ହେଉଛି। ଆଜି ବି ଆମର ଚାଷୀମାନେ ସେହି ପୁରୁଣା କିସମ ବିହନ ବ୍ୟବହାର କରୁଛନ୍ତି। ଓଡ଼ିଶାରେ ପ୍ରାୟତଃ ଦୁଇ ପ୍ରକାରର ପିଆଜ ଚାଷ ହୁଏ। ଗୋଟିଏ ହେଉଛି ଉଲି ପିଆଜ ଯାହାର ଉତ୍ପାଦନ ବେଶି, ବଜାରରେ ଚାହିଦା ବି ଭଲ। ଏହା ପ୍ରାୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହୁଏ। ଅନ୍ୟଟି ହେଲା କୋଲା ପିଆଜ, ଯାହା ରସୁଣ ଭଳି କୋଲା କୋଲା ହୋଇ ଫଳେ। ଏହା ସାଧାରଣତଃ ଉପକୂଳ ଓଡ଼ିଶାରେ ହୁଏ। ଏହାର ସ୍ୱାଦ ଭଲ କିନ୍ତୁ ବେଶି ଉତ୍ପାଦନ କ୍ଷମତାଯୁକ୍ତ ନୁହେଁ।

୨୦୧୫ରେ ଯେତେବେଳେ ରାଜ୍ୟରେ ପିଆଜ ଦର ୮୦ ଛୁଇଁଥିଲା ସେତେବେଳେ ରାଜ୍ୟ ସରକାର କରିଥିଲେ ପିଆଜ ମିଶନ। ଲକ୍ଷ୍ୟ ଥିଲା ପିଆଜର ଉତ୍ପାଦନ ବୃଦ୍ଧି ଓ ରାଜ୍ୟରେ ବ୍ୟାପକ ସଂଖ୍ୟାରେ ଶୀତଳଭଣ୍ଡାର ନିର୍ମାଣ କରି ପିଆଜ ସଂରକ୍ଷଣର ସୁବିଧା। ୫ ବର୍ଷ ପୂରିବାକୁ ବସିଲାଣି। ହେଲେ ସେହି ଦୁଇଟି ଲକ୍ଷ୍ୟ ସାଧନ ହେଲା କି? ୨୦୧୬-୧୭ରେ ରାଜ୍ୟ ସରକାର ଖରିଫ ଓ ରବି ଋତୁରେ ପିଆଜ ବିହନ କିଣାରେ ପ୍ରାୟ ୫୪ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରିଥିଲେ। ସରକାରଙ୍କ କ୍ରୟ ନୀତି ଅନୁସାରେ ୫ ଲକ୍ଷରୁ ଅଧିକ ଟଙ୍କାର କିଣା ହେଲେ ଟେଣ୍ଡର ହେବା କଥା। କିନ୍ତୁ ବିନା ଟେଣ୍ଡରରେ ସେତେବେଳେ ଓଡିଶା ସରକାର କୁଇଣ୍ଟାଲ ପିଛା ୯୩୯ ଟଙ୍କାରେ ବିହନ କିଣିଥିଲେ ଯେଉଁଠି କି ଆସାମ ଭଳି ରାଜ୍ୟ ସେହି ସମାନ କିସମର ବିହନ ଅନ୍ୟ ଏକ ବିହନ ଉତ୍ପାଦନକାରୀ ସଂସ୍ଥାଠାରୁ କୁଇଣ୍ଟାଲ ପିଛା ୫୩୯ ଟଙ୍କାରେ କିଣିଥିଲା। ଓଡ଼ିଶାରେ ଚାଷୀମାନଙ୍କୁ ଦିଆଯାଇଥିବା ସେହି ପିଆଜ ବିହନ ଗଜା ହେଲା ନାହିଁ, ଯାହା ଫଳରେ ଚାଷୀମାନେ ହଇରାଣ ହେଲେ। ପରିସ୍ଥିତି ଏପରି ହେଲା ଯେ ଚାଷୀମାନେ ତା' ପରବର୍ଷ ଆଉ ସରକାରୀ ବିହନକୁ ଭରସା କଲେ ନାହିଁ। ନିଜର ପୁରୁଣା ବିହନକୁ ଚାଷ କଲେ।

ଏ ଗଲା ଉତ୍ପାଦନ କଥା। ବାକି ରହିଲା ସଂରକ୍ଷଣ। ବିଧାନସଭାରେ ସରକାର ମାନିଛନ୍ତି ପିଆଜ ସଂରକ୍ଷଣର ବିକଳ ଚିତ୍ର। ଅବିଭକ୍ତ କେବିକେ ଜିଲାରେ ଯେଉଁଠି ବେଶି ପିଆଜ ଉତ୍ପାଦନ ହେଉଛି ସେଠାରେ ଅଛି ସମୁଦାୟ ମାତ୍ର ୨୯ ହଜାର ମେଟ୍ରିକ ଟନ କ୍ଷମତାବିଶିଷ୍ଟ ଗୋଦାମ ଘର। ଆନ୍ଧ୍ରପ୍ରଦେଶର ଗୋଟିଏ ଗୋଟିଏ ବ୍ଲକରେ ଯେତିକି ଶୀତଳଭଣ୍ଡାର ଅଛି ତାହାର କ୍ଷମତା ବି ଏହାଠାରୁ ଅଧିକ। କଳାହାଣ୍ଡି ଜିଲାରେ ଅଛି ମାତ୍ର ୭୬୫୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ପିଆଜ ସଂରକ୍ଷଣ ଗୃହ। ଗ୍ରୀଷ୍ମ ଋତୁ ସୁଦ୍ଧା ରାଜ୍ୟରେ ବଳକା ପିଆଜ ଉତ୍ପାଦନ ହେଉଥିଲାବେଳେ ଅଧିକାଂଶ ପିଆଜ ମଧ୍ୟସ୍ଥଙ୍କ ଜରିଆରେ ବିକ୍ରି ହେଉଛି ଓ ବ୍ୟବହାର ପାଇଁ ଅଳ୍ପ କିଛି ଗୋଦାମରେ ରଖାଯାଉଛି। ଛତିଶଗଡ଼, ଆନ୍ଧ୍ରକୁ ଯାଉଛି ଓଡ଼ିଶା ପିଆଜ। ପଶ୍ଚିମ ଓଡ଼ିଶାରୁ ପିଆଜ ରାୟପୁରର ଦଲାଲମାନେ ଅତି ଶସ୍ତା ମୂଲ୍ୟରେ ନେଉଛନ୍ତି। ତାକୁ ନାସିକ ଓ ଆନ୍ଧ୍ରପ୍ରଦେଶ ପଠାଉଛନ୍ତି। ସେଠାରୁ ସେହି ପିଆଜ ପୁଣି ଆସୁଛି ଓଡ଼ିଶା ବଜାରକୁ ୬ ମାସ ପରେ। ପର୍ଯ୍ୟାପ୍ତ ପରିମାଣର ପିଆଜ ମହଜୁଦ କ୍ଷମତା ନ ଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଦେବଗଡ଼ରେ ୨୦୧୮ରେ ପିଆଜର ଅଭାବୀ ବିକ୍ରି ହୋଇଥିଲା। ଦେବଗଡ଼ ଜିଲାରେ ସଂରକ୍ଷଣ ପାଇଁ ଆଦୌ ବ୍ୟବସ୍ଥା ନାହିଁ। ରାଜ୍ୟରେ ଥିବା ସମୁଦାୟ ୧୨୮ ଶୀତଳଭଣ୍ଡାରରୁ ୮୦ଟି ଅଚଳ ଅବସ୍ଥାରେ ପଡିଛି। ଆଳୁ ଓ ପିଆଜ ମିଶନରେ ସରକାର ବେସରକାରୀ ସ୍ତରରେ ଯାହା ଶୀତଳଭଣ୍ଡାର କରିବା ପାଇଁ ଲକ୍ଷ୍ୟ ରଖିଥିଲେ ତାହା ବି ଫଳପ୍ରଦ ହେଲାନାହିଁ। ଆଜି ବି ଓଡ଼ିଶାରେ ଯାହା ଶୀତଳ ଭଣ୍ଡାର ଅଛି ତାହାର ସମୁଦାୟ କ୍ଷମତା ହେଉଛି ୨ ଲକ୍ଷ ୧୭ ହଜାର ମେଟ୍ରିକ ଟନ। ଏହା କେବଳ ପିଆଜକୁ ନିଅଣ୍ଟ। କାରଣ ପିଆଜ ଉତ୍ପାଦନ ଆସି ପହଞ୍ଚିଲାଣି ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନରେ। ବାକି ଆଳୁ, ଅଦା, ଅନ୍ୟ ପନିପରିବା ପାଇଁ ଜାଗା କାହିଁ? ସେହି ସବୁ ଫସଲର ବି ସ୍ଥିତି ସମାନ। ବିକ୍ରି ପାଇଁ ବ୍ୟବସ୍ଥା ନାହିଁ କି ସଂରକ୍ଷଣ କରିବାକୁ ଶୀତଳଭଣ୍ଡାର ନାହିଁ। କୃଷି, ସମବାୟ, ଖାଦ୍ୟ ଯୋଗାଣ ବିଭାଗର ତାଳମେଳ ନାହିଁ। ରାଜ୍ୟ ସରକାର ସ୍ଥାୟୀ ସମାଧାନ ପାଇଁ କିଛି ଠୋସ ପଦକ୍ଷେପ ନେବାର ସମୟ ଆସିଗଲାଣି। ଆମେ କେବେ ଶିଖିବା କୃଷିଜାତ ଉତ୍ପାଦନର ସଂରକ୍ଷଣ? କେବେ ତିଆରି ହେବ ଶୀତଳଭଣ୍ଡାର? ହଁ ସରକାର ଯଦି ଖାଲି ରାଜନୀତି ଆଉ ଭୋଟ ବ୍ୟାଙ୍କ କଥା ଚିନ୍ତା କରୁଥାନ୍ତି ତା'ହେଲେ ବି ପିଆଜ କମ୍ ରାଜନୀତିର ବିଷୟ ନୁହେଁ। ଆଗରୁ ପିଆଜର ମାତ୍ରାଧିକ ଦରବୃଦ୍ଧି ପାଇଁ ସରକାର ଭୁଶୁଡ଼ିଛି। ଦେଶର ଅନେକ ରାଜ୍ୟରେ ପିଆଜ ଦରବୃଦ୍ଧି ଏକ ନିର୍ବାଚନୀ ପ୍ରସଙ୍ଗ ହୋଇଛି। ପିଆଜ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ କିନ୍ତୁ ସଂରକ୍ଷଣରେ ଫେଲ୍। ତା' ଅର୍ଥ କେଉଁଠି ନା କେଉଁଠି ସରକାରୀ ସ୍ତରରେ ନୀତିଗତ ବା ପରିଚାଳନାଗତ ତ୍ରୁଟି ରହୁଛି, ଯାହା ଫଳରେ ପିଆଜ ପ୍ରଚୁର ଥିବା ସତ୍ତ୍ୱେ ଓଡ଼ିଶା ଖାଉଟି ଓ ଚାଷୀ ଉଭୟେ ହଇରାଣ ହେଉଛନ୍ତି। ଆମ ପାଖେ ଭଲ ଚାଷଜମି ଅଛି, ଜଳ ସମ୍ପଦ ବି ଅଛି। ତାକୁ ବିନିଯୋଗ କରି ଆମ ଚାଷୀଙ୍କୁ ଆମେ ସଶକ୍ତ କରିବା ଦରକାର।

ହରିରାଜପୁର, ପୁରୀ,
ମୋ- ୯୪୩୮୫୭୯୨୯୦

# କ୍ଷେତ୍ରାଧିକାର ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରରେ କେବଳ ଆଇଏଏସ୍ ଅଫିସରମାନେ ଯେ ସେମାନଙ୍କ କ୍ଷେତ୍ରାଧିକାର ସଂକୀର୍ଣ୍ଣ ହେଉଥିବାର ଅନୁଭବ କରୁଛନ୍ତି ତାହା ନୁହେଁ। ଆଇପିଏସ୍ ଅଫିସରମାନେ ମଧ୍ୟ ସେପରି ଅନୁଭବ କରୁଛନ୍ତି। ନିକଟରେ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଉପଦେଷ୍ଟା ଆର୍.କେ. ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବାର ମାତ୍ର କେଇଦିନ ପରେ ତାଙ୍କୁ ଉକ୍ତ ପଦରୁ ହଟେଇ ଦିଆଯିବା ଘଟଣା ଏହି ପରିସ୍ଥିତିର ଆଉ ଏକ ଉଦାହରଣ ପରି ମନେହୁଏ। କାର୍ଯ୍ୟକାଳ ସମ୍ପ୍ରସାରଣ ପରେ ଉକ୍ତ ସମ୍ପ୍ରସାରିତ ଅବଧି ପୂରା କରିବା ପୂର୍ବରୁ ମିଶ୍ରଙ୍କୁ ଚାକିରିରୁ ଅବ୍ୟାହତି ଦେବା ଘଟଣାରୁ ଜଣାପଡୁଛି ଯେ ଆଇପିଏସ୍ ଅଫିସର ଓ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ୍ (ସିଏପିଏଫ୍) କ୍ୟାଡର ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଟଣାଓଟରାର ଏହା ଏକ ଅଂଶ ବିଶେଷ ହୋଇପାରେ, ଯେଉଁଥିରେ ସିଏପିଏଫ୍ ବାବୁମାନେ ଉପକୃତ ହେଉଛନ୍ତି।

ମିଶ୍ର ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ୍ (ସିଏସ୍ଏସ୍)ର ଜଣେ ଅଫିସର ଥିଲେ ଏବଂ ଅବସର ପରେ ଉପଦେଷ୍ଟା ଭାବେ ପୁନର୍ନିଯୁକ୍ତି ପାଇବା ପୂର୍ବରୁ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିଲେ। ମନ୍ତ୍ରଣାଳୟର ଅର୍ଦ୍ଧସାମରିକ ବାହିନୀ ବ୍ୟାପାର ଦେଖାଶୁଣା କରୁଥିବା ବିଭାଗର ଦାୟିତ୍ୱରେ ସେ ଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ସେ ଚାକିରି ସମ୍ପର୍କିତ ବ୍ୟାପାରରେ ଆଇପିଏସ୍ ଅଫିସରମାନଙ୍କୁ ବେଶି ଅନୁଗ୍ରହ ଦେଖାଇ ଆସୁଥିଲେ ବୋଲି ସିଏପିଏଫ୍ ଅଫିସରମାନେ ଅଭିଯୋଗ କରିଆସୁଥିଲେ। ତେଣୁ ତାଙ୍କୁ ଉକ୍ତ ପଦବୀରୁ ହଟେଇ ଦିଆଯିବା ଘଟଣାରୁ ସ୍ପଷ୍ଟ ହେଉଛି ଯେ ସରକାର ସିଏପିଏଫ୍ କ୍ୟାଡର ଅଫିସରମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ।

ସିଏପିଏଫ୍ ଅଫିସରମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସେମାନଙ୍କୁ ଅଧିକ ଦରମା ଓ ସୁବିଧା ସୁଯୋଗ ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛି କାରଣ ସୁପ୍ରିମ୍‌କୋର୍ଟ ଦ୍ୱାରା ସେମାନଙ୍କୁ ଉଚ୍ଚତର ଷ୍ଟାଟସ ଓ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହାଦ୍ୱାରା ସିଏପିଏଫ୍ ଅଫିସରମାନେ ଆଇଏଏସ୍, ଆଇପିଏସ୍ ଓ ଅନ୍ୟ ଏ କିସମ ସେବା ଅଫିସରମାନଙ୍କ ସମକକ୍ଷ ହୋଇପାରିବେ।

ମିଳିଥିବା ରିପୋର୍ଟ ଅନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉକ୍ତ ବାହିନୀର ମହାନିର୍ଦ୍ଦେଶକ (ଡିଜି)ମାନଙ୍କୁ ଏକ ଆଦେଶନାମା ଜାରି କରି ସିଏପିଏଫ୍ ଅଫିସରମାନଙ୍କୁ ନନ୍-ଫଙ୍କ୍ଶନାଲ ସିଲେକ୍ସନ ଗ୍ରେଡ୍ (ଏନ୍ଏଫ୍ଏସ୍‌ଜି) ପ୍ରଦାନ କରିବା ନିମନ୍ତେ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିବା ସହ ନୂତନ ନିଯୁକ୍ତି ନିୟମ ପ୍ରଣୟନ ଲାଗି ନିର୍ଦ୍ଦେଶ ଦେଇଛି। ମିଶ୍ରଙ୍କ ଅପସାରଣ ସତ୍ତ୍ୱେ ଆଇପିଏସ୍ ଓ ସିଏପିଏଫ୍ ବାବୁମାନଙ୍କ ଭିତରେ ଚାଲିଆସିଥିବା ଶତ୍ରୁତାର ଅନ୍ତ ଘଟିବାର ସମ୍ଭାବନା ନାହିଁ। ତେବେ ଆଗକୁ କ'ଣ ଘଟୁଛି ଜାଣିବା ପାଇଁ ପାଠକେ ଏହି ସ୍ତମ୍ଭ ଉପରେ ନଜର ରଖିଥାନ୍ତୁ।

## ଉତ୍ତରାଧିକାରକୁ ନେଇ ଗୁଞ୍ଜରଣ

ବିଦେଶ ସଚିବ ବିଜୟ ଗୋଖଲେଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ପାଞ୍ଚମାସ ବାକି ଥିବାବେଳେ ତା'ପରେ କିଏ ତାଙ୍କର ଉତ୍ତରାଧିକାରୀ ହେବେ ତାକୁ ନେଇ ବାବୁ ମହଲରେ ଏବେଠାରୁ ଗୁଞ୍ଜରଣ ଆରମ୍ଭ ହୋଇଗଲାଣି। ସାଧାରଣତଃ ଏପରି ସ୍ଥଳେ ବରିଷ୍ଠତମ କୂଟନୀତିଜ୍ଞ ହିଁ ଉକ୍ତ ଶୀର୍ଷ ପଦବୀରେ ନିଯୁକ୍ତ ହୋଇଥାନ୍ତି। କିନ୍ତୁ ଆଜିକାଲି ସରକାର ବିଦେଶ ସଚିବ ବାଛିବାକୁ ଗଲାବେଳେ ଏପରି କୌଣସି ପୂର୍ବାନୁମାନଯୋଗ୍ୟ ଢାଞ୍ଚା ବା ପରମ୍ପରା ମାନୁ ନ ଥିବା ଦେଖାଯାଉଛି। କାରଣ ବର୍ତ୍ତମାନର କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଆଣି ସୁଜାତା ସିଂଙ୍କ ସ୍ଥାନରେ ବିଦେଶ ସଚିବ ଭାବେ ନିଯୁକ୍ତି ଦେଇଥିଲେ।

ବର୍ତ୍ତମାନ ବାଜିମରାଳିମାନେ କହୁଛନ୍ତି ଯେ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଥିବା ସୟଦ ଆକବରୁଦ୍ଦିନଙ୍କୁ ଗୋଖଲେଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇପାରେ। ଯଦି ତାହା ହୁଏ, ତେବେ ସେ ବର୍ତ୍ତମାନ ଲଣ୍ଡନରେ ଭାରତର ଉଚ୍ଚାୟୁକ୍ତ ଥିବା ରୁଚି ଘନଶ୍ୟାମଙ୍କ ସମେତ ଅନେକ ବରିଷ୍ଠ ଆଇଏଫ୍ଏସ୍ ଅଫିସରଙ୍କୁ ଅତିକ୍ରମ କରି ଏହି ପଦବୀରେ ନିଯୁକ୍ତି ପାଇବେ। ଘନଶ୍ୟାମ ହେଉଛନ୍ତି ବରିଷ୍ଠତମ କୂଟନୀତିଜ୍ଞ ଯେ କି ଏହି ପଦବୀରେ ସ୍ୱାଭାବିକ ଭାବେ ନିଯୁକ୍ତି ପାଇବା କଥା। ଅନ୍ୟତମ ବରିଷ୍ଠ ଅଫିସର ହେଉଛନ୍ତି ହର୍ଷବର୍ଦ୍ଧନ ଶ୍ରିଙ୍ଗଲା, ଯେ କି ବର୍ତ୍ତମାନ ଅମେରିକାରେ ରାଷ୍ଟ୍ରଦୂତ ଅଛନ୍ତି। ଆକବରୁଦ୍ଦିନ ଏ ଦୁହିଙ୍କଠାରୁ କନିଷ୍ଠ। ପ୍ରଧାନମନ୍ତ୍ରୀ ହିଁ ବିଦେଶ ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି ବିଦେଶ ସଚିବଙ୍କୁ ଚୟନ କରିଥାନ୍ତି। କିନ୍ତୁ ବାବୁ ନିଯୁକ୍ତିରେ ମୋଦି ଯେହେତୁ କୌଣସି ପରମ୍ପରାକୁ ମାନନ୍ତି ନାହିଁ, ତେଣୁ ସେ ଏଥର ବରିଷ୍ଠତମ ବାବୁଙ୍କୁ ବାଛିବେ କି ପରମ୍ପରା ବାହାରକୁ ଯିବେ ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

# ମା'ଙ୍କ ଧରାବତରଣ



ଡ. କିଶୋର ମହାନ୍ତି

ମା' ପ୍ରକୃତରେ କିଏ? କ'ଣ ତାଙ୍କର ସ୍ୱରୂପ? ସେ ହେଉଛନ୍ତି ଜଗଜ୍ଜନନୀ ମା' ଯୋଗମାୟା, ବିଶ୍ୱେଶ୍ୱରୀ, ଜଗନ୍ମାତା ମା' ଦୁର୍ଗା। ମାତୃରୂପରେ ସେ ଆବିର୍ଭୂତା ହୋଇଥାନ୍ତି ଏ ବିଶାଳ ଧରାରେ ଶାରଦୀୟ ପ୍ରକୃତି ଓ ନୈସର୍ଗିକ ସୌନ୍ଦର୍ଯ୍ୟର ମନୋରମ ମାହେନ୍ଦ୍ର ବେଳାରେ। ନଈପଠାରେ ଧାଡ଼ି ଧାଡ଼ି ଶୁଭ୍ର ହିଲ୍ଲୋଳିତ କାଶତଣ୍ଡୀ ଫୁଲ ଜଣାଇଦିଏ ମା'ଙ୍କ ଧରାବତରଣକୁ। ହିନ୍ଦୁ ଶାସ୍ତ୍ରାନୁସାରେ ମା' ଦୁର୍ଗା ସର୍ବଶକ୍ତିର ଅନନ୍ତ ଉତ୍ସ। ସେ ଭିନ୍ନ ଭିନ୍ନ ରୂପରେ ଶକ୍ତିକୁ ନିୟନ୍ତ୍ରଣ କରିଥାନ୍ତି। ସେ ମହାଲକ୍ଷ୍ମୀ, ସେ ମାତା ସରସ୍ୱତୀ ଓ ମାତା କାଳୀ। ଦୁର୍ଗାର ଅର୍ଥ ସେ ହେଉଛନ୍ତି ଦୁର୍ଗ ରକ୍ଷାକାରିଣୀ, ଦୁର୍ଗତିନାଶିନୀ। ମାଟିର କବି ସାରଳା ଦାସ ଚଣ୍ଡୀପୁରାଣରେ ଲେଖିଛନ୍ତି- ''ଦୁର୍ଗତିରୁ ଯେଣୁକରି କରନ୍ତି ଉଦ୍ଧାର, ତେଣୁକରି ଦୁର୍ଗା ନାମ ଅଟଇ ତାଙ୍କର।''

ସେ ଦୁର୍ଗ ରକ୍ଷାକାରିଣୀ। ପୁଣି ସେ ଦୁର୍ଗମ ନାମକ ମହାସୁରକୁ ବଧ କରିଥିଲେ ବୋଲି ତାଙ୍କର ନାମ ଦୁର୍ଗା। ଏହିପରି ବିଶ୍ୱର ଆଦ୍ୟାଶକ୍ତିଙ୍କର ସ୍ୱରୂପ ପ୍ରକଟନ କରାଯାଇଛି ବିଭିନ୍ନ ମାର୍ଗରେ। ସେ ପୁଣି ଦୁର୍ଗତିନାଶିନୀ, ଯିଏକି ସମସ୍ତ ଦୁଃଖ, କ୍ଲେଶକୁ ଦୂରୀଭୂତ କରିଥାନ୍ତି। ସେ ଚାରୋଟି ମନ୍ଦ ପ୍ରକୃତିକୁ ଦମନ କରିଥାନ୍ତି- ଯେପରି ଦାରିଦ୍ର୍ୟ, ଦୁର୍ଭିକ୍ଷ, ଦୁଃଖ ଓ ଦୁରାଚାର। ଅନ୍ୟାୟ ଓ ଅନୀତି ବିରୋଧରେ ଖଡ୍ଗ ଉତ୍ତୋଳନ କରିଥାନ୍ତି। ବ୍ୟଭିଚାରକୁ ପ୍ରଶ୍ରୟ ଦିଅନ୍ତି ନାହିଁ ଓ ଆଳସ୍ୟକୁ ଦୂରେଇଥାନ୍ତି। ପୃଥିବୀରୁ ଦୁଃଖ, ଶୋକ, ତାପ, ପାପ, କଳୁଷ ଦୂରୀଭୂତ ହୋଇଥାଏ ମା'ଙ୍କର ଆଗମନୀରେ। ମା' ଓହ୍ଲାଇ ଆସନ୍ତି ଧରାବକ୍ଷକୁ, ବିଶ୍ୱବାସୀଙ୍କୁ ଅଭୟ ପ୍ରଦାନ କରନ୍ତି।

ମାତା ଦୁର୍ଗା ହେଉଛନ୍ତି ଅଯୋନିଜା। ସେ ବିଶ୍ୱସୁନ୍ଦରୀ, ତାଙ୍କ ସୁନ୍ଦରପଣର ତୁଳନା ନାହିଁ। ସେ ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। ମା'ଙ୍କ ହାତରେ ଶୋଭା ପାଉଥାଏ ବିଭିନ୍ନ



ପ୍ରକାର ଅସ୍ତ୍ର ଓ ସରଞ୍ଜାମ। ସେ ପୁଣି ହାତରେ ଶଙ୍ଖ ଧରିଥାନ୍ତି। ଯାହାକି ସ୍ପଷ୍ଟ ସୂଚିତ କରେ ପ୍ରଣବ ବା ଓଁକାର ଧ୍ୱନିକୁ। ଧନୁ ଓ ଶର ତାଙ୍କ ହାତରେ ଶୋଭା ପାଇଥାଏ। ତାହା ସ୍ପଷ୍ଟ କରେ ଯେ ସକଳ ଶକ୍ତି ଓ ସେଇ ଶକ୍ତିକୁ ନିୟନ୍ତ୍ରଣ କରିବାର କ୍ଷମତା ତାଙ୍କ ହାତରେ ଅଛି। ବଜ୍ର ବି ଥାଏ ତାଙ୍କ ହାତରେ। ତାହା କହିଦିଏ ଦୃଢ଼ଚିତ୍ତ ହୁଅ। ମା'ଙ୍କ ହାତରେ ଶୋଭା ପାଇଥାଏ ଅର୍ଦ୍ଧ ପ୍ରସ୍ଫୁଟିତ କମଳ। ତାହା ସଫଳତାର ସୂଚନା ପ୍ରଦାନ କରେ। କୁହେ ସମ୍ପୂର୍ଣ୍ଣ ଫଳ ପ୍ରାପ୍ତିର ଆଶା ରଖିବାର ଚିନ୍ତାଠାରୁ ଦୂରେଇ ରୁହ। ଚକ୍ର ଯାହା ତାଙ୍କ ତର୍ଜନୀରେ ଶୋଭାପାଏ। ତାହା ସୂଚିତ କରେ ସକଳ ବିଶ୍ୱ ତାଙ୍କ ଅଧୀନରେ। ତୀକ୍ଷ୍ଣ କରବାଳ ହାତରେ ମା'ଙ୍କର ଥାଏ। ତାହା ସୂଚିତ କରେ ଅଜ୍ଞାନରୂପୀ ଅନ୍ଧକାରକୁ ଜ୍ଞାନ ହିଁ ଦୂରୀଭୂତ କରିପାରେ। ତେଣୁ ସେ ଜ୍ଞାନଦାତ୍ରୀ। ଯେଉଁ ତ୍ରିଶୂଳ ତାଙ୍କ ହାତରେ ଥାଏ, ତାହା ପ୍ରକାଶ କରେ ସତ୍ତ୍ୱ-ରଜ-ତମକୁ। ସେ ପ୍ରକୃତରେ ତିନିପ୍ରକାର ତାପକୁ ଖଣ୍ଡନ କରିଥାନ୍ତି- ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ। ମା' ଦୁର୍ଗା ହେଉଛନ୍ତି ଚିନ୍ମୟୀ। ଶକ୍ତି ଓ ସୌନ୍ଦର୍ଯ୍ୟ ସମନ୍ୱିତ ବିଶ୍ୱ ଚେତନାର ଏକ ଗୁଣାଧିକ ପରିପ୍ରକାଶ। ସେ ସର୍ବଶକ୍ତିର ଆଧାର। ତାଙ୍କ ସହାୟତା ବିନା ସ୍ୱୟଂ ଶିବ ମଧ୍ୟ ଶବ ପ୍ରାୟ ଶକ୍ତିହୀନ।

ଆଜିର ଏହି ପବିତ୍ର ଶାରଦୀୟ ବେଳାରେ ମା'ଙ୍କର ଧରାବତରଣ ଭକ୍ତ ମନରେ ଯୁଗପତ୍ ଆନନ୍ଦର ଫୁଆର ଖେଳାଇଦିଏ। ମା' ଆସିଛନ୍ତି ଆଶିଷ ପ୍ରଦାନ ନିମନ୍ତେ। ଆଜି ଏ ଧରା ସତରେ କଳୁଷିତ। ନାରୀ ନିର୍ଯାତନା ଏଠି ବୃଦ୍ଧି ପାଇବାରେ ଲାଗିଛି। ଆସୁରିକ ପ୍ରବୃତ୍ତିରେ ଆଚ୍ଛନ୍ନ ଏ ମଣିଷ ଅମୃତର ପୁତ୍ର ହୋଇ ଆଉ ରହିନାହିଁ। ସମାଜରେ ଅହିତ ସାଧନ ପାଇଁ ଜନ୍ମ ନେଇଛନ୍ତି ଅନେକ ମହିଷାସୁର ଓ ଶୁମ୍ଭନିଶୁମ୍ଭ ଏମାନଙ୍କୁ ନିପାତ କରିବା ପାଇଁ ମା'ଙ୍କର ଏ ଅଭିଯାନ ବାସ୍ତବିକ ସ୍ୱାଗତଯୋଗ୍ୟ। ପ୍ରତିଟି ମଣିଷକୁ ସମୁଚିତ ଶିକ୍ଷା ଦେବା ହେଉଛି ମା'ଙ୍କର ମନ୍ତ୍ର ଓ ବାଣୀ। ତେଣୁ ତ ଭକ୍ତ ଚାହିଁଛି ମା'ଙ୍କର ଶୁଭ ଆଗମନରେ ଏ ଧରାରୁ ସକଳ ପାପ କଳୁଷ ଦୂର ହେଉ। ମା'ଙ୍କର ପବିତ୍ର ପଦପାତରେ ଏ ଧରା ସ୍ୱର୍ଗରେ ପରିଣତ ହେଉ। ଭକ୍ତ ଆଜି ଯୋଡ଼ହସ୍ତରେ ମିନତି କରୁଛି- 'ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ନମସ୍ତୁତେ।'

ଇ/୫୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ଭାରତରେ ଗାନ୍ଧୀ ବିଚାରଧାରାରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ସମ୍ବଳରେ ଗାନ୍ଧୀବାଦର ବାର୍ତ୍ତା ଦେଇଚାଲିଛନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ବିହାରର ଶଶିଭୂଷଣ ସିଂ। ସେ ବିହାରର ସୀତାମଢ଼ି ମେଜରଗଞ୍ଜ ବ୍ଲକର ଟୁମରିକଲା ଗାଁରେ ରହନ୍ତି। ଭାରତ ସରକାରଙ୍କ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହେବା ପୂର୍ବରୁ ସେ ତାଙ୍କ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ୱଚ୍ଛତା ତାଙ୍କ ଜୀବନଚର୍ଯ୍ୟାରେ ସାମିଲ ହୋଇଯାଇଛି। ସ୍ୱଚ୍ଛତାର ଆଧୁନିକ ସିପାହି ଶଶିଭୂଷଣ ୨୦୧୧ରୁ ତାଙ୍କ ଗାଁରେ ସ୍ୱଚ୍ଛତା ଅଭିଯାନ ଚଲାଇଛନ୍ତି। କିଛି ସମ୍ବଳ ନ ଥାଇ ବି ହୃଦୟରେ ସ୍ୱଚ୍ଛତାକୁ ସ୍ଥାନ ଦେଇ ସକାଳୁ ଝାଡୁ ଧରି ବାହାରିଯାଆନ୍ତି ଶଶିଭୂଷଣ। ପ୍ରଥମରୁ ଲୋକେ 'ବେକାରିର ଟାଇମ୍‌ପାସ' ଓ ପରେ 'ପାଗଳ ଝାଡୁଦାର' ବୋଲି କହୁଥିଲେ ବି ସେ କେବେ ବି ଏପରି କାର୍ଯ୍ୟରୁ ପଛକୁ ହଟିନାହାନ୍ତି। ତାଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ନିଜେ ଟଙ୍କା ଖର୍ଚ୍ଚକରି ଝାଡୁ ଓ ଟୋକେଇ କିଣୁଛନ୍ତି। ଏହା ସହ ଲୋକମାନଙ୍କୁ ବାହାରେ ଶୌଚ ବିରୋଧରେ ସଚେତନ କରାଉଛନ୍ତି। ବିବାହ ପରେ ଶଶିଭୂଷଣଙ୍କ ସ୍ତ୍ରୀ ତାଙ୍କ ସହ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଯାଇଛନ୍ତି। ପାଗଳ ଝାଡୁବାଲା ଡାକରେ ଲୋକମାନଙ୍କର ସ୍ନେହ ରହିଛି ବୋଲି କୁହନ୍ତି ଶଶିଭୂଷଣ।

## ଚିରନ୍ତନୀ

ଯଉବନ! ଯଉବନ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ
ମୋର ମହାଦୀପ।
(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୪

- ଭାରତ ବିରୋଧରେ ଆମେରିକା ସୁପର-୩୦୧ କଟକଣା ଲାଗୁ ନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି।
- ଝାନ୍‌ସୀରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୪ ଜଣ ପ୍ରାଣ ହରାଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | D | | | | | | 6 | | B | | | | |
| | | | | | 7 | E | 1 | | | | | | | 2 |
| | | | 6 | | C | | 0 | | 3 | 8 | | | | |
| | | 6 | | D | B | | | A | 7 | 4 | E | 0 | | |
| | | | A | 0 | | | 8 | | 1 | | 5 | | E | |
| | B | | | A | 8 | 9 | | | C | | | | | |
| | | | | | 1 | | | | | | A | 8 | | |
| E | 5 | | | | D | 3 | B | 7 | 8 | | | 1 | | |
| | 3 | | | C | | 0 | 6 | | | | | | | |
| D | | 8 | | E | | 1 | | | B | | 4 | 3 | | 0 |
| 0 | | 9 | | | | A | | | | 6 | | | | 3 |
| | | | | | E | | | | A | 9 | | | 7 | |
| | 1 | C | | B | | | | 2 | 4 | 3 | | | | 5 |
| | | | C | | | 6 | 9 | E | | | | 4 | | 1 |
| 3 | | | | 4 | 6 | C | | | | 2 | 0 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | B | 0 | 2 | 6 | 1 | A | E | 4 | 5 | 7 | D | 3 | C |
| 3 | 4 | 7 | A | 1 | 8 | 9 | C | B | 2 | E | D | 6 | 0 | 5 |
| 1 | 0 | A | 3 | 5 | B | D | 4 | 8 | 9 | C | 6 | 7 | 2 | E |
| 5 | E | 6 | C | 7 | D | 2 | 0 | 3 | A | 1 | B | 4 | 8 | 9 |
| C | D | 2 | E | 4 | 9 | 6 | 5 | 7 | 8 | 0 | 3 | B | A | 1 |
| 4 | 5 | 8 | 9 | B | 3 | E | 6 | D | 1 | 2 | 0 | C | 7 | A |
| 6 | 9 | D | 7 | C | 1 | 0 | 8 | 2 | 5 | B | A | 3 | E | 4 |
| 7 | 2 | 3 | 5 | E | 4 | A | 1 | C | 6 | 8 | 9 | 0 | B | D |
| A | B | E | 6 | 0 | 2 | 3 | 9 | 4 | 7 | D | C | 5 | 1 | 8 |
| 0 | 1 | C | D | 8 | A | 7 | B | 5 | 3 | 4 | E | 9 | 6 | 2 |
| E | 6 | 5 | 4 | 9 | C | 8 | 7 | 0 | B | A | 1 | 2 | D | 3 |
| D | 7 | 4 | 1 | 3 | E | B | 2 | A | 0 | 9 | 5 | 8 | C | 6 |
| 2 | 3 | 0 | 8 | A | 5 | C | D | 6 | E | 7 | 4 | 1 | 9 | B |
| 8 | A | 1 | B | D | 7 | 4 | 3 | 9 | C | 6 | 2 | E | 5 | 0 |
| B | C | 9 | 2 | 6 | 0 | 5 | E | 1 | D | 3 | 8 | A | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ୮ ତାରିଖର ଦଶହରା ପାଳନ ନିର୍ବିବାଦୀୟ ହେଉ

ମହାଶୟ,

ଆଗାମୀ ୮ ତାରିଖରେ ଦଶହରା। ଏହିଦିନ ଶ୍ରୀମନ୍ଦିରରେ ବିମଳାଙ୍କ ମନ୍ଦିରରେ ମଧ୍ୟ ଦଶହରା ପାଳିତ ହେବ। ଏହା ନିର୍ବିବାଦୀୟ ହୋଇଥିବା ବେଳେ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ୭ ତାରିଖ ଦର୍ଶାଯାଇଛି। ଏହାକୁ ପଣ୍ଡିତସଭାର ମୁଖପାତ୍ର ବିରୋଧ କରିବା ପଛରେ କିଛି ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି। ଆମ୍ଭେ ଜାଣିବାରେ ଶଙ୍କରାଚାର୍ଯ୍ୟଙ୍କ ମଠରେ ସ୍ଥାପିତ ବିମଳାଙ୍କର ଦଶହରା ୭ ତାରିଖକୁ ଧାର୍ଯ୍ୟ କରାଯାଇଥିବାରୁ ହୁଏତ ଭକ୍ତମାନଙ୍କ ମନରେ ପ୍ରଶ୍ନ ଆସିପାରେ। ତେଣୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ତାଙ୍କ ପୂଜକ ଏହାକୁ ବିରୋଧ କରି ଲୋକମତକୁ ବିଭ୍ରାନ୍ତ କରାଇଛନ୍ତି। ୮ ତାରିଖ ଦିନ ୨.୫୦ ପର୍ଯ୍ୟନ୍ତ ଦଶମୀ ତିଥି ରହିଥିବାରୁ ସର୍ବତ୍ର ୮ ତାରିଖରେ ଦଶହରା ପାଳନୀୟ। ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଦଶମୀ ବ୍ୟାପ୍ତି ଦିନ ୨ଟା ୧୩ ପର୍ଯ୍ୟନ୍ତ ଦର୍ଶାଯିବା ତ୍ରୁଟିଯୁକ୍ତ। ୭ ତାରିଖରେ ପୀଠେ ଦଶହରା ଓ ୮ ତାରିଖରେ ମୃଣ୍ମୟୀ ଦଶହରା ବୋଲି ପାଞ୍ଜିରେ ଅଛି। ଯଦି ବିମଳାଙ୍କ ମନ୍ଦିରରେ ପୀଠେ ଦଶହରା ହିସାବରେ ପାଳନ କରାଯାଏ, ତେବେ ମନ୍ଦିର କର୍ତ୍ତୃପକ୍ଷ ଏହାକୁ ୮ ତାରିଖରେ ପାଳନ କରିବାକୁ କାହିଁକି ନିଷ୍ପତ୍ତି ନେଲେ?

ହରିଶଙ୍କର ମିଶ୍ର, ୧୧୩, ଗୁଣ୍ଡିଚାବିହାର, ପୁରୀ

### ସ୍ମାର୍ଟ ମିଟର ଏକ ଯୁଗୋପଯୋଗୀ ପଦକ୍ଷେପ

ବିଜୁଳି ବତରଣ କ୍ଷେତ୍ରରେ ସଂସ୍କାରମୂଳକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେତୋଟି ସହରରେ ପରୀକ୍ଷାମୂଳକ ଭାବେ ରିଚାର୍ଜ ହୋଇପାରୁଥିବା ସ୍ମାର୍ଟ ମିଟର ବସାଇବା ପାଇଁ ଆମ ସରକାର ସ୍ଥିର କରିଛନ୍ତି। ତେବେ କେତେକ ରାଜନୈତିକ ଦଳ ଓ ସଂସ୍ଥା ଏହାକୁ ବିରୋଧ କରିବା ଆରମ୍ଭ କଲେଣି। ଆମ ରାଜ୍ୟର ଗାଁ ଗହଳିରେ ବିଦ୍ୟୁତ୍ ଚୋରି ହେବା ସମସ୍ତଙ୍କୁ ଜଣା। ସରକାରଙ୍କର ପ୍ରୟାସ ଏହି ବିଦ୍ୟୁତ୍ ଚୋରିକୁ ରୋକିବାରେ ସହାୟ ହେବ, ଏହା ନିଃସନ୍ଦେହ। ତେଣୁ ସରକାରଙ୍କର ପ୍ରୟାସ ଯୁଗୋପଯୋଗୀ ଓ ସ୍ୱାଗତଯୋଗ୍ୟ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଓଏମ୍‌ସି ଦୈତାରି ଲୌହ, ମାଙ୍ଗାନିଜ ଖଣି ଜନଶୁଣାଣି

# ସମର୍ଥନ ପାଇଁ ସର୍ତ୍ତ ରଖିଲେ ଅଞ୍ଚଳବାସୀ

କାଳିଆପାଣି,୪।୧୦(ଡି.ଏନ୍.ଏ.)




ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପରିଚାଳିତ ଦୈତାରୀଲୌହ ଓ ମାଙ୍ଗାନିଜ ଖଣିର ବାର୍ଷିକ ୩ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍ କ୍ରୋମାଇଟ ଉତ୍ପାଦନ ବୃଦ୍ଧି ଶୁକ୍ରବାର ଜନଶୁଣାଣି ହୋଇଛି। ପରିବେଶ ମଞ୍ଜୁରୀ ନିମନ୍ତେ କରାଯାଇଥିବା ଜନଶୁଣାଣିରେ ବିଭନ୍ନ ସର୍ତ୍ତ ରଖି ପ୍ରଭାବିତ ଅଞ୍ଚଳବାସୀ ସମର୍ଥନ ପ୍ରସ୍ତାବ ଦେଇଛନ୍ତି। । ଖଣି ନିଗମ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ପର୍ଯ୍ୟାୟକ୍ରମେ ସମସ୍ତ ଦାବି ପୂରଣ କରିବାକୁ ଖଣି ନିଗମ ପ୍ରୟାସ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷକରି ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗୁରୁତ୍ୱ ଦୃଷ୍ଟିରୁ ତୁରନ୍ତ ଏକ ଯୁକ୍ତ ୨ କଲେଜ ନିର୍ମାଣ ଏବଂ ଖାଲି ପଡିଥିବା ଡାକ୍ତର ନିଯୁକ୍ତି କରିବାକୁ ପ୍ରୟାସ କରାଯାଉଥିବା ଅଶୋକ କୁମାର କହିଛନ୍ତି।

ଚିଙ୍ଗୁଡ଼ିପାଳ ପଞ୍ଚାୟତ ପଟଣା ଆମ୍ବତୋଟାଠାରେ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡର କଳିଙ୍ଗନଗର ପରିଚାଳକ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ। ଜନଶୁଣାଣି ଆଭିମୁଖ୍ୟ ସମ୍ପର୍କରେ ପ୍ରଦୂଷଣ ବୋର୍ଡ଼ ପରିଚାଳକ ପ୍ରମୋଦ କୁମାର ଉପସ୍ଥାପନ କରି ମତାମତ ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଖଣି ନିଗମ ଦୈତାରିର ଆଞ୍ଚଳିକ ପରିଚାଳକ ସୁବ୍ରତ ମିଶ୍ର ନିଗମ ପକ୍ଷରୁ ନିଆଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରି ଜନଶୁଣାଣିକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ୫୮ ଜଣ ପୁରୁଷ ମହିଳା ସ୍ଥାନୀୟ ଅଞ୍ଚଳରେ ହେଉଥିବା ସମସ୍ୟାକୁ ଉପସ୍ଥାପନ କରିଥିଲେ। ଏଥିସହ ବେକାରିଙ୍କୁ ସ୍ଥାୟୀ ନିଯୁକ୍ତି, ଯୁକ୍ତ ୨ କଲେଜ, ଖଣି ନିଗମ ଡାକ୍ତରଖାନରେ ଅଧିକସଂଖ୍ୟକ ଡାକ୍ତର ସହ ପ୍ରସୂତି ବିଭାଗ ଓ ଶିଶୁ ବିଭାଗ ଡାକ୍ତର ନିଯୁକ୍ତି, ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା, ପାନୀୟ ଜଳ ସମସ୍ୟା ସମାଧାନ, ରାସ୍ତାଘାଟ ମରାମତି, ସ୍ଥାନୀୟ ସ୍କୁଲଗୁଡିକୁର ସମସ୍ୟା ସମାଧାନ ପରି ବିଭିନ୍ନ ପ୍ରକାର ଦାବି ଉପସ୍ଥାପନ କରି ସର୍ତ୍ତ ମୂଳକ ସମର୍ଥନ ପାଇଁ ପ୍ରସ୍ତାବ ଦେଇଥିଲେ।

ସୂଚନା ଯୋଗ୍ୟ, ଓଡ଼ିଶା ଖଣି ନିଗମର ଦୈତାରି ସଂରକ୍ଷିତ ଜଙ୍ଗଲରେ ୧୦୧୮.୩୦୮୫ ହେକ୍ଟର ମଧ୍ୟରୁ ୪୬.୩୯୯୫ ହେକ୍ଟର ଜଙ୍ଗଲ ଜମି ଏବଂ ୧୭୧.୯୦୯ ହେକ୍ଟର ଅଣ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ରହିଛି। ଅଣଜଙ୍ଗଲ ଜମିକୁ ପରିବେଶ ମଞ୍ଜୁରୀ ମିଳିଥିଲେ ମଧ୍ୟ ଉତ୍ପାଦନ ବୃଦ୍ଧି ପାଇଁ ମଞ୍ଜୁରୀ ନିତାନ୍ତ ଆବଶ୍ୟକତା ଦୃଷ୍ଟିରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଶୁଣାଣି ଆରାମ୍ଭ ହୋଇଥିଲା। ଏଥିରେ ଖଣି ନିକଟର୍ତ୍ତୀ ଚିଙ୍ଗୁଡ଼ିପାଳ ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ, କାଳିଆପାଣି ସମିତି ସଭ୍ୟ ମୋତିଲାଲ ମହାନ୍ତ, ରାଁଶୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଉପାଧ୍ୟକ୍ଷ ବିବେକା ବୋଷ, ଯୁବନେତା ପ୍ରଭାତ ପ୍ରଧାନ, ପାଟଣା ଗ୍ରାମର ତ୍ରିଲୋଚନ ମୁଣ୍ଡାରୀ ପ୍ରମୁଖ ନିଜ ମତାମତ ରଖିବା ସହ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ପ୍ରଦୂଷଣ ବୋର୍ଡର ମନମୋହନ ମୁର୍ମୁ, ଦିବ୍ୟଲୋଚନ ମହାପାତ୍ର, ମଦନ ମୋହନ ସାହୁ, ସତ୍ୟସ୍ୱରୂପ ଦ୍ୱିବେଦୀ ଓ ଖଣି ନିଗମ ବିଭୂତି ଭୂଷଣ ନାୟକ, ନଳିନକାନ୍ତ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ସାଗରିକା ପାତ୍ର ସହ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିକୁ ରଖି କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଏକ ପ୍ଲାଟୁନ ଫୋର୍ସ ସହ ଉପସ୍ଥିତ ଥିଲେ।

- ବାର୍ଷିକ ୩ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍ କ୍ରୋମାଇଟ ଉତ୍ପାଦନ ବୃଦ୍ଧି ପାଇଁ ଶୁଣାଣି
- ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ
- ତୁରନ୍ତ ଯୁକ୍ତ ୨ କଲେଜ ନିର୍ମାଣ ଏବଂ ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି

## ଭରତ ଥିଲେ ଦକ୍ଷ କ୍ରୀଡ଼ା ସଙ୍ଗଠକ




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

କୁଜଙ୍ଗ,୪।୧୦(ସ୍ୱ.ପ୍ର.)

କୁଜଙ୍ଗ ଆଥ୍‌ଲେଟିକ କ୍ଲବର ସମ୍ପାଦକ ସ୍ୱର୍ଗତ ଭରତ କୁମାର ସାହୁଙ୍କ ଏକାଦଶାହରେ କୋଠିଆ ସାହିସ୍ଥିତ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ କ୍ଲବ ସଭାପତି ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ କୁଜଙ୍ଗ ଅଞ୍ଚଳର ବହୁ କ୍ରୀଡ଼ାବିତ୍, କ୍ରୀଡ଼ା ସଙ୍ଗଠକ, ସାମାଜିକ କର୍ମୀ ଯୋଗଦେଇ କହିଲେ ଯେ, ସ୍ୱର୍ଗତ ସାହୁ ଏକାଧାରରେ ଜଣେ ସୁଦକ୍ଷ କ୍ରୀଡ଼ାବିତ୍, କ୍ରୀଡ଼ା ସଙ୍ଗଠକ, ମଞ୍ଚ ଅଭିନେତା ଥିଲେ। ଆଥ୍‌ଲେଟିକ କ୍ଲବର ସମ୍ପାଦକ ଭାବେ ସେ ଦୀର୍ଘଦିନ କାର୍ଯ୍ୟ କରି କ୍ରୀଡ଼ା କ୍ଷେତ୍ରରେ କୁଜଙ୍ଗକୁ ଗୌରବାନ୍ୱିତ କରିଥିଲେ। ସେହିପରି କୁଜଙ୍ଗରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଅତିରିକ୍ତ ଜିଲା ଓ ଦୌରାଜଜ୍ କୋର୍ଟ ସମେତ ଅନ୍ୟାନ୍ୟ ଦପ୍ତର ଖୋଲିବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ଥିଲା। ସ୍ମୃତିସଭାରେ କୁଜଙ୍ଗ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଦାସ, ଜୀବନାନନ୍ଦ ଅଧିକାରୀ, କୁଜଙ୍ଗ ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁ, ଆଇନଜୀବୀ ଏ.ଏନ.ଡି. ଯାଦବ, ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, ଆଇନଜୀବୀ ବିଷ୍ଣୁ ମୋହନ, ମନିନ୍ଦ୍ର ଗୁରୁ, ଉଦୟନାଥ ଶର୍ମା, ମାନସ ଦାସ, ହେମନ୍ତ କୁମାର ସାହୁ, ବଳଜିତ ସିଂ, ନିମାଇଁ ଚରଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ତାଙ୍କ ନାମରେ ଏକ ବ୍ୟାୟାମଶାଳା ଖୋଲିବାକୁ ବକ୍ତାମାନେ ପ୍ରସ୍ତାବ ଦେଇଥିଲେ। ଏଥିସହ କୁଜଙ୍ଗ ମେଡିକାଲର ଉନ୍ନତି, ପାରାଦୀପ ଶିଳ୍ପାଞ୍ଚଳ ସହାୟତାରେ ଏକ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରାଯାଇ ପାରିଲେ ତାହା ଭରତ ସାହୁଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣୀୟ କରିବା ଲାଗି ପ୍ରତିବର୍ଷ ତାଙ୍କ ସ୍ମୃତିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ପଣ୍ଡିତ ଦେବାଶିଷ ମହାନ୍ତିଙ୍କୁ ମହର୍ଷି ଉପାଧି

ବାଲିଆ,୪।୧୦

ବିରିଡ଼ି ବ୍ଲକ କୁଳକଇଜଙ୍ଗା (ନୂଆପାରି) ଗ୍ରାମର ଜ୍ୟୋତିର୍ବିଦ ପଣ୍ଡିତ ଡ. ଦେବାଶିଷ ମହାନ୍ତିଙ୍କୁ ଆସାମର ଗୌହାଟିସ୍ଥିତ ପ୍ରାଗ୍ ଜ୍ୟୋତି କଲ୍‌ଚରାଲ ସେଣ୍ଟରଠାରେ ଆୟୋଜିତ ସର୍ବଭାରତୀୟ ବୈଦିକ ଆଷ୍ଟ୍ରୋଲୋଜିକାଲ ରିସର୍ଚ୍ଚ ସୋସାଇଟି ପକ୍ଷରୁ ମହର୍ଷି ପରାସର ଉପାଧି ପ୍ରଦାନ କରାଯାଇଛି। ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆସାମର ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ମୁଖ୍ୟଅତିଥି ଓ ଆସାମ ସଂସ୍କୃତ ମହାବିଦ୍ୟାଳୟର କୁଳପତି ପ୍ରଫେସର ଡ. କୁମୁଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାନ୍ତିଙ୍କୁ ମେଡାଲ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉତ୍ସବରେ ପି.ଆର. ହାଲଦାର, କେ.ସି.ବି. ବର୍ମା, ଆଚାର୍ଯ୍ୟ ଯୋଗିନ୍ଦର ନାଗପାଲ, ଅଶୋକ ମିଶ୍ର, ଅନିଲ ଚନ୍ଦ୍ର ନାଗ, ବିରୁନ୍ ଠାକୁର, ସୁବାଶିଷ ମୁଖାର୍ଜି, ଅରିନ୍ଦମ ଶାସ୍ତ୍ରୀ, ଗୌତମ କୁଜମାର, ଦିବାକରନ କୁପ୍‌କଟା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଏରସମା,୪।୧୦(ସ୍ୱ.ପ୍ର.)

ଏରସମା ବ୍ଲକ ପରିସରରେ ବରିଷ୍ଠ ନାଗରିକ ମଞ୍ଚ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମଞ୍ଚର ସଭାପତି ନିରଞ୍ଜନ ପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ବିଡିଓ କୈଳାସ ଚନ୍ଦ୍ର ବେହେରା ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଭୂଦତ୍ତ ମିଶ୍ର, ଉପସଭାପତି ସୁଶିଲ ମହାନ୍ତି, ସମ୍ପାଦକ ଧିରେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପ୍ରଭୁଦତ୍ତ ବ୍ରହ୍ମଚାରୀ ହତ୍ୟା ମାମଲା

# ଅଭିଯୁକ୍ତ ବିକାଙ୍କୁ ଆଜୀବନ ଜେଲ

ଜଗତ୍‌ସିଂହପୁର ଅଫିସ,୪।୧୦

୨୦୧୪ ମସିହାରେ ତିର୍ତ୍ତୋଲ ଥାନା ପାଣ୍ଡରାସ୍ଥିତ ପ୍ରଭୂଦତ୍ତ ପରମହଂସ ଆଶ୍ରମର ବାବା ପ୍ରଭୁଦତ୍ତ ବ୍ରହ୍ମଚାରୀଙ୍କୁ ନିଷ୍ଠୁର ଭାବରେ ହତ୍ୟା କରାଯାଇଥିଲା। ଏହି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଅଭିଯୁକ୍ତ ତଥା ଏହି ଥାନା ଛପଡ଼ାର ବିକା ଓରଫ ସୁବାସ ବିଶ୍ୱାଳଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ରାଶି ଅନାଦେୟ ହେଲେ ଅଧିକ ୭ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ଅଛି। ଏହି ସୂଚନା ଦେଇଛନ୍ତି ଜଗତ୍‌ସିଂହପୁର କୋର୍ଟ କ୍ୟାଡର ପିପି (ପବ୍ଲିକ ପ୍ରସିକ୍ୟୁଟର) ନଳିନୀକାନ୍ତ ମହାରଣା। ସେ କହିଛନ୍ତି ଯେ, ୨୦୧୪ ମେ ୬ ତାରିଖ ସକାଳ ୭ଟାବେଳେ ବାବା ପ୍ରଭୂଦତ୍ତ ଆଶ୍ରମରେ ବିଶ୍ରାମ ନେଉଥିଲେ। ଏହି ସମୟରେ ବିକା ପୂର୍ବ ପ୍ରସ୍ତୁତି ମୁତାବକ ସେଠାରେ ପହଞ୍ଚି ହାତରେ ଧରିଥିବା କୋଦାଳରେ ବାବାଙ୍କୁ ହାଣି ପକାଇଥିଲେ। କୋଦାଳ ଚୋଟ ବିଶେଷକରି ବାବାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଶ୍ରମରେ ଉପସ୍ଥିତ ଭକ୍ତ ରୂପାଲି ନାୟକ ଓ ପରମାନନ୍ଦ ବେହେରା ଏହା ଦେଖି ସେଠାକୁ ଚାଲିଆସିବାରୁ ବିକା ପଳାଇଥିଲେ। ଗଲାବେଳେ ସେ ରକ୍ତ ଭିଜା କୋଦାଳଟି ଆଶ୍ରମ ପରିସର ତୁଳସୀ ଗଛ ନିକଟରେ ପକାଇ ଦେଇଥିଲେ। ସେହିଦିନ ବର୍ତ୍ତମାନର ଆଶ୍ରମର ତତ୍ତ୍ୱାବଧାରକ ତଥା ଜୟପ୍ରଭୁ ରାମକୃଷ୍ଣ ସେନାର ସଭାପତି ରୂପାଲି ନାୟକ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଦଫା ୩୦୨ରେ ମାମଲା ନଂ.୯୪/୧୪ ରୁଜୁ କରିଥିଲା। ଏହି ମାମଲାରେ ୧୯ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକର ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।



## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ଆଳି, ୪।୧୦ (ଡି.ଏନ୍.ଏ.): ଆଳି ବ୍ଲକ ଅଧୀନ ମାଣିକପାଟଣା ପଞ୍ଚାୟତ ମାଣିକପାଟଣା ଗ୍ରାମର ପୁରୁଷୋତ୍ତମ ସାହୁ (୬୩)ଙ୍କର ଗୁରୁବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଘରେ ଶୋଇଥିବା ବେଳେ ତାଙ୍କ ଅଜାଣତରେ ତାଙ୍କ ଗୋଡ଼କୁ ଏକ ସାପ କାମୁଡ଼ି ଦେଇଥିଲା। କିଛି ସମୟ ପରେ ଗୋଡ଼ ପୋଡ଼ିବା ସହ ତାଙ୍କ ଶରୀର ନୀଳ ପଡ଼ିଯିବା ଯୋଗୁ ପରିବାର ଲୋକେ ପୁରୁଷୋତ୍ତମଙ୍କୁ ଆଳି ମେଡକାଲକୁ ନେଇଥିଲେ। ସେଠାରେ ସାପ କାମୁଡ଼ା ଇଞ୍ଜେକସନ ଦେବା ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେଇଥିଲା। ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୩ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ନବପତ୍ରିକା ପୂଜାରେ ମା'ଙ୍କୁ ଆବାହନ

ଡେରାବିଶ, ୪।୧୦ (ସ୍ୱ.ପ୍ର.)

ମାଆ ଦୁର୍ଗାଦେବୀଙ୍କ ନବରାତ୍ର ପର୍ବ ଅବସରରେ ଶୁକ୍ରବାର ବିଭିନ୍ନ ମଣ୍ଡପରେ ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ଡେରାବିଶ ବ୍ଲକ ଅଞ୍ଚଳ ଏହି ପୂଜୋତ୍ସବ ପାଇଁ ବେଶ ଚଳଚଞ୍ଚଳ ହୋଇପଡ଼ିଛି। ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ଖରିଦା ସାହି ଗ୍ରାମରେ ମାଆଙ୍କ ପୂଜାର୍ଚ୍ଚନା ଅନନ୍ୟ ପରମ୍ପରାକୁ ବଜାୟ ରଖିଛି। ଷଷ୍ଠୀ ତିଥିରେ ମା'ଙ୍କୁ ନବପତ୍ରିକା ସମାହାରରେ ଆବାହନ କରାଯାଇଛି। ଏଠାରେ ବୃକ୍ଷକୁ ଦେବତା ଭାବେ ଗ୍ରହଣ କରାଯାଇ ଶୁକ୍ଳ ଧାନ, ମହଣ ସାରୁ, କଳା ରଙ୍ଗର ସାରୁ, ହଳଦୀ, ଅଶୋକ, ଡାଳିମ୍ବ, ବେଲ, କଦଳୀ ଓ ଜୟନ୍ତୀ ବୃକ୍ଷର ନବପତ୍ରକୁ ଧଳା ଅପରାଜିତା ଲଟାରେ ବନ୍ଧା ଯାଇ ପୂଜା କରାଯାଉଛି। ମା'ଙ୍କ ପୂଜୋତ୍ସବ ସଂପର୍କରେ ଜନଶ୍ରୁତି ରହିଛି ଯେ, ନଦୀୟା ନବଦ୍ୱୀପ ଅଞ୍ଚଳରୁ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଆସିଥିବା ଶ୍ରୀ ଚୈତନ୍ୟ ଦେବଙ୍କ ଜଣେ ଅନୁଗତ ଏହି ପୂଜା ଆରମ୍ଭ କରିଥିଲେ। ପୁରୀ ତାଙ୍କ ବାସସ୍ଥାନ



ଖରିଦା ସାହିରେ ପୂଜାର୍ଚ୍ଚନା କରାଯାଉଛି।

ହୋଇଥିଲେ ମଧ୍ୟ ଖରିଦାସାହିରେ ମା'ଙ୍କ ପୂଜା ପାଇଁ ବ୍ୟବସ୍ଥା କରିଥିଲେ। ନୀତିକାନ୍ତି ପାଇଁ ସ୍ଥାନୀୟ ଅଞ୍ଚଳର ଜୈନିକ ବ୍ରାହ୍ମଣଙ୍କୁ ଜମି ଯୋଗାଇ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ତତ୍କାଳୀନ ଜମିଦାର ପୂଜାର ସୁବନ୍ଦୋବସ୍ତ କରାଇଥିଲେ। ପରବର୍ତ୍ତୀ ସମୟରେ ମା'ଙ୍କ ପୂଜକ ଭାବେ ଏକ ବଙ୍ଗୀୟ ବ୍ରାହ୍ମଣ ପରିବାର ବଂଶାନୁକ୍ରମେ ଏହି ପୂଜାକୁ ଚଳାଇ ଆସିଛନ୍ତି। ପୂଜା ମଣ୍ଡପର ପୁସ୍ତାକାଚାର୍ଯ୍ୟ ପ୍ରଦୀପ ଚକ୍ରବର୍ତ୍ତୀ କୁହନ୍ତି ଯେ, ପ୍ରତିପଦ ତିଥିରୁ ଦଶହରା ପ୍ରର୍ଯ୍ୟନ୍ତ ମା'ଙ୍କ ନିକଟରେ ନବରାତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ବିଧିବିଧାନ ଓ ପରମ୍ପରା ଅନୁଯାୟୀ ମା'ଙ୍କର ଷୋଡଶ ଉପଚାରରେ ପୂଜା ହୋଇଥାଏ। ମା' ଏଠାରେ ପରମ ବୈଷ୍ଣବୀ ରୂପେ ପୂଜା ପାଉଥିବାରୁ ତନ୍ତ୍ରକୁ ପରିହାର କରି ଯନ୍ତ୍ର ସ୍ଥାପନ କରାଯାଇ ମନ୍ତ୍ରାଭିଷେକ ମାଧ୍ୟମରେ ପୂଜାର୍ଚ୍ଚନା କରା ଯାଇଥାଏ। ଏହି ପୂଜା ସହ ଆଉ ଏକ କାହାଣୀ ଯୋଡି ହୋଇରହିଛି। ଶ୍ରୀରାମଚନ୍ଦ୍ର ମାତୃଶକ୍ତିରେ ବଳିୟାନ ହୋଇ ଦୁଷ୍ଟ ରାବଣକୁ ଶରତ ଋତୁରେ ନିଧନ କରିଥିଲେ। ଏହାକୁ ସ୍ମରଣ କରି ପୂଜା ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତାଙ୍କ ମୂର୍ତ୍ତି ସ୍ଥାପନ ହୋଇଥାଏ। ମା'ଙ୍କ ପୂଜାତ୍ସୋବ ସମ୍ପର୍କରେ ଗ୍ରାମର ୯୨ ବର୍ଷୀୟ ବିଶ୍ୱରଞ୍ଜନ ଘୋଷାଲ କୁହନ୍ତି ଯେ, ଏଠାରେ ୫ଶହ ବର୍ଷରୁ ଅଧିକ ସମୟ ହେଲାଣି ମା'ଙ୍କୁ ନୈବେଦ୍ୟ ଅର୍ପଣ ହେଉଛି। ନବରାତ୍ରୀ ସମୟରେ ମହିଳାମାନେ ମା' ଦୁର୍ଗାଙ୍କୁ ନିଜର ଝିଅ ବୋଲି ଭାବି ଭକ୍ତି ନୈବେଦ୍ୟ ଅର୍ପଣ କରିଥାନ୍ତି ବୋଲି ସୁଗନ୍ଧା ଘୋଷାଲ କୁହନ୍ତି। ଜୟ ଦୁର୍ଗା କ୍ଲବ, ଦୁର୍ଗା ପୂଜା କମିଟି ସହ ପୂଜାତ୍ସୋବରେ ଗ୍ରାମର ନାରାୟଣ ଚକ୍ରବର୍ତ୍ତୀ, ବିଷ୍ଣୁପ୍ରସାଦ ସିଂହ, ଭଞ୍ଜନ ମହାନ୍ତି, ପୂଜକ ବୃନ୍ଦାବନ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି। ଏହି ପୂଜୋତ୍ସବ ପାଇଁ ଗ୍ରାମର ୮୦ ପରିବାର ସମେତ ଆଖପାଖ ଗାଁରେ ଭକ୍ତିର ମାହୋଲ ସୃଷ୍ଟି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସେଦିନ ସେକାଳ ଗଲା**
**ଝାଡ଼ବନସ୍ତରେ କୋଇଲି କାନ୍ଦିଲା**
**ଝୁରିଝୁରି ଦିନ ଗଲା ।**

ଦେଖା ସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ ପରେ ଦେଖା ନ ହେବାରୁ ମନ ଊଣା। ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ ପିଠାପଣା ଭାତର ତଳ**
**ସବୁ ବାପଭାଇ କାତର ତଳ ।**

ପିଠାପଣା ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇ ପାରି ନ ଥାଏ। ଝିଅ ବାହାହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପାଭାଇଙ୍କର ଚିନ୍ତା ସରିଯାଇଥାଏ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହିଥାଏ। ଝିଅ ପାଇଁ ବାପାଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପୋଖରୀକୁ ଓଲଟିଲା ଟ୍ରାକ୍ଟର, ଚାଳକ ମୃତ



ପୋଖରୀ ଭିତରକୁ ଟ୍ରାକ୍ଟର ଖସିପଡ଼ିଛି।

ମାର୍ଶାଘାଇ, ୪।୧୦ (ଡି.ଏନ୍.ଏ.)

ମାର୍ଶାଘାଇ ଥାନା ଗିରଙ୍ଗ (ନୁଆସାହି)ଠାରେ ଚିପିସ୍ ଓ ସିମେଣ୍ଟ ବୋଝେଇ କରି ନେଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଏକ ପୋଖରୀ ଭିତରକୁ ଓଲଟି ପଡ଼ିବା ଯୋଗୁ ଚାଳକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଡ଼ପାଲଡ଼ିଆ ଗ୍ରାମର କୁଞ୍ଜବିହାରୀ ଦାସ(୪୨)। ବଡ଼ପାଲଗୋଡ଼ାରୁ ଟ୍ରାକ୍ଟର (ନଂ.-ଓଡ଼ି-୨୯-ଜି-୩୬୬୪)ଟି ଚିପିସ୍, ୨୦ବସ୍ତା ସିମେଣ୍ଟ ଓ ୨ କୁଇଣ୍ଟାଲ ରଡ୍ ବୋଝେଇ କରି ଗିରଙ୍ଗ ଗ୍ରାମର ବାଇଧର ମଲ୍ଲିକଙ୍କ ଘରକୁ ଯାଉଥିଲା। ଗିରଙ୍ଗ ନୁଆସାହିଠାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଏକ ପୋଖରୀ ଭିତରକୁ ଖସି ପଡ଼ିଥିଲା। ଚାଳକ କୁଞ୍ଜବିହାରୀ ପୋଖରୀ ଭିତରେ ଚାପି ହୋଇ ରହିଯାଇଥିଲେ। ଖବରପାଇ ମାର୍ଶାଘାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୁଞ୍ଜବିହାରୀଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦି ବେହେରା ଓ ଏସ୍ଆଇ ଦେବାଶିଷ ପଣ୍ଡା ପହଞ୍ଚି ତଦନ୍ତ କରି ଫେରଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଟ୍ରାକ୍ଟରଟିକୁ ପୋଖରୀ ଭିତରୁ ବାହାର କରାଯାଇପାରି ନ ଥିବା ଜଣାପଡ଼ିଛି। ଏ ନେଇ କୁଞ୍ଜବିହାରୀଙ୍କ ସାନଭାଇ ଭଞ୍ଜକିଶୋର ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨୪୩/୧୯ ନଂ.ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଜିଲା କୃଷି ବିଭାଗରେ ମନମୁଖି କାର୍ଯ୍ୟ

# ୨୦ ଦିନରେ ୧୪ ଜଣଙ୍କ ବଦଳି

**ବହୁ କାର୍ଯ୍ୟ ବ୍ୟାହତ, ବଢ଼ୁଛି ଚାଷୀ ଅସନ୍ତୋଷ**

ପଟ୍ଟାମୁଣ୍ଡାଇ, ୪।୧୦ (ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା କୃଷି ବିଭାଗ କର୍ତ୍ତୃପକ୍ଷଙ୍କ ମନମୁଖି କାର୍ଯ୍ୟକୁ ନେଇ ପଟ୍ଟାମୁଣ୍ଡାଇ କୃଷି ଜିଲା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପଟ୍ଟାମୁଣ୍ଡାଇ କୃଷି ଜିଲାରୁ ୨୦ ଦିନ ମଧ୍ୟରେ ୧୪ ଜଣ କର୍ମଚାରୀଙ୍କ ବଦଳି ଯୋଗୁ ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ବିଭିନ୍ନ କାର୍ଯ୍ୟରେ କୃଷି ଅଧିକାରୀମାନଙ୍କୁ ଭେଟିବାକୁ ଯାଉଥିବା ବେଳେ ଭେଟି ନ ପାରି ଫେରିବାକୁ ବାଧ ହେଉଛନ୍ତି। ଚାଷୀମାନଙ୍କ ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ୩୧ରେ ପୂର୍ବତନ ଜିଲା ଉପ କୃଷି ନିର୍ଦ୍ଦେଶକ ଅବସର ନେବା ପରେ ଶରତ ଦାସଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେପ୍ଟେମ୍ବର ୧ତାରିଖରେ ଦାସ ଏହି ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସେପ୍ଟେମ୍ବର ୬ରୁ ୨୫ ତାରିଖ ମଧ୍ୟରେ ପଟ୍ଟାମୁଣ୍ଡାଇ କୃଷି ଜିଲାରୁ ୧୦ ଓ କେନ୍ଦ୍ରାପଡ଼ା ଜିଲା କୃଷି ଉପ ନିର୍ଦ୍ଦେଶକଙ୍କ ଅଫିସ୍‌ରୁ ୪ ଜଣଙ୍କ ବଦଳି ହୋଇଛି। ଅନ୍ୟପଟେ ଜିଲା ଉପକୃଷି ନିର୍ଦ୍ଦେଶକ ବଦଳି କରିଥିବା ସମସ୍ତ କର୍ମଚାରୀ କେନ୍ଦ୍ରାପଡ଼ା ଜିଲା ମଧ୍ୟରେ ହିଁ ରହିଛନ୍ତି। କିନ୍ତୁ ଏହି ବଦଳି ନିର୍ଦ୍ଦେଶର ନକଲ କୃଷି ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ଏ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଚାଷୀମାନେ ସମୂହ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଉପ ନିର୍ଦ୍ଦେଶକ ଦାସଙ୍କୁ ପଚାରିବାରେ ବଦଳି କର୍ମଚାରୀମାନେ ୭ ବର୍ଷ ହେଲା ଗୋଟିଏ ସ୍ଥାନରେ ରହିଲେଣି। ସେମାନଙ୍କୁ ଅଦଳ ବଦଳ କରାଯାଇଛି। ଏଥିରେ କିଛି ଅସୁବିଧା ନାହିଁ।

# ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା

ରାଜନଗର, ୪।୧୦ (ଡି.ଏନ୍.ଏ.)

ରାଜନଗର ବ୍ଲକ ଭାଜପା ପକ୍ଷରୁ ଗାନ୍ଧୀ ଜୟନ୍ତୀଠାରୁ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇଛି। ଏହି ଉପଲକ୍ଷେ ବୁଧବାର ଅପରାହ୍ନରେ ତ୍ରିନାଥବଜାରଠାରୁ ଭାଜପା କର୍ମୀମାନେ ପ୍ଲାକାର୍ଡ ଧରି ମୋଟର ସାଇକେଲ ଶୋଭାଯାତ୍ରା କରିଥିଲେ। ରାଜନଗର ବଜାର ପରିକ୍ରମା କରିବା ପରେ ମହିଁଷାସୁରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହିଁଷାସୁର ପଞ୍ଚାୟତ ସଭାପତି ରଞ୍ଜନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ଗାନ୍ଧିଜୀଙ୍କ ବଳିଦାନ ଓ ଅହିଂସା ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ରାଉତ, ଧୀରେନ ବିଶ୍ୱାଳ, ରବୀନ୍ଦ୍ର ଦଳାଇ, ଗୌରାଙ୍ଗ ଦାସ, ଅଜୟ କୁମାର ଦାସ, ଅର୍ଜୁନ ଚରଣ ବିଶ୍ୱାଳ, ପ୍ରଦୀପ କୁମାର ଦାସ, ତାପସ କୁମାର ପାଲ, ଗୋଲେଖ ସାହୁ ପ୍ରମୁଖ ଯୋଗଦେଇଥିଲେ।

# 'ଶୃଙ୍ଖଳା ରକ୍ଷା ସମସ୍ତଙ୍କ ଦାୟିତ୍ୱ ହେଉ'

ମାର୍ଶାଘାଇ, ୪।୧୦ (ଡି.ଏନ୍.ଏ.)

ମାର୍ଶାଘାଇ ଥାନା ପୋଲିସ ତରଫରୁ ଥାନା ଅଭ୍ୟର୍ଥନା କକ୍ଷରେ ଆମ ପୋଲିସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଥାନା ଅଧିକାରୀ କାଳନ୍ଦୀ ବେହେରା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ଥାନାଧିକାରୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏସ୍ଆଇ ଦେବାଶିଷ ପଣ୍ଡାଙ୍କ ସହ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଭାରେ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି ରାତ୍ରି ପାଟ୍ରୋଲିଂକୁ ଜୋର୍‌ଦାର କରାଯିବା ସହ ଥାନା ଅଞ୍ଚଳର ପ୍ରତ୍ୟେକ ଗ୍ରାମର ଯୁବକମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଥିଲେ। ସେହିପରି ବିଭିନ୍ନ ସମୟରେ ଲୋକମାନେ ଛୋଟବଡ଼ ସମସ୍ୟାକୁ ନେଇ ଥାନାର ଦ୍ୱାରସ୍ଥ ହେଉଥିବାରୁ ଗ୍ରାମର ବୁଦ୍ଧିଜୀବୀ ଓ ମୁରବିମାନଙ୍କୁ ନେଇ ଏହାର ସମାଧାନ କରାଯିବାକୁ ଗୁରୁତ୍ୱ ଦିଆଯିବ। ମାର୍ଶାଘାଇ ଥାନା ଅଞ୍ଚ ଦେଇ ଯାଇଥିବା ୫ନଂ(କ) ଜାତୀୟ ରାଜପଥରେ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପାର୍ବଣ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ପାଇଁ ସଭିଏଁ ଉଦ୍ୟମ କରିବା ନେଇ ଆଲୋଚନା ହୋଇଥିଲା। ଏଥିସହ ପୂଜା ସମୟରେ ଟ୍ରାଫିକ୍ ସମସ୍ୟା ସୁଧାରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସାଇବର କ୍ରାଇମ୍ ଓ ଏଟିମ୍ ଠକେଇ ପ୍ରତି ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଜାର କମିଟି ସଭାପତି ନରେନ୍ଦ୍ର କୁମାର ସ୍ୱାଇଁ, ସାମାଜିକ କର୍ମୀ ଶାରଦା ପ୍ରସନ୍ନ ବେଉରା, ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଗାହାଣ, ସାମାଜିକ କର୍ମୀ ମନୋଜ ସ୍ୱାଇଁ, ଦଶିପୁର ସରପଞ୍ଚ ବିକ୍ରମ କେଶରୀ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

DHARITRI Career appointment Every Wednesday and Saturday

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକ୍କୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଧମାକା ! ଦୀପାବଳି ଧମାକା !
ହିନ୍ଦୁସ୍ତାନ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
DURGA FINANCE LTD.
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

# ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମାରାଶି

■ ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ ୫୫ ଚାଷୀ

■ କୃଷି ବିଭାଗ ସଚିବ, ବୀମା କମ୍ପାନୀ, କୃଷି ଉପନିର୍ଦ୍ଦେଶକ, ତହସିଲଦାରଙ୍କୁ ନୋଟିସ

ନବରଙ୍ଗପୁର,୪।୧୦(ବି.ପ୍ର.)

ନବରଙ୍ଗପୁର ଜିଲାର ୧୦ଟି ବ୍ଲକର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୨୦୧୮ ଖରିଫ ଚାଷ ପାଇଁ ପ୍ରିମିୟମ୍ ଜମା କରିଥିଲେ। କିନ୍ତୁ ସେମାନେ ଏଯାଏ ବୀମା ଟଙ୍କା ପାଇନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ପରେ ଶେଷରେ ସେମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଜିଲାର ବିଭିନ୍ନ ଗାଁର ୫୫ ଜଣ ଚାଷୀ ବୀମାଟଙ୍କା ପାଇ ନ ଥିବା ନେଇ ଲିଖିତ ଅଭିଯୋଗ ଦେବା ପରେ ମାମଲା ରୁଜୁ ହୋଇଛି। ଏମ୍‌ଏସ୍ ଚୋଲା ଜେନେରାଲ ଇନ୍ସ୍ୟୁରାନ୍ସ, ନବରଙ୍ଗପୁର କୃଷି ଉପ ନିର୍ଦ୍ଦେଶକ, କୃଷି ବିଭାଗ ସଚିବ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ନୋଟିସ କରିଛନ୍ତି ଖାଉଟି ଅଦାଲତ।

ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲାରେ ୨୦୧୮ ଖରିଫ ଋତୁରେ ଧାନ, ମକା, ଚିନାବାଦାମ ଓ ହରଡ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯାଇ ପାରିବ ବୋଲି ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରଚାରପତ୍ର ବାଣ୍ଟିଥିଲା। ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଯଦି ଏହା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୁଏ ତେବେ କ୍ଷତିପୂରଣ ପାଇବେ ଚାଷୀ। ୪୮ ଘଣ୍ଟା ମଧ୍ୟରେ ସେହି ଅଞ୍ଚଳର କୃଷି ଅଧିକାରୀଙ୍କୁ ଚାଷୀ ଲିଖିତ ଓ ମୋବାଇଲରେ ଫଟୋ ଉଠାଇ ଜଣାଇବେ। କ୍ଷତି ଆକଳନ ପରେ କ୍ଷତିପୂରଣ ମିଳିବ। ଯେଉଁ ଚାଷୀମାନେ ନିଜସ୍ୱ ଟଙ୍କାରେ ଉପରୋକ୍ତ ଚାଷ କରିଛନ୍ତି, ସେମାନଙ୍କ ପାଇଁ ଫସଲ ବୀମା ଇଚ୍ଛାଧୀନ ଓ ସର୍ତ୍ତସାପେକ୍ଷ ଥିଲା। ସେମାନେ ନିକଟସ୍ଥ ବ୍ୟାଙ୍କ, ଜନସେବା କେନ୍ଦ୍ର, ପ୍ରାଥମିକ କୃଷିଋଣ ସମବାୟ ସମିତି ବା ଲ୍ୟାମ୍ପସ୍‌ରେ ନାମ ପଞ୍ଜୀକରଣ କରି ପ୍ରିମିୟମ ଦେୟ ଦାଖଲ କରିବେ। କିନ୍ତୁ ଯେଉଁ ଚାଷୀମାନେ ବ୍ୟାଙ୍କରୁ ଋଣ ଆଣି ଉପରୋକ୍ତ ଚାଷ କରୁଛନ୍ତି, ସେମାନଙ୍କୁ ବାଧ୍ୟତାମୂଳକ ଭାବେ ବୀମାଭୁକ୍ତ କରାଯିବ ବୋଲି ସରକାର ନିୟମ କଲେ। ଧାନଚାଷୀ ହେକ୍ଟର ପିଛା ୯୨୫ ଟଙ୍କା ଲେଖାଏ ପ୍ରିମିୟମ ଜମା କରିଛନ୍ତି। ବର୍ଷା ଅଭାବ ଯୋଗୁ ସରକାର ନବରଙ୍ଗପୁର ଜିଲାରେ ମରୁଡି ଘୋଷଣା କଲେ। ୭୫୪ ରାଜସ୍ୱ ଗାଁରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦେଲେ। କେତେକ ଚାଷୀଙ୍କ ଆକାଉଣ୍ଟକୁ ବିଳମ୍ବରେ ବୀମା ଟଙ୍କା ସିଧାସଳଖ ଆସିଥିବା ବେଳେ ଅନେକ ଏଯାଏ ଏହା ପାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ୫୫ଜଣ ଚାଷୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏମ୍‌ଏସ୍ ଚୋଲା ଜେନେରାଲ ଇନସ୍ୟୁରାନ୍ସ, କୃଷି ବିଭାଗ ସଚିବ, ନବରଙ୍ଗପୁର କୃଷି ଉପନିର୍ଦ୍ଦେଶକ, ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ନୋଟିସ ଜାରି କରିଛନ୍ତି ଅଦାଲତ। ଫସଲ ବୀମା ସମ୍ପର୍କରେ ଜାଣିବା ପାଇଁ ଇନସ୍ୟୁରାନ୍ସର ଟୋଲ୍ ଫ୍ରି ନମ୍ବର ୧୮୦୦୨୦୦୫୫୪୪, ୧୮୦୦୨୦୮୫୫୪୪ ଓ ହେଲ୍‌ପ ଡେସ୍କ ନମ୍ବର ୧୮୦୦୨୦୦୫୮୦୦ରେ ଯୋଗାଯୋଗ କରିଥିଲେ ମଧ୍ୟ କିଛି ସୂଚନା ମିଳିପାରି ନ ଥିଲା।

# ଭୁବନେଶ୍ୱରରୁ ୪ ନୂଆ ବିମାନ

## କୋଲକାତା, ହାଇଦ୍ରାବାଦ ଓ ବେଙ୍ଗାଲୁରୁକୁ ଉଡ଼ାଣ




**ଭୁବନେଶ୍ୱର, ୪।୧୦ (ବ୍ୟୁରୋ):** ଭୁବନେଶ୍ୱର ବିମାନବନ୍ଦରରୁ ବିମାନ ସଂସ୍ଥାଗୁଡ଼ିକ ସେମାନଙ୍କ ସେବା ପ୍ରତ୍ୟାହାର କରିନେଉଥିବାବେଳେ ଶୁକ୍ରବାର ଆସିଛି ଏକ ଖୁସି ଖବର। ଇଣ୍ଡୋନେସିଆନ ବିମାନ ଚଳାଚଳ ସଂସ୍ଥା 'ଏୟାର ଏସିଆ' ଭୁବନେଶ୍ୱରରୁ ଆଉ ୪ଟି ବିମାନ ଚଳାଚଳ କରିବାକୁ ଯାଉଛି। ଭୁବନେଶ୍ୱରରୁ ବେଙ୍ଗାଲୁରୁକୁ ୨ଟି ବିମାନ, ହାଇଦ୍ରାବାଦ ଏବଂ କୋଲକାତାକୁ ଗୋଟିଏ ଲେଖାଏଁ ବିମାନ ଚଳାଚଳ କରିବ। ଏୟାର ଏସିଆ ଚଳିତ ମାସ ୨୮ ତାରିଖରୁ ବିମାନସେବା ଆରମ୍ଭ କରିପାରେ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ କୁଆଲାଲମ୍ପୁରକୁ ଚଳାଚଳ କରୁଥିବା ଏୟାର ଏସିଆ ବିମାନର ସମୟ ସୂଚୀରେ ପରିବର୍ତ୍ତନ କରାଯାଇଛି। ବିମାନବନ୍ଦରରେ ହେବାକୁ ଥିବା ରନୱେ ରିକାର୍ପେଟିଂ ପାଇଁ ଏହି ସମୟ ସୂଚୀ ପରିବର୍ତ୍ତନ କରାଯାଇଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ୨୭ ଅକ୍ଟୋବରରୁ ଏହି ବିମାନ ଭୁବନେଶ୍ୱରରେ ରାତି ୧୧.୨୫ ପରିବର୍ତ୍ତେ ରାତି ୯ଟାରେ ଅବତରଣ କରିବ। ଆଉ ରାତି ୯.୩୦ରେ କୁଆଲାଲମ୍ପୁର ଅଭିମୁଖେ ଯାତ୍ରା ଆରମ୍ଭ କରିବ। ସେହିପରି ଭୁବନେଶ୍ୱର–ଅହମ୍ମଦାବାଦ ଇଣ୍ଡିଗୋ ବିମାନ ସେବା ପୁନଃ ଆରମ୍ଭ ହେବାକୁ ଯାଉଛି। ସପ୍ତାହକୁ ୬ଦିନ ଚଳାଚଳ କରୁଥିବା ଏହି ବିମାନ ଅହମ୍ମଦାବାଦରୁ ସନ୍ଧ୍ୟା ୫ଟାରେ ଉଡ଼ିବାକୁ ଥିବାବେଳେ ଭୁବନେଶ୍ୱରରୁ ସନ୍ଧ୍ୟା ୮ଟାରେ ଉଡ଼ାଣ କରିବ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ଅନୁଷ୍କା ରଥ




ଶୁଭଙ୍କର ବେହେରା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ସାଢ଼େ ୬ଟାରେ ରାଧାଦାମୋଦର ବେଶ

## ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଚୂଡ଼ାନ୍ତ

■ ଭୋର ୪ଟାରେ ଫିଟିବ ଦ୍ୱାର

■ ୫ଟାରେ ମଙ୍ଗଳ ଆଳତି

ପୁରୀ ଅଫିସ, ୪।୧୦

ଆଶ୍ୱିନ ଶୁକ୍ଳ ଏକଦଶୀ ଅର୍ଥାତ୍ ଅକ୍ଟୋବର ୯ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳ ଧୂପ ନୀତି। ଏହା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀ (ଅକ୍ଟୋବର ୯)ରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ (ନଭେମ୍ବର ୭) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ପରେ ୫ଦିନ ଧରି ପଞ୍ଚକ ଚାଲିବ। ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଦିବା ପହୁଡ଼ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବିଶେଷକରି ଶନିବାର, ରବିବାର ଏବଂ ସ୍ୱତନ୍ତ୍ର ଦିନଗୁଡ଼ିକୁ ବାଦ୍ ଦେଇ ଅନ୍ୟଦିନ ଠାକୁରଙ୍କ ଦିବା ପହୁଡ଼ କରାଯିବାକୁ ଆଲୋଚନା ହୋଇଛି। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ରାତ୍ର ୧୨ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇ ଭୋର ୪ଟାରେ ଦ୍ୱାରଫିଟିବ। ସାଢ଼େ ୪ରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ସେହିପରି ଏ ବର୍ଷ ପଞ୍ଚକ ୫ ଦିନ ଧରି ଅନୁଷ୍ଠିତ ହେବ। ନଭେମ୍ବର ୮ ତାରିଖରେ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ, ୯ରେ ବାଙ୍କଚୂଡ଼ ବା ବାମନ ବେଶ, ୧୦ରେ ଆଡକିଆ ତଥା ତ୍ରିବିକ୍ରମ ବେଶ, ୧୧ରେ ଡାଳିକିଆ ବା ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୧୨ରେ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ନଭେମ୍ବର ୪ ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ପ୍ରଶାସକ କହିଛନ୍ତି, ଠାକୁରଙ୍କ ବେଶ କିପରି ଠିକ୍ ସମୟରେ ଏବଂ ଭଲ ଭାବେ କରାଯିବ ସେ ନେଇ ସବୁ ନିଯୋଗ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ବୁଧବାର ଶ୍ରୀମନ୍ଦିରର କୌଣସି ପ୍ରସଙ୍ଗ କିମ୍ବା ସେବାୟତଙ୍କ ସମସ୍ୟା ଆଲୋଚନା କରିବେ ବୋଲି ସେ କହିଛନ୍ତି। ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସେବାୟତଙ୍କ ଯାହା ପ୍ରାପ୍ୟ ପାଉଣା ରହିଛି ତାହା ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

### କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ

| | |
|---|---|
| ଦ୍ୱାରଫିଟା | ଭୋର ୪ଟା |
| ମଙ୍ଗଳ ଆଳତି | ୫ଟା |
| ରାଧାଦାମୋଦର ବେଶ | ୬ଟା ୩୦ରୁ ୭ଟା ୩୦ |
| ଗୋପାଳ ବଲ୍ଲଭ | ୮ଟା |
| ସକାଳଧୂପ | ୮ଟା ୩୦ରୁ ୯ଟା ୩୦ |
| ବାଳଧୂପ | ପୂର୍ବାହ୍ନ ୧୦ଟାରୁ ୧୦ଟା ୩୦ |
| ଭୋଗମଣ୍ଡପ ଉଠିବ | ୧୦ଟା ୧୦ |
| ଭୋଗମଣ୍ଡପ ଶେଷ | ମଧ୍ୟାହ୍ନ ୧୨ଟା |
| ମଧ୍ୟାହ୍ନ ଧୂପ(କେବଳ କୋଠଭୋଗ) | ୧୨ଟା ୩୦ରୁ ୧ଟା ୩୦ |
| ଦ୍ୱିତୀୟ ଭୋଗ ମଣ୍ଡପ | ଗୋଟାଏରୁ ୨ଟା |
| ଦିବା ପହୁଡ଼ | ୩ଟା |
| ଦ୍ୱାରଫିଟା | ଅପରାହ୍ନ ୫ଟା |
| ସନ୍ଧ୍ୟା ଆଳତି | ସନ୍ଧ୍ୟା ୬ଟା |
| ସନ୍ଧ୍ୟାଧୂପ(କେବଳ କୋଠଭୋଗ) | ୭ଟା ୨୦ରୁ ରାତ୍ର ୯ଟା |
| ଚନ୍ଦନଲାଗି | ରାତି ୧୦ଟା |
| ବଡ଼ସିଂହାର ବେଶ | ୧୧ଟା |
| ବଡ଼ସିଂହାର ଭୋଗ | ୧୧ଟା ୩୦ |
| ରାତ୍ର ପହୁଡ଼ | ୧୨ଟା |

# 'ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ଦିଅନ୍ତୁ ବ୍ୟାଙ୍କ'




କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ରଖୁଛନ୍ତି।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଋଣ ମେଳା ଶୁଭାରମ୍ଭ

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକ ବ୍ୟାଙ୍କରୁ ନେଉଥିବା ଋଣକୁ ଠିକ୍ ଭାବେ ପୈଠ କରୁଥିବା ବେଳେ ସେମାନଙ୍କ ଉପରେ ଅନାଦାୟ ଋଣ (ଏନ୍‌ପିଏ) ରହୁନାହିଁ। ବ୍ୟାଙ୍କଗୁଡ଼ିକ ରାଜ୍ୟରେ ମୋଟ୍ ୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏସ୍‌ଏଚ୍‌ଜିଗୁଡିକୁ ଏହାର ଅଂଶ ୧୨ରୁ ୧୩% ରହିଛି। ଏହାକୁ ବଢାଇବା ଦିଗରେ ବ୍ୟାଙ୍କ ଗୁଡ଼ିକ କାର୍ଯ୍ୟ କରିବା ଉଚିତ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଏସ୍‌ବିଆଇ ଆନୁକୁଲ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗ୍ରାହକ ମେଳା କ୍ୟାମ୍ପର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକଙ୍କ ନିକଟରେ ବ୍ୟାଙ୍କ ଖାତା ରହିଛି। ଆଗାମୀ ଗୋଟିଏ ବର୍ଷ ବର୍ଷରେ ସବୁ ପରିବାରକୁ ବ୍ୟାଙ୍କ ଖାତା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି କରିବା ଦିଗରେ ବ୍ୟାଙ୍କ ଯୋଗଦାନ ରଖନ୍ତୁ। ରାଜ୍ୟରେ ଏବେ ମଧ୍ୟ ୪୦ ଲକ୍ଷ ଲୋକଙ୍କ ନିକଟରେ ଭଲ ବାସଗୃହ ନାହିଁ। ବ୍ୟାଙ୍କଗୁଡିକ ଏକ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ରହିଛି। ଓଡ଼ିଶାରେ ଅଧିକ ସଂଖ୍ୟକ ବ୍ୟାଙ୍କ ଖୋଲିବା ଲାଗି ଅର୍ଥମନ୍ତ୍ରଣାଳୟକୁ ସେ ଚିଠି ଲେଖିଥିବା କହିଛନ୍ତି। ଡିଜିଟାଲ ପ୍ଲାଟଫର୍ମରେ ୩୦ ସେକେଣ୍ଡରରେ ୫୦ ହଜାର ଟଙ୍କାର ଋଣ ମିଳି ପାରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ ୨୬୦୬ ଜଣଙ୍କୁ ମୋଟ ୧୬୬.୧୧ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି।

ସାଧାରଣ ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇ ଆର୍ଥିକ ଗତିବିଧିକୁ ମଜଭୁତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ସେହିଭଳି ଦେଶର ବିକାଶ ଦିଗରେ ବ୍ୟାଙ୍କଗୁଡିକ ସାଧାରଣ ଲୋକଙ୍କୁ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଯୋଗ୍ୟ ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ୬ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭୁବନେଶ୍ୱର ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ମେଳାରେ ୧୮ ବ୍ୟାଙ୍କ ଏବଂ ୪ ଘରୋଇ ବ୍ୟାଙ୍କ ପ୍ରତିଷ୍ଠାନ ନିଜର ଷ୍ଟଲ ସ୍ଥାପନ କରି ଲୋକଙ୍କୁ ଋଣ ଯୋଗାଇ ଦେଉଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର , ଆଇଓସିଏଲ୍ ସିଜିଏମ୍ ଶୁଭଜିତ ଘୋଷ, ଏସ୍‌ବିଆଇ ଜିଏମ୍ ସିଏଲ୍‌ଏନ୍ ଚାରୟୁଲୁ, ଏସ୍‌ଏଲ୍‌ବିସି କନଭେନର ଟି.ଆର୍.ଚୋକଲିଙ୍ଗମ, ଏସ୍‌ବିଆଇ ଡିଜିଏମ୍ ଡି.ସି.ବଳ, ଡିଜିଏମ୍ ଆନନ୍ଦ ବିକ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଚିଠି ନବରଙ୍ଗପୁର



# ମଣ୍ଡିରେ ଦଲାଲ

ଆର୍‌ଟିଓ ଏବଂ ଡାକ୍ତରଖାନାକୁ ଦଲାଲମୁକ୍ତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେଇଛନ୍ତି। ଦଲାଲ ଧରାପଡିଲେ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲାର କେତେକ କାର୍ଯ୍ୟାଳୟରେ ବିଭିନ୍ନ ସେବା ପାଇଁ ପରୋକ୍ଷରେ ଦଲାଲ ନିୟୋଜିତ କରାଯାଉଛି। ତାର ଫାଇଦା ବାବୁମାନଙ୍କ ପାଖକୁ ଯାଉଛି। ଏଥିପ୍ରତି ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି ଉଠିଛି। ଆଗକୁ ଜିଲାରେ ଚାଷୀଙ୍କ ଧାନ କିଣାଯିବା ପାଇଁ ଲ୍ୟାମ୍ପ୍ସ ଅଧୀନରେ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲାଯିବ। ଲ୍ୟାମ୍ପ୍ସଗୁଡିକ ଚାଷୀଙ୍କ ଠାରୁ ଧାନ କିଣିବେ। ପ୍ରତିବର୍ଷ ମଣ୍ଡି ମାଧ୍ୟମରେ ଚାଷୀ ଯେତିକି ଧାନ ବିକ୍ରି କରୁଛନ୍ତି ସେଥିରୁ କୁଇଣ୍ଟାଲ ପିଛା ୫ରୁ ୭ କିଲୋ ଧାନ କାଟି କିଣାଯାଉଛି। ଯେଉଁ ଚାଷୀ ଏଥିରେ ରାଜି ହେଉନାହାନ୍ତି ମଣ୍ଡିରୁ ସେମାନଙ୍କ ଧାନ ଉଠିପାରୁ ନାହିଁ। ଏଫ୍‌ଏକ୍ୟୁ ଧାନ କିଣା ଆଳରେ ଚାଷୀଙ୍କୁ ବିଭିନ୍ନ ବାହାନା ଦେଖାଇ ଧାନ ଜବରଦସ୍ତ ଭାବେ ୫ରୁ ୭ କିଲୋ କଟାଯାଉଛି। ଲକ୍ଷାଧିକ କୁଇଣ୍ଟାଲ ଧାନ କିଣାଯିବା ମଧ୍ୟରେ ୫ କିଲୋ ଆଧାରରେ ଯେତିକି ଧାନ କଟାଯାଉଛି ତାହାର ଟଙ୍କା ଚାଷୀ ପାଉ ନାହାନ୍ତି। ତାହା କେଉଁ ଦଲାଲଙ୍କ ପକେଟକୁ ଯାଉଛି ତାହାକୁ ସରକାର ଧରିବାର ବେଳ ଆସିଛି। ଅନ୍ୟପକ୍ଷେ ଚାଷୀଙ୍କୁ ଅଖା ଯୋଗାଇଦେବାର ବ୍ୟବସ୍ଥା ରହିଛି। ହେଲେ ତାହା ମିଳୁ ନାହିଁ। ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବା ନିୟମ ରହିଛି। କିନ୍ତୁ ପରିବହନ ବାବଦକୁ ଟଙ୍କା ମଧ୍ୟ ଚାଷୀଙ୍କ ଧାନରୁ କାଟି ରଖାଯାଉଛି। ପରିବହନ ଓ ଅଖା ଟଙ୍କା କାହା ପକେଟକୁ ଯାଉଛି ତାହା ମଧ୍ୟ ତଦନ୍ତ ସାପେକ୍ଷ। ସେହିପରି ମଣ୍ଡିରେ ଚାଷୀଙ୍କ ଧାନ ରଖିବା ପାଇଁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପାଲ ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତାର୍ପୋଲିନ ଯୋଗାଇବେ। ଏଥିସହ ଚାଷୀଙ୍କ ପାଇଁ ପିଇବା ପାଣି ସହ ରାତି ହେଲେ ଜେନେରେଟର ମାଧ୍ୟମରେ ଆଲୋକ ବ୍ୟବସ୍ଥା, ଚେୟାର, ଟେବୁଲ ରହିବାର ବିଧି ରହିଛି। ହେଲେ ଅଧିକାଂଶ ମଣ୍ଡିରେ ଏହି ବ୍ୟବସ୍ଥା ନାହିଁ। ଏ ବାବଦକୁ ଆସୁଥିବା ଟଙ୍କା କାହା ପକେଟ୍‌କୁ ଯାଉଛି ତାହା ମଧ୍ୟ ସ୍ପଷ୍ଟ ହେବା କଥା। ମଣ୍ଡିରେ ପ୍ରକୃତ ଚାଷୀଙ୍କ ଧାନ ତୁରନ୍ତ ଉଠୁନାହିଁ। ମଣ୍ଡିରେ କେତେଜଣ ବ୍ୟବସାୟୀ ଓ ମଧ୍ୟସ୍ଥି ତଥା ଦଲାଲଙ୍କ ଧାନ ପଞ୍ଜୀକରଣ କରାଯାଇ ସିଧାସଳଖ ଘରୁ ମିଲକୁ ଚାଲିଯାଉଛି। ପରବର୍ତ୍ତୀ ସମୟରେ ଟାର୍ଗେଟ ପୂରଣ ହୋଇଗଲା କହି ମଣ୍ଡିରୁ ଚାଷୀଙ୍କ ଧାନ ଉଠୁନାହିଁ। ଏଥିପାଇଁ କେତେଜଣ ସରକାରୀ ବାବୁ, ଲ୍ୟାମ୍ପ୍ସ କର୍ମଚାରୀ ଓ ବ୍ୟବସାୟୀଙ୍କ ସିଧାସଳଖ ସମ୍ପର୍କ ରହୁଛି। ଫଳରେ ଚାଷୀ କୁଇଣ୍ଟାଲ ପିଛା ୫ କିଲୋ ଧାନ, ପରିବହନ ବାବଦକୁ କଟାଯାଉଥିବା ଧାନ ଓ ଅଖା ବାବଦକୁ ପାଇବାକୁ ଥିବା ଟଙ୍କାର କ୍ଷତି ସହୁଛି।

– ସଦାଶିବ ପ୍ରହରାଜ





ନୂଆ ଗାଡ଼ି କିଣିଛନ୍ତି ରଣବୀର ସିଂହ। ଯାହାକୁ ନେଇ ଏବେ ଚର୍ଚ୍ଚା। ଲାଲ୍ ରଙ୍ଗର ଲମ୍ବୋରଗିନି ୟୁଆର୍‌ୟୁଏସ୍‌କୁ ଚଳାଉଥିବାର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରଣବୀର କିଣିଥିବା ଗାଡ଼ିର ଦାମ ୩ କୋଟି। ଫଟୋରେ ରଣବୀର ଚାଳକ ସିଟ୍‌ରେ ବସି ମଜା ଉଠାଉଥିବା ଥିବା ଦେଖାଯାଉଛି। ରଣବୀରଙ୍କ କାମକୁ ଯଦି ଦେଖାଯାଏ ତେବେ ସେ ଏବେ କପିଳ ଦେବଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ ’୮୩ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ସହ ସ୍ତ୍ରୀ ଦୀପିକା ମଧ କାମ କରୁଛନ୍ତି। ବିବାହ ପରେ ଏହା ଉଭୟଙ୍କ ପ୍ରଥମ ଫିଲ୍ମ।



## ପ୍ରଧାନମନ୍ତ୍ରୀଙ୍କୁ ଖୋଲାଚିଠି ଲେଖି

# ଫସିଲେ ୫୦ ସେଲିବ୍ରିଟି



**ନୂଆଦିଲ୍ଲୀ:** ଦେଶରେ ବଢ଼ିଚାଲିଥିବା ଭିଡ଼ହିଂସା ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସେଲିବ୍ରିଟିମାନଙ୍କୁ ମହଙ୍ଗା ପଡ଼ିଛି। ବିହାରର ମୁଜାଫରପୁର ଜିଲାରେ ଏକ ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫୦ ସେଲିବ୍ରିଟିଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବା ପରେ ବିବାଦ ମୁଣ୍ଡ ଟେକିଛି। ସେଲିବ୍ରିଟିମାନେ ଆଇନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଲିଉଡ୍ ଅଭିନେତ୍ରୀ କୋଙ୍କଣ ସେନ, ଅପର୍ଣ୍ଣା ସେନ ଶର୍ମା, ପ୍ରଯୋଜକ ମଣିରତ୍ନମ, ନିର୍ଦ୍ଦେଶକ ଶ୍ୟାମ୍ ବେନେଗାଲ, ଅନୁରାଗ କଶ୍ୟପ ଓ ଐତିହାସିକ ରାମଚନ୍ଦ୍ର ଗୁହା ଏବଂ ଅନ୍ୟ ୪୫ ସେଲିବ୍ରିଟି ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଖୋଲାଚିଠି ଲେଖିଥିଲେ। ମୁସ୍‌ଲିମ, ଦଳିତ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଭିଡ଼ହିଂସା ତୁରନ୍ତ ବନ୍ଦ କରାଯିବା ଜରୁରୀ ବୋଲି ଏଥିରେ ସେମାନେ ଦର୍ଶାଇଥିଲେ। ‘ଜୟ ଶ୍ରୀରାମ’ସ୍ଲୋଗାନ କିପରି ଏକ ‘ଉତ୍ତେଜକ ଯୁଦ୍ଧ ଘୋଷଣା’ରେ ସୀମିତ ହୋଇଯାଇଛି ତାହା ଉଲ୍ଲେଖ କରିବା ସହ ଦେଶରେ ଗଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେମାନଙ୍କ ଅସନ୍ତୋଷରୁ ସ୍ପଷ୍ଟ ହେଉଛି ବୋଲି ଲେଖିଥିଲେ। ଏହାକୁ ନେଇ ଦୁଇମାସ ତଳେ ସୁଧୀର କୁମାର ଓଝା ନାମକ ଜଣେ ଆଇନଜୀବୀ ବିଚାରବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଏଥିରେ ସେ ପ୍ରାୟ ୫୦ ସ୍ୱାକ୍ଷରକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ ଉଲ୍ଲେଖ କରିଥିଲେ, ସେମାନେ ଦେଶର ଛବିକୁ ମଳିନ କରିଛନ୍ତି। ଏହାସହ ପୃଥକୀକରଣ ପ୍ରବୃତ୍ତିକୁ ସମର୍ଥନ ଦେବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ପ୍ରଭାବଶାଳୀ ପ୍ରଦର୍ଶନକୁ ନ୍ୟୂନ କରିଦେଇଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ତିୱାରି ଉକ୍ତ ଆବେଦନର ଶୁଣାଣି କରି ସେଲିବ୍ରିଟିମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ଥାନୀୟ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନାରେ ଗୁରୁବାର ମାମଲା ରୁଜୁ ହୋଇଥିବା ମୁଜାଫରପୁର ଜିଲା ପୋଲିସର ଅଧିକାରୀମାନେ କହିଛନ୍ତି। ସେଲିବ୍ରିଟିମାନେ ଏହାକୁ ନେଇ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପର୍ଣ୍ଣା ସେନ କହିଛନ୍ତି, ଦେଶଦ୍ରୋହ ମାମଲା ରୁଜୁ କରିବା ହାସ୍ୟାସ୍ପଦ ଓ ସମ୍ପୂର୍ଣ୍ଣ ଭାବେ ହଇରାଣ କରିବା ପାଇଁ ଉଦ୍ଦିଷ୍ଟ। ଆମ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ଏଭଳି ଭାବେ କ୍ରମଶଃ ଛଡ଼ାଇ ନିଆଯାଉଛି। ସେଲିବ୍ରିଟିଙ୍କ ବିରୋଧରେ ମାମଲା କରିବା ଓକିଲ ସୁଧୀର ଓଝାଙ୍କ ପୁରୁଣା ଅଭ୍ୟାସ। ପୂର୍ବରୁ ସେ ମୁଜାଫରପୁର ଜିଲା କୋର୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ସଚିନ ତେନ୍ଦୁଲକର(୨୦୧୩ରେ ଭାରତ ରତ୍ନ ପାଇବାବେଳେ), ଶାହରୁଖ୍ ଖାନ, ସଲମାନ ଖାନ, କଟ୍ରିନା କୈଫ୍, ଅରବିନ୍ଦ କେଜ୍‌ରିୱାଲ ଓ ଆନ୍ନା ହାଜାରେଙ୍କ ବିରୋଧରେ ମଧ୍ୟ ଏପରି ପିଟିଶନ ଦାଏର କରିଥିଲେ। ଏହି ମାମଲା ପାଟନା ହାଇକୋର୍ଟକୁ ଯିବା ପରେ ଖାରଜ ହୋଇଯିବ। ଶ୍ୟାମ ବେନେଗାଲ କହିଛନ୍ତି, ଭିଡ଼ହିଂସା ଏକ ଗଣତାନ୍ତ୍ରିକ ସମାଜରେ ଗ୍ରହଣୀୟ ନୁହେଁ। ଏହା ବିରୋଧରେ ସ୍ୱର ଉଠାଇବା ଯଦି ଦେଶଦ୍ରୋହ ତେବେ ସଂଜ୍ଞାଗୁଡ଼ିକ ବଦଳିବାରେ ଲାଗିଛି ବୋଲି ଧରିବାକୁ ହେବ। ସେହିପରି ଖୋଲାଚିଠିରେ ସ୍ୱାକ୍ଷର କରିଥିବା ମାଲୟାଲମ ଫିଲ୍ମ ପ୍ରଯୋଜକ ଅଦୂର ଗୋପାଳକ୍ରିଷ୍ଣନ୍ କହିଛନ୍ତି, ଦେଶରେ ବିଚିତ୍ର ଘଟଣାମାନ ଘଟୁଛି। ଆମ ଦେଶରେ ଜଣେ ମହିଳା ନାଥୁରାମ ଗଡସେଙ୍କୁ ସ୍ମରଣ କରିବାକୁ ଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଗୁଳି କରିଥିବାବେଳେ ତାଙ୍କ ବିରୋଧରେ କୌଣସି କୋର୍ଟରେ ମାମଲା ରୁଜୁ ହୋଇନାହିଁ। ସେହି ମହିଳା ଏବେ ପାର୍ଲାମେଣ୍ଟ ସଦସ୍ୟ। ଆମ ବିରୋଧରେ ମାମଲା ରୁଜୁ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଆଇନ ବ୍ୟବସ୍ଥାକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ସଂସଦୀୟ ଆସନ ୱାୟନାଡରେ କହିଛନ୍ତି, ପ୍ରଧାନମନ୍ତ୍ରୀ କିମ୍ବା ସରକାରଙ୍କ ବିରୋଧରେ ଯିଏ କିଛି କହୁଛନ୍ତି ତାଙ୍କୁ ଜେଲରେ ପୂରାଇ ଦିଆଯାଉଛି।

**ଭିଡ଼ହିଂସା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ**

**କୋର୍ଟ ନିର୍ଦ୍ଦେଶ ପରେ ଦେଶଦ୍ରୋହ ମାମଲା**


## ମାଟି ଖୋଳିଲେ କରୀନା




**ନୂଆଦିଲ୍ଲୀ:** କପୁର ପରିବାରର ଝିଅ, ନୱାବ୍ ପରିବାରର ବୋହୂ ତଥା ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ଜମିରେ ମାଟି ଖୋଳୁଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଦର୍ଶକେ କରୀନାଙ୍କୁ ରେଡ୍ କାର୍ପେଟ୍ ବା ସିଲଭର୍ ସ୍କ୍ରିନ୍‌ରେ ଦେଖିଥିବେ। କିନ୍ତୁ ପ୍ରଥମ ଥର ପାଇଁ ତାଙ୍କୁ ରିୟଲ ଲାଇଫ୍‌ରେ ଜମିରେ କାମ କରୁଥିବା ଦେଖିବାକୁ ମିଳିଛି। ପ୍ରକୃତରେ କରୀନା ଆଜିକାଲି ସାମାଜିକ ସମ୍ପର୍କ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି ବୋଲି ଶୁଣିବାକୁ ମିଳିଛି। ଏହାସହ ସେ ନାରୀ ପରିବେଶ ସୁରକ୍ଷା, ସଶକ୍ତୀକରଣ ଓ ବାଲ୍ୟାଧିକାର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ ନିଜକୁ ସାମିଲ କରୁଛନ୍ତି। ଏହିକ୍ରମରେ ତାଙ୍କର ଏକ ଜିଆଇଏଫ୍ ଭିଡିଓ ସୋସିଆଲ ମିଡିଆ ମାଧ୍ୟମରେ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଜମିରେ ମାଟି ଖୋଳୁଥିବା ଦେଖିବାକୁ ମିଳିଛି। କରୀନାଙ୍କ ଏହି ଭିଡିଓରେ ଲୋକପ୍ରିୟ ୟୁଟ୍ୟୁବ୍ ଷ୍ଟାର୍ ପ୍ରାଜକ୍ତା କୋଲିଙ୍କୁ ମଧ ଦେଖିବାକୁ ମିଳିଛି। ସୂତ୍ର ଅନୁସାରେ ଏକ ବୃକ୍ଷରୋପଣ ଅଭିଯାନରେ ନିଜକୁ ସାମିଲ କରି ଉଭୟ ଗଛ ଲଗାଇବାରେ ସହାୟତା କରିବାକୁ ଜମିରେ ମାଟି ଖୋଳିଥିଲେ। ତେବେ କରୀନାଙ୍କ ଏହି ବିଚାରଧାରାକୁ ଫ୍ୟାନ୍ସ ଖୁବ୍ ପସନ୍ଦ କରିଛନ୍ତି। ପୂର୍ବରୁ ମଧ ସେ ୟୁନିସେଫ୍ ସହ ହାତ ମିଳାଇ ସାମାଜିକ ଉତ୍‌ଥାନ ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର କରୀନାଙ୍କୁ ‘ଗୁଡ୍ ନ୍ୟୁଜ୍’ ଫିଲ୍ମରେ ଦେଖିବାକୁ ମିଳିବ। ଫିଲ୍ମରେ ଦୀଲ୍‌ଜିତ୍ ଦୋସାଞ୍ଜଙ୍କ ସହ ସେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।

## ଶୋଇଲେ ବି କମେ ମୋଟାପଣ

**ନୂଆଦିଲ୍ଲୀ:** ଶରୀରରୁ ମୋଟାପଣ କମାଇବ ପାଇଁ କିଏ କେତେ ପ୍ରକାର ଉପାୟ ଆପଣେଇଥାନ୍ତି। ବିଶେଷକରି ୱାକ୍‌ଆଉଟ୍, ଦୌଡ଼ିବା ବା ପହଁରିବା ଆଦି କଲେ ଓଜନ ହ୍ରାସ ପାଏ। କିନ୍ତୁ କିଛି କାମ ନ କରି ମୋଟାପଣ ଘଟାଇବା ଅସମ୍ଭବ ମନେ ହେଉଥିଲେ ବି ସତ। ବାସ୍ କିଛି ସମୟ ଶାନ୍ତିରେ ଶୋଇବା ଦ୍ୱାରା ବି ଶରୀରରୁ କ୍ୟାଲୋରୀ ହ୍ରାସ ପାଇଥାଏ। ଶୋଇବା ସମୟରେ ବି ଶରୀର ବେଶ୍ ସକ୍ରିୟ ଥାଏ। ଏହି ସମୟରେ ନୂତନ କୋଷ ତିଆରି ଓ ମସ୍ତିଷ୍କରେ ଥିବା ସୂଚନାକୁ ଫିଲ୍ଟର ହେବା ପାଇଁ ଶରୀରରୁ କିଛି ମାତ୍ରାରେ କ୍ୟାଲୋରୀ ନଷ୍ଟ ହୋଇଥାଏ। କିନ୍ତୁ ଏହା ଶରୀରର ଓଜନ, ତାପମାତ୍ରା ଓ ଶୋଇବା ସମୟ ଆଦି ଉପରେ ନିର୍ଭର କରେ। ଓଜନ କମାଇବା ପାଇଁ କିଛି ଘଣ୍ଟା ଶାନ୍ତିରେ ଶୋଇବା ଆବଶ୍ୟକ। ନିଦ ପୂରା ନ ହେଲେ ଶରୀର ଓ ମସ୍ତିଷ୍କ କ୍ଳାନ୍ତ ହୋଇଯିବା ଦ୍ୱାରା ଅଧିକ ଭୋକ ଲାଗିଥାଏ। ଫଳରେ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବାକୁ ପଡ଼େ। ଏକ ଅଧ୍ୟୟନରୁ ଜଣାପଡ଼ିଛି, ନିଦ ପୂରା ନ ହେଲେ କୋଷଗୁଡ଼ିକ ଇନ୍‌ସୁଲିନ୍ ପ୍ରତି କମ୍ ସମ୍ବେଦନଶୀଳ ହୋଇପଡ଼ନ୍ତି, ଯାହା ମୋଟାପଣକୁ ନିମନ୍ତ୍ରଣ କରେ। ଅନ୍ଧାର ଘରେ ହିଁ ନିଦ ଖୁବ୍ ଭଲ ହୋଇଥାଏ। ମଣିଷ ଶରୀରରୁ ମେଲାଟୋନିନ୍ ନାମକ ଏକ ହରମୋନ ଉତ୍ପନ୍ନ ହୋଇଥାଏ, ଯାହା ଶୋଇବା ପାଇଁ ଅନୁମତି ପ୍ରଦାନ କରେ। ରାତି ପ୍ରାୟ ୧୧ଟାରୁ ଭୋର ୩ଟା ମଧ୍ୟରେ ଏହି ହର୍‌ମୋନ ଉତ୍ପନ୍ନ ହୁଏ। ଶରୀରରେ ବ୍ରାଉନ୍ ଫ୍ୟାଟ୍ ବଢ଼ିଲେ କ୍ୟାଲୋରୀ କମିଥାଏ। ମେଲାଟୋନିନ୍ ହର୍‌ମୋନ୍ ଏହି ବ୍ରାଉନ୍ ଫ୍ୟାଟ୍ ବଢ଼ାଇବାରେ ସହାଯ୍ୟ କରେ, ଯାହାଫଳରେ ଶୋଇବା ସମୟରେ ବି ଶରୀରରୁ କ୍ୟାଲୋରୀ ନଷ୍ଟ ହୋଇଥାଏ।



## ଗୋଡ଼ ହଲାଇବା ରୋଗର ଲକ୍ଷଣ



**ମିଚିଗାନ୍:** ଗୋଡ଼ ହଲାଇବା ଏକ ରୋଗର ଲକ୍ଷଣ ବୋଲି କହିଛନ୍ତି ମିଚିଗାନ୍ ୟୁନିଭର୍ସିଟିର ଗବେଷକ। ଶରୀରରେ ଆଇରନର ମାତ୍ରା କମ୍ ହେଲେ ଏପରି ଲକ୍ଷଣ ଦେଖାଦେଇଥାଏ। ବିଶେଷ କରି ୩୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଖରେ ଏପରି ଲକ୍ଷଣ ଦେଖାଦେଇଥାଏ। ଏହା ରେଷ୍ଟଲେସ୍ ସିଣ୍ଡ୍ରୋମର ଲକ୍ଷଣ ହୋଇଥାଇ ପାରେ ବୋଲି ଗବେଷକମାନେ କହିଛନ୍ତି। ଏହା ନର୍ଭସ୍ ସିଷ୍ଟମ ସହ ଯୋଡି ହୋଇଥାଏ। ଗୋଡ଼ ହଲାଇବା ଦ୍ୱାରା ଡୋପାମାଇନ୍ ହର୍ମୋନ୍ ନିର୍ଗତ ହୋଇଥାଏ। ଯାହାକି ବାରମ୍ବାର ଗୋଡ଼ ହଲାଇବାକୁ ଇଚ୍ଛା ପ୍ରକାଶ କରାଏ। ସ୍ଲିପ ଡିସ୍‌ଅର୍ଡର ହେଲେ ଜଣେ ବ୍ୟକ୍ତି ଗୋଡ଼ ହଲାଇଥାଏ ବୋଲି ଗବେଷଣାରୁ ଜଣାପଡିଛି। ଠିକ୍ ଭାବେ ନିଦ ନ ହେଲେ ଜଣେ ବ୍ୟକ୍ତି ବାରମ୍ବାର ଗୋଡ ହଲାଇବାକୁ ଭଲ ପାଏ। ତେବେ ଏହା ଜାଣିବା ପାଇଁ ବ୍ଲଡ ଟେଷ୍ଟ କରାଯାଇଥାଏ। ଶରୀରରେ ଆଇରନର ମାତ୍ରା କମ୍‌ହେଲେ, କିଡନୀ ସମସ୍ୟା ଦେଖାଦେଲେ ପାର୍କିନସନ୍ ରୋଗୀ, ଗର୍ଭବତୀ ମହିଳାଙ୍କ ହରମୋନରେ ପରିବର୍ତ୍ତନ ହେଲେ, ହୃଦରୋଗୀ, ମଧୁମେହ, ବ୍ଲଡ ପ୍ରେସର ଥିଲେ ଗୋଡ଼ ହଲାଇବା ଭଳି ଲକ୍ଷଣ ଦେଖାଦେଇଥାଏ। ଏଥିପାଇଁ ଆଇରନ୍ ଯୁକ୍ତ ଖାଦ୍ୟ ସହ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଭଲ।

## ରକ୍ତର ରଙ୍ଗ ସବୁଜ, ହଳଦିଆ, ନୀଳ

ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି ମନୁଷ୍ୟ ରକ୍ତର ରଙ୍ଗ ଲାଲ। ବିଶ୍ୱରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି, ଯେଉଁମାନଙ୍କ ରକ୍ତ ଲାଲ ରଙ୍ଗର। ହେଲେ ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି କିଛି ଜୀବ ଅଛନ୍ତି ଯେଉଁମାନଙ୍କ ରକ୍ତର ରଙ୍ଗ ସବୁଜ, ହଳଦିଆ ଏବଂ ନୀଳ। ସେମାନେ ହେଲେ ଅକ୍ଟୋପାସ୍, ସି-କୁକୁମ୍ବର ଓ , ପିନଟ୍ ୱାର୍ମ, ନ୍ୟୁଜିନିଆ, କ୍ରୋକୋଡାଇଲ ଆଇସ୍‌ଫିସ୍ ପ୍ରମୁଖ।



**ଅକ୍ଟୋପସ୍:** ଏହା ଏକ ସାମୁଦ୍ରୀକ ଜୀବ। ଏପରି ଅନେକ ଦେଶ ରହିଛି ଯେଉଁଠାରେ ଲୋକମାନେ ଏହାକୁ ଖାଇଥାନ୍ତି। ୮ଟି ଗୋଡ଼ ବିଶିଷ୍ଟ ଏହି ଜୀବର ରକ୍ତର ରଙ୍ଗ ହେଉଛି ନୀଳ। ଏହାର କାରଣ ହେଲା ଅକ୍ଟୋପସ୍‌ର ରକ୍ତରେ ତମ୍ବାର ପରିମାଣ ଅଧିକ ଥାଏ। ଏହି କାରଣରୁ ସେମାନଙ୍କ ରକ୍ତର ରଙ୍ଗ ନୀଳ।



**ସି-କୁକୁମ୍ବର:** ଏହା ଏକ ସାମୁଦ୍ରୀକ ଜୀବ। ଏହି ଜୀବ ଦେଖିବାକୁ ସବୁଜ ରଙ୍ଗର । ମାତ୍ର ଏହାର ରକ୍ତ ହଳଦିଆ ରଙ୍ଗର। ଏହା ପଛର କାରଣ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଜାଣିପାରି ନାହାନ୍ତି।

**ପିନଟ ୱାର୍ମ:** ପିନଟ ୱାର୍ମ ପୋକର ରଙ୍ଗ ବାଇଗେଣୀ। ଏହାର ଶରୀରରେ ହିମୋରିଥରିନ ନାମକ ପ୍ରୋଟିନ୍‌ର ଯେତେବେଳେ ଅକ୍ସିକରଣ (କଳଙ୍କି ଲାଗିଯାଏ) ହୋଇଥାଏ ସେତେବେଳେ ତାର ରଙ୍ଗ ବାଇଗେଣୀ, ବେଳେବେଳେ ଗୋଲାପି ମଧ ହୋଇଥାଏ।

**ନ୍ୟୁ ଜିନିଆ:** ନ୍ୟୁ ଜିନିଆ ନାମକ ବହୁରୂପୀ ଏଣ୍ଡୁଅର ରକ୍ତର ରଙ୍ଗ ହେଉଛି ସବୁଜ। ଏହି କାରଣରୁ ଏହି ଏଣ୍ଡୁଅର ମାଂଶପେସୀ ଏବଂ ଜିଭର ରଙ୍ଗ ମଧ ସବୁଜ।



**କ୍ରୋକୋଡାଇଲ ଆଇସଫିଶ:** ଏହା ଏକ ପ୍ରକାର ମାଛ। ବିଶେଷକରି ଆଣ୍ଟାର୍କଟିକା ମହାସାଗରରେ ଏହା ଦେଖାଯାଇଥାଏ। ଏହି ମାଛର ରକ୍ତ ରଙ୍ଗହୀନ। ଆଇସ୍‌ଫିଶର ରକ୍ତରେ ହେମୋଗ୍ଲୋବିନ ଏବଂ ହେମୋସାଇନିନ ନ ଥାଏ, ଏହି କାରଣରରୁ ଏହି ମାଛର ରକ୍ତର କୌଣସି ରଙ୍ଗ ନ ଥାଏ।

## ଭାଙ୍ଗିଲା ୫୨୫ ବର୍ଷର ପରମ୍ପରା

# ବନ୍ଦ ହେଲା ପଶୁ, ପକ୍ଷୀ ବଳି

ଅଗରତାଲା: ଦୀର୍ଘ ୫୨୫ ବର୍ଷ ପରେ ବଦଳିଲା କୁପ୍ରଥା। ଶାରଦୀୟ ଦୁର୍ଗାପୂଜା ଅବସରରେ ତ୍ରିପୁରାସ୍ଥିତ ଲୋକପ୍ରିୟ ଦୁର୍ଗାବାଡ଼ି ମନ୍ଦିରରେ ଆଉ ବଳି ପଡ଼ିବେନି ନିରୀହ ପଶୁ, ପକ୍ଷୀ। ତ୍ରିପୁରା ହାଇକୋର୍ଟଙ୍କ ନିର୍ଦ୍ଦେଶକକ୍ରମେ ଶହ ଶହ ବର୍ଷରୁ ପ୍ରଚଳିତ ବଳି ପ୍ରଥା ଉପରେ ଏଠାରେ ରୋକ୍ ଲାଗିଛି। ସୂଚନା ଯେ, ଦୀର୍ଘ ୭୦ ବର୍ଷ ହେଲା ଦୁର୍ଗାବାଡ଼ି ମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଳନ ନିମନ୍ତେ ତ୍ରିପୁରା ସରକାର ସମସ୍ତ ଖର୍ଚ୍ଚ ବହନ କରିଆସୁଛନ୍ତି।


ଏ ନେଇ ମନ୍ଦିରର ମୁଖ୍ୟ ପୂଜକ ଦୁଲାଲ୍ ଭଟ୍ଟାଚାର୍ଜି କହିଛନ୍ତି, ଆମେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିଛୁ। ପ୍ରଥମଥର ପାଇଁ ଏଠାରେ ପାଞ୍ଚଦିନିଆ ଦୁର୍ଗାପୂଜା ପାଳନ ଅବସରରେ ଦୀର୍ଘ ୫୨୫ ବର୍ଷର ବଳି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ତେବେ ଗତବର୍ଷ ଏକ ମଇଁଷି ସମେତ ଅନେକ ଛେଳି ଓ ପାରାଙ୍କୁ ଏଠାରେ ପଞ୍ଚଦିବସୀୟ ଦୁର୍ଗାପୂଜା ଅବସରରେ ବଳି ଦିଆଯାଇଥିଲା। ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ ଏବଂ ଅରିନ୍ଦମ ଲୋଧଙ୍କୁ ନେଇ ଗଠିତ ତ୍ରିପୁରା ହାଇକୋର୍ଟଙ୍କ ଏକ ଖଣ୍ଡପୀଠ ସେପ୍ଟେମ୍ବର ୨୭ରେ ଏଭଳି ଐତିହାସିକ ରାୟ ଶୁଣାଇଛନ୍ତି। କୌଣସି ବ୍ୟକ୍ତି କିମ୍ବା ସରକାର ରାଜ୍ୟର କୌଣସି ମନ୍ଦିରରେ ପଶୁ, ପକ୍ଷୀ ବଳି ଦେଇ ପାରିବେନାହିଁ ବୋଲି ହାଇକୋର୍ଟଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## କିନ୍ନର ହୁଅନ୍ତି ମା’



ରାଜସ୍ଥାନର ଅଜମେରରେ ଥିବା ମହମ୍ମଦ ସରିଫ ଦରଘାରେ ଘଟେ ଅନେକ ଚମତ୍କାର ଘଟଣା। ଯାହା ବିଶ୍ୱାସ ହେଉ ନ ଥିଲେ ବି ସତ ବୋଲି କୁହନ୍ତି ସ୍ଥାନୀୟ ଲୋକେ। ଏଠାରେ ବିଶେଷ କରି ନିଃସନ୍ତାନ ଦମ୍ପତିମାନେ ମାନସିକ କଲେ ସେମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି କୁହାଯାଏ। ଏଠାରେ ଥିବା ଏକ ଲାଲ୍ ବୁନ୍ଦି ଗଛର ରହିଛି ଏମିତି ଚମତ୍କାରିତା। କୁହାଯାଏ ଯେଉଁ ମହିଳା ଏହି ଗଛର ଫଳ ଖାଆନ୍ତି ସେ ସନ୍ତାନପ୍ରାପ୍ତି ହୋଇଥାନ୍ତି। ହେଲେ ଏଠାକୁ କୁଆଡେ ଅଧିକ ପରିମାଣରେ କିନ୍ନର ଆସିଥାନ୍ତି ବୋଲି କୁହାଯାଏ। ଜଣେ କିନ୍ନର ଏଠାରେ ଥିବା ଲାଲ୍ ବୁନ୍ଦି ଗଛର ଫଳ ଖାଇବା ପରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା କହିଥିଲେ। ଏହାପରେ କିନ୍ନରମାନଙ୍କ ବିଶ୍ୱାସ ରହିଛି ଯେ, ଯିଏ ଏହି ଦରଘାକୁ ଆସିବ ଆଉ ଲାଲ୍ ବୁନ୍ଦି ଗଛର ଫଳ ଖାଇବ ସେ ମାତୃତ୍ୱ ଲାଭ କରିବାର ସୌଭାଗ୍ୟ ପାଇବ।

## ଫେରିବେ ଶାହରୁଖ



ମୁମ୍ବାଇ: ବଲିଉଡ୍ ବାଦ୍‌ଶାହା ଶାହରୁଖ୍ ଖାଁ ବେଶ୍ କିଛିଦିନ ହେବ ବଡ଼ ପରଦାରୁ ଦୂରେଇ ରହିଛନ୍ତି। ହେଲେ ଖୁବ୍‌ଶୀଘ୍ର ସେ ଫେରିବେ ବୋଲି ଘୋଷଣା କରିଛନ୍ତି। ଏକ ଲଞ୍ଚ ଇଭେଣ୍ଟ୍‌ରେ ଯୋଗ ଦେବା ଅବସରରେ ଶାହାରୁଖ କହିଛନ୍ତି ଏବେ ସେ ୨-୩ଟି ସ୍କ୍ରିପ୍ଟ ଉପରେ କାମ କରୁଛନ୍ତି। ହେଲେ ସମ୍ପୂର୍ଣ୍ଣ ତଥ୍ୟ ସମୟ ଆସିଲେ ସେ ଦେବେ ବୋଲି କହିଛନ୍ତି। ଏଥିରୁ ଅନୁମାନ କରାଯାଇଛି କି, ହୁଏତ ଶାହାରୁଖ ବଡ଼ ପରଦାକୁ ଫେରିବାକୁ ଆଉ ବେଶି ସମୟ ଲାଗିବ ନାହିଁ। ନିକଟରେ ଦୀପିକା ପାଦୁକୋନ ଶାହରୁଖ୍‌ଙ୍କ ଟୁଇଟ୍‌ଙ୍କୁ ନେଇ କମେଣ୍ଟ୍ କରିଥିବା ବେଳେ ତାଙ୍କ ପ୍ରଶଂସକ ଭାବିଥିଲେ ଏଥର ବୋଧହୁଏ ଦୀପିକାଙ୍କ ସହ ଶାହାରୁଖ ଫେରିବେ। ଅବଶ୍ୟ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ , ଶାହାରୁଖ କାହା ସହ କେଉଁ ବ୍ୟାନରରେ ଫେରିବେ। କିନ୍ତୁ ଶାହାରୁଖ ଯାହା ସୂଚନା ଦେଇଛନ୍ତି, କେବଳ ତାକୁ ଦେଖି ଅନୁମାନ କରାଯାଉଛି କି ସେ ଖୁବ୍‌ଶୀଘ୍ର ବଡ ପରଦାକୁ ଫେରିପାରନ୍ତି।

DADLS-36

# ‘ମୋ ସରକାର’ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର

ମୋ ସରକାର
☎ 14545



**୧. ‘ମୋ ସରକାର’ କ’ଣ ?**

ବ୍ୟାପକ ପରିବର୍ତ୍ତନ ପାଇଁ ୫-ଟି କାର୍ଯ୍ୟକ୍ରମ ଅଧିନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ । ସରକାରୀ ଅଫିସକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କ ପ୍ରତ୍ୟକ୍ଷ ମତାମତକୁ ବିକ୍ଷିପ୍ତ ଭାବରେ ସଂଗ୍ରହ କରାଯାଇ କର୍ମଚାରୀଙ୍କ ବ୍ୟବହାର ଓ ବୃତ୍ତିଗତ ଦକ୍ଷତାରେ ପରିବର୍ତ୍ତନ ଆଣିବା ଏହି ବ୍ୟବସ୍ଥାର ଲକ୍ଷ୍ୟ ।

**୨. କେଉଁ ପ୍ରକାର ମତାମତ ?**

ମୂଳତଃ ଜନସାଧାରଣଙ୍କୁ ସରକାରୀ ଅଫିସମାନଙ୍କରେ କିପରି ବ୍ୟବହାର କରାଯାଉଛି ଏବଂ ସେମାନଙ୍କ ସମସ୍ୟାକୁ ବୃତ୍ତିଗତ ତଥା ସେବା ମନୋଭାବ ନେଇ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି କି ନାହିଁ ।

**୩. ଏହା କ’ଣ ଅଭିଯୋଗ ଶୁଣାଣି ?**

ନାଁ । ଏହା ହେଉଛି ସରକାରୀ ସଂସ୍ଥାମାନଙ୍କ ସମ୍ପର୍କରେ ଏକ ମତାମତ ସଂଗ୍ରହ ବ୍ୟବସ୍ଥା । ସଂସ୍ଥାଗୁଡିକୁ ଅଧିକ ଦକ୍ଷ କରିବା ପାଇଁ ଏହି ବ୍ୟବସ୍ଥା ଏକ ଉଦ୍ୟମ ।

**୪. କିଏ ମତାମତ ଦେଇପାରିବ ?**

ସରକାରୀ ଅନୁଷ୍ଠାନକୁ ଯାଉଥିବା ଯେ କୌଣସି ବ୍ୟକ୍ତି ମତାମତ ଦେଇପାରିବେ । ଏହା ୨ ଅକ୍ଟୋବର ୨୦୧୯ ଠାରୁ ରାଜ୍ୟର ସମସ୍ତ ପୋଲିସ ଥାନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ କରାଯାଉଛି ।

**୫. ଏହା କିପରି କାମ କରିବ ?**

ଆପଣ ଯେତେବେଳେ କୌଣସି ସରକାରୀ ଅନୁଷ୍ଠାନକୁ ସେବା ପାଇଁ ଯିବେ, ସେତେବେଳେ ଆପଣଙ୍କର ଟେଲିଫୋନ ନମ୍ବରର ପଞ୍ଜୀକରଣ କରାଯିବ ଏବଂ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କ ନିକଟକୁ ଏସ୍.ଏମ୍.ଏସ୍ ବାର୍ତ୍ତା ପଠାଯିବ ।

ଯଦି ଆପଣ ଏସ୍.ଏମ୍.ଏସ୍ ବାର୍ତ୍ତା ନ’ ପାଆନ୍ତି ତେବେ ଆପଣ ୧୪୫୪୫ ନମ୍ବରକୁ ମିସ୍‌ଡ୍‌କଲ ଦେଇ ‘ମୋ ସରକାର’ ପୋର୍ଟାଲରେ ଆପଣଙ୍କ ଟେଲିଫୋନ ନମ୍ବରକୁ ପଞ୍ଜୀକୃତ କରିପାରିବେ ।

**୬. ଯଦି ମୋ ନମ୍ବର ପଞ୍ଜୀକୃତ ହୁଏ, ତେବେ ମୁଁ କଲ୍ ପାଇପାରିବି କି ?**

‘ମୋ ସରକାର’ ପୋର୍ଟାଲରୁ ପଞ୍ଜୀକୃତ ହୋଇଥିବା ସମସ୍ତ ନମ୍ବର ମଧ୍ୟରୁ ବିକ୍ଷିପ୍ତ ଭାବରେ ଚୟନ କରାଯାଇଥିବା ନମ୍ବରକୁ ମତାମତ ପାଇଁ ଯୋଗାଯୋଗ କରାଯିବ । ତେଣୁ ଏ କ୍ଷେତ୍ରରେ ଆପଣ କଲ୍ ପାଇପାରନ୍ତି ବା ନ ପାଇପାରନ୍ତି

**୭. କିଏ କଲ୍ କରିବେ ?**

ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳରେ ତାଙ୍କର ସହଯୋଗୀ ମନ୍ତ୍ରୀଗଣ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀବୃନ୍ଦ

ଉଦାହରଣ ସ୍ୱରୂପ ପୋଲିସ ଥାନା କ୍ଷେତ୍ରରେ - ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ ଏବଂ ପୋଲିସ ଡି.ଆଇ.ଜି.

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ - ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଓ ନିର୍ଦ୍ଦେଶକ

**୮. ଯଦି ମୁଁ ପ୍ରତିକୂଳ ମତାମତ ଦିଏ ତେବେ ମୋ ପରିଚୟ ପ୍ରକାଶ କରିଦିଆଯିବ କି ?**

ନାଁ । ଆପଣଙ୍କ ପରିଚୟ ଗୋପନୀୟ ରହିବ, କାରଣ ‘ମୋ ସରକାର’ରେ ବ୍ୟକ୍ତିଗତ ଅଭିଯୋଗ ଫଇସଲା କରାଯାଉନାହିଁ । ଏଥିରେ ବ୍ୟବସ୍ଥା ସମ୍ପର୍କରେ ମୋଟାମୋଟି ଧାରଣା ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି ।

**୯. ମୁଁ ଯଦି ପୋଲିସ ଷ୍ଟେସନକୁ ଯାଏ, ତେବେ ମୋତେ କିପରି ବ୍ୟବହାର ମିଳିବ ?**

ପୋଲିସ ଥାନାକୁ ଯାଉଥିବା ପ୍ରତ୍ୟେକ ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର କରାଯିବ ଏବଂ ତାର ଅଭିଯୋଗ ଉପରେ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ତାକୁ ନ୍ୟାୟ ଦେବାପାଇଁ ଉଦ୍ୟମ କରାଯିବ । ତେଣୁ ମୂଳତଃ (୧) ଆପଣଙ୍କୁ କିପରି ବ୍ୟବହାର କରାଗଲା, (୨) ଆପଣଙ୍କୁ ହଇରାଣ କରାଗଲା କି, (୩) ଆପଣଙ୍କୁ ଲାଞ୍ଚ ମଗାଗଲା କି, (୪) ବିନା ଭୟ ବା ପକ୍ଷପାତରେ ପଦକ୍ଷେପ ଗ୍ରହଣ କରାଗଲା କି ?

**୧୦. ମୁଁ ଯଦି ଡାକ୍ତରଖାନାକୁ ଯାଏ, ତେବେ ମୋତେ କିପରି ବ୍ୟବହାର ମିଳିବ ?**

ଡାକ୍ତର ଆପଣଙ୍କର ଚିକିତ୍ସା କରିବେ । ଆପଣଙ୍କୁ କେହି ହଇରାଣ କରିବେ ନାହିଁ ବା ଲାଞ୍ଚ ମାଗିବେ ନାହିଁ

ଔଷଧ, ବିଭିନ୍ନ ପ୍ରକାର ପରୀକ୍ଷା ସମେତ ସବୁ ପ୍ରକାର ସେବା ଆପଣଙ୍କୁ ମାଗଣାରେ ଯୋଗାଇ ଦିଆଯିବ ।

ଘରୋଇ ଡାକ୍ତରଖାନା / ଔଷଧ ଦୋକାନ / ଘରୋଇ ନିଦାନ କେନ୍ଦ୍ର ଆଦିକୁ ଯିବା ପାଇଁ କୌଣସି ରୋଗୀଙ୍କୁ ବାଧ୍ୟ କରାଯାଇ ପାରିବ ନାହିଁ ।

**୧୧. ଯଦି ମୁଁ ଅନୁକୂଳ ମତାମତ ଦିଏ, ତେବେ କଣ ପଦକ୍ଷେପ ନିଆଯିବ ?**

ଆପଣଙ୍କ ଅନୁକୂଳ ମତାମତ ଭିତ୍ତିରେ ସଂପୃକ୍ତ ଅନୁଷ୍ଠାନ ଏବଂ ତାହାର କର୍ମଚାରୀମାନଙ୍କୁ ପ୍ରଶଂସା କରାଯିବ । ନିରନ୍ତର ଅନୁକୂଳ ମତାମତ ପାଇଁ ସଂପୃକ୍ତ ସଂସ୍ଥାକୁ ‘ଭଲ’ ର୍‍ୟାଙ୍କ୍ ଦିଆଯିବ ଏବଂ ଭଲ କାମ କରିଥିବା କର୍ମଚାରୀଙ୍କୁ ଆଗୁଆ ପଦୋନ୍ନତି ଦିଆଯିବ ।

**୧୨. ଯଦି ମୁଁ ପ୍ରତିକୂଳ ମତାମତ ଦିଏ, ତେବେ କଣ ପଦକ୍ଷେପ ନିଆଯିବ ?**

ଆପଣଙ୍କ ପ୍ରତିକୂଳ ମତାମତକୁ ଗୁରୁତ୍ୱର ସହ ନିଆଯିବ ଏବଂ ସଂପୃକ୍ତ ସରକାରୀ ଅନୁଷ୍ଠାନ ଭଲ ଭାବରେ ସେବା ଯୋଗାଉନାହିଁ ବୋଲି ନିଶ୍ଚିତ କରିବା ପାଇଁ ଆମେ ସେହି ଅନୁଷ୍ଠାନକୁ ଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଆଉ କିଛି ଲୋକଙ୍କ ମତାମତ ସଂଗ୍ରହ କରିବୁ । ଏହା ଭିତ୍ତିରେ ସଂପୃକ୍ତ ଅନୁଷ୍ଠାନର ଦାୟୀ କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରାଯିବ । ଏହା ସହିତ ସଂପୃକ୍ତ ଅନୁଷ୍ଠାନକୁ ‘ଖରାପ’ ର୍‍ୟାଙ୍କ୍ ମିଳିବ ଏବଂ ତା ସହିତ ସେହି ଅନୁଷ୍ଠାନର କାର୍ଯ୍ୟଧାରାରେ ଉନ୍ନତି ଆସିବା ପର୍ଯ୍ୟନ୍ତ ସରକାରଙ୍କ ତୀକ୍ଷ୍ଣ ନଜରରେ ରହିବ ।

**୧୩. ‘ମୋ ସରକାର’ ଦ୍ୱାରା କ’ଣ ହାସଲ ହେବ ?**

ଏକ ସିଧାସଳଖ ବିକ୍ଷିପ୍ତ ମତାମତ ସଂଗ୍ରହ ବ୍ୟବସ୍ଥା ଜରିଆରେ ‘ମୋ ସରକାର’ କାର୍ଯ୍ୟକ୍ରମ ଦ୍ୱାରା ଦୁଇଟି ବିଷୟରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

(୧) ସରକାରୀ ଅନୁଷ୍ଠାନମାନଙ୍କର କାର୍ଯ୍ୟଧାରା ଏବଂ ନାଗରିକମାନଙ୍କ ପ୍ରତି ସେମାନଙ୍କର ବ୍ୟବହାର ।

(୨) ସରକାରୀ କର୍ମଚାରୀମାନଙ୍କର କାର୍ଯ୍ୟ ପ୍ରଣାଳୀ ଏବଂ ଲୋକଙ୍କ ସମସ୍ୟା ପ୍ରତି ସେମାନଙ୍କର ବୃତ୍ତିଗତ ଓ ନୈତିକ ଦୃଷ୍ଟିଭଙ୍ଗୀ ।

**୧୪. ‘ମୋ ସରକାର’ କାର୍ଯ୍ୟକ୍ରମର ବିଚାରଧାରା କ’ଣ ?**

ଲୋକମାନେ ହେଉଛନ୍ତି ଗଣତନ୍ତ୍ରର ଆତ୍ମା । ଲୋକଙ୍କ ସେବା ପାଇଁ ସବୁ ସରକାରୀ ଅନୁଷ୍ଠାନ ସୃଷ୍ଟି କରାଯାଇଛି । ସବୁ ସରକାରୀ କର୍ମଚାରୀ ଲୋକଙ୍କ ପଇସାରୁ ହିଁ ବେତନ ପାଆନ୍ତି । ଏହା ହେଉଛି ଗଣତନ୍ତ୍ର - ଯେଉଁଠାରେ ସରକାରୀ ଅନୁଷ୍ଠାନ ହେଉଛି ଲୋକଙ୍କ ସମ୍ପତ୍ତି ଏବଂ ଲୋକମାନେ ହେଉଛନ୍ତି ସରକାରୀ ଅନୁଷ୍ଠାନର ପ୍ରକୃତ ମାଲିକ । ଏହି ବିଚାରଧାରାକୁ ଭିତ୍ତି କରି, ସରକାରୀ ଅନୁଷ୍ଠାନକୁ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କର୍ମଚାରୀମାନେ କିପରି ବୃତ୍ତିଗତ ଓ ସେବା ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି, ସେ ବିଷୟରେ ଅବଗତ ହେବା ନିମନ୍ତେ ଏହା ଏକ ସଶକ୍ତିକରଣ ପଦକ୍ଷେପ ।

**୧୫. ଅକ୍ଟୋବର ୨ରେ ‘ମୋ ସରକାର’ କାର୍ଯ୍ୟକ୍ରମରେ କେଉଁ ସରକାରୀ ଅନୁଷ୍ଠାନଗୁଡିକ ଅନ୍ତର୍ଭୁକ୍ତ ହୋଇଛନ୍ତି ?**

ରାଜ୍ୟର ସବୁ ପୋଲିସ ଥାନା

ରାଜ୍ୟର ୨୧ ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ୩ ଟି ମେଡିକାଲ କଲେଜ

୩୦ ଅକ୍ଟୋବର ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏହା ସମ୍ପ୍ରସାରିତ ହେବ ।

**୧୬. ‘ମୋ ସରକାର’ରେ ସବୁ ସରକାରୀ ଅଫିସ କେବେ ଅନ୍ତର୍ଭୁକ୍ତ ହେବ ?**

୨୦୨୦ ମାର୍ଚ୍ଚ ୫ ତାରିଖ ସୁଦ୍ଧା ରାଜ୍ୟର ସବୁ ସରକାରୀ ଅଫିସକୁ ‘ମୋ ସରକାର’ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।

**୧୭. ‘ମୋ ସରକାର’ କାର୍ଯ୍ୟକ୍ରମରେ ମୁଁ ମୁଖ୍ୟମନ୍ତ୍ରୀଙ୍କଠାରୁ କଲ୍ ପାଇ ପାରିବି କି ?**

ହଁ ଆପଣ ପାଇ ପାରିବେ, ଯଦି ବିକ୍ଷିପ୍ତ ଭାବରେ ଚୟନ କରାଯାଇଥିବା ନମ୍ବରଟି ଆପଣଙ୍କର ହୋଇଥାଏ ।

**୧୮. ୧୪୫୪୫ ନମ୍ବର କ’ଣ ପାଇଁ ?**

ସରକାରୀ ଅଫିସକୁ ଯାଇଥିବା ସମୟରେ, ଆପଣଙ୍କ ଫୋନ ନମ୍ବର ପଞ୍ଜୀକୃତ ହୋଇଥିଲେ ସୁଦ୍ଧା, ଆପଣ ଯଦି ‘ମୋ ସରକାର’ ପୋର୍ଟାଲରୁ କୌଣସି ଏସ୍.ଏମ୍.ଏସ୍. ବାର୍ତ୍ତା ପାଇ ନଥାନ୍ତି, ତେବେ ଆପଣ ୧୪୫୪୫ କୁ ଫୋନ କଲେ ଆପଣଙ୍କ ନମ୍ବର ଆପେ ଆପେ ପଞ୍ଜୀକୃତ ହୋଇଯିବ ।

**୧୯. ୧୪୫୪୫ ରେ କଲ୍ ପାଇଁ ମୋତେ କିଛି ପଇସା ଦେବାପାଇଁ ପଡିବ କି ?**

ନାଁ ଏହା ଏକ ଦେୟମୁକ୍ତ ଟେଲିଫୋନ ନମ୍ବର ।

**୨୦. ‘ମୋ ସରକାର’ରେ ନିଆ ଯାଇଥିବା ମତାମତକୁ ନେଇ ଆପଣ କଣ କରିବେ ?**

ଆପଣଙ୍କ ମୂଲ୍ୟବାନ ମତାମତ ଲୋକଙ୍କ ପ୍ରତି ସରକାରୀ ଅନୁଷ୍ଠାନମାନଙ୍କର ଉତ୍ତରଦାୟୀତ୍ୱକୁ ବୃଦ୍ଧି କରିବାରେ ସହାୟକ ହେବ । ଆପଣଙ୍କ ମତାମତ ଭିତ୍ତିରେ ଉଭୟ ଅନୁକୂଳ କିମ୍ବା ଶାସ୍ତିମୂଳକ ପଦକ୍ଷେପ ଗ୍ରହଣ କରାଯାଇପାରେ, ଯାହାକି ସଂପୃକ୍ତ ଅନୁଷ୍ଠାନର ଦକ୍ଷତା ବୃଦ୍ଧିରେ ସହାୟକ ହେବ ।

**୨୧. ଆପଣ ଏକ ଉଦାହରଣ ଦେଇପାରିବେ କି ?**

ଆପଣ ଯେତେବେଳେ କୌଣସି ପର୍ଯ୍ୟଟନସ୍ଥଳୀ ବା ହୋଟେଲକୁ ଯାଆନ୍ତି .......... ସେତେବେଳେ ସଂପୃକ୍ତ ସଂସ୍ଥା ପକ୍ଷରୁ ଆପଣଙ୍କ ମତାମତ ନିଆଯାଏ ଏବଂ ଆପଣ ସେ ସ୍ଥାନ ବା ହୋଟେଲକୁ ର୍‍ୟାଙ୍କ୍ ଦିଅନ୍ତି ।

ସେବା ଯୋଗାଉଥିବା ଘରୋଇ କମ୍ପାନୀମାନେ ମଧ୍ୟ ଏହିଭଳି ମତାମତ ନେଇଥାଆନ୍ତି ।

ସେମାନେ ଗ୍ରାହକଙ୍କୁ ସେମାନଙ୍କ ସେବା ଭିତ୍ତିରେ ର୍‍ୟାଙ୍କ ଏବଂ ନମ୍ବର ଦେବାକୁ କହିଥାଆନ୍ତି ।

ଲୋକଙ୍କ ସେବା ପାଇଁ ସରକାର ଅଛି ଏବଂ ଲୋକଙ୍କ ପଇସାରେ ଏହା ଚାଲିଛି ।

ତେଣୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ମତାମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ସରକାରୀ ସଂସ୍ଥାଗୁଡିକର କାର୍ଯ୍ୟଧାରାକୁ ସୁଦୃଢ ଓ ଦକ୍ଷ କରାଯାଇପାରିବ ଏବଂ ନାଗରିକମାନଙ୍କ ସଶକ୍ତିକରଣ ହୋଇପାରିବ ।

ଓଡ଼ିଶା ସରକାର
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0056/1920

## ସଂକ୍ଷେପରେ

### ଚା ଦୋକାନ ଜଳିଗଲା, ଦୋକାନୀ ଅର୍ଦ୍ଧଦଗ୍ଧ

**ରାଜନଗର, ୪।୧୦(ଡି.ଏନ.ଏ.) :** ଶୁକ୍ରବାର ରାଜନଗର ବ୍ଲକର ଡେରା ଛକରେ ଥିବା ଏକ ଚା ଦୋକାନରେ ନିଆଁ ଲାଗି ଦୋକାନୀ ଗୁରୁତର ଆହତ ହୋଇଛନ୍ତି । ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି । ଡେରା ଛକରେ ଗୁରୁବାରୀ ନାୟକ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ହଠାତ୍ ନିଆଁ ଲାଗିଯିବାରୁ ତାଙ୍କ ଦୋକାନ ଜଳି ଯାଇଛି । ଏଥିସହ ଗୁରୁବାରୀଙ୍କୁ ଗ୍ରାମବାସୀ ଦୋକାନ ଭିତରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଫୋନ ଯୋଗେ ଡକାଇଥିଲେ ମଧ ଆସି ନ ଥିଲା। ଅଟୋ ଯୋଗେ ଗୁରୁତର ଗୁରୁବାରୀଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା

### ପଞ୍ଚାୟତ ଉନ୍ନୟନ ଅର୍ଥ ତୋଷରପାତ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୪।୧୦:** ମହାକାଳପଡା ବ୍ଲକ ବଉଳକଣି ପଞ୍ଚାୟତକୁ ଆସିଥିବା ଉନ୍ନୟନ ଅର୍ଥ ତୋଷରପାତ ହୋଇଛି । ୨୦୧୭ ଅକ୍ଟୋବର ୨୩ରେ ଏହି ତୋଷରପାତ ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ତତ୍କାଳୀନ ଜିଲା ପଞ୍ଚାୟତ ଅଧିକାରୀ ନିଲମ୍ବିତ କରିଥିଲେ । ତେବେ ଏହି ଅର୍ଥର ଭରଣା ଓ ସଂପୃକ୍ତି ଥିବା ସରପଞ୍ଚଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ପଞ୍ଚାୟତବାସୀ ଏଭଳି ଅଭିଯୋଗ ଆଣି ଜିଲାପାଳଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏ ସମ୍ପର୍କରେ ଅଭିଯୋଗକାରୀ ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ପଞ୍ଚାୟତର ଏସଏଫସି ଓ ଟିଏଫସି ଅର୍ଥ ତୋଷରପାତ ହୋଇଛି । ଏନେଇ ସୂଚନା ଅଧିକାରୁ ତଥ୍ୟ ମିଳିବା ପରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ରାକେଶ ଚନ୍ଦ୍ର ଦାସ, ସୁଧାଂଶୁ ନାୟକ, କାଜଲ ଚୌଧୁରୀ,ଅମିତାଭ ଚାନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

### ଶାଶୁଘରେ ନବବଧୂଙ୍କୁ ନିର୍ଯାତନା

■ ଥାନାରେ ଅଭିଯୋଗ କଲେ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା

**ମାର୍ଶାଘାଇ, ୪।୧୦ (ଡି.ଏନ୍.ଏ.):** ମାର୍ଶାଘାଇ ଥାନା ସାନଗାଁ ଗ୍ରାମର ଜନୈକା ନବବଧୂଙ୍କୁ ତାଙ୍କ ଶାଶୁ ଦୀର୍ଘଦିନ ଧରି ନିର୍ଯାତନା ଦେଇ ଆସୁଥିବା ବେଳେ ଶୁକ୍ରବାର ସ୍ଥାନୀୟ କେତେକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ସମ୍ପୃକ୍ତା ନବବଧୂଙ୍କ ସ୍ୱାମୀଙ୍କ ପ୍ରଥମ ସ୍ତ୍ରୀ ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ଘର ଛାଡ଼ି ଚାଲିଯାଇଥିଲେ। ଏହାପରେ ପୁଅ ଦ୍ୱିତୀୟ ବିବାହ କରିଥିବା ବେଳେ ଶାଶୂଘର ଲୋକେ ବୋହୂଙ୍କୁ ନାନା ନିର୍ଯାତନା ଦେଉଛନ୍ତି। ଶାଶୁଙ୍କ ନିର୍ଯାତନା ସହି ନ ପାରି ନବବଧୂ କିଛିଦିନ ହେବ ବାପ ଘରେ ରହିଆସୁଥିବା ବେଳେ ଗତ ବୁଧବାର ସେ ବାପଘର ଲୋକଙ୍କ ସହ ଶାଶୁଘରକୁ ଆସିଥିଲେ। ମାତ୍ର ଶାଶୁ ତାଙ୍କୁ ଘରେ ପୂରାଇ ନ ଦେଉ ନ ଥିବା ସ୍ଥାନୀୟ ଅଞ୍ଚଳର ୪ଟି ସ୍ୱୟଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଥାନାରେ ଅଭିଯୋଗ କରିଛନ୍ତି।

### ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୪।୧୦:** ସହରର ତିନିମୁହାଣୀସ୍ଥିତ କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ଶିକ୍ଷା ସମ୍ମାନ ବିଭାଗର ସ୍ୱାଗତ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଭାଶିଷ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମାଜ ପାଇଁ ଶିକ୍ଷାର ଆବଶ୍ୟକତା ଓ ଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସୁରକ୍ଷିତ କରିବା, ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ପ୍ରତି ନଜର ଦେବା ଓ ଅଧବସାୟକୁ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ମଧୁସୂଦନ କାମିଲା, ଅଧ୍ୟାପିକା ରକ୍ମଣୀ ସାହୁ, ସ୍ମିତା ସୁଚରିତା ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।

# ମା’ ଶକ୍ତିରୂପାଙ୍କ ଆଗମନରେ ପୂଜାର୍ଚ୍ଚନା

**ରାଜନଗର,୪।୧୦(ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ରାଜନଗର ଅଞ୍ଚଳରେ ଏହା ଗଣପର୍ବ ଭାବେ ପାଳିତ ହୋଇ ଆସୁଛି। ଶକ୍ତି ପରମ୍ପରା ଅନୁଯାୟୀ ରାଜନଗର ବଜାର ଦେବୀ ମଣ୍ଡପରେ ମା’ଙ୍କ ବିଲ୍ୱଧିବାସ ପାଇଁ ସନ୍ଧ୍ୟା ୭ଟାରେ ପୂଜାନୀତି ଅନୁଷ୍ଠିତ ହୋଇଛି। ଦେବୀଘରେ ବିଧି ଅନୁସାରେ ପୂଜା ପାଠ ପରେ ସଂକୀର୍ତ୍ତନ ମଣ୍ଡଳୀ ସହ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବିଜୟ କୁମାର ନନ୍ଦ, ଅଭୟ ମିଶ୍ରଙ୍କ ସମେତ ପଣ୍ଡିତମାନେ ଶୈଳେନ୍ଦ୍ର ନାରାୟଣ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବେଲଗଛ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହି ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ଶାରଦୀୟ ଦୁର୍ଗାପୂଜା ସମିତିର ସଭାପତି ତଥା ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ, ସଂପାଦକ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସମେତ କମିଟିର ସଦସ୍ୟ, ବିଭିନ୍ନ ପୂଜାକମିଟିର କର୍ମକର୍ତ୍ତା ଏବଂ ରାଜନଗର ଅଞ୍ଚଳର ଜନସାଧାରଣ ସାମିଲ ହୋଇଛନ୍ତି। ମା’ଙ୍କ ପୂଜା ପାଇଁ ରାଜନଗର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଏଥିସହ ଗଳିଦାଣ୍ଡର ମା’ ବନଦୁର୍ଗା, ସାନବଡଗୋପାଳପୁରର ମା’ ଶାରଳା, ଗୁପ୍ତି, ଜୁନୁସନଗର, ଇଶ୍ୱରପୁର, ଜରିମୂଳ, ତାଳଚୁଆ, ମଦନପୁର ପ୍ରଭୃତି ସ୍ଥାନରେ ମା’ଙ୍କ ବିଲ୍ୱାଧିବାସ ଆରମ୍ଭ ହୋଇଛି। ଏଥିସହ ରାଜନଗର ବଜାରରେ ୨୦ଟି ପୂଜାମଣ୍ଡପ ଓ ରାଜନଗର ବ୍ଲକରେ ୫୦ଟି ପୂଜାମଣ୍ଡପରେ ସୁସଜ୍ଜିତ ତୋରଣ କାର୍ଯ୍ୟ ଆଗେଇ ଚାଲିଛି।



ସ୍କୁଲ ପରିସରରେ ଥିବା ବେଲ ଗଛ ମୂଳେ ବିଲ୍ୱବରଣୀ କରାଯାଉଛି।



ରାଜନଗର ଦେବୀ ମଣ୍ଡପରେ ମା’ ଦୁର୍ଗା।

## ମଦ ବିକ୍ରି ବନ୍ଦ ଦାବିରେ ଆତ୍ମାହୁତି ଉଦ୍ୟମ

**କେନ୍ଦ୍ରାପଡା ଅଫିସ, ୪।୧୦**

ରାଜନଗର ବ୍ଲକ ଅନ୍ତର୍ଗତ ଭିତରଗଡ ଗ୍ରାମରେ ମଦ ବିକ୍ରୀ ବନ୍ଦ ଦାବିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ଶୁକ୍ରବାର ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ । ତେବେ ପୋଲିସ ସେମାନେ ଆଣିଥିବା ପେଟ୍ରୋଲ ଓ କିରୋସିନି ଜାରକୁ ଛଡାଇ ନେବାରୁ ଏହି ଉଦ୍ୟମ ପଣ୍ଡ ହୋଇଛି । ଏହି ଅବସରରେ ସଦସ୍ୟାମାନେ ଏନେଇ ଏଡିଏମ ବସନ୍ତ ରାଉତଙ୍କ ସହିତ ଆଲୋଚନା କରିଥିବା ଖବର ମିଳିଛି । ଏ ସମ୍ପର୍କରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା)ର କର୍ମକର୍ତ୍ତା କଳ୍ପନା ନାୟକ କହିଛନ୍ତି ଯେ, ଭିତରଗଡ ଗ୍ରାମ ମଧ୍ୟରେ ଥିବା ଏହି ମଦ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଦାବିରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗତ ୨ ମାସ ହେବ ଆନ୍ଦୋଳନ ଚଳାଇ ଆସୁଛନ୍ତି । ପୂର୍ବରୁ ରାଜନଗର ବଜାର ଠାରେ ମହିଳାମାନେ ରାସ୍ତାରୋକୋ କରିଥିବା ବେଳେ ଜିଲା ପ୍ରଶାସନ ଏହି ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏପରି କି ଆନ୍ଦୋଳନରେ ସାମିଲ ମହିଳାଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିଲା । ଏହା ସତ୍ତ୍ୱେ ଏଠାରେ ମଦ ବ୍ୟବସାୟ ଚାଲୁ ରହିଛି । ଗତ ଦୁଇ ମାସ ମଧ୍ୟରେ ବାରମ୍ବାର ମହିଳା ଗୋଷ୍ଠୀ ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳିନାହିଁ । ଏହାର ପ୍ରତିବାଦରେ ମହିଳାମାନେ ଆତ୍ମହୁତି ଦେବା ପାଇଁ ପ୍ରସ୍ତୁତ ଥିବା ସେ ସୂଚନା ଦେଇଛନ୍ତି । ଏସମ୍ପର୍କରେ ଏଡିଏମ ରାଉତ କହିଛନ୍ତି ଯେ, ଏନେଇ ଆଲୋଚନା ହୋଇଛି । ଖୁବଶୀଘ୍ର ମଦ ଦୋକାନ ଏଠାରୁ ସ୍ଥାନାନ୍ତର ହେବ । ଏହି ଆଲୋଚନାରେ ମୋନାର ଜିଲା ସଭାପତି ପାର୍ବତୀ ନାୟକଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ।

■ ପ୍ରଶାସନିକ ତଦନ୍ତରେ ଅବହେଳା

## ବାସଗୃହ ଯୋଜନାର ହିତାଧିକାରୀଙ୍କୁ ମିଳିଥିଲା ଦେଶାନ୍ତର ନୋଟିସ

**କେନ୍ଦ୍ରାପଡା ଅଫିସ, ୪।୧୦**

କେନ୍ଦ୍ରାପଡା ଜିଲାରେ ନ୍ୟାଶନାଲ ରେଜିଷ୍ଟ୍ରାର ଅଫ ସିଟିଜେନ୍ (ଏନଆରସି) ନବୀକରଣ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ରେଜିଷ୍ଟ୍ରାର ଜେନେରାଲ ଅଫ ଇଣ୍ଡିଆ (ଆରଜିଆଇ)କୁ ଚିଠି ହୋଇଛି। ଏହି ଚିଠି ସମ୍ପର୍କରେ ଜଣା ପଡିବା ପରେ ଅନୁପ୍ରବେଶକୁ ନେଇ ଜିଲାରେ ଉତ୍ସୁକତା ବଢ଼ିଛି । ମହାକାଳପଡା ବ୍ଲକ ଅଧୀନ ରାମନଗରର କାଳୀପଦ ମଣ୍ଡଳଙ୍କ ପୁଅ ଗଣେଶଙ୍କୁ ଗତ ୨୦୦୫ରେ ଜିଲା ପ୍ରଶାସନ ପକ୍ଷରୁ ଦେଶାନ୍ତର ନୋଟିସ ମିଳିଥିବା ବେଳେ ବାସଗୃହ ଯୋଜନାରେ ସେ ସାମିଲ ହୋଇଥିବା ନେଇ ଶୁକ୍ରବାର ଆଲୋଚନା ଆରମ୍ଭ ହୋଇଯାଇଛି । ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ଚିତ୍ତରଞ୍ଜନ ସାହୁ କୁହନ୍ତି ଯେ, ଜିଲାର ମହାକାଳପଡା ବ୍ଲକ ଅଞ୍ଚଳର ୧୫୫୧, ରାଜନଗରର ୩୦ ଓ ପଟ୍ଟାମୁଣ୍ଡାଇର ୬୮ ଜଣ ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ହୋଇଛି । ଏହି ନୋଟିସ ସତ୍ତ୍ୱେ ଅଦ୍ୟାବଧି ସେମାନେ ଜିଲାରେ ଅଛନ୍ତି । ଗଣେଶଙ୍କ ପରି ନୋଟିସ ପାଇଥିବା ବ୍ୟକ୍ତିମାନେ ସ୍ଥାନୀୟ ଅଞ୍ଚଳରେ ଜମି କିଣି ବାସଗୃହ ଯୋଜନାରେ ସାମିଲ ହୋଇ ଯାଉଛନ୍ତି । ପ୍ରଶାସନିକ ଅଧିକାରୀ ଏ ସମ୍ପର୍କରେ ତଦନ୍ତ କରି ଯୋଜନାରେ ସାମିଲ କରିବା ଉଚିତ ବୋଲି ସାହୁ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ନେଇ ଏଡିଏମ ବସନ୍ତ କୁମାର ରାଉତ କହିଛନ୍ତି ଯେ, ଏପରି ଅଭିଯୋଗ ଜିଲା ପ୍ରଶାସନ ନିକଟରେ ପହଞ୍ଚିଲେ ନିଶ୍ଚିତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବ ।

## କାଠଫାଳିଆ ମାଡ଼ରେ ବାପା ମୃତ, ପୁଅ ଗିରଫ

**କେନ୍ଦ୍ରାପଡା ଅଫିସ, ୪।୧୦**

ପାରିବାରିକ ବିବାଦର କରୁଣ ପରିଣତି। ଉନ୍ମତ୍ତ ପୁଅ କ୍ରୋଧର ଶିକାର ହୋଇ କାଠ ଫାଳିଆରେ ବାଡେଇବାରୁ ବାପାର ମୃତ୍ୟୁ ଘଟିଛି । ଏପରି ଅଭାବନୀୟ ଘଟଣା ଶୁକ୍ରବାର ସଦର ଥାନା ଅଧୀନ ଗୁଲନଗର ଗ୍ରାମରେ ଘଟିଛି। ପୋଲିସ ଏହି ଘଟଣାରେ ପୁଅ ଜଗନ୍ନାଥ ସେଠୀଙ୍କୁ ଗିରଫ କରିଛି । ପ୍ରକାଶ ଯେ, ଅପରାହ୍ନ ୧୨ଟା ୪୦ରେ ଗ୍ରାମର ଧନେଶ୍ୱର ସେଠୀ(୬୭) ଓ ପୁଅ ଜଗା ଓରଫ ଜଗନ୍ନାଥ (୪୦)ଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା । ଏହି ସମୟରେ ଜଗନ୍ନାଥ ଉତ୍ତ୍ୟକ୍ତ ହୋଇ ବାପାକୁ କାଠ ଫାଳିଆରେ ମାଡ ମାରିବାରୁ ସେ ଟଳି ପଡିଥିଲେ । ଗ୍ରାମବାସୀ ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଧନେଶ୍ୱରଙ୍କ ସ୍ତ୍ରୀ ଭାମାଙ୍କ ଅଭିଯୋଗ ଆଧାରରେ ୨୭୯/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

## ତୁଳସୀ କ୍ଷେତ୍ରରେ ଶାରଦୀୟ ଦୁର୍ଗୋତ୍ସବ

**କେନ୍ଦ୍ରାପଡା ଅଫିସ,୪।୧୦**

ଶୁକ୍ରବାରଠାରୁ ତୁଳସୀ କ୍ଷେତ୍ରର ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ କନକଦୁର୍ଗାଙ୍କ ମହାଷଷ୍ଠୀ ପୂଜା ଆରମ୍ଭ ହୋଇଛି । ସହରର ଭଗବାନପୁରସ୍ଥ ସାନମଙ୍ଗଳା ପୀଠ ସମେତ ମଢିଆଳ ବଜାର, ସାନ୍ତସାହି, ବଡମଙ୍ଗଳା, କେଶପୁର ବଜାରର କାଉଁରୀ କାମାକ୍ଷୀ, ସୁନେଇଲୋର ଦୁର୍ଗାମନ୍ଦିର, ନସଡିପୁରର ଅଭୟା ଠାକୁରାଣୀ, ମାଧପୁରର କନକ ଦୁର୍ଗା ଆଦି ପୀଠରେ ପୂଜାତ୍ସୋବ ଜାରି ରହିଛି । ଅପରାହ୍ନରେ କଳସଯାତ୍ରା ସହ ଘଟ ସ୍ଥାପନ କରାଯାଇ ପୀଠଦେବୀଙ୍କର ମହାସ୍ନାନ, ସନ୍ଧ୍ୟା ଆରତୀ ଓ ଷୋଡ଼ଶ ଉପଚାରରେ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପୀଠଗୁଡିକରେ ଚଣ୍ଡୀଯଜ୍ଞ ହେବା ସହ ୧୦୦୮ ଆହୁତି ପ୍ରଦାନ କରାଯିବ। ବିଜୟା ଦଶମୀ ତିଥିରେ ଘଟ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଭିନ୍ନ ପୀଠରୁ ସୂଚନା ମିଳିଛି । ସେହିପରି ମଢିଆଳରେ ଦୀର୍ଘ ୩ ପୁରୁଷ ପୂର୍ବରୁ ବାବାଜୀ ଚରଣ ମଣ୍ଡଳ ଏହି ପୂଜା ଆରମ୍ଭ କରିଥିଲେ । ଏବେ ଏହି ପରିବାରର ରବିନ୍ଦ୍ର ମଣ୍ଡଳ, ଶୁକଦେବ ମଣ୍ଡଳ ପୂଜାତ୍ସୋବକୁ ଜାରି ରଖିଛନ୍ତି।



ବଳଦେବଜୀଉ ମନ୍ଦିର ପରିସରରେ କନକଦୁର୍ଗାଙ୍କ ଷଷ୍ଠୀ ପୂଜା।

## ଇଲେକ୍ଟ୍ରୋନିକ୍ସ ବ୍ୟାଙ୍କିଙ୍ଗ୍ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡା ଅଫିସ, ୪।୧୦**

ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦ୍ରାପଡା ମୁଖ୍ୟ ଶାଖାର ମିଳିତ ସହଯୋଗରେ ବ୍ୟାଙ୍କ ଗ୍ରାହକଙ୍କୁ ଇଲୋକ୍ଟ୍ରୋନିକ୍ସ ବ୍ୟାଙ୍କିଂ ପ୍ରଶିକ୍ଷଣ ଶୁକ୍ରବାର ପ୍ରଦାନ କରାଯାଇଛି । ସହରର ତିନିମୁହାଣୀସ୍ଥିତ ଏକ କଲ୍ୟାଣମଣ୍ଡପରେ ଆୟୋଜିତ ଏହି ପ୍ରଶିକ୍ଷଣ ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଡିଜିଏମ ରାମଚନ୍ଦ୍ର ଭୋଳ ଉଦ୍‌ଘାଟନ କରିଥିଲେ । ଏଥିରେ ଏସବିଆଇ ପ୍ରବନ୍ଧକ ପ୍ରବୀର ଚନ୍ଦ୍ର ସାହୁ, ଶୁଭ୍ରାଂଶୁ ଷଡଙ୍ଗୀ ଯୋଗଦେଇ ବ୍ୟାଙ୍କି ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ଅନଲାଇନରେ ଅର୍ଥ କାରବାର, ଡେବିଟକାର୍ଡ ବ୍ୟବହାର କରି ଏଟିଏମରୁ ଅର୍ଥ ଉଠାଣ ଓ ସତର୍କତା ,ଇଣ୍ଟରନେଟ ବ୍ୟାଙ୍କିରେ ପାସୱାର୍ଡର ଗୁରୁତ୍ୱ ସମ୍ପର୍କୀତ ତଥ୍ୟ ପ୍ରଦାନ କରିଥିଲେ । ଡିଆଇସି ଜିଏମ ସନ୍ତୋଷ ମିଶ୍ର, ବନବିହାରି ଦାସ, ଏସବିଆଇ ମୁଖ୍ୟଶାଖାର ବରିଷ୍ଠ ସହାୟକ ସ୍ୱାଧୀନ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।




ପ୍ରଶିକ୍ଷଣ ଶିବିରରେ ବ୍ୟାଙ୍କ କର୍ମଚାରୀମାନେ।

## କୋ ଅପରେଟିଭ୍ ବ୍ୟାଙ୍କର ସ୍ୱନକ୍ଷେତ୍ର ଦିବସ

**ମାର୍ଶାଘାଇ, ୪।୧୦ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ମାର୍ଶାଘାଇ ଶାଖାର ୧୮ତମ ସ୍ୱନକ୍ଷତ୍ର ଦିବସ ଶୁକ୍ରବାର ବ୍ୟାଙ୍କ ପରିସରରେ ପାଳିତ ହୋଇଯାଇଛି। ଇତିମଧରେ ବ୍ୟାଙ୍କର ଆର୍ଥିକ କାରବାର ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ ଅସୁବିଧାରେ ଲୋକମାନଙ୍କୁ ବ୍ୟାଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ବୋଲି ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଏହି ସ୍ୱନକ୍ଷତ୍ର ଉତ୍ସବରେ ସମ୍ପାଦକ ପ୍ରହ୍ଲାଦ ସାହୁ, ସହ ସମ୍ପାଦକ ଅରବିନ୍ଦ ସାହୁ, ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ରାଉତ, ହିସାବ ରକ୍ଷକ ବନ୍ଦିତା ରାଣି ଦାସ, ପ୍ରଣବ ରାଉତରାୟ, କିରାଣି ବଳରାମ ଦାସ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।

## ସରସ୍ୱତୀ ଦାମୋଦର ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ରାଜକନିକା, ୪।୧୦ (ଡି.ଏନ୍.ଏ.)**

କନିକା ରାଜ ପଣ୍ଡିତ ସରସ୍ୱତୀ ଦାମୋଦର ମିଶ୍ରଙ୍କ ୬୬ତମ ଶ୍ରାଦ୍ଧୋତ୍ସବ ସଂସଦ ପକ୍ଷରୁ ଶୁକ୍ରବାର ପାଳିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ଏସ.ଏନ୍.କଲେଜରେ ଆୟୋଜିତ ଉତ୍ସବ ଅବସରରେ ‘ଫ୍ଲୁଏଣ୍ଟ ଜିନିୟସ ସରସ୍ୱତୀ ଦାମୋଦର ମିଶ୍ର’ ଓ ‘ଅଜବ ଜୀବ’ ନାମକ ଦୁଇଟି ପୁସ୍ତିକା ଲୋକାର୍ପଣ କରାଯାଇଛି। ସଂସଦ ସଭାପତି ବୈକୁଣ୍ଠନାଥ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଡ. ବାସୁଦେବ ଦାସ ମୁଖ୍ୟଅତିଥି, ଡ. କୃଷ୍ଣ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ ସହ ପୁସ୍ତକ ଲେଖକ ବ୍ରଜ କିଶୋର ଦାସ, ଲକ୍ଷ୍ମୀଧର ନାୟକ, ହୃଦାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ରାଜ ପଣ୍ଡିତଙ୍କ କାବ୍ୟକୃତିର କାଳଜୟୀ ଭୂମିକା ସମ୍ପର୍କରେ ମତ ଦେଇଥିଲେ। ଆରମ୍ଭରେ ଗୟାଧର ନାଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରସନ୍ନ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଚାନ୍ଦୋଳ କଲେଜରେ ସ୍ୱଚ୍ଛତା ପକ୍ଷ ପାଳିତ

**ଡେରାବିଶ, ୪।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ଓ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପ୍ରଦୀପ ରାଉତ ଓ ଅଧ୍ୟାପିକା ମିନାକ୍ଷୀ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ରାଲି କରାଯାଇଥିଲା । ପରେ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡା. ରାମଚନ୍ଦ୍ର ମହାପାତ୍ର, ଡା. ଲକ୍ଷ୍ମଣ କୁମାର ଦାଶ, ବିନୟ କୁମାର ଷଡ଼ଙ୍ଗୀ, ଅବନୀ ରଞ୍ଜନ ନାୟକ, ଅଧାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତିଙ୍କ ସମେତ ଅଧ୍ୟାପକ କର୍ମଚାରୀମାନେ ଛାତ୍ରୀଛାତ୍ରଙ୍କ ସହ ମିଶି ସ୍ଥାନୀୟ ବଜାର ଓ କଲେଜ ପରିସରକୁ ସଫେଇ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ପ୍ରାଧାପକ ଡା. ପ୍ରକାଶ କୁମାର ପରିଡ଼ା ମୁଖ୍ୟଅତିଥି ,ଗିରିଜା ପ୍ରସାଦ ରାଉତ ଓ ମୋନାଲିସା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜାତୀୟ ସେବା ସଂସ୍ଥାର ମହିଳା ଶାଖା ପ୍ରୋଗ୍ରାମ ଅଫିସର ଅଧାପିକା ଶ୍ରୀମତୀ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧାପକ ପ୍ରଦୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ପ୍ରଭାକର ଦାସ, ସୌଭାଗ୍ୟ କୁମାର ପ୍ରଧାନ, ନରେନ୍ଦ୍ର କୁମାର ବାରିକ, ଶାନ୍ତନୁ ଜେନା ପ୍ରମୁଖ ସହଯୋଗ କରିଥିଲେ ।



ଉତ୍ସବରେ ଉପସ୍ଥିତ ଅତିଥି।

# ବଢୁଛି ଠକେଇ, ପ୍ରଶାସନର ଅଙ୍କୁଶ ନାହିଁ

**କେନ୍ଦ୍ରାପଡା ଅଫିସ,୪।୧୦**

କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ଓ ମହାକାଳପଡା ଅଞ୍ଚଳର ଏସଏସଜି ସଦସ୍ୟାମାନେ ଚିଟଫଣ୍ଡ ଠକେଇର ଶିକାର ହୋଇଛନ୍ତି । ଭାରତ ଫାଇନାନସିଆଲ, ଆରୋହଣ, ଏଲ ଏଣ୍ଡ ଟି ଫାଇନାନ୍ସ, ସମସ୍ତା, ସ୍ୱନ୍ଦନା ପରି ମାକ୍ରୋଫାଇନାନ୍ସ କମ୍ପାନୀ ଏହି ମହିଳା ସଦସ୍ୟାଙ୍କ କଷ୍ଟ ଲବଧ ଅର୍ଥ ଚଳୁ କରି ଏବେ ଧରାଛୁଆଁ ଦେଉ ନାହାନ୍ତି । ଏହିସବୁ ଚିଟଫଣ୍ଡ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ୫୦ରୁ ଅଧିକ ସଦସ୍ୟା ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଥିଲା । ଏଭଳି ଘଟଣା କେନ୍ଦ୍ରାପଡା ଜିଲାରେ ପ୍ରଥମ ଥର ପାଇଁ ଲୋକଲୋଚନକୁ ଆସିନାହିଁ । ୨୦୧୧ ମସିହାରୁ ଅଦ୍ୟାବଧି ଜିଲାରେ ୩୦ରୁ ଊର୍ଦ୍ଧ୍ୱ ଏଭଳି ଠକେଇ ଘଟଣା ପଦାକୁ ଆସିଛି । ଡେରାବିଶ ଅଞ୍ଚଳରେ ୨୦୧୧ ମସିହାରେ ପିଏସିଏଲ ଲିମିଟେଡ ନାମକ ଏକ ସଂସ୍ଥାର ଏଜେଣ୍ଟମାନେ ଜମାକାରୀଙ୍କ ଠାରୁ ଟଙ୍କା ନେଇ ଫେରାର ହୋଇ ଯାଇଛନ୍ତି । ସେମାନେ ଦେଇଥିବା ବଣ୍ଡପେପରରେ ୩୦ ହଜାର ଟଙ୍କା ରଖିଲେ ୫ ବର୍ଷ ୬ ମାସ ମଧ୍ୟରେ ୪୩,୬୦୦ ଟଙ୍କା ଫେରିପାଇବେ ବୋଲି ଉଲ୍ଲେଖ ଥିଲା । ଏହାଛଡା ଏହି ସଂସ୍ଥା ଏକ ରିଅଲ ଇଷ୍ଟେଟ ବ୍ୟବସାୟରେ ଜଡିତ ଥିବାରୁ ଜମା ଟଙ୍କା ବୁଡିବ ନାହିଁ ବୋଲି ଏଜେଣ୍ଟମାନେ ପ୍ରତିଶ୍ରୁତି ଦେଇଥିଲେ । ତେବେ ଲୋକଙ୍କ ଠାରୁ କିଛି ମାସ ଅର୍ଥ ସଂଗ୍ରହ ପରେ ଏହି ସଂସ୍ଥାର ମୂଳ କାର୍ଯ୍ୟାଳୟ ଏଠାରୁ ଉଠି ଯାଇଥିଲା । ସେହିପରି ରୋଜ ଭ୍ୟାଲି, ଗୋଲ୍ଡେନ ଫରେଷ୍ଟ, ଆରଡ଼ିପିଏଲ ଇନଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ ଲିମିଟେଡ଼ ପରି ସାରା ରାଜ୍ୟରେ ବିଛେଇ ହୋଇଥିବା ସଂସ୍ଥାମାନେ ମଧ କେନ୍ଦ୍ରାପଡ଼ାର ନୀରିହ ଜନତାଙ୍କୁ ଠକିଛନ୍ତି । ଏଥିସହିତ ଡେରାବିଶ ବ୍ଲକ ମଙ୍ଗଳପୁରସ୍ଥିତ ମହାପୁରୁଷ ମନି ସୋସାଇଟି, ପଳେଇ ସେବା ସମବାୟ ସମିତି ଅଧୀନ ମିନି ବ୍ୟାଙ୍କ, ପାଟକୁରାରେ ଥିବା ଏକ ସମବାୟ ସମିତିରେ ସଭ୍ୟମାନେ ନିଜର ଟଙ୍କା ଜମା କରି ଫେରି ପାଇବା ପାଇଁ ଥାନା ଓ ପ୍ରଶାସନର ଆଶ୍ରୟ ନେଇଛନ୍ତି । ୨୦୧୪ ମସିହାରେ କେନ୍ଦ୍ରାପଡା ଜିଲାରେ ହୋଇଥିବା ବିଇଡି ଠକେଇ ଘଟଣା ବେଶ ଚର୍ଚ୍ଚିତ ଥିଲା । କେନ୍ଦ୍ରାପଡା ସହରର ତିନିମୁହାଣୀସ୍ଥିତ ଏକ ସଂସ୍ଥା ୧୦୮ ଜଣଙ୍କୁ ବିଇଡ଼ି ସାର୍ଟିଫିକେଟ ଦେବା ପାଇଁ ପ୍ରତ୍ୟେକଙ୍କ ଠାରୁ ପ୍ରାୟ ୮୫ ହଜାର ଟଙ୍କା ନେଇଥିଲା । ଆଶାୟୀ ବିଇଡି ଶିକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆନ୍ଧ୍ରପ୍ରଦେଶ ଯାଇ ଜାଣିଥିଲେ ଯେ, ଏହା ଏକ ଠକ ସଂସ୍ଥା । ଏହାବ୍ୟତୀତ କେନ୍ଦ୍ରାପଡ଼ାର ଯୁବବର୍ଗ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ଚାକରୀ ପାଇଁ ଆଶାୟୀ ହୋଇ ଦଲାଲଙ୍କ ହାତକୁ ଲକ୍ଷାଧିକ ଟଙ୍କା ଟେକି ଦେଇଥିବାର ବହୁ ଉଦାହରଣ ରହିଛି । ତେବେ ଗ୍ରାମାଞ୍ଚଳରେ ଏହି ଠକେଇ ବଢି ଚାଲିଛି । ଗ୍ରାମର ମହିଳାଙ୍କୁ ସଂସ୍ଥାର ଏଜେଣ୍ଟମାନେ ଲାଭ ହେବାର ପ୍ରଲୋଭନ ଦେଖାଇ ରୋଜଗାର ଧନକୁ ହଡପ କରିବାରେ ଲାଗିଛନ୍ତି । ବନ୍ଧନ, ପ୍ୟାନକାର୍ଡ଼ ପରି କେତେକ ସଂସ୍ଥା ଜମାକାରୀଙ୍କୁ ଟଙ୍କା ଫେରାଉ ନ ଥିବା ଅଭିଯୋଗ ପ୍ରଶାସନ ଓ ଥାନାରେ ହେଉଛି ।

ଏସବୁ ଦୃଷ୍ଟିରେ ରଖି ୨୦୧୬ ଏପ୍ରିଲରେ ରାଜ୍ୟ ସରକାରଙ୍କ ଅର୍ଥନୈତିକ ବିଭାଗର ତତ୍କାଳୀନ ଶାସନ ସଚିବ ବିଶାଳ କୁମାର ଦେବ ଜିଲା ପ୍ରଶାସନକୁ ଏକ ଚିଠି ଦେଇଥିଲେ । ଏଥିରେ ଜନସାଧାରଣଙ୍କୁ ଠକ ସଂସ୍ଥା ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ପାଇଁ ଉଲ୍ଲେଖ କରିଥିଲେ । ଏଥିସହ ବିଭାଗ ପକ୍ଷରୁ ଏ ନେଇ ସଚେତନତା ସୃଷ୍ଟି ବାବଦରେ ଏକ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଥିଲା । ସଚେତନତା ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ୟାନର, ପୋଷ୍ଟର, କର୍ମଶାଳା, ସଚେତନତା ରାଲି ଆଦି କରିବା ପାଇଁ ଦେବ ନିର୍ଦ୍ଦେଶ ଦେଇଥିଲେ । ତେବେ ପ୍ରଶାସନ ପକ୍ଷରୁ ସହରର ତିନିମୁହାଣି ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଏହି ସଚେତନତା କାର୍ଯ୍ୟକ୍ରମ ସୀମିତ ରହିଯାଇଛି । ଠକ ସଂସ୍ଥା ଉପରେ ଅଙ୍କୁଶ ଲଗାଇବା ଓ ସଚେତନତା ପାଇଁ ଜିଲା ପ୍ରଶାସନ ଗ୍ରାମାଞ୍ଚଳକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଚାଟରାଚକଡ଼ାର ପୂର୍ବତନ ସରପଞ୍ଚ ଗୀତାଞ୍ଜଳୀ ଦାସ କହିଛନ୍ତି । ସେ କହିଛନ୍ତି ଯେ, ସାଧାରଣତଃ ମହିଳାମାନେ ସ୍ୱଳ୍ପ ଅର୍ଥ ବିନିଯୋଗରେ ଅଧିକ ଲାଭ ପାଇବା ଆଶାରେ ବିଜ୍ଞାପନ ପ୍ରଲୋଭନରେ ପଡୁଛନ୍ତି । ଏଥିସହ କେତେକ ଦୁର୍ବୃତ୍ତ ସୁନା ସଫେଇ କରିବା ନାମରେ ଠକେଇ କରୁଥିବା ବେଳେ କେତେକ ଠାକୁରଙ୍କ ନାମ କହି ଲୋକଙ୍କୁ ଭଣ୍ଡୁଛନ୍ତି । ଠକ ସଂସ୍ଥା ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଏଡିଏମ ବସନ୍ତ କୁମାର ରାଉତ କହିଛନ୍ତି ଯେ, ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ଅଳ୍ପ ଦିନରେ ବହୁତ ଟଙ୍କା ମିଳିବା ପ୍ରଲୋଭନରେ ପଡି ଲୋକେ ନିଜର କଷ୍ଟ ଅର୍ଜିତ ଧନକୁ ଠକ ସଂସ୍ଥା ହାତରେ ଦେଉଛନ୍ତି । ବିଜ୍ଞାପନକୁ ଭଲ ଭାବେ ନ ପରିଖି ଯେଉଁ ବ୍ୟକ୍ତି ବା ଅନୁଷ୍ଠାନ ଏପରି ଠକଙ୍କ ହାବୁଡ଼ରେ ପଡି ସ୍ୱଅର୍ଜିତ ଧନ ଓ ସମୟ ନଷ୍ଟ କରୁଛନ୍ତି, ସେମାନେ ସଚେତନ ହେବା ବେଳ ଆସିଛି ।

## ପ୍ରତିଶ୍ରୁତି ପାଳନରେ କାରଖାନା କର୍ତ୍ତୃପକ୍ଷ ବିଫଳ

# ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଜମିହରା

**କଳିଙ୍ଗନଗର,୪।୧୦(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢି ଉଠିଥିବା ଇମାମି ଓ ଥ୍ୟୁଜନ କାରଖାନା ଯୋଗୁ ଜମିହରା ପରିବାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କାରଖାନା ପ୍ରତିଷ୍ଠାବେଳେ ଜମିହରାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନରେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଆପଣାଉଛନ୍ତି। ଏହାର ବିରୋଧରେ ଜମି ହରାଇଥିବା କଳିଙ୍ଗନଗର ମାଣ୍ଡିରା ଗ୍ରାମବାସୀ ଗତ ମାସ ୨୯ ତାରିଖରେ ଜିଲାପାଳ, ଥାନାଧିକାରୀ, ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ନିକଟରେ ବିଭିନ୍ନ ଦାବିପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଉଭୟ କାରଖାନା ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ଇତି ମଧ୍ୟରେ ଦାବିପତ୍ର ଦେବାର ୬ ଦିନ ବିତିଯାଇଥିଲେ ମଧ୍ୟ ଜିଲା ପ୍ରଶାସନ କିମ୍ବା କାରଖାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜମିହରାମାନେ କହିଛନ୍ତି ।ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପ୍ରଭାସ କୁମାର ସିଂଙ୍କ ନେତୃତ୍ୱରେ ବହୁ ଜମିହରା ପରିବାର ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଦୁଇ କାରଖାନା ପାଇଁ ଯୋଗୁ ଜମି ହରାଇଥିବା ଲୋକମାନଙ୍କୁ ସ୍ଥାୟୀ ନିଯୁକ୍ତି, ମାଣ୍ଡିରା ଗ୍ରାମର ଯୁବକମାନଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ସ୍ଥାନୀୟ ପିଲାଙ୍କୁ ଠିକାଦାରଙ୍କ ନିକଟରେ ନିଯୁକ୍ତି, କାରଖାନା କର୍ତ୍ତୃପକ୍ଷ ମାଣ୍ଡିରା ଗ୍ରାମକୁ ପୋଷ୍ୟ ଗ୍ରାମଭାବେ ଗ୍ରହଣ କରିବା, ମୌଳିକ ସୁବିଧା ସୁଯୋଗ, ମାସରେ ୪ ଥର ଡାକ୍ତର ସହଯତାରେ ଚିକିତ୍ସା ସୁବିଧା, ଗ୍ରାମର କୁଅ ପୋଖରୀ କାରଖାନାର ବିଷାକ୍ତ ଧୂଳିଧୂଆଁରେ ଦୂଷିତ ହୋଇଥିବାରୁ ଏହାର ନିରାକରଣ ଆଦି ବିଭିନ୍ନ ଦାବିମାନ ଜମିହରାଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଛି। ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କୁ ପଚାରିବାରୁ, ଏ ବାବଦରେ ଦାବିପତ୍ର ମିଳିଛି। ଜିଲା ପ୍ରଶାସନ ଏବଂ କାରଖାନା କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ଦାନଗଦୀ ବ୍ଲକରେ ନବମ ପଞ୍ଚାୟତ ସମିତି ବୈଠକ

**କଳିଙ୍ଗନଗର,୪।୧୦(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ସଭାଗୃହଠାରେ ଶୁକ୍ରବାର ନବମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ତହସିଲଦାର ବୁଲବୁଲ ବେହେରା, ବିଡିଓ ମଣିପ୍ରସାଦ ମିଶ୍ର, ଏବିଡିଓ ଅଜୟ କୃଷ୍ଣ ଦ୍ୱିବେଦୀ, ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଘଡ଼ାଇ ପୂର୍ବ ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକର କାର୍ଯ୍ୟକାରୀ ଠିକ୍ ଭାବେ କରା ନ ଯିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ଜମି ପଟ୍ଟା ନ ଦେଇ ପାରିବାରୁ ବ୍ଲକରେ ୧୩୨୫ ଘର ଫେରିଯାଇଥିବା ଜାଣି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର କିମ୍ବା ଏନ୍‌କ୍ଲୋଜମେଣ୍ଟ ପାଉତି ବଳରେ ସେମାନଙ୍କୁ ଘର ଯୋଗାଇ ଦେବାକୁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ସପ୍ତାହରେ ୧୩୨୫ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ଉପରେ ଗୁରୁତ୍ୱ ଦେବାକୁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଧାୟକ ତାଗିଦ୍ କରିଥିଲେ। ବ୍ଲକର ପ୍ରତ୍ୟେକ ବିଦ୍ୟାଳୟରେ ଉନ୍ନତମାନର ଶୌଚାଳୟ ନିର୍ମାଣ କରାଯିବା ସହ ଯୋଉଁ ବିଦ୍ୟାଳୟଗୁଡିକରେ ଖେଳ ପଡ଼ିଆ ଅନୁପଯୋଗି ଅଛି ସେଠାରେ ଏନ୍‌ଆରଜିଏସ୍ ସ୍କିମରେ ଖେଳପଡିଆରେ ମାଟି ପକାଇ ତାହାକୁ ଖେଳ ଉପଯୋଗି କରିବା ପାଇଁ ଏମ୍‌ପି ସେଠୀ ବ୍ଲକ ବିଇଓଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଓ ବିଦ୍ୟୁତ ବିଭାଗ ବ୍ଲକରେ ଠିକ ଭାବେ କାମ କରୁ ନ ଥିବା ତ୍ରିଜଙ୍ଗା ସରପଞ୍ଚ କାହ୍ନୁ ଚରଣ ଦାସ ଅଭିଯୋଗ କରିଥିଲେ। ଦାନଗଦୀ ଡାକ୍ତର ଖାନାରେ ଡାକ୍ତର ଅଭାବ ଥିବା ବେଳେ ରାତ୍ରି ଡ୍ୟୁଟି ଠିକ୍ ସେ ହେଉ ନ ଥିବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ଦୃଷ୍ଟି ଦେବାକୁ ସରପଞ୍ଚ ଦାସ ବିଧାୟକଙ୍କୁ ନିବେଦନ କରିଥିଲେ। ଉଚବାଲି ସମିତିସଭ୍ୟ ରବୀନ୍ଦ୍ର ଜେନା ଗୋବର୍ଦ୍ଧନ ପୁର ଡାକ୍ତର ଖାନାରେ ଡାକ୍ତର ନିଯୁକ୍ତି ଦେବାକୁ ଦାବି କରିଥିଲେ। ସବୁଦିନ ବୈଠକ ନ କରି ସପ୍ତାହରେ ଦୁଇ ଦିନ ବୈଠକ କରିବାକୁ ଓସ୍ତପାଳ ସମିତିସଭ୍ୟ ଅଜିତ ନନ୍ଦି ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୨୩ ପଞ୍ଚାୟତରୁ ନିର୍ବାଚିତ ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କ ସମେତ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ବିଭାଗ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଜିପିଓ ରଞ୍ଜନ କୁମାର ବେହେରା ପୂର୍ବ ବୈଠକର ବିବରଣି ପାଠ କରିବା ପରେ ଏହାକୁ ସର୍ବ ସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଭଞ୍ଜ ଧନ୍ୟବାଦ ଦେଇଥିଲେ।


ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ ।

# ନୀଳାଚଳ କାରଖାନା ସମ୍ମୁଖରେ ବିକ୍ଷୋଭ

**କଳିଙ୍ଗନଗର,୪।୧୦(ଡି.ଏନ୍.ଏ.)**

ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାର ଠିକାଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କାରଖାନାରେ କାର୍ଯ୍ୟରତ ଥିବା ଲୋକୋ ଅପରେଶନ ଓ ଆର୍‌ଏଚ୍‌ଏମ୍‌ଏସ୍‌ର ଶତାଧିକ ଠିକାଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଗତ ଏକ ମାସ ହେବ ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ କାରଖାନାର ଜିଏମ ଓ ଏମ୍‌ଡି ଅନୁପସ୍ଥିତ ଥିବାରୁ ମାନବ ସମ୍ବଳ ବିଭାଗର ବିଏନ୍ ମିଶ୍ର ଓ ଶିବ ପ୍ରସାଦ ରାଉତ ଶ୍ରମିକ ।ନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ଶୁକ୍ରବାର ସୁଦ୍ଧା କାରଖାନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଷ୍ଣୁ ବିଶ୍ୱାଳ, ଅଭିରାମ ଦାସ, ବିଭୂତି ଭୂଷଣ ଜେନା ଓ ସୁଧାଂଶୁ ସାହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ୬୫ ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ

**ଯାଜପୁର ରୋଡ, ୪।୧୦(ନି.ପ୍ର.)**

ଯାଜପୁର ରୋଡ ବନବିଭାଗ ପକ୍ଷରୁ ମୁଣ୍ଡମାଳ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ୬୫ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଡିଏଫ୍‌ଓ ସୁଦର୍ଶନ ପାତ୍ର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ପରିବେଶ ସମିତିର ସମ୍ପାଦକ ଶରତ କୁମାର ସାହୁ, ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କୈଳାସ ଚନ୍ଦ୍ର ସାସମଲ, ଟମକା ରେଞ୍ଜର ଘନଶ୍ୟାମ ମୁଦୁଲିଙ୍କ ସମେତ ଅଧିକାରୀ ଯୋଗଦେଇଥିଲେ। ବନ୍ୟଜନ୍ତୁଙ୍କ ପ୍ରତି ଯେଉଁ ବିପଦ ଆସୁଛି ତାହା ମୁଖ୍ୟତଃ ପରିବେଶ ପ୍ରଦୂଷଣ ପାଇଁ ହେଉଛି। ପରିବେଶକୁ ସୁରକ୍ଷା ରଖି ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାପାଇଁ ଆଲୋଚନା ହୋଇଥିଲା। ଘରଚଟିଆ, ବାଇଚଢେଇ, ଶାଗୁଣା ପରି ବହୁ ଜୀବଜନ୍ତୁ ବିଲୋପ ହେବାକୁ ବସିଲେଣି ସେମାନଙ୍କ ପାଇଁ ଆଶ୍ରୟସ୍ଥଳୀ ନ ଥିବାରୁ ବଂଶବିସ୍ତାର କରିପାରୁନାହାନ୍ତି। ମୁଖ୍ୟତଃ ଜଙ୍ଗଲ ନଷ୍ଟ ନ କରି ଗଛ ରୋପଣ ପାଇଁ ଆଲୋଚନା ହୋଇଥିଲା। ଏଥିରେ ଯାଜପୁର ରୋଡ ବନବିଭାଗ ରେଞ୍ଜର ଦେବେନ୍ଦ୍ର ପଟ୍ଟନାୟକ ବନ୍ୟଜନ୍ତୁ ସୁରକ୍ଷା, ସ୍ୱାସ୍ଥ୍ୟ, ଭୂମି, ପବନ, ପାଣି, ପାଣିପାଗ ଓ ପରିବେଶକୁ ସୁରକ୍ଷା, ପ୍ଲାଷ୍ଟିକ୍ ବର୍ଜନ ପ୍ରଭୃତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଗ୍ରୀନ୍ ପ୍ଲେଜ୍ ଘୋଷଣାନାମାକୁ ବନ୍ୟ ସଂରକ୍ଷଣ ସମିତି, ଛାତ୍ରଛାତ୍ରୀ ଓ ବନ୍ୟ କର୍ମଚାରୀ ଓ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ଏକ ଶପଥପାଠ କରିଥିଲେ । ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ପରିବେଶବିତ୍, ସୁକିନ୍ଦା, ଟମକା ପ୍ରଭୃତି ଅଞ୍ଚଳର ବନ୍ୟ ସଂରକ୍ଷଣ ସମିତିର କର୍ମକର୍ତ୍ତା ଓ ସଭ୍ୟମାନେ ଯୋଗଦେଇଥିଲେ।

# ୩ ନିଶାସକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

କୋରେଇ,୪।୧୦(ସ୍ୱ.ପ୍ର.)- ପାଣିକୋଇଲି ପୋଲିସ ଗୁରୁବାର ରାତିରେ ୪ ନିଶାସକ୍ତ ବାଇକ୍ ଚାଳକଙ୍କୁ ଗିରଫ କରିଥିଲା। ଏ ନେଇ ମାମଲା ରୁଜୁ ପରେ ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେମାନେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ସରସଦା ଗ୍ରାମର ପ୍ରଶାନ୍ତ ଜେନା, କୋରେଇ ଥାନା ଅନ୍ତର୍ଗତ ଶାନ୍ତନୁ ଚର, କୁଆଖିଆ ଥାନା ଅନ୍ତର୍ଗତ ନୂଆହାଟ ଗ୍ରାମର ମନ୍ଦାର ଗୁରୁ। ଏମାନେ ରାଜପଥରେ ରାତ୍ରି ପୋଟ୍ରୋଲିଂ ସମୟରେ ଧରାପଡିଥିଲେ।

# ଉଚ୍ଛେଦ ପରେ ପୁଣି ଖୋଲିଲା ଦୋକାନ

**ଯାଜପୁର ରୋଡ୍, ୪।୧୦(ନି.ପ୍ର.)**

ଯାଜପୁର-କେନ୍ଦୁଝର ରେଲଷ୍ଟେଶନ ଚତୁଃପାର୍ଶ୍ୱରେ ବେଆଇନଭାବେ ରହିଥିବା ଦୋକାନଗୁଡିକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଗୋପବନ୍ଧୁ ଛକଠାରୁ ଡାକବଙ୍ଗଳା ଛକ, ଷ୍ଟେଶନଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନୀ ଗୁଡିକୁ ସକାଳୁ ଉଚ୍ଛେଦ କରାଯାଇଥିଲା । ହେଲେ ସନ୍ଧ୍ୟାବେଳେ ଉଠାଦୋକାନଗୁଡିକ ପୁଣି ଖୋଲିଥିବା ଦେଖିବାକୁ ମିଳିଛି। ଷ୍ଟେସନ ପରିସରରେ ଉଠାଦୋକାନୀମାନଙ୍କ ଯୋଗୁ ଟ୍ରାଫିକ୍ ଜାମ୍ ହେଉଛି। ତେବେ ଉଚ୍ଛେଦ ବେଳେ ସେମାନଙ୍କ ଜିନିଷପତ୍ର ଭଙ୍ଗାଯାଇ ନାହିଁ। ଷ୍ଟେଶନକୁ ସ୍ୱଚ୍ଛ ରଖିବା ପାଇଁ ଆରପିଏଫ୍ ପକ୍ଷରୁ ରେଳବାଇ ଜାଗାରେ ଦୋକାନଗୁଡିକୁ ଉଚ୍ଛେଦ ଜାରି ରହିବ ବୋଲି ଆରପିଏଫ୍ ଇନ୍‌ସ୍ପେକ୍ଟର ରମାକାନ୍ତ ବାରିକ କହିଛନ୍ତି। ଠେଲା ଦୋକାନ, ଫଳ ଓ ପରିବା ଦୋକାନୀମାନେ ରାସ୍ତାକଡ଼ରେ ଅସ୍ଥାୟୀ ଭାବରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ନିଜର ଜୀବିକା ପାଇଁ ଖରାବର୍ଷାରେ ରାସ୍ତାକଡରେ ପଡିରହି ବେପାର କରୁଛନ୍ତି। ଗରିବ ଲୋକଙ୍କ ଉପରେ ଆରପିଏଫ୍ ଦାଉ ସାଜୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ମାଲଗୋଦାମଠାରୁ ଆରିଏଫ୍ ବାରାକ୍ ପର୍ଯ୍ୟନ୍ତ ଖୁଲମଖୁଲା ଦେଶୀମଦ, ବ୍ରାଉନ୍ ସୁଗାର ବିକ୍ରି ହେଉଥିଲେ ମଧ୍ୟ ସେମାନଙ୍କୁ ଉଠା ଯାଉ ନ ଥିବା ଅଭିଯୋଗ ହୋଇଛି।

## ପଞ୍ଚଦଶ ଦିନରେ ମା' ବିରଜାଙ୍କ ଷୋଡ଼ଶୋପଚାର ପୂଜା

# ସପ୍ତମ ଦିନରେ ମା'ଙ୍କ ପାଦ ଦର୍ଶନ

**ଯାଜପୁର ଟାଉନ,୪।୧୦(ଡିଏନଏ)**

ବର୍ଷ ବର୍ଷ ଧରି ଆୟୋଜିତ ହୋଇଆସୁଥିବା ମା' ବିରଜା ଠାକୁରାଣୀଙ୍କ ପାର୍ବଣ ଯାତ୍ରାର ଷୋଡ଼ଶୋପଚାର ପୂଜା ଶୁକ୍ରବାର ପନ୍ଦର ଦିନରେ ପହଞ୍ଚିଥିବାବେଳେ ମା'ଙ୍କ ରଥଯାତ୍ରା, ପାଦ ଦର୍ଶନ ଓ ନବରାତ୍ରୀ ଦର୍ଶନର ସପ୍ତମ ଦିନ ସମାପନ ହୋଇଛି। ପଞ୍ଚମୀ ଦିନଠାରୁ ଆରମ୍ଭ ହୋଇଥିବା ଯଜ୍ଞ କାର୍ଯ୍ୟ ଗୁରୁବାର ୪ଟାରେ ସ୍ଥଗିତ ରହିବା ପରେ ମା'ଙ୍କ ନିକଟରେ ନିତୀ ଲାଗି କରାଯାଇ ପହଡ଼ ଓ ମୁଖ୍ୟ ସିଂହଦ୍ୱାର ବନ୍ଦ କରାଯାଇଥିଲା। ଶୁକ୍ରବାର ୫ଟା ୩୦ ମିନିଟରେ ସିଂହଦ୍ୱାର ଖୋଲିବା ପରେ ଭକ୍ତମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ବର୍ତ୍ତମାନ ଶାସନ ବ୍ରାହ୍ମଣ ମାନେ ଆଣୁଥିବା ବୈତରଣୀ ଜଳରେ ମା'ଙ୍କୁ ମୁଖ୍ୟ ପୂଜକ ସ୍ନାନ କରାଇବା ପରେ ଭକ୍ତମାନଙ୍କୁ ପାଦ ଦର୍ଶନ ପାଇଁ ଗର୍ଭ ଗୃହ ମଧ୍ୟକୁ ଛଡ଼ା ଯାଇଥିଲା। ଦିନ ୧୨ଟା ୩୦ରେ ବଡ଼ସିଂହାର ବେଶ ପରେ ପୂଜା ଆୟୋଜନ କରାଯାଇ ଥିଲା। ଦିନ ୨ଟା ୩୦ ପୂର୍ବରୁ ମା'ଙ୍କ ନିକଟରେ ପୂଜା, କଳଷ ପୂଜା ଓ ରଥ ଉପରେ ପୂଜା କରାଯାଇ ମନ୍ଦିର ପହଡ଼ କରାଯାଇଥିଲା। ଅପରାହ୍ନ ୪ଟାରେ ପହଡ଼ ଖୋଲାଯାଇ ୪ଟା ୩୦ରେ ରଥଯାତ୍ରା ଆରମ୍ଭ କରାଯାଇଥିଲା। ସନ୍ଧ୍ୟା ୬ଟାରେ ରଥ ଚାଳନା ବନ୍ଦ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ଦଶରଥପୁର ତହସିଲଦାର କୈଳାସ ମହାଳିକ ଉପସ୍ଥିତ ଥିବାବେଳେ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରା ସମୟରେ ଜିଲାପାଳ ରଞ୍ଜନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଯାଜପୁର ତହସିଲଦାର ସୁନିଲ କୁମାର ମେହେରଙ୍କ ସମେତ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ସନ୍ଧ୍ୟା ଆଳତୀ ପରେ ରାତି ୮ଟା ୩୦ରେ ପୂଜା ଆରମ୍ଭ କରାଯାଇ ରାତି ୧୨ଟାରେ ପୂଜା ଶେଷ କରାଯାଇଛି। ବ୍ରାହ୍ମକୁଣ୍ଡରେ ବିରଜା ସେବା ସମିତି ବିଭିନ୍ନ ବକ୍ତାଙ୍କୁ ନେଇ ଧାରା ବିବରଣୀ କାର୍ଯ୍ୟ ଆରମ୍ଭ କରିଛି। ଅନନ୍ୟା ସାହିତ୍ୟ ସଂସଦ ଜନସୁବିଧା କେନ୍ଦ୍ର ନିକଟରେ ନିଜର କାର୍ଯ୍ୟକ୍ରମ କରିଛି।


**ଭାରତ ସରକାର**
**ରେଳ ମନ୍ତ୍ରଣାଳୟ**
**ରେଳ ସୁରକ୍ଷା ବଳ**

**ପ୍ରଧାନମନ୍ତ୍ରୀ ଛାତ୍ରବୃତ୍ତି ଯୋଜନା : 2019-20**
**(ପୋଷ୍ଟ-ମାଟ୍ରିକ୍ ଛାତ୍ରବୃତ୍ତି)**

ସୁରକ୍ଷା ନିର୍ଦ୍ଦେଶାଳୟ, ରେଳବାଇ ବୋର୍ଡ଼, (ରେଳ ମନ୍ତ୍ରଣାଳୟ) ପକ୍ଷରୁ ପ୍ରଧାନମନ୍ତ୍ରୀ ଛାତ୍ରବୃତ୍ତି ଯୋଜନା (ପିଏମ୍‌ଏସ୍‌ଏସ୍) ଅଧିନସ୍ଥ ରାଷ୍ଟ୍ରୀୟ ପ୍ରତିରକ୍ଷା ପାଣ୍ଠିରୁ ରେଳ ସୁରକ୍ଷା ବଳ / ରେଳ ସୁରକ୍ଷା ସ୍ୱତନ୍ତ୍ର ବଳର ଅଣ-ଗେଜେଟେଡ୍ କର୍ମଚାରୀମାନଙ୍କ ଆଶ୍ରିତ ପିଲା ମାନଙ୍କର ପେଶାଗତ ଓ ବୈଷୟିକ ପାଠ୍ୟକ୍ରମ ପାଇଁ ପ୍ରୋତ୍ସାହନ ନିମନ୍ତେ ଛାତ୍ରବୃତ୍ତି ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ଶିକ୍ଷାବର୍ଷ 2019-20 ନିମନ୍ତେ ରାଷ୍ଟ୍ରୀୟ ଛାତ୍ରବୃତ୍ତି ପୋର୍ଟାଲ୍ ମାଧ୍ୟମରେ ଛାତ୍ରବୃତ୍ତି ପାଇଁ ଆବେଦନ ଆହ୍ୱାନ କରାଯାଉଛି ।

| | | |
|---|---|---|
| ସମୟସୀମା | ନୂଆ ଛାତ୍ରବୃତ୍ତି (ପ୍ରଥମ ଥର ପାଇଁ ଆବେଦନ କରୁଥିବା ଛାତ୍ର) ଏବଂ ନବୀକରଣ ଛାତ୍ରବୃତ୍ତି (ଯେଉଁମାନେ 2017-2018 ଓ 2018-2019ରେ ପ୍ରଥମ ଛାତ୍ରବୃତ୍ତି ପାଇଥିଲେ) ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ । | 31.10.2019 |

**ଯୋଗ୍ୟତା**

- ଆବେଦନକାରୀ ରେଳ ସୁରକ୍ଷା ବଳ / ରେଳ ସୁରକ୍ଷା ସ୍ୱତନ୍ତ୍ର ବଳର ଅଣ-ଗେଜେଟେଡ୍ କର୍ମଚାରୀଙ୍କ ଆଶ୍ରିତ ପିଲା ହୋଇଥିବା ଉଚିତ ।
- ଆବେଦନକାରୀ ଭାରତର ସରକାର କିମ୍ବା ସ୍ୱୀକୃତିପ୍ରାପ୍ତ ଘରୋଇ ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ / ମହାବିଦ୍ୟାଳୟରେ ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମରେ ଅଧ୍ୟୟନରତ ଥିବା ଉଚିତ ।
- ଅଧ୍ୟୟନ କରୁଥିବା ପାଠ୍ୟକ୍ରମ ସର୍ବନିମ୍ନ ଦୁଇ ବର୍ଷ ସମୟାବଧିର ହୋଇଥିବା ଉଚିତ ।
- ଆବେଦନକାରୀ ଯୋଗ୍ୟତା ପରୀକ୍ଷାରେ ସର୍ବନିମ୍ନ 60% ମାର୍କ କିମ୍ବା ସମତୁଲ୍ୟ ଗ୍ରେଡ୍ ହାସଲ କରିଥିବା ଉଚିତ ।

**ଆଦେଶାବଳୀ**

**ଆବେଦନକାରୀଙ୍କ ନିମନ୍ତେ :**

- ପ୍ରଧାନମନ୍ତ୍ରୀ ଛାତ୍ରବୃତ୍ତି ଯୋଜନା ପାଇଁ ରାଷ୍ଟ୍ରୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ର ୱେବ୍‌ସାଇଟ୍ **www.scholarships.gov.in** ରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ନିମନ୍ତେ ଆବେଦନକାରୀମାନଙ୍କୁ ପରାମର୍ଶ ଦିଆଯାଉଛି ।
- ଅନ୍‌ଲାଇନ୍ ମାଧ୍ୟମରେ ଆବେଦନପତ୍ର ପୂରଣ କରିବା ନିମନ୍ତେ ସବିଶେଷ 'ନିର୍ଦ୍ଦେଶାବଳୀ' ଏବଂ 'ବାରମ୍ବାର କରାଯାଉଥିବା ପ୍ରଶ୍ନ (FAQs)' ଗୁଡ଼ିକ ରାଷ୍ଟ୍ରୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ର ହୋମ୍ ପେଜ୍‌ରେ ଉପଲବ୍ଧ ।
- ଆବେଦନକାରୀ ମାନଙ୍କୁ କେବଳ ସେମାନଙ୍କ ସକ୍ରିୟ ବ୍ୟାଙ୍କ୍ ଖାତାର ବିବରଣୀ ଦେବାକୁ ପରାମର୍ଶ ଦିଆଯାଉଛି, ଯଦ୍ୱାରା ଛାତ୍ରବୃତ୍ତି ଦେୟ ବିଫଳ ହେବ ନାହିଁ ।

**ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ / ମହାବିଦ୍ୟାଳୟ ନିମନ୍ତେ :**

- ରେଳ ସୁରକ୍ଷା ବଳ / ରେଳ ସୁରକ୍ଷା ସ୍ୱତନ୍ତ୍ର ବଳର କର୍ମଚାରୀମାନଙ୍କ ଆଶ୍ରିତ ପିଲା ମାନେ ପଢୁଥିବା ସମସ୍ତ ବିଶ୍ୱବିଦ୍ୟାଳୟ / ଅନୁଷ୍ଠାନ / ମହାବିଦ୍ୟାଳୟ ମାନଙ୍କୁ ଅନୁରୋଧ କରାଯାଉଛି କି 31 ଅକ୍ଟୋବର 2019 ସୁଦ୍ଧା ସେମାନେ ରାଷ୍ଟ୍ରୀୟ ଛାତ୍ରବୃତ୍ତି ପୋର୍ଟାଲ୍‌ରେ ସେମାନଙ୍କର ନୋଡ଼ାଲ୍ ଅଧିକାରୀଙ୍କ ମାଧ୍ୟମରେ ପଞ୍ଜିକୃତ କରାଇ ନିଅନ୍ତୁ, ଅନ୍ୟଥା ସେମାନେ ଛାତ୍ରବୃତ୍ତି ଆବେଦନକୁ ଯାଞ୍ଚ କରିବା ନିମନ୍ତେ ସକ୍ଷମ ହେବେ ନାହିଁ ଏବଂ ଛାତ୍ରଛାତ୍ରୀମାନେ ଛାତ୍ରବୃତ୍ତିର ସୁଯୋଗରୁ ବଞ୍ଚିତ ହେବେ ।

PR-407/K/19-20



**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-19-20-11

**କାର୍ଯ୍ୟର ନାମ :** ତିନି ବର୍ଷ ସମୟାବଧି ନିମନ୍ତେ ଅନଗୁଳ ସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ସେଡ୍ ଠାରେ ଲୋକୋମୋଟିଭ୍ ଗୁଡ଼ିକର ବଡ଼ି (BODY), WAG-7 ଲୋକୋମୋଟିଭ୍ ଗୁଡ଼ିକର ସାଇଡ୍ ୱାଲ୍ ଫିଲଟର୍ ଗୁଡ଼ିକର ସଫେଇ/ଧୂଲେଇ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹ 26,42,634.07, EMD (ଟଙ୍କାରେ): ₹ 52,900.00, ଟେଣ୍ଡର କାଗଜପତ୍ର ମୂଲ୍ୟ (ଟଙ୍କାରେ) : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା 11.10.2019 ରିଖ,

ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ : ତା 25.10.2019 ରିଖ 1500 ଘଟିକା ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ସିନିୟର ଡ଼ିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (TRS), ଅନଗୁଳ

PR-402/K/19-20



**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡର ଗୁଡ଼ିକ ୱେବ୍‌ସାଇଟ www.ireps.gov.in ରେ ଅପ୍‌ଲୋଡ୍ କରିଦିଆଯାଇଛି ।

ଟେଣ୍ଡର ବିଜ୍ଞପ୍ତି ସଂ.MCS/Stores/E-Procurement Tender Notice/1210, ତା. 27.09.2019

ଟେଣ୍ଡର ନଂ. 92195567, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଉତ୍କୃଷ୍ଟ (UTKRISHT) କୋଚ୍ ଗୁଡ଼ିକର ଆଭ୍ୟନ୍ତରୀଣ ପ୍ୟାନେଲରେ ଭିନାଇଲ ଗ୍ରାଫିକ୍ସ ଲଗାଇବା ଓ ଯୋଗାଣ, ପରିମାଣ : 12500 ବର୍ଗଫୁଟ ।

ବନ୍ଦ ହେବା ତାରିଖ ଓ ସମୟ : ତା 30.10.2019 ରିଖ 1500 ଘଟିକା ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର

PR-404/K/19-20



**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2019044, ତା: 27.09.2019

**କାର୍ଯ୍ୟର ନାମ :** ଏକ ବର୍ଷ ସମୟାବଧି ଅର୍ଥାତ୍ 2019-20 ନିମନ୍ତେ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ନିର୍ମାଣ ସଂଗଠନ ଦ୍ୱାରା ନିରୀକ୍ଷଣ ଓ ତଦାରଖ ପାଇଁ ନିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବ୍ୟବହାର ନିମନ୍ତେ (17 ସଂଖ୍ୟକ ନନ୍-ଏସି ଟାଟା ସୁମୋ / ବୋଲେରୋ କିମ୍ବା ସମଧରଣର ଗାଡ଼ି ଏବଂ 06 ସଂଖ୍ୟକ ପାଞ୍ଚ ସିଟ୍ ବିଶିଷ୍ଟ ପିକ୍-ଅପ୍ ଭ୍ୟାନ୍) ଗାଡ଼ି ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 112.64 ଲକ୍ଷ, EMD : ₹2,06,300.00, ଟେଣ୍ଡର କାଗଜପତ୍ର ମୂଲ୍ୟ : ₹5,900.00, କାର୍ଯ୍ୟ ସମାପ୍ତିର ଅବଧି : 12(ବାର)ମାସ ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ :** ତା 21.10.2019ର 1200 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-58/CC/19-20



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ... ଭରସାର ପ୍ରତୀକ ! **punjab national bank** ...the name you can BANK upon ! **ଡିମାଣ୍ଡ ନୋଟିସ୍**

ଆସେଟ୍ ରିକଭରୀ ମ୍ୟାନେଜ୍‌ମେଣ୍ଟ୍ ଶାଖା, ପ୍ଲଟ୍ ନଂ.: ୮୦ଏ/୮୧ଏ, ପ୍ରଥମ ମହଲା, ଲୁଇସ୍ ରୋଡ୍, ଭୁବନେଶ୍ୱର - ୭୫୧୦୦୨
ଫୋନ ନଂ.: ୦୬୭୪-୨୪୩୨୬୮୨, ଇ -ମେଲ୍ - bo6903@pnb.co.in

ସମସ୍ତ ଅଂଶଧାରୀ / ଓବ୍ଲିଗାଣ୍ଟଙ୍କର ନିମ୍ନଲିଖିତ ସୁରକ୍ଷିତ ସମ୍ପତ୍ତିରେ ଅଂଶ ରହିଛି
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆସେଟ୍ ରିକଭରୀ ମ୍ୟାନେଜ୍‌ମେଣ୍ଟ୍ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାର ଏବଂ ଓବ୍ଲିଗାଣ୍ଟମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା / ଜାମିନଦାର ଏବଂ ଓବ୍ଲିଗାଣ୍ଟମାନଙ୍କ ପାଖକୁ ଏଡ଼ି. ସହିତ ରେଜେଷ୍ଟ୍ରି ଡାକ ଯୋଗେ ପଠାଯାଇଥିଲା କିନ୍ତୁ ତାହା କେତେକଙ୍କୁ ପ୍ରଦାନ କରାଯାଇନପାରି ଆମ୍ଭ ପାଖକୁ ଫେରସ୍ତ ଆସିଅଛି । ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାର ଏବଂ ଓବ୍ଲିଗାଣ୍ଟମାନଙ୍କୁ କୁହାଯାଇଛି ଯେ ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ । ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ ।

| ଆକାଉଣ୍ଟ ନଂ. ଋଣଗ୍ରହୀତା / ଜାମିନ୍‌ଦାର / ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଲିମିଟ୍ | ବକେୟା ଦେୟ/ ଏନ୍‌ପିଏ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| ଆକାଉଣ୍ଟ ନଂ.:0553008700002994, 055300UD00000402, 055300UD000004/ **ଋଣଗ୍ରହୀତା: ମେସର୍ସ ଫ୍ରଣ୍ଟିଅର୍ ଗ୍ରାନାଇଟ୍ ଏକ୍ସପୋର୍ଟସ୍ ପ୍ରା. ଲିଃ,** ରୁମ ନଂ.:ସି-୨୦, ହାଉସିଂ ବୋର୍ଡ଼ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩ / **ଜାମିନଦାରମାନେ: ୧) ଶ୍ରୀ ସୁଭେନ୍ଦୁ ପଟ୍ଟନାୟକ,** ପରିଚାଳନା ନିର୍ଦ୍ଦେଶକ, ପିତା: ଶ୍ରୀ ପି.ସି. ପଟ୍ଟନାୟକ, ପ୍ଲଟ୍ ନଂ.: ୨୬୦, ରୋଡ ନଂ.-୧, ବରମୁଣ୍ଡା, ଜଗନ୍ନାଥ ବିହାର, ଭୁବନେଶ୍ୱର, ଓଡ଼ିଶା, **୨) ଶ୍ରୀମତୀ ଶକୁନ୍ତଳା ପଟ୍ଟନାୟକ,** ସି-୨୦, ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, **୩) ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ,** ସ୍ୱାମୀ: ସୁଜତ ପଟ୍ଟନାୟକ, ଏନ୍-୨/୮୯, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, | ୨୩.୦୯.୨୦୧୯/ ସିସି (ଏଚ୍)- ଟ. ୪୩,୦୦,୦୦୦/- ଓସି - ଟ. ୧୨,୯୦,୦୦୦/- ଓସି - ଟ. ୧୭,୦୦,୦୦୦/- | ୩୦.୦୪.୨୦୧୫ ସୁଦ୍ଧା ଟ.୧,୧୩,୩୯,୨୭୭.୬୪ + ଭବିଷ୍ୟତ ସୁଧ ଏବଂ ସେବାବଦ ବ୍ୟାଙ୍କର ପ୍ରଯୁଜ୍ୟ ଦେୟ / ଏନ୍‌ପିଏ ତାରିଖ : ୧୨.୦୫.୨୦୧୫ | ୧. ଷ୍ଟକ୍ସ ଆଣ୍ଡ ବୁକ୍ ଡ଼େବ୍ସ ଏବଂ ଅନ୍ୟାନ୍ୟ ଚଳନ୍ତି ଆସବାବପତ୍ର ୨(କ) ୪ଶ୍ରୀମତୀ ଶକୁନ୍ତଳା ପଟ୍ଟନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୧୫/୭୮୪, ଖାତା ନଂ.: ୧୮୫/୫୮ ଏସ୍‌ଆରଓ : ଭୁବନେଶ୍ୱର, ବରମୁଣ୍ଡା ହାଉସିଂବୋର୍ଡ଼ କଲୋନି, ଭୁବନେଶ୍ୱର ସି-୨୦ ରେ ଥିବା ୩ ମହଲା ବିଲ୍ଡିଂ, **(ପଟ୍ଟାଧାରୀ : ଫ୍ରଣ୍ଟିଅର୍ ଗ୍ରାନାଇଟ୍ ଏକ୍ସପୋର୍ଟସ୍ ପ୍ରା.ଲିଃ,** ଲିଜ୍ ଡ଼ିଡ୍ ନଂ.: ୩୧, ତାରିଖ : ୨୯.୦୩.୨୦୦୪ ନାମରେ ଥିବା ରାଇସୁଆଁ ଡ଼େକୋରେଟିଭ୍ ଷ୍ଟୋନ ମାଇନ୍ ସା : ରାଇସୁଆଁ, କ୍ଷେତ୍ର : ୨.୧୬୧ ହେକ୍ଟର୍ସ, ଖାତା ନଂ.:୫୦୮, ପ୍ଲଟ୍ ନଂ.: ୨୮୨୭(ଅଂଶ) ଏବଂ ୩୩୩୬ (ଅଂଶ), କ୍ଷେତ୍ର : ଯଥାକ୍ରମେ ଏକର ୨.୪୨ ଡ଼ିସିମିଲି ଏବଂ ଏକର ୨.୯୨ ଡ଼ିସିମିଲି, ଜିଲ୍ଲା : କେନ୍ଦୁଝର, ଓଡ଼ିଶା । |

୪) ନିହାରେନ୍ଦୁ ଭୂୟାଁ ମହାପାତ୍ର, ନିର୍ଦ୍ଦେଶକ, ସି-୧୨୬, ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, **୫) ଶ୍ରୀମତୀ ଅନିମା ପଟ୍ଟନାୟକ,** ସ୍ୱାମୀ: ସୁବ୍ରତ ପଟ୍ଟନାୟକ, ଏନ୍୪/୧୩୯, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, **୬)ଶ୍ରୀ ପ୍ରଲିପ୍ତ କୁମାର ନନ୍ଦ,** ପିତା: ୰ ଉମାକାନ୍ତ ନନ୍ଦ, ୪୭୨, ଶିରିପୁର, ଥାନା: ଖଣ୍ଡଗିରି, ଭୁବନେଶ୍ୱର

ତାରିଖ:୦୪.୧୦.୨୦୧୯, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



See Career Appointment on every Wednesday & Saturday



बैंक ऑफ़ इंडिया Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର,** ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡ଼ିଶା ।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନ୍‌ଦାର ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲେଶ୍ୱର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ବାଲେଶ୍ୱର ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା- ମେସର୍ସ ନନ୍ଦ ମାର୍ଟ, ସତ୍ତ୍ୱାଧିକାରୀ: ଶ୍ରୀ ସଞ୍ଜୀବ ନାରାୟଣ ନନ୍ଦ, ଜାମିନ୍‌ଦାର: ଶ୍ରୀମତୀ ମଞ୍ଜୁଳା ନନ୍ଦ, ସ୍ୱା-ଶ୍ରୀ ସଞ୍ଜୀବ ନାରାୟଣ ନନ୍ଦ, ଠିକଣା: ସା-ବାଙ୍କଶାଳଘାଟ, ପୋ-ମୋତିଗଞ୍ଜ, ଜିଲ୍ଲା-ବାଲେଶ୍ୱର, ପିନ୍-୭୫୬୦୦୩। | ଟ.୩୩,୦୪,୭୩୬.୦୧ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୧.୦୭.୨୦୧୯ / ୦୩.୧୦.୨୦୧୯ | ଶ୍ରୀ ସଞ୍ଜୀବ ନାରାୟଣ ନନ୍ଦଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୫୦୯/୨୬୬, ପ୍ଲଟ ନଂ.-୫୧୨/୧୪୮୧, ଏରିଆ-ଏକର୦.୦୦୯ ଡିସିମିଲି, ଏବଂ ପ୍ଲଟ ନଂ.-୫୧୧, ଏରିଆ-ଏକର୦.୦୨୧ ଡିସିମିଲି, ସମୁଦାୟ ଏରିଆ- ଏକର୦.୦୩୦ |

ଡିସିମିଲି, କିସମ- ଘରବାରୀ, ମୌଜା- ସୁଏଲ୍‌ପୁର, ବାଲେଶ୍ୱର ଜିଲ୍ଲା ସବ୍ ରେଜିଷ୍ଟ୍ରେସନ ଅନ୍ତର୍ଭୁକ୍ତ, ଚଉହଦି: ଉତର-ରାସ୍ତା-ମୋତିଗଞ୍ଜ ମୁଖ୍ୟ ବଜାର ରାସ୍ତା, ଦକ୍ଷିଣ- ପବନ ଅଗରୱାଲ, ପୂର୍ବ-ରମେଶ ଅଗରୱାଲ, ପଶ୍ଚିମ- ରୁଦ୍ଧି ଅଗରୱାଲ ।

ସ୍ଥାନ-କେନ୍ଦୁଝର, ତାରିଖ-୦୪.୧୦.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**INSTITUTE OF MANAGEMENT & INFORMATION TECHNOLOGY**
(A Constituent College of BPUT, Odisha)
BOSE CAMPUS, PO - SCB MEDICAL COLLEGE CAMPUS, CUTTACK - 753007
No. 1470, Date. 04.10.19

**TENDER CALL NOTICE**

Sealed tender is invited in two bids (Technical bid and Financial bid) from Original Equipment Manufacturers (OEM) / Authorized Dealer (AUD) / Distributor of OEM for Purchase of Desktop Computers & Microsoft Window 10 (30 user) from Microsoft partner with the detailed terms and conditions stipulated in the "Tender Document" to be downloaded from our Website **www.imit.ac.in** from 05.10.2019 to 04.11.2019.

The last date, time and mode of submission of sealed tender are 05.11.2019 at 4.00 PM by Regd. Post / Speed Post / Courier only.

**Sd/- PRINCIPAL**



**ODISHA STATE CIVIL SUPPLIES CORPORATION LTD. (OSCSC Ltd.)**
(A Govt. of Odisha Undertaking)
Plot No.C/2, Nayapalli, Bhubaneswar-751012
Phone : 91674-2392264

Tender No. 14627 / OSCSC / Gunny / 56 / 2018-19 Dt. 04.10.19

Managing Director, Odisha State Civil Supplies Corporation Ltd, invites tenders in Double Cover System through ONLINE MODE ONLY for the works below :

1. **Name of the work** : Selection and appointment of transport contractors for road transportation of new gunny bales (one bale contains 500 bags) from different jute mills located in Andhra Pradesh, West Bengal, Chhatishgarh & Odisha to custom millers premises / private hired godowns / OSCSC Ltd. own godowns / hired godowns of CWC & OSWC etc. located in different districts in the State of Odisha.
2. Availability of bid document in the portal : **From date 05.10.2019.**
3. Last Date /Time for receipt of bids in the portal : **Upto 12.30 PM of dt.29.10.2019.**
4. Date/Time of Opening of Technical Bid : **On dt.29.10.2019 at 3.30 P.M.**
5. Name and address of the Officer Inviting Tender : Managing Director, OSCSC Ltd., BBSR.

Tender Documents & other details can be seen from the e-procurement portal https://tendersodisha.gov.in. Amendments / corrigendum / cancellation / retenders etc. if any shall be published only in above website.

**Managing Director, OSCSC Ltd., BBSR**

## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**ବାଲିକୁଦା,୪।୧୦(ସ୍ୱ.ପ୍ର.):** ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଚୋରାମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ କୃଷ୍ଣଦାସପୁର ଗାଁର ପ୍ରଭୁରଞ୍ଜନ ରାଉତ(୩୦)। ଚଢାଉ ବେଳେ ଅନ୍ୟ ଜଣେ ଅଭିଯୁକ୍ତ ସେହି ଗ୍ରାମର ରବୀନ୍ଦ୍ର ଦଳାଇ ଫେରାର ହୋଇଯାଇଛନ୍ତି। ପ୍ରଭୁଙ୍କଠାରୁ ୭ ଲିଟର ୨୦୦ ମିଲି ଦେଶୀ ଓ ରବୀନ୍ଦ୍ରଙ୍କଠାରୁ ୩ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅବକାରୀ ଏସପି ରତିକାନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ସବ୍ ଇନ୍ସପେକ୍ଟର କୁଳମଣି ନାୟକ, ଏଏସଆଇ କୈଳାସ ଦାସ, କନଷ୍ଟେବଳ ଚିତ୍ତରଞ୍ଜନ ଦାଶ, ପ୍ରକାଶ ରାଉତ, ହିମାଂଶୁ ନାୟକ, ବିଶ୍ୱନାଥ ମୁଣ୍ଡା, ସବିତା ନାୟକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା,୪।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ୩୦ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏବିଡିଓ ଅଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ ମୁଖ୍ୟ ଅତିଥି, ବାଲିକୁଦା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ଶତପଥୀ ମୁଖ୍ୟବକ୍ତା, ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। କର୍ମଚାରୀମାନଙ୍କ ପକ୍ଷରୁ ବ୍ଲକ ପରିସର ସଫେଇ କରାଯିବା ସହିତ ପ୍ଲାଷ୍ଟିକ ବର୍ଜନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ମଙ୍ଗଳ ଅଧିକାରୀ ପ୍ରମୋଦ ବିଶ୍ୱାଳ, ଉପ ବିଭାଗୀୟ ଅଧିକାରୀ ସୁଦର୍ଶନ ସେଠୀ, ସହକାରୀ ଯନ୍ତ୍ରୀ ବିଭୂତିଭୂଷଣ ନାୟକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅରୁଣ ପ୍ରଧାନ, ଅରୁଣ ସିଂହ, ଅଶୋକ ଦାସ, ସୁରଥି ନାୟକ, କୁଞ୍ଜବିହାରୀ ପ୍ରଧାନ, ରାଜସ୍ୱ ସହାୟକ ନିହାର ରଞ୍ଜନ ଦାସ, ପ୍ରଭାସ କୁମାର ରାଉତ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ୬ ଦିନ ହେଲା ବୃଦ୍ଧ ନିଖୋଜ

**ତିର୍ତ୍ତୋଲ,୪।୧୦ (ଡି.ଏନ.ଏ.):** ତିର୍ତ୍ତୋଲ ଥାନା ତରଜଙ୍ଗା ପଞ୍ଚାୟତ ଧନଚକପଡ଼ା ଗ୍ରାମର ଜଣେ ବୃଦ୍ଧ ୬ଦିନ ହେଲା ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ନରହରି ନାୟକ(୮୬)। ତାଙ୍କ ପୁଅ କାର୍ତ୍ତିକ ଏନେଇ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମିସକେସ- ନଂ ୬୩/୧୯ ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, କାର୍ତ୍ତିକ କୌଣସି କାମରେ ଜଗତ୍‌ସିଂହପୁର ଯାଇ ଘରକୁ ଫେରିବା ପରେ ବାପାଙ୍କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ କୌଣସି ସୂଚନା ନ ପାଇବା ପରେ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନରହରିଙ୍କର ସାମାନ୍ୟ ମସ୍ତିଷ୍କ ବିକୃତ ଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ଆରମ୍ଭରୁ ହଟ୍ଟଗୋଳ, ବୈଠକ ବାତିଲ

**ରଘୁନାଥପୁର,୪।୧୦(ଡି.ଏନ.ଏ.)**




ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ।

**ରଘୁନାଥପୁର ପଞ୍ଚାୟତ ସମିତି ବୈଠକ**
- ୧୪ ମାସ ପରେ ଆୟୋଜିତ ହୋଇଥିଲା
- ଆମ୍ବା ଅଧ୍ୟକ୍ଷଙ୍କ ଅନୁପସ୍ଥିତିକୁ ନେଇ ହୋହଲ୍ଲା
- ଏମ୍‌ପି, ବିଧାୟକଙ୍କ ଉପସ୍ଥିତିରେ ଚାଲିଲା ଡ୍ରାମା

ଦୀର୍ଘ ୧୪ ମାସ ପରେ ଶୁକ୍ରବାର ହେବାକୁଥିଲା ରଘୁନାଥପୁର ପଞ୍ଚାୟତ ସମିତିର ୫ମ ବୈଠକ। ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ସହିତ ସାଧାରଣ ଜନତାଙ୍କ ସମସ୍ୟା ଓ ଉନ୍ନତିମୂଳକ କାମ ସମ୍ପର୍କରେ ହୋଇଥାନ୍ତା ଆଲୋଚନା। ତେବେ ବିଧିବଦ୍ଧ ଭାବେ ବୈଠକ ଆରମ୍ଭ ହେବା ମାତ୍ରେ ସବୁକିଛି ଓଲଟପାଲଟ ହୋଇଗଲା। ଆମ୍ବା ଅଧ୍ୟକ୍ଷଙ୍କୁ ବୈଠକକୁ ଆମନ୍ତ୍ରଣ କରା ନ ଯିବାକୁ ନେଇ ଆରମ୍ଭ ହେଲା ହୋହଲ୍ଲା। ସାଧାରଣଜନତାଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜନପ୍ରତିନିଧିମାନେ ପ୍ରକୃତ ଲକ୍ଷ୍ୟରୁ ଓହରି ଯାଇ କଥା କଟାକଟି ଓ ବାଦବିବାଦ ମଧ୍ୟରେ ଲିପ୍ତ ରହିଥିଲେ। ଆମନ୍ତ୍ରିତ ତଥା ବୈଠକରେ ଉତ୍ତରଦାୟୀ ରହିବା ପାଇଁ ଆସିଥିବା ବିଭିନ୍ନ ବିଭାଗର ଅଧିକାରୀମାନେ ବସି ରହିବା ସାର ହୋଇଥିଲା। ଅଧିକାରୀଙ୍କ ବହୁ ମୂଲ୍ୟ ସମୟ ଅପଚୟ ହେବା ସହ ଦିନକରେ ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ଏକ ପ୍ରକାର ପାଣିରେ ପଡିଲା। ଏମ୍‌ପି ଓ ବିଧାୟକଙ୍କ ଉପସ୍ଥିତିରେ ଚାଲିଥିବା ହଟ୍ଟଗୋଳ ପ୍ରଶମିତ ହୋଇ ନ ପାରିବାରୁ ବାଧ୍ୟ ହୋଇ ସମିତି ବୈଠକରେ ଅଧ୍ୟକ୍ଷତା କରୁଥିବା ବ୍ଲକ ଅଧ୍ୟକ୍ଷା ସ୍ୱପ୍ନସରିତା ବଳ ବୈଠକକୁ ବାତିଲ କରିଦେଲେ।

ପୂର୍ବ ସୂଚନା ଅନୁଯାୟୀ, ନିର୍ଦ୍ଧାରିତ ସମୟରେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ସଭାଗୃହରେ ଉପସ୍ଥିତ ହୋଇଥିଲେ। ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ମଧ୍ୟ ନିଜ ସମର୍ଥକଙ୍କ ଗହଣରେ ଆସି ବୈଠକରେ ପହଞ୍ଚିଥିଲେ। ବିଧାୟକ ବିଷ୍ଣୁ ଦାସ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିବା ଜନସମ୍ପର୍କ ଯାତ୍ରା ଯୋଗୁ ବିଳମ୍ବରେ ସମିତି ବୈଠକରେ ଯୋଗ ଦେଇଥିଲେ। ତେବେ ବୈଠକ ଆରମ୍ଭ ହେବା ମାତ୍ରେ ପୂର୍ବ ଥରର ବିବରଣୀର ଜେରକ୍ସ କପି ଉପସ୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ପରେ ଶାସକ ଦଳର ଦୁଇଗୋଷ୍ଠୀଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଆମ୍ବା ଅଧ୍ୟକ୍ଷଙ୍କୁ ବୈଠକକୁ କାହିଁକି ଆମନ୍ତ୍ରିତ କରାଗଲା ନାହିଁ ବୋଲି ଅଧ୍ୟକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ। ସେମାନଙ୍କ ଯୁକ୍ତି ଥିଲା କି ପୂର୍ବରୁ ଚିଠି କରାଯାଇ ବନ୍ଦ ହୋଇଥିବା ସମିତି ବୈଠକକୁ ଆମ୍ବା ଅଧ୍ୟକ୍ଷଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ଚଳିତ ବୈଠକରେ କାହିଁକି ତାଙ୍କୁ ଚିଠି କରାଗଲା ନାହିଁ। ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏହାକୁ ଏଡାଇ ଯାଇ ବୈଠକକୁ ଆଗେଇ ନେବାକୁ ଯଥା ସମ୍ଭବ ଚେଷ୍ଟା କରାଯାଇଥିଲା। ଫଳରେ ଦୀର୍ଘ ଅଢେଇ ଘଣ୍ଟା ହୋହଲ୍ଲା ଓ ବଚସାରେ ସମୟ ବିତିଥିଲା। କୌଣସି ନିର୍ଯ୍ୟାଶ ନ ବାହାରିବା ଏବଂ ବିଧାୟକ ଅସୁସ୍ଥତା ଅନୁଭବ କରି ଆଉ ଥରେ ବୈଠକ କରିବାର ପରାମର୍ଶ ରଖି ସ୍ଥାନ ପରିତ୍ୟାଗ କରିଥିଲେ। ଏପରି ହେବା ପଛରେ ବିଡିଓ ପଞ୍ଚାନନ ପଟାୟତ ପ୍ରଶ୍ନବାଣରେ ଏକ ପ୍ରକାର ଅପ୍ରସ୍ତୁତ ହୋଇପଡିଥିଲେ। ଶେଷରେ ଅଧ୍ୟକ୍ଷ ବଳ ବୈଠକ ବାତିଲ ଘୋଷଣା କରି ପୁନର୍ବାର ଆଉ ଦିନେ ବୈଠକ କରିବାକୁ ମତ ରଖିବା ପରେ ଏମ୍‌ପି ଡା. ମଲ୍ଲିକ ସ୍ଥାନ ପରିତ୍ୟାଗ କରିଥିଲେ। ଆମ୍ବା ଅଧ୍ୟକ୍ଷଙ୍କୁ ବୈଠକକୁ ଆମନ୍ତ୍ରିତ ନ କରିବା ସମ୍ପର୍କରେ ବିଡିଓ ପଟାୟତ କହିଛନ୍ତି ଯେ, ଏହାର ଉତ୍ତର ଅଧ୍ୟକ୍ଷା ବଳ କହିପାରିବେ। ଅଧ୍ୟକ୍ଷା ବଳଙ୍କୁ ପଚାରିବାରେ ସେ କହିଲେ ଯେ, ଆମ୍ବା ଅଧ୍ୟକ୍ଷଙ୍କୁ ଡାକିବାର ସେମିତି କିଛି ଗାଇଡଲାଇନ ନାହିଁ। ଜନସାଧାରଣଙ୍କ ହିତ ପାଇଁ ଆୟୋଜିତ ବୈଠକକୁ ଏକ ମାମୁଲି କଥାରେ ଚଳାଇ ନ ଦେବା ଅତ୍ୟନ୍ତ ନିନ୍ଦନୀୟ କଥା। ଅନ୍ୟପକ୍ଷରେ ବୈଠକରେ ଉପସ୍ଥିତ ଥିବା ଭାଜପା ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା ଶାସକ ଦଳର ଆଚରଣକୁ କଟାକ୍ଷ କରିବା ସହ ଉକ୍ତ ବୈଠକ କରାଇ ନ ଦେବା ଦୁର୍ଭାଗ୍ୟଜନକ ବୋଲି ମନ୍ତବ୍ୟ ଦେଇଛନ୍ତି। ବୈଠକରେ ଏବିଡିଓ ଅଶୋକ କୁମାର ମହାନ୍ତି, ଜିଲାପରିଷଦ ସଭ୍ୟା ଡେଜାଲିନ ମହାପାତ୍ର, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ, ବ୍ଲକ କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



ସରପଞ୍ଚ ଓ ସଭ୍ୟମାନଙ୍କ ମଧ୍ୟରେ ଯୁକ୍ତିତର୍କ।

### ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**ବାଲିକୁଦା,୪।୧୦(ସ୍ୱ.ପ୍ର.)**

ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖାର ମାସିକ ବୈଠକ ସ୍ଥାନୀୟ ମାରୁତି ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସଭ୍ୟ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମା'ଦୁର୍ଗାଙ୍କ ସ୍ତୁତି ଆବୃତ୍ତି କରିଥିଲେ। ଅବସର ଜୀବନକୁ ସୁଖମୟ କରିବା ପାଇଁ ଆଧ୍ୟାତ୍ମିକ ଆଲୋଚନା ଓ ଈଶ୍ୱରଭକ୍ତି ଏକାନ୍ତ ଆବଶ୍ୟକ ବୋଲି ପଣ୍ଡିତ ହୃଷିକେଶ ସାହୁ କହିଥିଲେ। ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ସଂଘ ସଭାପତି ବଂଶୀଧର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିତ୍ୟାନନ୍ଦ ପରିଡ଼ା ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଭୋଳାନାଥ ମହାନ୍ତି ଚାରାରୋପଣ ନିମନ୍ତେ ସଂଘର ସଦସ୍ୟମାନଙ୍କ ସହଯୋଗ କାମନା କରିଥିଲେ। ସଂଘର ସଦସ୍ୟଙ୍କ ଚିକିତ୍ସା ନିମନ୍ତେ ସହାୟତା ଦେବାକୁ ଏକ ସହାୟତା ପାଣ୍ଠି ଗଠନ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ସଂଘର ବିଭିନ୍ନ ସମସ୍ୟା ସମାଧାନ ପାଇଁ ୧୦ ଜଣିଆ ସଦସ୍ୟଙ୍କୁ ନେଇ ଏହି କମିଟି କାମ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ବର୍ଷୀୟାନ୍ ସଦସ୍ୟ ଭିକାରୀ ଚରଣ ସାହୁ ଓ ଶିକ୍ଷାବିତ୍ ବଂଶୀଧର ସାହୁଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଗବାନ ଲେଙ୍କା, ନଗେନ୍ଦ୍ରନାଥ ବିଶ୍ୱାଳ, ଶରତ ଚନ୍ଦ୍ର ବାରିକ, ଭ୍ରମରବର ପାଇଟାଳ, ଭଗବାନ ଲେଙ୍କା, ବୈଦ୍ୟନାଥ ଆଚାର୍ଯ୍ୟ, କାର୍ତ୍ତିକ ଚନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ପଲେଇ, କୈଳାସ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଜଡ଼ତିରାରେ ମୁଁ ହିରୋ କାର୍ଯ୍ୟକ୍ରମ

**ତିର୍ତ୍ତୋଲ,୪।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଡ଼ତିରା ପଞ୍ଚାୟତରେ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଁ ହିରୋ ବିବେଚିତ ହୋଇଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ରାଉତରାୟଙ୍କ ଜିଲା ପ୍ରତିନିଧି ଗଗନ ବିହାରୀ ପୃଷ୍ଟି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ସରପଞ୍ଚ କବିତା ବେହେରା, ସମିତି ସଭ୍ୟ ପବିତ୍ର ମୋହନ ମଲ୍ଲିକ, ଶରତ ଦାସ, ଆଦିତ୍ୟ ନାରାୟଣନାଥ ଶର୍ମା ପ୍ରମୁଖ ଯୋଗଦେଇ ବିଜୁ ଯୁବବାହିନୀ ଦ୍ୱାରା ଅନୁଷ୍ଠିତ ମୁଁ ହିରୋ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଲୁକାୟିତ ଯୁବପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି କହିଥିଲେ। ଏହି ଉପଲକ୍ଷେ ଦୌଡ଼, ନୃତ୍ୟ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ରଣୀ ଚାଷୀ ଜଗବନ୍ଧୁ ସ୍ୱାଇଁ, କବି ଇନ୍ଦ୍ରମଣୀ ସାହୁ, ପ୍ରକାଶ ନାଥ, ରଞ୍ଜନ ନାଥ, ହରେକୃଷ୍ଣ ନାଥ, କାଳୀପ୍ରସନ୍ନ ଗ୍ରହାଚାର୍ଯ୍ୟଙ୍କୁ ସଫଳ ବ୍ୟକ୍ତିତ୍ୱ ଭାବେ ସମ୍ମାନିତ କରାଯାଇଥିଲା। ରମାନାଥଙ୍କୁ ଆଦର୍ଶ ମା ଭାବେ ଘୋଷଣା କରାଯାଇଥିଲା। ମୁଁ ହିରୋ ଭାବେ ସ୍ମୃତିରଞ୍ଜନ ସ୍ୱାଇଁଙ୍କୁ ଟ୍ରଫି ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ବିଜୁ ଯୁବବାହିନୀର ସଭାପତି ଯଶୋବନ୍ତ ନାଥ, ସମ୍ପାଦକ ସୁନୀଲ କୁମାର ନାଥ, କୋଷାଧ୍ୟକ୍ଷ ଚିନ୍ମୟ ସାହୁଙ୍କ ସହ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟ ଅତିଥି।

### ପୋଲିସ-ବରିଷ୍ଠ ନାଗରିକ ଭାବ ବିନିମୟ

**ତିର୍ତ୍ତୋଲ,୪।୧୦(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ନିକଟ ଏକ ମଣ୍ଡପ ପରିସରରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ପୋଲିସ ତରଫରୁ ବରିଷ୍ଠ ନାଗରିକମାନଙ୍କ ସହ ଏକ ଭାବ ବିନିୟମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ଆର ଉପସ୍ଥିତ ରହି ସମ୍ପ୍ରତି ସମାଜରେ ବରିଷ୍ଠ ନାଗରିକମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା କିପରି ପୋଲିସ ସହାୟତାରେ ସମାଧାନ କରାଯାଇପାରିବ ସେ ସମ୍ପର୍କରେ କହିଥିଲେ। ଏଥିସହ ଉପସ୍ଥିତ ବରିଷ୍ଠ ନାଗରିକଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ତିର୍ତ୍ତୋଲ, କୁଜଙ୍ଗ, ଏରସମା ଓ ରଘୁନାଥପୁର ଥାନା ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ତିର୍ତ୍ତୋଲ ଏସଡିପିଓ ଦୀପକ କୁମାର ଜେନା ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଇଆଇସି କୃଷ୍ଣଚନ୍ଦ୍ର ମିଶ୍ର, କୁଜଙ୍ଗ ଆଇଆଇସି ଦିଲୀପ ସାହୁ, ଏରସମା ଆଇଆଇସି ପ୍ରଶାନ୍ତ କୁମାର ମାଝୀ, ରଘୁନାଥପୁର ଆଇଆଇସି ବବିତା ଦଳାଇ ପ୍ରମୁଖ ବରିଷ୍ଠ ନାଗରିକଙ୍କ ପରାମର୍ଶ ସବୁବେଳେ ସମାଜରେ ଶୃଙ୍ଖଳା ଆଣିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆଇନଜୀବୀ ରାଜକିଶୋର ପଟ୍ଟନାୟକ, ବାବୁରାମ ଚୌଧୁରୀ, ହିମାଂଶୁ ଦାସ, ରାଜା ନିରଞ୍ଜନ ଦାସ, ବ୍ରଜ କିଶୋର ମହାରାଜ, ଅକ୍ଷୟ ଦାସ, ପଦ୍ମ ଚରଣ ବିଶ୍ୱାଳ, ଅମର ରାଉତ, କୈଳାସ ପ୍ରଧାନ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ।

### ମା' ସିଦ୍ଧିଦାତ୍ରୀଙ୍କ କାତ୍ୟାୟନୀ ବେଶ



**ନାଉଗାଁ,୪।୧୦(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ବ୍ଲକ ସରମ୍ଭୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଶୁକ୍ରବାର ଶାରଦୀୟ ପାର୍ବଣ ଷୋଡ଼ଶ ଉପଚାର ପୂଜାର ତ୍ରୟୋଦଶ ଦିବସ ଓ ନବରାତ୍ର ପୂଜାର ଷଷ୍ଠ ଦିବସରେ ମା'ଙ୍କୁ କାତ୍ୟାୟନୀ ବେଶରେ ସୁସଜ୍ଜିତ କରାଯାଇଛି। ପୁରାଣ ବର୍ଣ୍ଣନା ଅନୁଯାୟୀ, କତ ନାମରେ ଜଣେ ମହର୍ଷି ଥିଲେ। ତାଙ୍କ ପୁତ୍ର ହେଲେ ଋଷି କାତ୍ୟା। କାତ୍ୟାଙ୍କ ଗୋତ୍ରରେ ବିଶ୍ୱ ପ୍ରସିଦ୍ଧ ମହର୍ଷି କାତ୍ୟାୟନ ଜନ୍ମ ହୋଇଥିଲେ। ସେ ମା' ଭଗବତୀଙ୍କୁ ଉପାସନା କରି ବହୁ ବର୍ଷ ତପସ୍ୟା କରିଥିଲେ। ଇଚ୍ଛା ଥିଲା ମାତା ଭଗବତୀ ତାଙ୍କ ଘରେ ଝିଅ ହୋଇ ଜନ୍ମ ନିଅନ୍ତୁ। ମା' ତାଙ୍କ ପ୍ରାର୍ଥନା ସ୍ୱୀକାର କଲେ। କିଛି କାଳ ପରେ ମହିଷାସୁର ବଧ ପାଇଁ ତ୍ରିଦେବ ନିଜ ନିଜ ତେଜର ଅଂଶ ଦେଇ ଦେବୀଙ୍କୁ ସୃଷ୍ଟି କଲେ। ସର୍ବ ପ୍ରଥମେ ମହର୍ଷି କାତ୍ୟାୟନ ସେହି ଦେବୀଙ୍କୁ ପୂଜା କରିଥିଲେ। ମା' ତାଙ୍କର କନ୍ୟା ରୂପେ ଜାତ ହୋଇ ମହର୍ଷି କାତ୍ୟାୟନଙ୍କ ଇଚ୍ଛା ପୂରଣ କରିଥିବାରୁ ମା'ଙ୍କ ଏହି ବେଶକୁ କାତ୍ୟାୟନୀ କୁହାଯାଏ। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳା ନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ବେଶ କରାଯାଇଥିଲା। ସମ୍ପାଦକ ଅକ୍ଷୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୋଖରୀ ଲିଜ୍ ବିବାଦକୁ ନେଇ ଥାନାରେ ଅଭିଯୋଗ

**ତିର୍ତ୍ତୋଲ,୪।୧୦(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅରଡ଼ଙ୍ଗ ଗ୍ରାମରେ ଥିବା ଲିଙ୍ଗ ପୋଖରୀ ଲିଜ୍ ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ଏକ ନିର୍ଦ୍ଦିଷ୍ଟ ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ଚଞ୍ଚକତା କରି ପଞ୍ଚାୟତ ତରଫରୁ ପୋଖରୀ ଲିଜ ପ୍ରଦାନ କରାଯାଇଥିବା ୭ଟି ଏସଏଚଜି ତରଫରୁ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଏଥିସହ ବିଡିଓ ଏବଂ ଜିପିଓଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ ହୋଇଥିଲା। ପ୍ରଶାସନ ଏଥିରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଲିଜ୍ ପାଇ ନ ଥିବା ୭ ଏସଏଚଜି ପକ୍ଷରୁ ଉକ୍ତ ପୋଖରୀରେ ଗତ ମଙ୍ଗଳବାର ମାଛ ଯାଆଁଳ ଛଡ଼ାଯାଇଥିଲା। ଏହା ପୂର୍ବରୁ ଲିଜ ପାଇଥିବା ମା' ଶାରଳା ଏସଏଚଜି ତରଫରୁ ମଧ୍ୟ ପୋଖରୀରୁ ଦଳ ସଫେଇ କରାଯାଇ ମାଛ ଯାଆଁଳ ଛଡ଼ାଯାଇଥିଲା। ଏବେ ଲିଜ୍ ପାଇନ ଥିବା ଗୋଷ୍ଠୀ ମାଛ ଯାଆଁଳ ଛାଡ଼ିବାରୁ ମା'ଶାରଳା ଏସ୍‌ଏଚ୍‌ଜି ପକ୍ଷରୁ ଗ୍ରାମର ୭ଜଣ ଲୋକଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ୭ ଗ୍ରୁପର ସଦସ୍ୟାମାନେ ମଧ୍ୟ ଶାରଳା ଏସଏଚଜି ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଏଥିସହ ସେମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଥିଲେ। ବିଡିଓ ରଞ୍ଜନ କୁମାର ପରିଡା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ପୂଜା ଉପଲକ୍ଷେ ହୋଇଥିବା ଶୋଭାଯାତ୍ରା।

### ମା'ଦୁର୍ଗାଙ୍କ ବିଲ୍ୱାଧିବାସ

**ପାରାଦୀପ,୪।୧୦(ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ବଣିକ ସଂଘର ଶାରଦୀୟ ଦୁର୍ଗାପୂଜା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାର ବେଲବରଣୀ ବା ବିଲ୍ୱାଧିବାସ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଥିଲା। ବଣିକ ସଂଘ କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଶୋଭାଯାତ୍ରା କରି ବେଲଗଛ ପାଇଁ ଯାଇଥିଲେ। ଅପରାହ୍ନରେ ବଡ଼ପଡିଆ ଦୁର୍ଗାମଣ୍ଡପରେ ଶୋଭାଯାତ୍ରା ପହଞ୍ଚିଥିଲା। ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୂଜା କମିଟିର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଶନିବାର ମହାସପ୍ତମୀ ପୂଜା, କଳସାଧିବାସ ଓ ଘଟସ୍ଥାପନ ହେବାର କାର୍ଯ୍ୟକ୍ରମ ରହିଛି। ପାରାଦୀପ ବନ୍ଦରାଞ୍ଚଳରେ ଏକମାତ୍ର ଏହି କମିଟି ପକ୍ଷରୁ ବଡ଼ଧରଣର ପୂଜା ଆୟୋଜନ ହେଉଛି। ବିଜୟା ଦଶମୀ ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ପ୍ଲାଷ୍ଟିକମୁକ୍ତ ସଚେତନତା ସୃଷ୍ଟି କଲେ ଛାତ୍ରୀଛାତ୍ର

**ବାଲିଆ,୪।୧୦**

ବିରିଡ଼ି ବ୍ଲକ ଅନନ୍ତବଟ ଅଳକା ମହାବିଦ୍ୟାଳୟ ଜାତୀୟ ସେବା ଶିବିର ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନବନିଯୁକ୍ତ ଭାରାପ୍ରାପ୍ତ ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟଙ୍କ ତତ୍ତ୍ୱାବଧାନ ଓ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଡ. ଅକ୍ଷୟ କୁମାର ଭଦ୍ର ଓ ଅଧ୍ୟାପିକା ମମତା ମଞ୍ଜରୀ ବେହେରାଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କଲେଜ ପରିସର ସଫେଇ କରାଯାଇଥିଲା। ଅଧ୍ୟାପିକା ଜଲି ପଟ୍ଟନାୟକ, ଲିଜାବାଳା ଶତପଥୀ, ଶଳୀଳ ଦାସ, ଅଧ୍ୟାପକ ପରିକ୍ଷିତ ମଲିକ, ଅଧ୍ୟାପକ ରୁଦ୍ର ନାରାୟଣ ମହାନ୍ତି, କ୍ରୀଡ଼ା ଶିକ୍ଷକ ସଞ୍ଜୀବ ମହାନ୍ତି, ଗ୍ରନ୍ଥାଗାରିକ ପ୍ରମୋଦ କୁମାର ଜେନା, ଅକ୍ଷୟ ବେହେରା, ମୁଖ୍ୟକିରାଣୀ ଗୋରାଙ୍ଗ ମିଶ୍ର, ରମେଶ ବାରିକ, ଜଗନ୍ନାଥ ଦାସ, ସୁକାନ୍ତ ଦାସ, କ୍ଷୀରୋଦ ପୃଷ୍ଟି, ମନୋରଞ୍ଜନ ବେହେରା, ଗଙ୍ଗାଧର ଜେନା, ରିନା ଓଝା, ଜୟଶ୍ରୀ ମହାନ୍ତି, ଦୀପ୍ତି ରାୟ, ବିଜୟ ନାୟକ, ସରସ୍ୱତୀ ମଲିକ, ଅଶୋକ କୁମାର ଲେଙ୍କା, ସାରଦା ପ୍ରସାଦ ମହାପାତ୍ରଙ୍କ ସହ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ପରେ ଅଧ୍ୟକ୍ଷ ରାୟଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ପରିଚାଳିତ ହେବାକୁ ଅଧ୍ୟକ୍ଷ ରାୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।




ସଫେଇ ଓ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀ।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

**ବାଲିକୁଦା,୪।୧୦(ସ୍ୱ.ପ୍ର.)**

ବିଦ୍ୟୁତ୍ ଆଘାତରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିର୍ତ୍ତୋଲ ଥାନା ଗୋବିନ୍ଦପୁର ଖଣ୍ଡଙ୍ଗ ଗାଁର ଭ୍ରମରବର ଦାସଙ୍କ ସାନପୁଅ ଲୁଲୁ ଦାସ(୨୦)। ଲୁଲୁ ସ୍ଥାନୀୟ ତରଜଙ୍ଗା ଅଞ୍ଚଳର ଏକ ଡେକୋରେଶନ ପ୍ରତିଷ୍ଠାନରେ କାମ କରନ୍ତି। ଉକ୍ତ ଡେକୋରେଶନ ପକ୍ଷରୁ ବାଲିକୁଦା ବସ୍‌ଷ୍ଟାଣ୍ଡରେ ଦୁର୍ଗାପୂଜା ନିମନ୍ତେ ସାଜସଜା କରାଯାଉଛି। ଲୁଲୁ ସେଠାରେ ରାତିରେ ଲିଟୁ ମାଳ ଲଗାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗତ୍‌ସିଂହପୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ଉକ୍ତ ଡେକୋରେଶନର ମାଲିକ କହିଛନ୍ତି ଯେ, ଲୁଲୁ ତାଙ୍କ ପାଖରେ ଗତ ୫ ଦିନ ହେଲା କାମ କରୁଥିଲେ।

# ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ସାମିଲ କର

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ ବର୍ତ୍ତମାନ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଲୋକଙ୍କୁ ଏକ ସୁସ୍ଥ ବାତାବରଣ ପ୍ରଦାନ କରିବାର ମାଧ୍ୟମ ହୋଇପାରିଛି। ପ୍ରଦୂଷଣ ପ୍ରତିହତ କରିବା, ପ୍ଲାଷ୍ଟିକ୍ ନିଷିଦ୍ଧ, ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଚାରୁ ଭାବେ ତୁଲାଇଲେ ହିଁ ପରିବେଶ ସ୍ୱଚ୍ଛ ରହିବ। ପରିବେଶ ସ୍ୱଚ୍ଛ ରଖିବାକୁ ହେଲେ ଆମକୁ ସ୍ୱଚ୍ଛତାକୁ ନିଜ ଦୈନନ୍ଦିନ ଜୀବନରେ ଏକ ମନ୍ତ୍ର ଭାବେ ମାନି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପଞ୍ଚାୟତିରାଜ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ଶୁକ୍ରବାର କିମ୍ସ ସମ୍ମିଳନୀ କକ୍ଷରେ

## ରାଜ୍ୟସ୍ତରୀୟ ସ୍ୱଚ୍ଛ ସର୍ବେକ୍ଷଣ କର୍ମଶାଳା

ଆୟୋଜିତ ରାଜ୍ୟସ୍ତରୀୟ ସ୍ୱଚ୍ଛ ସର୍ବେକ୍ଷଣ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଥିଲେ, ଓଡ଼ିଶାକୁ ସ୍ୱଚ୍ଛ ଓ ସୁସ୍ଥ ଭାବେ ଗଢ଼ିବା ପାଇଁ ଆମକୁ ଏକତ୍ରିତ ହେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ରକୁ ଅନୁସରଣ କରି କାର୍ଯ୍ୟ କରିବାକୁ ପଡ଼ିବ। ଲୋକଙ୍କୁ ଖୁବ୍‌ଶୀଘ୍ର ଗୁଣାତ୍ମକ ସେବା ପ୍ରଦାନ ନିମନ୍ତେ ଏହି ୫ 'ଟି' ନୀତି

## ରାଜ୍ୟର ପ୍ରଥମ ବାହ୍ୟ ମଳମୁକ୍ତ ମହାନଗର ଭାବେ ବ୍ରହ୍ମପୁର ପୁରସ୍କୃତ



ବିଏମସି କମିଶନର ଓ ଅନ୍ୟ ଅଧିକାରୀମାନେ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଅବଲମ୍ବନ କରାଯାଇଛି। ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)କୁ ପୁନର୍ବାର ରାଜ୍ୟର ପ୍ରଥମ ବାହ୍ୟ ମଳମୁକ୍ତ ପ୍ଲସ ପ୍ଲସ (ଓଡିଏଫ ++) ମହାନଗର ଭାବେ ପୁରସ୍କୃତ କରାଯାଇଛି। ମନ୍ତ୍ରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଏମ୍‌ସି ପକ୍ଷରୁ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ବସ୍ତି ଉନ୍ନୟନ ଅଧିକାରୀ ଈପସିତା ପ୍ରିୟଦର୍ଶିନୀ ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂର୍ବରୁ ୨୦୧୮ ଅକ୍ଟୋବରରେ ବ୍ରହ୍ମପୁରକୁ ରାଜ୍ୟର ପ୍ରଥମ ବାହ୍ୟମଳମୁକ୍ତ ସହର ଭାବେ ଘୋଷଣା କରାଯାଇଥିଲା। ୨୦୧୯ ଜାନୁୟାରୀ ୬ରେ ରାଜ୍ୟର ପ୍ରଥମ ବାହ୍ୟ ମଳମୁକ୍ତ ମହାନଗର ଭାବେ ବ୍ରହ୍ମପୁର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସ୍ୱଚ୍ଛ ଭାରତ ମିଶନ ନିର୍ଦ୍ଦେଶକ ବିନୋଦ କୁମାର ଜିନ୍ଦଲ, ନଗର ଉନ୍ନୟନ ବିଭଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ, ବିଭାଗୀୟ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କ ସମେତ ବିଭିନ୍ନ ପୌରସଂସ୍ଥା ଓ ନଗର ନିଗମ ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

---

ଅଭିଯୋଗକାରୀଙ୍କୁ ଅଣ୍ଡା, କୁକୁଡ଼ା ମାଗିବା ଘଟଣା

# ପୋଲିସ ଏଏସ୍‌ଆଇ ନିଲମ୍ବିତ

**ବଲାଙ୍ଗୀର ଅଫିସ,୪।୧୦:** ଥାନାରେ ଅଭିଯୋଗ କରିବାକୁ ଆସିଥିବା ଜଣେ ଅଭିଯୋଗକରୀଙ୍କୁ ଅଣ୍ଡା ଓ କୁକୁଡ଼ା ମାଗି ଚର୍ଚ୍ଚାରକୁ ଆସିଥିବା ସଇଁତଲା ଥାନା ପୋଲିସ ଏଏସ୍‌ଆଇ ଜଗଦୀଶ ମହାନନ୍ଦଙ୍କୁ ଶୁକ୍ରବାର ଚାକିରୀରୁ ନିଲମ୍ବିତ କରାଯାଇଛି। ଏହା ସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ନିଲମ୍ବନ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମରେ ଅଭିଯୋଗକାରୀଙ୍କ ପାଖକୁ ଟୋଲ ଫ୍ରି ନମ୍ବରରୁ ଫୋନ୍ କରାଯାଇ ତାଙ୍କ ମତାମତ ନେବାବେଳେ ଏଏସ୍‌ଆଇ ମହାନନ୍ଦ ଅଭିଯୋଗକାରୀଙ୍କୁ ଅଣ୍ଡା ଓ କୁକୁଡ଼ା ଆଣିବାକୁ କହିଥିବା ଜଣାପଡିଥିଲା। ସଇଁତଲା ଥାନାରେ କିଛି ଦିନ ପୂର୍ବରୁ ଏକ ମାରପିଟ ଘଟଣାକୁ ନେଇ ଆଶିଷ ସାହୁ ନାମକ ଜଣେ ଯୁବକ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତକାରୀ ଅଫିସର ଭାବେ ଏଏସ୍‌ଆଇ ମହାନନ୍ଦ ଦାୟିତ୍ୱ ନେଇଥିଲେ। ତେବେ ମାମଲା ତଦନ୍ତ ଆରମ୍ଭ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଛାଡି ଅଭିଯୋଗକାରୀଙ୍କୁ ଅଣ୍ଡା ଓ କୁକୁଡା ଆଣି ଦେବାକୁ କହିଥିଲେ। ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଗତ ୩୦ ତାରିଖରେ ଆଶିଷଙ୍କୁ ଏକ ଟୋଲ ଫ୍ରି ନମ୍ବରରୁ ଫୋନ୍ ଆସିଥିଲା। ସେ ଯେତେବେଳେ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ତାଙ୍କୁ ଥାନାରେ ପୋଲିସ ଅଧିକାରୀମାନେ କିଭଳି ବ୍ୟବହାର କରିଥିଲେ। ବସିବାକୁ ଚୌକି ଦେଇଥିଲେ କି ନାହିଁ ଓ ସେମାନଙ୍କ ସେବାରେ ସେ କେତେ ସନ୍ତୁଷ୍ଟ ଅଛନ୍ତି ଏଭଳି କିଛି ପ୍ରଶ୍ନ କରାଯାଇଥିଲା। ଉକ୍ତ ଟୋଲ ଫ୍ରି ନମ୍ବରର ଫୋନ୍‌ଟି ରେକର୍ଡିଂ କରାଯାଉଛି ଓ ଏହା ମୁଖ୍ୟମନ୍ତ୍ରୀ, ଡିଆଇଜି ଓ ଏସ୍‌ପି ଶୁଣିବେ ବୋଲି କୁହାଯାଇଥିଲା। ଏଭଳି ଫୋନ୍ କଲ୍ ପାଇବା ପରେ ଆଶିଷ ଥାନାରେ ଘଟିଥିବା ସମସ୍ତ ବିବରଣୀ ସମ୍ପର୍କରେ କହିଥିଲେ। ଅଭିଯୋଗ କରିବା ଦିନ ସଇଁତଲା ଥାନା ଅଧିକାରୀ ଭଲ ବ୍ୟବହାର ଦେଖାଇଥିଲେ ମଧ ଘଟଣାର ତଦନ୍ତ କରୁଥିବା ଏଏସ୍‌ଆଇ ଜଗଦୀଶ ମହାନନ୍ଦ ତାଙ୍କୁ ଅଣ୍ଡା ଓ କୁକୁଡ଼ା ଆଣି ଦେବାକୁ କହିଥିବା ଜଣାଇଥିଲେ। ଏହା ସହିତ ଥାନାରେ ପାଣି ପିଇବାକୁ ଦେଇ ନ ଥିଲେ ବୋଲି ଜଣାଇଥିଲେ। ଉକ୍ତ ଫୋନ୍ ଆସିବାର ୨ଦିନ ପରେ ଗତ ବୁଧବାର ଜଣେ ପୋଲିସ ଅଧିକାରୀ ଆଶିଷଙ୍କ ସଇଁତଲା ଘରକୁ ଆସି ଦୀର୍ଘ ସମୟ ଧରି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ପୋଲିସ ଏଏସ୍‌ଆଇ ମହାନନ୍ଦଙ୍କ ବିରୋଧରେ କରିଥିବା ଅଭିଯୋଗ ଶୁଣିଥିଲେ। ଏନେଇ ଏଏସ୍‌ଆଇ ମହାନନ୍ଦଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟରୁ କଲ୍ ଫର୍ ନୋଟିସ ଜାରି କରାଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶୁକ୍ରବାର ସମ୍ପୃକ୍ତ ଏଏସ୍‌ଆଇ ମହାନନ୍ଦଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି। ମୋ ସରକାର କାର୍ଯ୍ୟକ୍ରମର ଫୋନ୍ କଲ୍ ରେକର୍ଡିଂରୁ ଜଣେ ଏଏସ୍‌ଆଇ ନିଲମ୍ବିତ ହେବା ପରେ ପୋଲିସ ବିଭାଗରେ ହଇଚଇ ସୃଷ୍ଟି ହୋଇଛି।

---

ଡାକୋଟା ବିମାନ ଓଡ଼ିଶା ଆଣିବା ପ୍ରସଙ୍ଗ

# ହରଦୀପ୍ ସିଂ ପୁରୀଙ୍କୁ ଅନୁରୋଧ କଲା ଜଗନ୍ନାଥ ସେନା

**ପୁରୀ ଅଫିସ, ୪।୧୦:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ। କଲିକତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ଏହା ପଡିରହିଛି। ବିଜୁବାବୁଙ୍କ ଏହି ପ୍ରିୟ ଡାକୋଟା ଡିସି-୩କୁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ସ୍କ୍ରାପ୍ ଦରରେ ବିକ୍ରି କରିବାକୁ ଯୋଜନା କରୁଛନ୍ତି, ଯାହାକି ପ୍ରତିଟି ଓଡ଼ିଆଙ୍କ ପାଇଁ ଯନ୍ତ୍ରଣାଦାୟକ। ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଏହି ଡାକୋଟା ବିମାନକୁ ଓଡ଼ିଶା ଫେରାଇ ଆଣିବାକୁ ଅଣ୍ଟା ଭିଡ଼ିଛି ଶ୍ରୀଜଗନ୍ନାଥ ସେନା। ଗତ ଗୁରୁବାର ନୂଆଦିଲ୍ଲୀରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରି ଡାକୋଟା ବିମାନକୁ ଉଦ୍ଧାର କରିବାକୁ ସେନା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଏହା ଉପରେ ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶୁକ୍ରବାର ଟାଉନ ହଲ୍ ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ପ୍ରଚେଷ୍ଟା ସଫଳ ହେଲେ ବିମାନକୁ ମ୍ୟୁଜିୟମ୍‌ରେ ରଖାଯାଇପାରିବ। ଫଳରେ ପର୍ଯ୍ୟଟକମାନେ ଏହାକୁ ଦେଖି ବିଜୁବାବୁଙ୍କ ସାହସିକତା ବିଷୟରେ ଅବଗତ ହୋଇପାରିବେ ବୋଲି ପଟ୍ଟନାୟକ କହିଛନ୍ତି। ସେହିପରି ସେନା ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ସିଦ୍ଧମହାବୀର ରେଳ ଓଭର ବ୍ରିଜ୍ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯାଇ ଓଭରବ୍ରିଜ୍ ନିର୍ମାଣ ଲାଗି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସେନାର ଆବାହକ ପଟ୍ଟନାୟକ କହିଥିଲେ।

---

ଭାରତ- ସିଙ୍ଗାପୁର ଅନ୍ତର୍ଜାତୀୟ ହାକାଥନ୍

# ସି.ଭି. ରମଣ କଲେଜ ଛାତ୍ର ପ୍ରଥମ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଆଇଆଇଟି, ମାଡ୍ରାସଠାରେ ଭାରତ-ସିଙ୍ଗାପୁର ଅନ୍ତର୍ଜାତୀୟ ହାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସି.ଭି. ରମଣ କଲେଜର ଇଲୋକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ ବିଭାଗର ୪ର୍ଥ ବର୍ଷର ଛାତ୍ର ଶୁଭମ ଦିବେକାରଙ୍କର ବିଜୟୀ ହୋଇଛନ୍ତି। ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପୁରସ୍କୃତ କରିଛନ୍ତି। ଚଳିତ ବର୍ଷ ସର୍ବଭାରତୀୟ ହାକାଥନ୍‌ରେ ଭାଗନେଇ ଶୁଭମ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଭାରତ-ସିଙ୍ଗାପୁର



ଆର୍ନ୍ତଜାତୀୟ ହାକାଥନ୍‌ର ଏକ ସ୍ୱତନ୍ତ୍ର ଗ୍ରୁପରେ ସ୍ଥାନ ପାଇଥିଲେ। ଏହି ସ୍ୱତନ୍ତ୍ର ଗ୍ରୁପରେ ଶୁଭମଙ୍କ ସହ ସିଙ୍ଗାପୁରର ଟାନ ମିଙ୍ଗ୍ କାଇ ମିସେଲ୍, ଜେରାଲୋ, ବ୍ରାଏନ୍ ଲିମ୍ ଯୁକିଆଙ୍ଗ୍ ଏବଂ ଭାରତର ଶ୍ୱେତା କବି, ବୈଭବ କୁମାର ମଧ ସ୍ଥାନ ପାଇଥିଲେ। ଏହି ଗ୍ରୁପଟି ଇନଡୋର ଏୟାର କ୍ୱାଲିଟି ମେଜରମେଣ୍ଟ ଓ ପ୍ୟୁରିଫିକେଶନ୍ ନିମନ୍ତେ ଏକ ସ୍ୱତନ୍ତ୍ର ଚିପ୍‌ସ ନିର୍ମାଣ କରି ତାହାର ଜ୍ଞାନକୌଶଳକୁ ପ୍ରଦର୍ଶନ କରିଥିଲେ। ସଫଳତା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଏଆଇସିଟିଇ ଚେୟାରମ୍ୟାନ୍ ଅନିଲ କୁମାର ସହସ୍ରେବୁଧେ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭକାମନା ଦେଇଥିଲେ। ଶୁଭମଙ୍କୁ କଲେଜର ଚେୟାରମ୍ୟାନ୍ ସଞ୍ଜୀବ କୁମାର ରାଉତ ଶୁଭେଚ୍ଛା ଜଣାଇଛନ୍ତି।

---

# ୧୦ ସୂଚନାଦାତାଙ୍କୁ ପୁରସ୍କୃତ କଲା ସେସୁ

**ଭୁବନେଶ୍ୱର,୪।୧୦(ବ୍ୟୁରୋ):** ବିଦ୍ୟୁତ୍ ଚୋରି ସମ୍ବନ୍ଧରେ ସୂଚନା ଦେଇଥିବାରୁ ସେସୁ ପକ୍ଷରୁ ୧୦ ଜଣଙ୍କୁ ପୁରସ୍କୃତ କରାଯାଇଛି। ଏହି ସମସ୍ତ ବ୍ୟକ୍ତିବିଶେଷଙ୍କୁ ରାଜଧାନୀସ୍ଥିତ ସେସୁ ମୁଖ୍ୟାଳୟ ଇଡ୍‌କୋ ଟାୱାରରେ ୨୮,୪୦୦ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଜନସାଧାରଣଙ୍କ ସୂଚନାକୁ ଆଧାର କରି ସେସୁ ପକ୍ଷରୁ କରାଯାଇଥିବା ଚଢଉରୁ ବିଦ୍ୟୁତ୍ ଚୋରି ରୋକାଯାଇଛି। ପ୍ରାୟ ୨ ଲକ୍ଷ ୮୪ ହଜାର ୨୦୩ ଟଙ୍କା ଜରିମାନା ଆକାରରେ ସଂଗୃହୀତ ହୋଇଥିବା ଜଣାପଡିଛି। ନିକଟରେ ଭୁବନେଶ୍ୱର, କଟକ, ଢେଙ୍କାନାଳ, କେନ୍ଦ୍ରାପଡା ଏବଂ ନୟାଗଡ ପ୍ରଭୃତି ସ୍ଥାନରୁ ୫ ମିଟର ଟ୍ୟାମ୍ପରିଂ ଏବଂ ୬ଟି ହୁକ ଟଣାଯାଇ ବିଦ୍ୟୁତ ଚୋରି କରାଯାଉଥିବା ଠାବ କରାଯାଇଛି। କିଛିଦିନ ପୂର୍ବେ ସେସୁ ପକ୍ଷରୁ ୯୪୩୭୧୫୮୬୭୦ ନମ୍ବରଟି ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ସୂଚନା ଦେବା ପାଇଁ ଜାରି କରାଯାଇଛି।


## ZILLA SWASTHYA SAMITI, JHARSUGUDA

**TENDER CALL NOTICE**

**Advt. No. 7483 / C.D.M. & P.H.O. Jharsuguda Dt: 04.10.2019**

Sealed tenders are invited by the Collector & District Magistrate of Jharsuguda from eligible agencies (Authorized Dealer) interested for transportation of KHUSHI sanitary Napkins from Block warehouse to all schools of the concerned block. Interested Bidders can obtain the tender document containing detailed terms and conditions, scope and eligibility criteria from the website **www.jharsuguda.nic.in**. The cost of the RFP document Rs. 2,240/- (including GST) non-refundable shall be submitted along with the proposal (technical bid) in the form of DD/Pay Order in favour of Collector & District Magistrate payable at Jharsuguda. The proposals (both technical and financial) by eligible Bidders shall reach to the Office of the undersigned by the due date and time i.e., 26.10.2019, by 4.00 PM in the prescribed format and manner. Proposals received after due date and time shall be rejected. Proposals shall be received only through registered post/ speed post or courier service only. The authority reserves the right to reject all the tender process at any time without assigning the reasons thereof.

**Sd./-**
**Chief District Medical & Public Health Officer, Jharsuguda**

## OFFICE OF THE CHAIRMAN, DISTRICT LEGAL SERVICES AUTHORITY, SAMBALPUR

**ADVERTISEMENT NO.01/Rect./2019**

**Dated 4th Day of October, 2019**

Applications in prescribed format have been invited for the posts of Junior Clerk, DLSA, Sambalpur/ Junior Clerk-cum-Typist, TLSC, Kuchinda & Rairakhol. The aspirants are requested to visit the websites viz. **www.districts.ecourts.gov.in/sambalpur** and **www.sambalpur.nic.in** for details.

**Sd./- CHAIRMAN**
**DISTRICT LEGAL SERVICES AUTHORITY**
**SAMBALPUR**

## OFFICE OF THE COLLECTOR & DISTRICT MAGISTRATE, BALANGIR

**(ST & SC DEVELOPMENT SECTION)**

**QUOTATION CALL NOTICE**

Sealed quotations/tenders in plain papers vide Quotation Call Notice No.2173 /SSD, dt.03.10.2019 of District Welfare Officer, Balangir are invited from the intending registered firms, Manufacturers, Authorized dealers & Authorized supplier for supply of Textile materials & Electrical Items for use of Students/Boarders of different Schools/Hostels under ST & SC Development Dept. of Balangir District for the year 2019-20. The details of required items and Terms & Condition may be downloaded from the District Website i.e. **www.balangir.nic.in.**"

**YourS faithfully**
**District Welfare Officer**
**Balangir**

## ZILLA SWASTHYA SAMITI, KANDHAMAL

**Office of the CDM & PHO-cum-District Mission Director, NHM, Kandhamal, Odisha, 762001**

**Advt. No. 11657 / NHM/19 Dt: 04.10.2019**

**TENDER CALL NOTICE**

**No.390-E:-** Sealed tenders are invited from the interested eligible bidders for supply E-Rickshaw NHM, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD, tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 PM of 18.10.2019** through Regd/ Speed Post/ Courier and the same will be opened on **19.10.2019 at 11.00 AM**. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum District Mission Director**
10015/11/0021/1920 **Kandhamal**

## ODISHA SALES TAX TRIBUNAL, CUTTACK

**File No.X-09/2019/4582/Trl., dt.01.10.2019**

**QUOTATION CALL NOTICE**

No.: 16-S: Sealed Quotations / tender are invited from interested reputed Travel Agencies/ Tour Operators or Private individuals of Cuttack/ Bhubaneswar for providing vehicles Swift Dzire(Petrol)/Zest (Petrol)/Xcent (Petrol)/Tigor (Petrol)/ Etios (Petrol), which must conform to the terms and conditions (Annexure-I) for Official use in Odisha Sales Tax Tribunal, Cuttack on monthly rate basis.

1. The Vehicle must be in Road worthy condition and shall not be more than three years old from the date of initial registration and must have valid registration certificate, insurance certificate, fitness certificate, Pollution certificate valid contract carriage permit, proof of up-to-date tax payment, coverage etc. which are mandatory for plying of vehicle.
2. The Driver of the vehicle must have a valid commercial driving licence for driving light transport passenger vehicles and should be sufficiently experienced in driving light motor vehicle.
3. The Driver should be well behaved, gentle and docile in nature.
4. A sum of Rs.5000/- shall be deposited by the intending quotationer in shape of Account Payee Bank Draft drawn in favour of the Registrar, Odisha Sales Tax Tribunal, Cuttack and submitted the tender with sealed quotation as security deposit. The amount will be refunded to those whose quotations are not accepted.
5. The monthly rate of hire charges shall be quoted separately in the general bid information (excluding fuel and Lubricants).
6. The vehicle Swift Dzire (Petrol)/Zest(Petrol)/Xcent (Petrol)/ Tigor (Petrol)/Etios (Petrol)must achieve a fuel efficiency of 17Kms. per litre with A.C. respectively.
7. Details of the make and year of manufacture of the vehicle, Registration No., mileage (Kms covered per litre) and name of the Driver with Driving licence No. and period of validity should be specifically provided in the general bid information to be furnished with the quotation / tender.
8. It will be ensured through Service Providers of hired vehicles that the vehicles are kept under optimum running condition and avoid accidents attributable to lack of maintenance/ upkeep. The hired vehicles cannot be used for any private/ commercial purpose beyond office hours or during holidays.
9. Log books shall be maintained for the hired vehicles as in the case of Government vehicles, kilometer reading and POL drawn shall be necessarily recorded in relevant columns and verified regularly by an authorized officer before making payment.
10. GST registration and GeM registration are compulsory for any Service Provider to provide hired vehicles to Government offices through GeM or through open bidding.
11. The hiring may be discontinued immediately, when the vehicles are no longer required for offices.
12. The quotations completed in all respect should reach the undersigned on or before dtd. 25.10.2019 by 2.00 P.M. and shall be opened on the same day at 4.00 P.M. in presence of the quotationers / authorised representatives.
13. The application form quotation / tender containing General bid information and terms and conditions for hiring of vehicles will be available with the Registrar, Odisha Sales Tax Tribunal, Cuttack on payment of Rs.100/- and terms and conditions are available in official Website of the Government of Odisha Sales Tax Tribunal, Cuttack.(**www.ostt.nic.in**).
14. This office reserves the right to cancel the bidding process at any stage without assigning any reason thereof.

**Sd./- Registrar,**
05003/11/0001/1920 **Odisha Sales Tax Tribunal, Cuttack**

## OFFICE OF THE DY. INSPECTOR GENERAL OF POLICE, GROUP CENTRE, CRPF

**BHUBANESWAR-751011**
**PHONE No. 0674-2556611**
**No. B.V.02/2019-20-GCB-Bldg, Dated 30 Sept, 2019.**

**NOTICE**

No.145-D :- Deputy Inspector General of Police, GC, CRPF, Bhubaneswar (Odisha) invites application from the local vendors of Odisha for running of Vegetable, Fish & Meat Shop inside GC CRPF Campus, Bhubaneswar for use of CRPF Families.

Interested vendors will submit application to this office during office hour 09:30 to 05:30 in working days within 15 days from the date of publication of the notice. Permission for running above shop will be accorded purely as per recommendation of the assessment board detailed by the DIG-cum Estate officer. Terms and condition are available on CRPF website. **www.crpf.nic.in.**

**12100/11/0001/1920 DIG-Cum-Estate Officer**

## ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**Notice no.5269/CDM&PHO/SNG/Dt.04.10.19**

**(ଟ୍ରୁନାଟ ଏବଂ (ପିସିଆର ଏନାଲାଇଜର) ସହିତ କ୍ୟାଟ୍ରୀରିଜ ସାମଗ୍ରିକ କ୍ରୟ ସମ୍ବନ୍ଧେ ବିଜ୍ଞାପନ)**

No.392-E :- The sealed tenders are invited from the willing supplier/distributors/wholesaler to quotE the rates of TRUNAT/TRUELAB (PCR Analyzer with Cartridge) as per specification mentioned in the tender. The bidders are requested to submit their sealed tenders to the office of the undersigned by Speed Post/Regd. Post/ Courier Service only on or before dt.24.10.19 till 5 P.M. the said tenders will be opened on dt.25.10.19 at 11.00 A.M. and after due date & time any tender will not be entertained. The bidders himself or their representatives are requested to remain present in the fixed date & time for opening of tenders. The details term & conditions and items list can be downloaded from the District website- **www.sundergarh.nic.in.** The undersigned reserves the right to accept/reject all the tenders without assigning any reason thereof.

**Sd./- Dr. P.K. Patel**
**Chief District Medical & Public Health Officer**
10100/11/0020/1920 **Sundargarh**

## GOVERNMENT OF ODISHA
## DEPARTMENT OF PANCHAYATI RAJ
### INVITATION FOR BIDS (IFB)

**IDENTIFICATION No: - TAL- 02/2019-20/dtd.01.10.2019.**
**E-mail address: - ori-talcher@nic.in**

The Block Development Officer, Talcher on behalf of the Governor of Odisha invites Percentage rate bid in double cover system for the works as detailed in the table below, from the class of eligible contractors as mentioned in Col.4 (four), registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of the G.P. | Name of Works | Approx. Value of Work. (Rs. in Lakhs) | Class of Contra-ctor | Bid Security (Rs.) | Cost of Documents (Non-refundable) | Period of Comple-tion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Bantol | Construction of AWC Building at Ballahar | 11.54 | D & C | 11600.00 | 6000.00 | 6 (Six Calendar Months) |
| 2 | Bantol | Construction of AWC Building at Kukudula-II | 11.54 | D & C | 11600.00 | 6000.00 | 6 (Six Calendar Months |
| 3 | Dera | Construction of AWC Building at Dera | 11.54 | D & C | 11600.00 | 6000.00 | 6 (Six Calendar Months) |
| 4 | Dharampur | Construction of AWC Building at Dharampur | 11.54 | D & C | 11600.00 | 6000.00 | 6 (Six Calendar Months) |
| 5 | Ghantapada | Construction of AWC Building at Chalghar-III | 11.54 | D & C | 11600.00 | 6000.00 | 6 (Six Calendar Months) |
| 6 | Gurujanguli | Construction of AWC Building at Chainpal | 11.54 | D & C | 11600.00 | 6000.00 | 6 (Six Calendar Months) |
| 7 | Gurujanguli | Construction of AWC Building at Kholua-I | 11.54 | D & C | 11600.00 | 6000.00 | 6 (Six Calendar Months) |
| 8 | Gurujanguli | Construction of AWC Building at Kholua-II | 11.54 | D & C | 11600.00 | 6000.00 | 6 (Six Calendar Months) |
| 9 | Jagannathpur | Construction of AWC Building at Jagannathpur-II | 11.54 | D & C | 11600.00 | 6000.00 | 6 (Six Calendar Months |
| 10 | Karnapur | Construction of AWC Building at Karnapur-IV | 11.54 | D & C | 11600.00 | 6000.00 | 6 (Six Calendar Months) |
| 11 | Kumunda | Construction of AWC Building at Kumunda-III | 11.54 | D & C | 11600.00 | 6000.00 | 6 (Six Calendar Months) |
| 12 | Tentulei | Construction of AWC Building at Hirapur-V | 11.54 | D & C | 11600.00 | 6000.00 | 6 (Six Calendar Months) |
| 13 | Karnapur | Construction of AWC Building at Natidi | 11.54 | D & C | 11600.00 | 6000.00 | 6 (Six Calendar Months) |
| 14 | Kankili | Construction of AWC Building at Kankili-IV | 11.54 | D & C | 11600.00 | 6000.00 | 6 (Six Calendar Months) |
| 15 | Brajanathpur | Construction of AWC Building at RadhaRamanpur | 11.54 | D & C | 11600.00 | 6000.00 | 6 (Six Calendar Months) |
| 16 | Kandhal | Construction of AWC Building at Langijodi | 11.54 | D & C | 11600.00 | 6000.00 | 6 (Six Calendar Months) |

1. The sale of bid document will be started from 09.10.2019 to 24.10.2019 up to 5.00 P.M
2. The Bid documents will be received through Speed Post/ Registered Post latest by 24.10.2019 upto 5.00 PM.
3. The Bid documents will be opened on 25.10.2019 at 11.00 AM till completion.
4. For other details you can visit the website **www.angul.nic.in** or in the office of the BDO,Talcher during office hours.

**Sd./- Block Development Officer, Talcher**

## ODISHA COAL AND POWER LTD.
**(A GOVT. OF ODISHA COMPANY)**

Odisha Coal and Power Limited (OCPL)

Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

### NOTICE INVITING TENDER

**Date: 05/10/2019**

Sealed bids in prescribed format are invited for the following supply/work as per the eligibility criteria mentioned in the RFP :

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale of Tender Document | Last date of Submission/ Opening of bid |
|---|---|---|---|---|---|---|
| **NIT No: OCPL/SUP-99/2019,Date: 05/10/2019** | | | | | | |
| 01 | Annual Rate Contract for Supply of Office Stationaries at Odisha Coal and Power Limited, Bhubaneswar. | Rs.1, 180/- (Rupees One Thousand One Hundred and Eighty only) including GST. | Rs.20,000/- (Rupees Twenty Thousand Only) | 05/10/2019 | 15/10/2019 | 3:00 PM on 21/10/2019<br>3:30 PM on 21/10/2019 |
| **NIT No: OCPL/SUP-100/2019, Date: 05/10/2019** | | | | | | |
| 02 | Annual Rate Contract toCarry out various printing, photocopying, scanning, binding & lamination worksfor Odisha Coal and Power Limited, Bhubaneswar. | Rs.1, 180/- (Rupees One Thousand One Hundred and Eighty only) including GST. | Rs. 20,000/- (Rupees Twenty Thousand Only) | 05/10/2019 | 15/10/2019 | 11:00 AM on 21/10/2019<br>11:30 AM on 21/10/2019 |

For further details and download the RFP, bidders may visit our website, i.ewww.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

**Sd/-**
**Addl. General Manager (Commercial & Contracts)**

## ସଂକ୍ଷେପରେ

### ସିଇଓ ଭାବେ ଦାୟିତ୍ୱ ନେଲେ ଲୋହାନୀ



**ଭୁବନେଶ୍ୱର, ୪।୧୦(ବ୍ୟୁରୋ):** ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭାବେ ସୁରେନ୍ଦ୍ର କୁମାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରଗଡ ଜିଲା ବିଜେପୁର ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ସୁରେନ୍ଦ୍ର କୁମାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଅଧିକାରୀ, ଉପବିଭାଗୀୟ ଅଧିକାରୀ(ଏସ୍ଓ), ସହକାରୀ ଉପବିଭାଗୀୟ ଅଧିକାରୀ(ଏଏସ୍ଓ) ଏବଂ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଲୋହାନୀଙ୍କୁ ସ୍ୱାଗତ କରିଥିଲେ। ଅପରାହ୍ନରେ ନୂତନ ସିଇଓ ଲୋହାନୀ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ନେଇ ବିଜେପୁର ଉପନିର୍ବାଚନ ସମ୍ପର୍କିତ ଏକ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ(ଏସିଇଓ) ଡ. ଅଭୟ କୁମାର ନାୟକ ଓ ହରିବଲ୍ଲଭ ମିଶ୍ର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ(ଜେସିଇଓ) ଶତ୍ରୁଘ୍ନ କର ଓ ଭବାନୀ ପ୍ରସାଦ ରାୟ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ନୀତିରଞ୍ଜନ ସେନ୍, ବୈଷୟିକ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଅନୁଶାସନ ସଚିବ, ଏସ୍ଓ ଏବଂ ଏଏସ୍ଓମାନେ ଉପସ୍ଥିତ ରହିଥିଲେ।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୪। ୧୦:** ଟ୍ରକ ଧକ୍କାରେ ଶୁକ୍ରବାର ସକାଳୁ ଲାଠିକଟା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ ଗୋଚ୍ଛାୟତ(୩୫)। ସେ ଅନୁଗୁଳ ବାସିନ୍ଦା ହୋଇଥିବା ବେଳେ ରାଉରକେଲାର ଏକ ସଂସ୍ଥାରେ ଘରୋଇ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ସକାଳ ୮ଟାରେ ଏକ ସ୍କୁଟି (ନଂ ଓଡି ୧୯ଏନ -୬୫୮୧) ଯୋଗେ ସେ ଅନୁଗୁଳ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବ ଟ୍ରକ (ନଂ ଓଡି ୧୪ଏନ-୦୫୬୦) ତାଙ୍କୁ ସିଉଡି ନିକଟରେ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଉକ୍ତ ଟ୍ରକ ଓ ସ୍କୁଟିକୁ ପୋଲିସ ଜବତ କରିଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଲାଠିକଟା ପୋଲିସ କହିଛି।

### ୬୫ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ଜଙ୍ଗଲ ଆୟତନ ୮୮୫ ବର୍ଗ କିଲୋମିଟର ବଢ଼ିଛି

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ୬୫ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ବାଲୁଖଣ୍ଡ, ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲୁ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଯୋଗଦେଇ ରାଜ୍ୟ ବନବିଭାଗର ନିରନ୍ତର ପ୍ରୟାସ କ୍ରମେ ରାଜ୍ୟର ଜଙ୍ଗଲ ଆୟତନ ୮୮୫ ବର୍ଗ କିଲୋମିଟର ବୃଦ୍ଧି ପାଇଛି ବୋଲି କହିଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ମୋନା ଶର୍ମା ଯୋଗଦେଇ ପରିବେଶ ପର୍ଯ୍ୟଟନ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ (ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ ହାତୀମାନଙ୍କ ଚଳପ୍ରଚଳ ନିରୀକ୍ଷଣ ପାଇଁ ଆରମ୍ଭ ହୋଇଥିବା 'ଗଜବନ୍ଧୁ' ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଏହା ଢେଙ୍କାନାଳ ଜିଲାରେ କାର୍ଯ୍ୟକାରୀ ହେଉଥିବାବେଳେ ଆଉ ୫-୬ମାସ ପରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଆରମ୍ଭ କରିବାକୁ ଯୋଜନା କରାଯିବ ବୋଲି ସେ କହିଛନ୍ତି।



ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଉଛି।

ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗର ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାସହ ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତିଯୋଗିତାର ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭାଗର ବିଭିନ୍ନ ଶାଖା ଏବଂ ନନ୍ଦନକାନନ ପ୍ରାଣୀଉଦ୍ୟାନ ତରଫରୁ ପ୍ରକାଶିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ବନ୍ୟଜନ୍ତୁଙ୍କ ସମ୍ପର୍କିତ ଏକ ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଶେଷରେ ନନ୍ଦନକାନନ ପ୍ରାଣୀଉଦ୍ୟାନର ନିର୍ଦ୍ଦେଶକ ଶଶି ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶହରାରେ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଦଶହରାରେ ଟ୍ରେନରେ ଯାତ୍ରୀ ଭିଡ଼କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ସହ ନିୟମିତ ଟ୍ରେନରେ ଅତିରିକ୍ତ ବଗି ସଂଯୋଗ କରାଯାଇଛି। ଯଦ୍ୱାରା ୪ ଲକ୍ଷ ଅତିରିକ୍ତ ବର୍ଥ ସୃଷ୍ଟି କରାଯାଇଛି। ଏହି ସ୍ପେଶାଲ ଟ୍ରେନ ରିଜର୍ଭେଶନ କାଟେଗୋରୀରେ ଉପଲବ୍ଧ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ପୂର୍ବତଟ ରେଳପଥ ମଧ୍ୟଦେଇ ଚଳାଚଳ କରୁଥିବା ଟ୍ରେନଗୁଡିକରେ ବି ଅତିରିକ୍ତ ବଗି ସଂଯୋଗ କରାଯାଇଛି। ପୂଜା ପାଇଁ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ସେଗୁଡିକ ହେଉଛି ପୁରୀ-ସନ୍ତ୍ରାଗଛି-ପୁରୀ, ସନ୍ତ୍ରାଗଛି-ଚେନ୍ନାଇ-ସନ୍ତ୍ରାଗଛି, ଶାଲିମାର-ପୁରୀ-ଶାଲିମାର, ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର(ସାପ୍ତାହିକ ଏବଂ ଦ୍ୱିସାପ୍ତାହିକ), ସମ୍ବଲପୁର-ବନସୱାଡ଼ି-ସମ୍ବଲପୁର, ସିଆଲଦା-ପୁରୀ-ସିଆଲଦା, ହବିବଗଞ୍ଜ-ପୁରୀ-ହବିବଗଞ୍ଜ, ଭଂଜପୁର-ପୁରୀ-ଭଂଜପୁର. ସିକନ୍ଦରାବାଦ-ଗୌହାଟୀ - ସିକନ୍ଦରାବାଦ, କାଚେଗୁଡା-ଟାଟା-କାଚେଗୁଡା, ଚେନ୍ନାଇ-ଗୌହାଟୀ-ଚେନ୍ନାଇ, ଚେନ୍ନାଇ-ସନ୍ତ୍ରାଗଛି-ଚେନ୍ନାଇ, ପୁଡୁଚେରୀ-ସନ୍ତ୍ରାଗଛି-ପୁଡୁଚେରୀ, ବିଶାଖାପାଟଣା-ଆରକୁ-ବିଶାଖାପାଟଣା, ବିଶାଖାପାଟଣା-ସିକନ୍ଦରାବଦ-ବିଶାଖାପାଟଣା, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା, କଚେଗୁଡା-ଶ୍ରୀକାକୁଲମ-କଚେଗୁଡା। ଅତିରିକ୍ତ ବଗି ସଂଯୋଗ କରାଯାଇଥିବା ଟ୍ରେନ ହେଉଛି ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ, ହାଓଡ଼ା ଯାଉଥିବା ଜନଶତାବ୍ଦୀ ଏବଂ ଧଉଳି ଏକ୍ସପ୍ରେସ, ଭୁବନେଶ୍ୱର-ପୁଡୁଚେରୀ-ବୋକାରୋ ଯାଉଥିବା ଗରିବ ରଥ ଏକ୍ସପ୍ରେସ, ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ, ପୁରୀ-ଦୁର୍ଗ, ପୁରୀ-ହଟିଆ ତପସ୍ୱିନୀ, ପାଟନା ବୈଦ୍ୟନାଇ ଏକ୍ସପ୍ରେସ, ପୁରୀ-ହାଓଡ଼ା, ସମ୍ବଲପୁର-ହାଓଡ଼ା, ବିଶାଖାପାଟଣାରୁ ଛାଡୁଥିବା ଏଲଟିଟି ଏକ୍ସପ୍ରେସ, ଏପି ଏକ୍ସପ୍ରେସ, କୋଲ୍ଲମ ଏକ୍ସପ୍ରେସ, ଗାନ୍ଧୀନଗର ଏକ୍ସପ୍ରେସ, ସାଇନଗର ଶିର୍ଡି ଏକ୍ସପ୍ରେସ ଏବଂ ଅନ୍ୟ ପ୍ରମୁଖ ଟ୍ରେନ ଗୁଡିକରେ ଅତିରିକ୍ତ ବଗି ସଂଯୋଗ କରାଯାଇ ଅଧିକ ୪ ଲକ୍ଷ ବର୍ଥ ସୃଷ୍ଟି କରାଯାଇଛି।

# ସବୁ ସମୟରେ ରହିଛି ଗାନ୍ଧୀ ବିଚାରର ପ୍ରାସଙ୍ଗିକତା

### କଂଗ୍ରେସର ବୁଦ୍ଧିଜୀବୀ ସମାବେଶ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁ ହୋଇଛି ସତ, ହେଲେ ଗାନ୍ଧୀ ବିଚାରର ମୃତ୍ୟୁ ହୋଇପାରିବ ନାହିଁ। ଏହି ବିଚାର ଆଜି ରହିଛି କାଲିକି ମଧ୍ୟ ରହିବ। ନୂତନ ଯୁବପିଢିଙ୍କୁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ କରାଇବାକୁ କଂଗ୍ରେସ ଆଗାମୀ ଦିନରେ କାର୍ଯ୍ୟକ୍ରମ ଗ୍ରହଣ କରିବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ କଂଗ୍ରେସ ଭବନଠାରେ ଆୟୋଜିତ ବୁଦ୍ଧିଜୀବୀ ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଏହା କହିଛନ୍ତି।

ଏଥିରେ ଅଧ୍ୟକ୍ଷତା କରୁଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଗାନ୍ଧୀ ସତ୍ୟ ଓ ଅହିଂସାକୁ ଭଗବାନ ଭାବେ ଗ୍ରହଣ କରିଛନ୍ତି। ସମାଜରେ ଗାନ୍ଧୀ ବିଚାରର ପ୍ରଚାର ଯେତେ ତୀବ୍ରତର ହେବ, ସମାଜରୁ କୁସଂସ୍କାର, ଭ୍ରଷ୍ଟାଚାର, ଅତ୍ୟାଚାର, ଅନୀତି, ଦୁର୍ନୀତି ହଟିବ ବୋଲି ନିରଞ୍ଜନ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ସାମ୍ବାଦିକ ରବି ଦାସ, ସ୍ତମ୍ଭକାର ତୁଷାରକାନ୍ତ, ପୂର୍ବତନ କୁଳପତି ଡ. ଟି. ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ମସ୍ତାନ ଭାଲି, ଅନିଲ ଚୌଧୁରୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ୍, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ ଓ ଧରଣୀଧର ନାୟକ, ପିସିସି ଉପସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଜିଆଉଲ୍ ହକ୍, ଅମିୟ ପାଣ୍ଡବ ଏବଂ ଉମାବଲ୍ଲଭ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ରେଳଷ୍ଟେଶନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ

# କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ନାହିଁ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଗାନ୍ଧୀ ଜୟନ୍ତୀରୁ ରେଳଷ୍ଟେଶନଗୁଡ଼ିକରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ହେଲେ ଏବେ ବି ବିଭିନ୍ନ ଷ୍ଟେଶନରେ ନିଷିଦ୍ଧ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ତେବେ ସମ୍ପୃକ୍ତ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ନିୟମ ନାହିଁ। ଫଳରେ ଏହି କଟକଣାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାସକ ଆଗରୁ ବିଭିନ୍ନ ଷ୍ଟେଶନରେ ସଚେତନତା କାର୍ଯ୍ୟକ୍ରମ କରି ଯାତ୍ରୀଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବୁଝାଯାଇଛି। ୨ ଅକ୍ଟୋବରରୁ ଏହି ନିୟମ କଡାକଡି ଭାବେ ପାଳନ କରାଯିବ ବୋଲି ରେଳୱେ ବୋର୍ଡ ନିଷ୍ପତ୍ତି ନେଇଥିଲା। ନିୟମ ଲାଗୁହେବା ପୂର୍ବରୁ ଷ୍ଟେଶନରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ଡିଆର୍ଏମ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଷ୍ଟେଶନ ପରିସରସ୍ଥ ଖୁଚୁରା ବ୍ୟବସାୟୀମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ସେମାନଙ୍କୁ କୁହାଯାଇଥିଲା। ହେଲେ ଏବେ ବି ଭୁବନେଶ୍ୱର ଷ୍ଟେଶନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏପରି କି ନିଷିଦ୍ଧ ପଲିଥିନରେ ଖାଦ୍ୟ ଜିନିଷ ପ୍ୟାକେଟ ହୋଇ ବିକ୍ରି ହେଉଛି। ତେବେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରେଳୱେ ବୋର୍ଡରୁ କୌଣସି ସର୍କୁଲାର ଆସିନାହିଁ ବୋଲି ଭୁବନେଶ୍ୱର ଷ୍ଟେଶନ କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟରେ ମଧ୍ୟ ଏ ସଂକ୍ରାନ୍ତ କୌଣସି ସୂଚନା ନ ଥିବା ଜଣାପଡ଼ିଛି।



ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେଶନରେ ନିମ୍ନମାନର ପଲିଥିନ ପ୍ୟାକିଂ ଖାଦ୍ୟ।

# ଖିମ୍‌ଜୀ ପ୍ରସ୍ତୁତକଲା ଭୁବନେଶ୍ୱରର ପ୍ରଥମ ଖାଣ୍ଟିସୁନା ମୁକୁଟ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**



ଶାରଦୀୟ ଦୁର୍ଗାପୂଜା ଅବସରରେ ଓଡ଼ିଶାର ପ୍ରମୁଖ ଜୁଏଲେରି ଚେନ୍ 'ଖିମ୍‌ଜୀ ଜୁଏଲର୍ସ' ଦ୍ୱାରା ଭୁବନେଶ୍ୱରର ପ୍ରଥମ ଖାଣ୍ଟିସୁନା(ସଲିଡ୍ ଗୋଲ୍ଡ) ମୁକୁଟ ପ୍ରସ୍ତୁତ କରାଯାଇଛି। ରାଜଧାନୀର ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ବରାଦ ଦିଆଯାଇଥିବା ଏହି ମୁକୁଟକୁ ଖିମ୍‌ଜୀର ୬ଜଣ ଶ୍ରେଷ୍ଠ ସୁନା କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ମା' ଜଗଜ୍ଜନନୀଙ୍କ ମସ୍ତକରେ ଶୋଭା ପାଇବାକୁ ଥିବା ଏହି ମୁକୁଟରେ ୨.୫ କିଲୋଗ୍ରାମ ସୁନା ଲାଗିଥିବା ବେଳେ ଏଥିରେ ନିଖୁଣ ଓ ସୂକ୍ଷ୍ମ କାରିଗରି କରାଯାଇଛି। ୭ମାସର କଠିନ ପରିଶ୍ରମ ପରେ ମୁକୁଟରେ ଶେଷ ସ୍ପର୍ଶ ଦିଆଯାଇଛି। ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ ଏହି ସୁନା ମୁକୁଟକୁ ପୂଜା ସମିତିକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ମା' ଦୁର୍ଗାଙ୍କ ପାଇଁ ଏଭଳି ଏକ ନିଆରା ମୁକୁଟ ତିଆରି କରିବାର ଅବସର ଖିମ୍‌ଜୀକୁ ମିଳିଥିବାରୁ ଆମେ ସୌଭାଗ୍ୟ ମନେକରୁଛୁ। ଏତେବଡ଼ ଦାୟିତ୍ୱ ପାଇଁ ଶହୀଦନଗର ପୂଜା ସମିତି ଆମ ଉପରେ ଭରସା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଏହି ସୁନା ମୁକୁଟ ପିନ୍ଧି ମା' ଚଳିତବର୍ଷ ଆହୁରି ଆକର୍ଷଣୀୟ ଲାଗିବେ ବୋଲି ସେ କହିଥିଲେ। ଶହୀଦନଗର ଦୁର୍ଗାପୂଜା ସମିତି ପାଇଁ ୨୦୧୬ ମସିହାରେ ଖିମ୍‌ଜୀ ପକ୍ଷରୁ ମା' ଦୁର୍ଗାଙ୍କ ପାଇଁ ଏକ ରୁପା ମୁକୁଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା।



# ବୃତ୍ତିଗତ ଦକ୍ଷତା ବୃଦ୍ଧି, ଗୁଣାତ୍ମକ ସେବାକୁ ଗୁରୁତ୍ୱ

### ନୂତନ ଏଏସ୍ଓଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଲୋକସେବା ଭବନରେ କାର୍ଯ୍ୟରତ ଯୁବ ସହକାରୀ ଉପବିଭାଗୀୟ ଅଧିକାରୀ(ଏଏସ୍ଓ)ମାନଙ୍କ ସହ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତ୍ତମାନ ସମାଜ ଦ୍ରୁତଗତିରେ ପରିବର୍ତ୍ତିତ ଏବଂ ରୂପାନ୍ତରିତ ହେଉଛି। ନାଗରିକମାନେ ଡିଜିଟାଲ୍ ଦୁନିଆ ସହିତ ସଂଯୋଜିତ ହେଉଛନ୍ତି। ସେହି ଅନୁସାରେ ସରକାରୀ ବ୍ୟବସ୍ଥା ଓ ପ୍ରଶାସନିକ ଢଙ୍ଗ ମଧ୍ୟ ଦ୍ରୁତ ପରିବର୍ତ୍ତିତ ହେଉଛି। ଏପରି ସମୟରେ ପେସାଗତ ମନୋଭାବରେ ଅଭିନବ କୌଶଳ ଅବଲମ୍ବନ କରି ବ୍ୟବସ୍ଥାକୁ ଅଧିକ ଫଳପ୍ରସୂ କରିବାର ଆବଶ୍ୟକତା ରହିଥିବା ଅସିତ କହିଥିଲେ। ସେହିପରି ନବନିଯୁକ୍ତ ଏଏସ୍ଓମାନେ ଇଞ୍ଜିନିୟରିଂ, ବ୍ୟବସାୟ ପରିଚାଳନା, ଆର୍ଥିକ ପରିଚାଳନା ଆଦି ବିଭିନ୍ନ ବୃତ୍ତିଗତ ବିଷୟରେ ଶିକ୍ଷାଲାଭ କରିଛନ୍ତି। ତେଣୁ ନିଜର ଜ୍ଞାନ ଓ ବୁଦ୍ଧିମତ୍ତା ପ୍ରୟୋଗ କରି ତ୍ୱରିତ ସେବା ଯୋଗାଣରେ ଗୁଣାତ୍ମକ ପରିବର୍ତ୍ତନ ହାସଲ କରିବାକୁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ଅସିତ କହିଥିଲେ। ସରକାରୀ କାର୍ଯ୍ୟରେ ୫-'ଟି' ଆଧାରରେ କିପରି ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିହେବ ସେଥିପ୍ରତି ଯତ୍ନବାନ ହେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପ୍ରଚଳିତ ନିୟମ ଓ ପ୍ରକ୍ରିୟାର ପ୍ରକୃତ ଉଦ୍ଦେଶ୍ୟ ବୁଝି ତ୍ୱରିତ ଗତିରେ ସେବା ଯୋଗାଣ ପାଇଁ ଅଭିନବ ଉପାୟମାନ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏଏସ୍ଓମାନଙ୍କୁ ନିଜ ନିଜ ଉପବିଭାଗର ରେକର୍ଡ, ଫାଇଲ୍ ଏବଂ ନିଜ କାର୍ଯ୍ୟ କରିବାର ସ୍ଥାନ ସୁସଙ୍ଗଠିତ କରି ରଖିବା ପାଇଁ କହିଥିଲେ। ଯିଏ ଯେତିକି ସଙ୍ଗଠିତ ସିଏ ସେତେ ଅଧିକ କାର୍ଯ୍ୟ କରିପାରିବେ ବୋଲି ସେ କହିଥିଲେ। ଓସ୍ୱାସ୍, ଆଇଏଫ୍ଏମ୍ଏସ୍ ଏବଂ ଏଚ୍ଆର୍ଏମ୍ଏସ୍ ଭଳି ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଜ ନିଜର ବୃତ୍ତିଗତ ଶିକ୍ଷାରୁ ଲାଭ କରିଥିବା ଜ୍ଞାନର ପ୍ରୟୋଗ କରି 'ଇନ୍-ହାଉସ୍ କନ୍‌ସଲଟାଣ୍ଟ' ଭାବେ କାର୍ଯ୍ୟ କରିବାକୁ ଏଏସ୍ଓମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଏସ୍ଓମାନେ ମଧ୍ୟ ନିଜ ନିଜର ଅନୁଭୂତି ଓ ପରାମର୍ଶ ରଖିଥିଲେ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

DOMINOS PIZZA HIRING
Delivery Boy Full Time / Part Time
Salary Rs.9000/- to 10,000/- per month + Incentive.
Qualification : 10th Pass
Driving Licence Must
CALL : 9040033665

REQUIRED
Airport Ground Staff. (10th to Graduate) Airticketing Airhostess, I.T.I, Diploma, X.Man Guard, Supervisor, Lodder, Driver.
Salary 27,500 to 95,700
Sent your resume.
akashaviationacademy11@gmail.com
9811057388/9811135247

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର୍, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

WANTED
The following staffs for our Office At-Paradeep.
1) ACCOUNTANT (TALLY) Male Candidate with 3 Years Experience.
2) CAR DRIVER
CONTACT MOB :
9937763988, 8249193688

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

WALK-IN-INTERVIEW
BRAHMABARADA DEGREE MAHAVIDYALAYA
AT-BARADA VIHAR, PO/VIA-BRAHMABARADA, JAJPUR
Temporary contractual Lecturers required for the post of ODIA, ENGLISH, SANSKRIT, URDU and EDUCATION. Interested Candidates having 55% Marks in P.G Level are required to attend the interview on dated. 20.10.2019 at 11.00 A.M. in the College Campus.
Principal-in-charge -cum-Secretary

WANTED
Experience Commerce Graduate/ Inter C/A knowledge in Accounting with (ERP9) tally. Experience above five year.
Diamond Polymers, Patia Bhubaneswar.
Contact after - 10.10.2019
Contact : 9337050073, 9437450073

PETER ENGLAND
Branded Mens Wear Showroom required 3 Salesman and Store Manager with computer knowledge. At Dhenkanal, Kanchan Bazar.
Contact Person: 7008865051

WANTED
Salesman for New Jewellery Showroom at Bhubaneswar, Send Bio-data to hwjjus@yahoo.com or SMS to.-
9437033691
Good Salary for right Candidate.

Kalinga NURSING SCHOOL BHUBANESWAR
KALINGA NURSING SCHOOL/COLLEGE
Kalinga Hospital campus, Nalco square.C.S. Pur. BBSR
Website- kalinganursingcollegebbsr.org
Applications are invited for admission to GNM and Basic BSc Nursing Courses for 2019-20 session. Application form & prospectus can be obtained from the Institution on payment of Rs.400/- by hand and Rs.450/- by post. Eligibility criteria for admission are as per Govt guidelines. Students may apply by 25th Oct'19.
Applications are also invited from qualified MSc/BSc candidates for Lecturer/Tutor posts, Accountant, Driver & Warden. Interested candidates may apply by email/ in person within ten days.
Tel – 0674-6665200 / Extn.- 632.
Mob. 7608924405 / 7064421192.
E-mail- kalinga.nursing04@gmail.com

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ସହସମ୍ପାଦକ
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to : recruitment@dharitri.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ରେପୋ ରେଟ୍ ହ୍ରାସ ପ୍ରଭାବ

### ୪୩୪ ପଏଣ୍ଟ ଖସିଲା ସେନସେକ୍ସ

ମୁମ୍ବାଇ,୪-୧୦: ଦେଶର ଜିଡିପି ଅଭିବୃଦ୍ଧି ହାର ୨୦୧୯-୨୦ ଆର୍ଥିକ ବର୍ଷ ଲାଗି କମିବ ବୋଲି ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତି କମିଟି ବୈଠକରେ ପୂର୍ବାନୁମାନ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଜିଡିପି ଅଭିବୃଦ୍ଧି ଆକଳନକୁ ୬.୧%କୁ ହ୍ରାସ କରାଯାଇଛି। ପୂର୍ବରୁ ଅଭିବୃଦ୍ଧି ହାର ୬.୯% ରହିବା ନେଇ ଏହା ଆକଳନ କରିଥିଲା। ଏହାର ପ୍ରଭାବ ଦେଶର ପୁଞ୍ଜି ବଜାର ଉପରେ ପଡିଛି। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୪୩୪ ପଏଣ୍ଟ ହ୍ରାସ ଘଟିଛି। ବ୍ୟାଙ୍କିଙ୍ଗ ଷ୍ଟକ କାରବାର ଭଲ ନ ହେବାରୁ ଏଭଳି ସ୍ଥିତି ଉପୁଜିଛି। ରିଜର୍ଭ ବ୍ୟାଙ୍କ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋ ରେଟ୍‌କୁ ୦.୨୫% ହ୍ରାସ କରିଛି। ଷ୍ଟକ୍ ବଜାରରେ କାରବାର ଆରମ୍ଭ ହେବା ବେଳକୁ ସୂଚକାଙ୍କ ୩୦୦ ପଏଣ୍ଟ ଉଚ୍ଚରେ ରହିଥିଲା। ମାତ୍ର ରିଜର୍ଭ ବ୍ୟାଙ୍କ ସୁଧହାର ଘୋଷଣା ପରେ ୩୦ ଶେୟାର ବିଶିଷ୍ଟ ସୂଚକାଙ୍କରେ କାରବାର ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସେନସେକ୍ସ ୪୩୩.୫୬ ପଏଣ୍ଟ ବା ୧.୧୪% ନିମ୍ନରେ ରହି ୩୭,୬୭୩.୩୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଦିନର ମଧ୍ୟବର୍ତ୍ତୀ ସମୟରେ ଏହାର ସର୍ବନିମ୍ନ ସ୍ତର ୩୭,୬୩୩.୩୬ ପଏଣ୍ଟ ଏବଂ ଉଚ୍ଚ ସ୍ତର ୩୮, ୪୦୩.୫୪ ପଏଣ୍ଟ ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିର କାରବାର ୧୩୯.୨୫ ପଏଣ୍ଟ ବା ୧.୨୩% ହ୍ରାସ ଘଟି ୧୧,୧୭୪.୭୫ ପଏଣ୍ଟରେ ବନ୍ଦ ହୋଇଛି। କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଟାଟା ମୋଟର୍ସ, ଏଲଆଣ୍ଡଟି, ଏସ୍‌ବିଆଇ, ଟାଟା ଷ୍ଟିଲ, ଆକ୍ସିସ ବ୍ୟାଙ୍କ ଷ୍ଟକ କାରବାର ପ୍ରାୟ ୩.୪୬% ହ୍ରାସ ଘଟିଛି। ଏହାବାଦ ବ୍ୟାଙ୍କ, ଅଟୋମୋବାଇଲ ଏବଂ ରିୟଲ ଇଷ୍ଟେଟ ଷ୍ଟକ୍ କାରବାର କଥା ବିଚାର କଲେ ପ୍ରାୟ ୫% ହ୍ରାସ ଘଟିଛି।

### ରେପୋ ରେଟ୍ ହ୍ରାସକୁ ଶିଳ୍ପ ଜଗତର ସ୍ୱାଗତ

ମୁମ୍ବାଇ,୪।୧୦: ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ ପଦକ୍ଷେପକୁ ଦେଶର ଶିଳ୍ପ ଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ଏହା ଚାହିଦା ବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ନିବେଶ ବଢାଇବ ବୋଲି ଶିଳ୍ପଜଗତ ପକ୍ଷରୁ କୁହାଯାଇଛି। ସିଆଇଆଇ ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି, ଚଳିତ ବର୍ଷ ୧୩୫ ବେସିସ ପଏଣ୍ଟ ସୁଧହାର ହ୍ରାସ ଘୋଷଣା ବିଭିନ୍ନ କ୍ଷେତ୍ର ଲାଗି ଲାଭକାରି ସାବ୍ୟସ୍ତ ହେବ।

### ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ନେଇ ସନ୍ଦେହ ନାହିଁ

ମୁମ୍ବାଇ, ୪।୧୦: ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ନେଇ ସନ୍ଦେହ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ସରକାର କର୍ପୋରେଟ ଟିକସ ହ୍ରାସ ଦ୍ୱାରା ରାଜସ୍ୱ କ୍ଷେତ୍ରରେ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବେ। ଏହା ସତ୍ତ୍ୱେ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ନେଇ ରିଜର୍ଭ ବ୍ୟାଙ୍କର କୌଣସି ସନ୍ଦେହ ନାହିଁ। ଏପରି ସ୍ଥିତିରେ ସରକାରଙ୍କ ବିତ୍ତୀୟ ସ୍ଥିତି ନେଇ ପୁଣି ଥରେ ଦୋହରା ପ୍ରତିଶ୍ରୁତି ଦେବାର ଆବଶ୍ୟକତା ନାହିଁ ବୋଲି ଶକ୍ତିକାନ୍ତ କହିଛନ୍ତି।

### ପିପିଆଇଙ୍କ ଲାଗି ଆସିବ ଲୋକପାଳ

ମୁମ୍ବାଇ,୪-୧୦: ପ୍ରି-ପେଡ୍ ଇନଷ୍ଟ୍ରୁମେଣ୍ଟସ ଇସ୍ୟୁ କରୁଥିବା ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନଗୁଡିକ ଲାଗି ଲୋକପାଳ ବ୍ୟବସ୍ଥା ଆସିବ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକଙ୍କ ଅଭିଯୋଗ ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ ଏଭଳି ପଦକ୍ଷେପ ଘୋଷଣା କରିବ ବୋଲି ଜଣାପଡ଼ିଛି।

---

> ଆର୍‌ବିଆଇ ସୁଧ ହାର ହ୍ରାସ ଘୋଷଣା ପରେ ଅଟୋମୋବାଇଲ ବଜାର ଚାହିଦାରେ ବଢ଼ିବା ନେଇ ଆଶାବାଦୀ।
> – ରାଜନ ୱାଧେରା, ସଭାପତି, ସିଆମ୍



> ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ଅନ୍ତର୍ଗତ ସୁଧହାର ହ୍ରାସ ହୋଇଥିବାରୁ ଏହା ଭାରତର ଆକାଂକ୍ଷାକୁ ଦର୍ଶାଉଛି।
> – ରାଜୀବ କୁମାର, ଉପାଧ୍ୟକ୍ଷ ନୀତି ଆୟୋଗ



### ଅଭିବୃଦ୍ଧି ତ୍ୱରାନ୍ୱିତ ଲାଗି ଆର୍‌ବିଆଇର ପଦକ୍ଷେପ

# ଶସ୍ତା ହେବ ଘର, ଅଟୋ ଋଣ

ମୁମ୍ବାଇ,୪-୧୦




- ସ୍ୱଳ୍ପମିଆଦୀ ସୁଧହାର ୫.୧୫%
- ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୧%
- ଚଳିତ ବର୍ଷ ଦ୍ୱିତୀୟାର୍ଦ୍ଧରେ ମୁଦ୍ରାସ୍ଫୀତି ୩.୫%ରୁ ୩.୭%
- ସୁଧହାର ହ୍ରାସକୁ ସବୁ ସଦସ୍ୟଙ୍କ ଭୋଟ୍
- ଡିସେମ୍ବର ୩ରୁ ୫ ପରବର୍ତ୍ତୀ ବୈଠକ

ଆର୍‌ବିଆଇର ରେପୋ ରେଟ୍ ହ୍ରାସ ଘୋଷଣା ପରେ ବାସଗୃହ ଏବଂ ଅଟୋ ଭଳି ଋଣ ଉପରେ ବ୍ୟାଙ୍କଗୁଡିକ ଧାର୍ଯ୍ୟ କରୁଥିବା ସୁଧହାର କମିବ ବୋଲି ଜଣାପଡିଛି। ରେପୋ ରେଟ୍ ସହ ପ୍ରତ୍ୟକ୍ଷ ଭାବେ ଏହା ସଂଯୋଗ ହୋଇଥିବାରୁ ଗ୍ରାହକ ଏହାର ପ୍ରତ୍ୟକ୍ଷ ଲାଭ ପାଇବେ। ଦେଶର ଅର୍ଥନୈତିକ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସି ଆସିଛି। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଆଣିବାରେ ଏପରି ଏକ ପଦକ୍ଷେପ ସହାୟକ ହେବା ନେଇ ଆଶା କରାଯାଉଛି। ଅଭିବୃଦ୍ଧି ଦିଗରେ ସରକାର ବିଭିନ୍ନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ଏହାକୁ ଆଉ ଗୋଟିଏ ପାଦ ଆଗେଇନେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପାର୍ବଣ ସମୟରେ ଏଭଳି ଘୋଷଣା ଚାହିଦା ବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଏହି ନିଷ୍ପତ୍ତିକୁ ଦେଶର ଶିଳ୍ପଜଗତ ପକ୍ଷରୁ ସ୍ୱାଗତ କରାଯାଇଛି।

କେନ୍ଦ୍ରୀୟ ବ୍ୟାଙ୍କ ଏହାର ଚତୁର୍ଥ ଦ୍ୱିମାସିକ ବୈଠକରେ ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ୬.୧କୁ ହ୍ରାସ କରିଛି। ପୂର୍ବରୁ ଜିଡିପି ଅଭିବୃଦ୍ଧି ୬.୯% ରହିବା ନେଇ ଏହା ଆକଳନ କରିଥିଲା। ନିର୍ଦ୍ଧାରିତ ଧାର୍ଯ୍ୟଲକ୍ଷ୍ୟ ମଧ୍ୟରେ ମୁଦ୍ରାସ୍ଫୀତି ରହିଥିବା ବେଳେ ଘରୋଇ ବଜାରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ମୁଦ୍ରାନୀତି କମିଟିର ସବୁ ସଦସ୍ୟ ରେପୋ ହ୍ରାସ ନେଇ ଭୋଟ ଦେଇଥିବା ବେଳେ ରବୀନ୍ଦ୍ର ଢୋଲାକିଆ ୦.୪୦% ହ୍ରାସ ସମ୍ପର୍କରେ ଭୋଟ୍ ଦେଇଥିଲେ। ସେପ୍ଟେମ୍ବର ତ୍ରୈମାସ ଲାଗି ମୁଦ୍ରାସ୍ଫୀତି ୩.୬% ରହିବା ନେଇ କୁହାଯାଇଛି। ଏହା ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ୩.୫%ରୁ ୩.୭% ରହିବା ନେଇ ଆକଳନ ହୋଇଛି। ସେହିଭଳି ୨୦୨୦-୨୧ ଆର୍ଥିକ ବର୍ଷର ପ୍ରାରମ୍ଭିକ ଭାଗରେ ମୁଦ୍ରାସ୍ଫୀତି କେନ୍ଦ୍ରୀୟ ବ୍ୟାଙ୍କର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରେ ରହିବ ବୋଲି ପ୍ରସ୍ତାବ ରଖାଯାଇଛି।

# ବ୍ୟାଙ୍କିଙ୍ଗ ସିଷ୍ଟମ ସ୍ଥିତାବସ୍ଥା ବଜାୟ ରହିବ: ଶକ୍ତିକାନ୍ତ

ମୁମ୍ବାଇ,୪-୧୦

ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନେଇ ଲୋକଙ୍କ ମନରେ ବିଭିନ୍ନ ଆଶଙ୍କା ଉପୁଜୁଥିବା ବେଳେ ଏହାକୁ ନେଇ ରିଜର୍ଭ ବ୍ୟାଙ୍କ ଗଭର୍ନର ନିଜର ପ୍ରତିକ୍ରିୟା ରଖିଛନ୍ତି। ବ୍ୟାଙ୍କିଙ୍ଗ ସିଷ୍ଟମକୁ ନେଇ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଶୁକ୍ରବାର କହିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ସମବାୟ ବ୍ୟାଙ୍କଗୁଡିକର ସ୍ଥିତି ଭଲ ରହିଛି ଏବଂ ସ୍ଥିତାବସ୍ଥା ବଜାୟ ରହିବ ବୋଲି ସେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପଞ୍ଜାବ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କରେ ହୋଇଥିବା ଋଣ ଠକେଇ ମାମଲା ଉପରେ ବର୍ତ୍ତମାନ ନଜର ରଖାଯାଇଛି। ସମବାୟ ବ୍ୟାଙ୍କଗୁଡିକ ଲାଗି ରହିଥିବା ନିୟାମକ ବ୍ୟବସ୍ଥା ଉପରେ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବିଭିନ୍ନ ସମୟରେ ଲୋକଙ୍କ ମନରେ ଭୟ ସଞ୍ଚାର କରିବା ଲାଗି ଘଟଣାକୁ ଭିନ୍ନ ଢଙ୍ଗରେ ଦେଖାଯାଉଛି। ମାତ୍ର ଲୋକମାନେ ଏହାକୁ କର୍ଣ୍ଣପାତ ନ କରି ନିଶ୍ଚିତ ରହିବାକୁ ସେ ନିବେଦନ କରିଛନ୍ତି। ବିଭିନ୍ନ ଅନିୟମିତତା ଧରାପଡିବା ପରେ କେନ୍ଦ୍ରୀୟ ବ୍ୟାଙ୍କ ପିଏମ୍‌ସି ଉପରେ ବିଭିନ୍ନ କଟକଣା ଲଗାଇଛନ୍ତି। ରିୟଲ ଇଷ୍ଟେଟ ସଂସ୍ଥା ଏଚ୍‌ଡିଆଇଏଲ୍‌କୁ ଏହା ବୃହତ୍ ପରିମାଣର ଋଣ ଦେଇଥିବା ବେଳେ ଦେବାଳିଆ ହୋଇଯାଇଛି। ଏଭଳି ଘଟଣା ସାମ୍ନାକୁ ଆସିଲେ ଆର୍‌ବିଆଇ କାର୍ଯ୍ୟାନୁଷ୍ଠାନ ନେଇଥାଏ। ଲୋକମାନଙ୍କ ଉପରେ ଲାଗିଥିବା ଉଠାଣ କଟକଣାକୁ ୧ ହଜାରରୁ ପରିବର୍ତ୍ତନ କରି ୧୦ ହଜାର ଏବଂ ଏବେ ଏହା ୨୫,୦୦୦କୁ ବୃଦ୍ଧି କରାଯାଇଛି। ସମବାୟ ବ୍ୟାଙ୍କଗୁଡିକ ଲାଗି ରହିଥିବା ନିୟମାବଳୀକୁ ଆର୍‌ବିଆଇ ବର୍ତ୍ତମାନ ତର୍ଜମା କରୁଥିବା ସେ ପ୍ରକାଶ କରିଛନ୍ତି।


**PARADIP PORT TRUST**

**e-TENDER CALL NOTICE**
**No. TD/TM/GEN-225(Vol-II)/19/2486**
**Dtd. 03.10.2019**

Name of the work : **"Allotment of 06 (Six) nos. of Manual Iron Ore Pellet Plots"**. License Fees : **₹2,28,49,992/-**, Wharfage Fees : **₹6,02,276/-**, Last date & time of submission of bid : **23.10.2019 up to 15:00 hrs.**, Date & time of opening (technical bid) : **26.10.2019 up to 16.30 hrs.** Refer our website for details **https://eprocure.gov.in/eprocure/app.**

**Traffic Manager**
PPT/PR/375/19-20 Dt.04.10.2019

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022,Ph.: 0674 - 2547185, Fax:2540016
OFFICE OF THE SENIOR GENERAL MANAGER (S & S), GROUND FLOOR , FINANCE BUILDING, BHOINAGAR, BHUBANESWAR – 751 022,
Email:-sto.cle.bbs@optcl.co.in, Website: www.optcl.co.in, CIN:U40102OR2004SGC007553
Lifeline of Odisha

**TENDER NOTICE NO. SRGM(S&S)-20/2019-20**

For and on behalf of Odisha Power Transmission Corporation Ltd., Sr. G.M. (S & S) invites Tenders from reputed firms for Internal Rewiring of 1st Floor, Kalyani complex, Unit-VIII, OPTCL, Bhubaneswar duly superscribed on the cover as: "Tender for Internal Rewiring of 1st Floor, Kalyani complex, Unit-VIII, OPTCL, Bhubaneswar". Tender Papers can be downloaded from the OPTCL website from dt. **05.10.2019** to dt. **18.10.2019** up to **1.00 PM**. The last date for receipt of tender is dt. **18.10.2019** up to **1.00 PM**. The tender will be opened on dt. **18.10.2019** at **4.00 PM**. Interested firms may visit OPTCL's official website **www.optcl.co.in** for detail specifications.

Sd/-
**Sr. General Manager (S & S)**

# INSTITUTE OF MATHEMATICS & APPLICATIONS

(Established by the Govt. of Odisha)
**Under Science and Technology Department**
**Ref: No. IMA/79/619/2019 dated: 1st October 2019**

## ADVERTISEMENT

In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bio-informatics Govt. of Odisha have introduced a scholarship programme under the aegis of the State Council on Science & Technology, Science & Technology Department, Odisha.

**1. Eligibility:**
(i) Applicant for the scholarship should be a permanent resident or domicile of Odisha.
(ii) Applicant who has **passed the regular full time Bachelor's Degree Examination** with **first class Honours** or its equivalent from an University/College/Institute recognized by Government, in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/Bio-Informatics is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2019-21.**
(iii) The applicant must be pursuing two years full time/regular mode of Post-Graduation studies in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/Bio-Informatics in any Government University/College/Institution including Government aided and Autonomous Colleges.
(iv) The scholarship will be the single scholarship which she/he can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source.
(v) Applicants admitted to self-financing Post Graduate programs are not eligible.

**2. Number of Scholarships:** Total number of Scholarship is **232**(Two hundred thirty-two).

**3. Amount and tenure of P.G Scholarship:**
Rupees Rs. 2000/- (Two thousand) per month for a period of two years or till completion of Post Graduate studies, whichever is earlier.

**4. Selection Procedure:**
(a) For selection, there shall be a written test comprising of (a) subjects (60%) from Physical Science, Chemical Science, Mathematical Science, Earth & Geological Science, Computer Science, Biological Science including Biotechnology. (b) English comprehension skill (20%) and Reasoning/ Analytical Aptitude (20%).
(c) The written test shall be of 2 hours duration. There will be total 60 questions comprising of 36 from subjects, 12 from English Comprehension skill and 12 from reasoning/ analytical aptitudes. Each question shall carry 4 (four) marks. One (1) mark would be deducted for each wrong answer.
(d) The criterion for awarding this scholarship shall be strictly on the merit assessed through the written test.

**5. How to apply:**
**(a) Candidates are required to apply in the prescribed application form (Appendix-I to be downloaded by applicant from the website http://www.iomaorissa.ac.in/ or portal of S&T Deptt., Govt. of Odisha). The filled in applications need reach the Director, Institute of Mathematics & Applications, Bhubaneswar-751029 by registered post or speed post (not by courier) at the latest by 25.11.2019.**
**(b) Documents to be attached with the application form:-**
(i) Two passport size self-attested photographs. (ii) Permanent Residential Certificate/ Domicile Certificate from the competent authority. (iii) Self-attested copy of the HSC or equivalent Certificate as an evidence of date of Birth, (iv) Self-attested copy of pass certificate and mark sheet of Bachelor's Degree or equivalent, (v) Certificate from the Head of the Institution showing bonafide of studentship in Post Graduate studies. (vi) Two self-addressed unstamped envelope.

**6. Date of Written Test:** The written test will held on **05.01.2020 from 2 P.M. - 4 P.M.** at different Examination Centers.

**7.** For details of the scheme and to download forms please visit the website http://www.iomaorissa.ac.in/ or web portal of Sc. & Tech. Deptt., Govt. of Odisha.

28006/11/0014/1920 No. CAD-445 sd/ **DIRECTOR**

**OFFICE OF THE COLLECTOR & DISTRICT MAGISTRATE, SUNDARGARH (ST & SC DEV. SECTION)**
39-V

**Notification No. 3383 / SSD Dt. 03.10.2019 /**

Applications in prescribed form are invited from the deserving candidates from native of Sundargarh District for engagement in the following categories of posts in ST & SC Development Department Educational institutions run in Sundargarh District purely on contractual basis. In case of non – availability of suitable candidates from Sundargarh District, applications of the candidates from other districts may be taken into consideration.

| Sl. No. | Name of the Post | Category wise position. | | | | | | | | |
|---|---|---|---|---|---|---|---|---|---|---|
| | | ST | ST(W) | SC | SC(W) | SEBC | SEBC(W) | UR | UR(W) | Total |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | BABED | 1 | 0 | 2 | 1 | 0 | 0 | 6 | 3 | 13 |
| 2 | BSc, BEd. (PCM) | 0 | 0 | 1 | 0 | 0 | 0 | 1 | 1 | 3 |
| 3 | BSc, BEd. (CBZ) | 0 | 0 | 1 | 0 | 0 | 0 | 1 | 1 | 3 |
| 4 | Hindi | 0 | 0 | 0 | 1 | 0 | 0 | 3 | 1 | 5 |
| 5 | Sanskrit | 0 | 0 | 2 | 1 | 0 | 0 | 0 | 1 | 4 |
| 6 | IA, CT | 0 | 0 | 0 | 0 | 0 | 0 | 0 | 1 | 1 |
| 7 | ISC, CT | 0 | 0 | 0 | 1 | 0 | 0 | 0 | 0 | 1 |
| 8 | PET | 3 | 1 | 3 | 0 | 0 | 0 | 2 | 3 | 12 |

The detail advertisement and the selection criteria may be obtain from office Notice Board of District Welfare Office, Sundargarh and District Website www.sundergarh@nic.in. The candidates may download the advertisement and application format accordingly. The last date of receipt of application in the office of the District Welfare Office, Sundargarh is **05.11.2019 up to 5.30 PM** by Regd. Post / Speed Post only.

**By Order of the Collector, Sundargarh**
District Welfare Officer
Sundargarh

26035/11/0005/1920

# BHUBANESWAR MUNICIPAL CORPORATION

**No. 27675** **NOTICE INVITING TENDER (NIT)** **Date. 04.10.2019**

**NATIONAL COMPETITIVE BIDDING THROUGH e-Procurement**
**Tender/Bid Identification No. BMC-EED- II - 09/2019-20 Dt.04.10.2019**

On behalf of the Commissioner, Bhubaneswar Municipal Corporation (BMC), Executive Engineer, Div-II, Bhubaneswar Municipal Corporation invites **Percentage Rate Bids** through **e-Procurement** in conformity with the terms and conditions of the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid/Price Bid/BOQ) from intending **bidders** fulfilling the minimum eligibility criteria as and other detailed qualifying requirements given in this DTCN and to be eventually drawn up in the standard $P_1$ Contract Form of BMC. The bid should be submitted on-line through the website **www.tendersorissa.gov.in** by eligible class of contractors. The bidders should have the necessary Portal Enrolment (with his own Digital Signature Certificate). The registered bidders of outside Odisha can also participate in this process, after necessary Portal Enrolment, but shall have to subsequently undergo registration with the appropriate authority of the State Government before signing agreement as per prevalent registration norms of state.

| Sl No. | File No. | Name of the work | Amount put to Tender (In Rupees) | E.M.D (In Rupees) Online | Cost of Tender Documents (In Rupees) Online | Period of Completion in days | Class of Contractor Eligible to Participate |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 147/19 | Construction of 5 TPD capacity MCC for ward no-42 and 31 Near Slaughter House. | 5176763 | 51800 | 11200.00 | 60 days | B & A |
| 2 | 148/19 | Construction of 5 TPD capacity MCC for ward no-45 and 43 Near Slaughter House. | 5176763 | 51800 | 11200.00 | 60 days | B & A |
| 3 | 136/19 | Construction of 5 TPD capacity MCC for ward no-59 Near Kapileswar Temple Community Toilet. | 5176763 | 51800 | 11200.00 | 60 days | B & A |
| 4 | 134/19 | Construction of 5 TPD capacity MCC for ward no-58 Near Badagada Crematorium. | 5176763 | 51800 | 11200.00 | 60 days | B & A |
| 5 | 131/19 | Construction of 5 TPD capacity MCC for ward no-44 Near Badagada Crematorium. | 5176763 | 51800 | 11200.00 | 60 days | B & A |
| 6 | 132/19 | Construction of 5 TPD capacity MCC for ward no-55 Near Mainishi Khala. | 5176763 | 51800 | 11200.00 | 60 days | B & A |
| 7 | 133/19 | Construction of 5 TPD capacity MCC for ward no-56 and 57 Near Mainishi Khala. | 5176763 | 51800 | 11200.00 | 60 days | B & A |
| 8 | 92/19 | Construction of Micro Composting Centre at STP in Laxmisagar of PHEO Land for ward no-32 and 33. | 5176763 | 51800 | 11200.00 | 60 days | B & A |
| 9 | 98/19 | Construction of Micro Composting Centre near Kalinga Nagar over plot no-83, Khata No-683, Mouza-Bhagabanpur for ward no-65. | 5176763 | 51800 | 11200.00 | 60 days | B & A |
| 10 | 120/19 | Construction of 5TPD capacity Micro Composting Centre at STP Near Kalinganagar over plot no-83, Khata No-683 Mouza-Bhagabanpur for ward no-64 and ward no-66. | 5176763 | 51800 | 11200.00 | 60 days | B & A |
| 11 | 155/19 | Construction of 5 TPD capacity Micro Composting Centre for ward no-45 and 52 of BMC. | 5176763 | 51800 | 11200.00 | 60 days | B & A |

2. Mode of Submission of tender : Tender should be submitted online in **www.tendersodisha.gov.in.**
3. The bidders desirous to participate in bidding must possess compatible Digital Signature Certificate of Class-II and Class-III and should follow the changes/ modifications/ addendum to DTCN, if any.
4. **Critical Dates:-**

| SN | Description | | Critical Dates |
|---|---|---|---|
| I | Period of availability of tenders on-line | : | 11.30 AM of 09.10.2019 to 5.00 PM 24.10.2019 |
| ii | Last date & time of seeking clarification as per Schedule - J | : | 18.10.2019 up to 5.00 PM |
| iii | Last date & time of bidding on-line | : | 24.10.2019 up to 5.00 PM |
| iv | Date & time of opening of Technical Bid | : | 25.10.2019 at 11.30 AM |
| v | Date & time of opening of the Financial Bid | : | Will be intimated to Technically successful bidder (s) |

5. **Minimum Eligibility Criteria:-**
I) Average Annual Financial turnover during the last 3 year, ending 31st March 2019, should be at least 30% of the estimated cost.
ii) Experience of having successfully completed similar works during last 7 years ending 28.02.2019 should be either of the following : -
a. Three similar completed works costing not less than the amount equal to 40% of the estimated cost.
or
b. Two similar completed works costing not less than the amount equal to 50% of the estimated cost.
or
c. One similar completed works costing not less than the amount equal to 80% of the estimated cost.

**Note :-** "**Similar work**" such as Building work / steel structure building/Water bodies.
The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in.**
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**
Executive Engineer, Div-II
Bhubaneswar Municipal Corporation

**Progress Through Partnership for a Better Bhubaneswar**

## ସଂକ୍ଷେପରେ

### ରାଜେଶ ନାୟକ ଏକକ ଅଗ୍ରଣୀ

ଭୁବନେଶ୍ୱର, ୪।୧୦(କ୍ରୀଡ଼ା ପ୍ରତିନିଧି): ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବିନୟ ପାରାଡାଇଜ୍‌ରେ ଚାଲିଥିବା ୬୦ତମ ଓଡ଼ିଶା ରାଜ୍ୟ ଫିଡେ ରେଟିଂ (ଓପନ) ଚେସ୍‌ର ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ପୁରୀର ରାଜେଶ ନାୟକ ଏକକ ଅଗ୍ରଣୀଲାଭ କରିଛନ୍ତି। ସେ ୬.୫ ପଏଣ୍ଟ ପାଇଛନ୍ତି। ଖୋର୍ଦ୍ଧାର ରାକେଶ କୁମାର ନାୟକ ଏବଂ କଟକର ଶ୍ରେୟାସ ଶୁଭମ୍ ପଟ୍ଟନାୟକ ୬ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ମହିଳା ଫିଡେମାଷ୍ଟର ରତମ୍ବରା ବିଧାର, ନୀଲ୍‌ସୁ ପଟ୍ଟନାୟକ ଓ ଅଂଶୁମାନ ସାମଲ ୫.୫ ପଏଣ୍ଟ ସହିତ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଶନିବାର ଆଉ ୨ ରାଉଣ୍ଡ ଖେଳ ସହ ପ୍ରତିଯୋଗିତା ଶେଷ ହେବ। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଖେଳାଳି ଜାତୀୟ ସିନିୟର ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ଜାତୀୟ ପ୍ରତିଯୋଗିତା ସିକିମଠାରେ ଚଳିତବର୍ଷ ଡିସେମ୍ବର ୯ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

### ସାଙ୍ଘାଇ ମାଷ୍ଟର୍ସରୁ ଓହରିଲେ ନାଡାଲ

ସାଙ୍ଘାଇ,୪।୧୦(ଏଏଫ୍‌ପି): କିମ୍ବଦନ୍ତୀ ସ୍ପାନିଶ ଖେଳାଳି ରାଫାଲ ନାଡାଲ ଆସନ୍ତା ସପ୍ତାହରେ ହେବାକୁ ଥିବା ଶାଙ୍ଘାଇ ମାଷ୍ଟର୍ସରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ଦ୍ୱିତୀୟ ର୍‌ୟାଙ୍କ ଖେଳାଳି ରିଷ୍ଟ ଆହତ ସମସ୍ୟାରୁ ମୁକୁଳି ପାରି ନାହାନ୍ତି। ଏହି କାରଣରୁ ସେ ଗତ ମାସରେ ଲାଭର କପ୍ ମଧ୍ୟରୁ ଓହରି ଯାଇଥିଲେ। କ୍ରମାଗତ ଦ୍ୱିତୀୟ ଥର ଲାଗି ୧୯ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଶାଙ୍ଘାଇ ମାର୍ଷ୍ଟସରେ ଅଂଶଗ୍ରହଣ କରିବେ ନାହିଁ। ମୋ ବାମହାତର ରିଷ୍ଟରେ ଲାଭର କପ୍‌ବେଳେ ଆଘାତ ଲାଗିଥିଲା। ମୋ ପାଖରେ ରିକଭର ଓ ଅଭ୍ୟାସ କରିବା ପାଇଁ ଯଥେଷ୍ଟ ସମୟ ନାହିଁ ବୋଲି ୩୩ ବର୍ଷୀୟ ଷ୍ଟାର କହିଛନ୍ତି। ୨୦୨୦ ସଂସ୍କରଣରେ ଖେଳିବା ପାଇଁ ଆଶା ପ୍ରକାଶ କରିଛନ୍ତି।

❝ ମୟଙ୍କ ଅଗ୍ରୱାଲ ଅଷ୍ଟ୍ରେଲିଆରେ ଭଲ ଖେଳିଥିଲେ। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିଶତକ ହାସଲ କରିଛନ୍ତି। ଏକ ବର୍ଷ ଖେଳିବାକୁ ଦିଆଯାଇ ତାଙ୍କ ଦକ୍ଷତା ମପାଯାଉ।

–ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ



❝ ବର୍ତ୍ତମାନର ଭାରତୀୟ ଫୁଟ୍‌ବଲ ଦଳଠାରୁ ପ୍ରଶଂସକମାନେ ଅନେକ କିଛି ଆଶା କରିବା ସହ ଏକ ନୂଆ ଯୁଗର ଆରମ୍ଭ ହୋଇଥିବା ଅନେକେ ଅନୁଭବ କରୁଛନ୍ତି।

–ଇଗର ଷ୍ଟିମାକ୍, ମୁଖ୍ୟ କୋଚ୍



# ଏଲଗାର, ଡିକକ୍‌ଙ୍କ ଶତକ, ଅଶ୍ୱିନଙ୍କୁ ୫

**ପ୍ରଥମ ଟେଷ୍ଟ**

**ବିଶାଖାପାଟଣା,୪।୧୦(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ପରେ ଦମ୍‌ଦାର ପ୍ରଦର୍ଶନ କରି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଓପନର ଡିନ୍ ଏଲଗାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍‌କୁ ଫେରାଇଛନ୍ତି। ତେବେ ଏହା ସତ୍ତ୍ୱେ ଭାରତ ସୁବିଧାଜନକ ସ୍ଥିତିରେ ରହିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଓପନର ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ଓ ରୋହିତ ଶର୍ମାଙ୍କ ଶତକ ସହାୟତାରେ ୧୩୬ ଓଭରରେ ୫୦୨ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧୮ ଓଭରରେ ୮ ଉଇକେଟ ହରାଇ ୩୮୫ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ବାକି ରଖି ୧୧୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଟେଲଏଣ୍ଡର ସେନୁରାନ ମୁଥୁସାମି ଓ କେଶବ ମହାରାଜ ଯଥାକ୍ରମେ ୧୨ ଓ ୩ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୯/୩ରୁ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଆରମ୍ଭ କରି ଦୃଢ଼ ପ୍ରଦର୍ଶନ କରିଥିଲା ଓ ଘରୋଇ ବୋଲରଙ୍କୁ ନିରାଶ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଓପନର ଏଲଗାର ୨୭ ରନରୁ ଖେଳ ଆରମ୍ଭ କରି ୧୬୦ ରନର ବୃହତ୍ ଶତକୀୟ ଇନିଂସ ଖେଳିଥିଲେ। ସେହିପରି ୨ ରନରୁ ବ୍ୟାଟିଂ ଆରମ୍ଭ କରି ଟେମ୍ବା ବଭୁମା ୧୮ ରନ କରିଥିବା ବେଳେ ଇଶାନ୍ତ ଶର୍ମାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଲଗାର ୨୮୭ଟି ବଲର ସମ୍ମୁଖୀନ ହୋଇ ୧୮ ଚୌକା ଓ ୪ ଛକା ମାରିଥିଲେ। ଏଥିସହିତ ଏଲଗାର କ୍ୟାରିୟରର ଦ୍ୱାଦଶ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଏହାପରେ ଅଧିନାୟକ ଫାଫ୍ ଡୁପ୍ଲେସି ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସି ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଚେତେଶ୍ୱର ପୂଜାରାଙ୍କୁ ସ୍ଲିପ୍‌ରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସିଙ୍କୁ ଆଉଟ କରି ଅଶ୍ୱିନ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ପଞ୍ଚମ ଉଇକେଟରେ ଡୁପ୍ଲେସି ଓ ଏଲଗାର ୧୧୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ଏହାପରେ ଷଷ୍ଠ ଉଇକେଟ ଯୋଡିରେ ଏଲଗାର ଓ ଡିକକ୍ ଲଢୁଆ ପ୍ରଦର୍ଶନ କରିଥିଲେ ଓ ୧୬୪ ରନ ସଂଗ୍ରହ କରି ଭାରତକୁ ନିରାଶ କରିଥିଲେ। ଦ୍ୱିଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଏଲଗାର ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଲଗାର ବଲ୍‌କୁ ସ୍ଲଗ୍-ସୁଇପ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଟପ୍ ଏଜ୍ ନେଇଥିଲା। ଫଳରେ ପୂଜାରା ଡିପ୍ ମିଡ୍ ଉଇକେଟରୁ ଦୌଡ଼ି ଆସି କ୍ୟାଚ୍ ଧରିଥିଲେ।

ଏଲଗାରଙ୍କୁ ଆଉଟ କରିବା ସହ ଜାଡେଜା ଭାରତକୁ ଏକ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ଏଥିସହିତ ସେ କ୍ୟାରିୟର ୨୦୦ତମ ଟେଷ୍ଟ ଉଇକେଟ ହାସଲ କରି ଏକ ଅସାଧାରଣ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହାପରେ ଡିକକ୍‌ଙ୍କ ପାଳି ପଡିଥିଲା। ୧୬୩ ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି ଅଶ୍ୱିନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଥିସହ ଡିକକ୍ କ୍ୟାରିୟରର ପଞ୍ଚମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଭର୍ନନ ଫିଲାଣ୍ଡର ତୃତୀୟ ଦିନର ଅନ୍ତିମ ଉଇକେଟ ଭାବେ ଆଉଟ ହୋଇଥିଲେ। ସେ ଖାତା ଖୋଲିବା ପୂର୍ବରୁ ଅଶ୍ୱିନଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଶ୍ୱିନ ଏଥିସହିତ ମୋଟ ୫ ଉଇକେଟ ହାସଲ କରିଛନ୍ତି। ସେ ଏପର୍ଯ୍ୟନ୍ତ ୬୬ଟି ଟେଷ୍ଟ ଖେଳି ୨୦୧୭ ଅଗଷ୍ଟରେ ପ୍ରଥମଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। କ୍ୟାରିୟରର ୨୭ତମ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଅନ୍ତିମ ସେସନରେ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତ ତରଫରୁ ବୋଲିଂରେ ଅନ୍ୟମାନଙ୍କ ମଧ୍ୟରେ ଜାଡେଜା ୨ ଓ ଇଶାନ୍ତ ଶର୍ମା ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାରକ୍ରାମ, ଥେଉନିସ ଡି ବ୍ରୁଇନ ଓ ଡେନ୍ ପିଟ୍‌ଙ୍କୁ ମାତ୍ର ୩୪ ରନରେ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାରାକ୍ରାମ ୫ ଓ ବ୍ରୁଇନ୍ ୪ ରନ କରି ଅଶ୍ୱିନଙ୍କ ଦ୍ୱାର ଆଉଟ ହୋଇଥିବା ବେଳେ ପିଟ୍ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ତୃତୀୟ ଦିନରେ ଏଲଗାର ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ଶତକ ହାସଲକାରୀ କ୍ୱିଣ୍ଟନ ଡିକକ୍ ଓ ଡିନ୍ ଏଲଗାର।



ଉଇକେଟ ହାସଲ ପରେ ଉଲ୍ଲସିତ ରବିଚନ୍ଦ୍ରନ ଅଶ୍ୱିନୀ (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ– ୧୩୬ ଓଭରରେ ୫୦୨/୭ରେ ଇନିଂସ ଘୋଷଣା (ମୟଙ୍କ– ୨୧୫, ରୋହିତ– ୧୭୬, ମହାରାଜ– ୩/୧୮୯ )।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ– ୧୧୮ ଓଭରରେ ୩୮୫/୮ (ଏଲଗାର– ୧୬୦, ଡିକକ୍– ୧୧୧, ଡୁପ୍ଲେସି– ୫୫, ଅଶ୍ୱିନ– ୫/୧୨୮, ଜାଡେଜା– ୨/୧୧୬, ଇଶାନ୍ତ– ୧/୪୪)।

# କ୍ୱାର୍ଟରରେ ଯମୁନା ବୋରୋ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**



ଯମୁନା ବରୋ ଓ ମିଚିଦମା ଇର୍ଡେନେଦାଲାଇଙ୍କ ମଧ୍ୟରେ ଲଢ଼େଇ।

**ଉଲାନ–ଉଡେ(ରୁଷିଆ),୪।୧୦(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଯମୁନା ବରୋ (୫୪ କେଜି) ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମୁକାବିଲାକୁ ଜିତି ଯମୁନା ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୋରୋ ମଙ୍ଗୋଲିଆର ମିଚିଦମା ଇର୍ଡେନେଦାଲାଇଙ୍କୁ ୫–୦ରେ ହରାଇ ଦେଇଛନ୍ତି। ୨୨ ବର୍ଷୀୟା ଆସାମ ବକ୍ସର ଆଗାମୀ ପର୍ଯ୍ୟାୟରେ ଆଲଜେରିଆର ୫ମ ସିଡ୍ ଓଇଡାଡ ଫୋଙ୍କୁ ଭେଟିବେ। ଆଲଜେରିଆ ବକ୍ସର ୨୦୧୭ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିଥିବା ବୋରୋଙ୍କ ପ୍ରାୟ ପଞ୍ଚ ପ୍ରତିପକ୍ଷ ବକ୍ସରଙ୍କ ଠିକ୍ ସ୍ଥାନରେ ବାଜିଥିଲା। ମ୍ୟାଚ୍‌ର ଅନ୍ତିମ ୩ ମିନିଟ୍‌ରେ ସେ ପ୍ରତିପକ୍ଷ ବକ୍ସରଙ୍କୁ କ୍ରମାଗତ ପଞ୍ଚ ମାରିଚାଲିଥିଲେ। ଶନିବାର ପୂର୍ବତନ ଜାତୀୟ ଚାମ୍ପିୟନ ନୀରଜ (୫୭ କେଜି) ଓ ସାୱିଟି ବୁରା (୭୫ କେଜି)ରିଙ୍ଗ୍‌କୁ ଓହ୍ଲାଇବେ। ଚଳିତ ସଂସ୍କରଣରେ ୫୭ ଦେଶର ୨୨୪ ବକ୍ସର ଭାଗ ନେଇଛନ୍ତି।

## ଜାଡେଜାଙ୍କ ରେକର୍ଡ



**ବିଶାଖାପାଟଣା,୪।୧୦**

ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍‌ର ୩ୟ ଦିନ ତଥା ଶୁକ୍ରବାର ଜାଡେଜା ଟେଷ୍ଟ କ୍ୟାରିୟରର ୨୦୦ତମ ଉଇକେଟ ନେଇଛନ୍ତି। ଦକ୍ଷିଣ ଆଫ୍ରିକାର ଶତକ ହାସଲ କରି ଖେଳୁଥିବା ବ୍ୟାଟ୍ସମ୍ୟାନ ଡିନ ଏଲଗାର(୧୬୦)ଙ୍କୁ ଚେତେଶ୍ୱର ପୂଜାରାଙ୍କ ହାତରେ କ୍ୟାଚ୍‌ଆଉଟ୍‌କରାଇ ଜାଡେଜା ଏହି ସଫଳତା ପାଇଛନ୍ତି। ୨୦୦ ଟେଷ୍ଟ ଉଇକେଟ ହାତେଇବାରେ ଜାଡେଜା ବିଶ୍ୱର ଦ୍ରୁତତମ ବାମହାତୀ ବୋଲର। ସେ କ୍ୟାରିୟରର ୪୪ତମ ଟେଷ୍ଟରେ ଏହି ମାଇଲଷ୍ଟୋନକୁ ସ୍ପର୍ଶ କରିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଶ୍ରୀଲଙ୍କାର ବାମହାତୀ ସ୍ପିନର ରଙ୍ଗନା ହେରାଥଙ୍କ ନାମରେ ଏହି ରେକର୍ଡ ଥିଲା। ସେ ୪୭ ତମ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ। ତାଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ମିଚେଲ ଜନଶନ (୪୯), ମିଚେଲ ଷ୍ଟାର୍କ (୫୦), ବିଶନ ସିଂ ବେଦି ଓ ୱାସିମ ଆକ୍ରମ (୫୧)ଙ୍କ ଭଳି ପୂର୍ବତନ ବୋଲର ରହିଛନ୍ତି।

# କ୍ରିକେଟରୁ ଦୂରେଇ ରହିବା କଷ୍ଟକର: ଅଶ୍ୱିନ

**ବିଶାଖାପାଟଣା,୪।୧୦(ପି.ଟି.)**

ଭାରତୀୟ ଅଭିଜ୍ଞ ସ୍ପିନର ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନ କରି ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ୫ ଉଇକେଟ ଅକ୍ତିଆର କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ପାଖାପାଖି ୧୦ ମାସ ଧରି ସେ କ୍ରିକେଟରୁ ଦୂରେଇ ରହିଥିଲେ। କ୍ରିକେଟରୁ ଦୂରେଇ ରହିବା କଷ୍ଟକର ବୋଲି ସେ କହିଛନ୍ତି। ୨୦୧୭ ଜୁଲାଇ ପରଠାରୁ ସେ କେବଳ ଟେଷ୍ଟ ଫର୍ମାଟ୍‌ରେ ଖେଳ ଜାରି ରଖିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଅନ୍ତିମ ଏକାଦଶରେ ସ୍ଥାନ ନ ମିଳିବାରୁ ସେ ଅସନ୍ତୋଷ ଜାହିର କରିଛନ୍ତି। ଭାରତ ଏହି ସିରିଜରେ କେବଳ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇଥିଲା।

ଜାତୀୟ ଦଳରୁ ବାଦ୍ ପଡିବା ପରେ କାଉଣ୍ଟି ଦଳ ନଟିଂହାମ୍ପିସାୟର ପାଇଁ ଯେଉଁ ଫର୍ମାଟରେ ସୁଯୋଗ ମିଳିଥିଲା ତାହା ଖେଳିଥିଲି। ଏପରି କି ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ମଧ୍ୟ ଯେତେ ସମ୍ଭବ ଖେଳିଥିଲି। ଚେନ୍ନାଇରେ ଲିଗ୍ କ୍ରିକେଟ ମଧ୍ୟ ଖେଳିଛି। ଯେଉଁଠାରୁ ଆସିଛି ସେଠାକୁ ଫେରି ପୁଣି ଖେଳିବାର ଅନୁଭୂତି ନିଆରା ବୋଲି ଅଶ୍ୱିନ କହିଛନ୍ତି। ଜାତୀୟ ଦଳରୁ ବାଦ୍ ପଡିବା ଓ କେବଳ ଗୋଟିଏ ଫର୍ମାଟ୍‌ରେ ସୀମିତ ରହିବା ନିଶ୍ଚିତ ଭାବେ ନିରାଶ କରିଛି। ତେବେ ପ୍ରାୟ ସବୁ କ୍ରିକେଟର ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଗତ ୨୫ ବର୍ଷ ହେବ କ୍ରିକେଟ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ରହିଆସିଛି। କ୍ରିକେଟରୁ ଦୂରେଇ ରହିବା ବେଳେ ପ୍ରତ୍ନତତ୍ତ୍ୱ ବହିଗୁଡିକ ପଢ଼ିବାରେ ମନୋନିବେଶ କରିଥାଏ। ଅଶ୍ୱିନ୍ ଫିଟ୍‌ନେସ କାରଣରୁ ଗତ ଅଷ୍ଟ୍ରେଲିଆ ଗସ୍ତରେ ଯାଇପାରି ନ ଥିଲେ। ଆଘାତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥାଏ। ଇଂଲଣ୍ଡରେ କାଉଣ୍ଟି ଖେଳିବା ବେଳେ ସେ ଦକ୍ଷିଣ ଆଫ୍ରିକା ଓପନର ଡିନ୍ ଏଲଗାରଙ୍କୁ ଆଉଟ କରିଥିଲେ। ତେବେ ଚଳିତ ଟେଷ୍ଟରେ ସେ ଏଲଗାରଙ୍କୁ ନିୟନ୍ତ୍ରଣ ରଖିବାରେ ବିଫଳ ହୋଇଥିଲେ।

ପ୍ରତ୍ୟାବର୍ତ୍ତନ କରିବା ପରେ ୫ ଉଇକେଟ ହାସଲ କରିବା ନିଶ୍ଚିତ ଭାବେ ଖୁସି କଥା। ନଟିଂହାମ୍‌ରେ ମଧ୍ୟ ୫ ଉଇକେଟ ହାସଲ କରିଥିଲି। କ୍ରିକେଟ ଖେଳିବାକୁ ମୁଁ ଉପଭୋଗ କରିଥାଏ। ଚଳିତ ଟେଷ୍ଟରେ ଏଲଗାର ଓ କ୍ୱିଣ୍ଟନ ଡିକକ୍ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ଏହା ଏକ ଉତ୍କୃଷ୍ଟମାନର ଟେଷ୍ଟ ପିଚ୍। ପ୍ରଥମ ସେସନରେ ଆମେ ଅଧିକ ରନ ବ୍ୟୟ କରିଥିଲୁ। ତେବେ ଅନ୍ତିମ ସେସନରେ ଆମେ ପ୍ରତ୍ୟାବର୍ତ୍ତନ କରିଥିଲୁ ବୋଲି ଅଶ୍ୱିନ କହିଛନ୍ତି।

# ଟପ୍ସରେ ଦହିୟା ସାମିଲ, ସାକ୍ଷୀ ବାଦ୍

**ନୂଆଦିଲ୍ଲୀ, ୪।୧୦(ପି.ଟି.)**

ଭାରତ ସରକାରଙ୍କ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ଯୁବ ରେସଲର ତଥା ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ରବି ଦହିୟା ସାମିଲ ହୋଇଛନ୍ତି। ତେବେ ଫର୍ମ ପାଇଁ ସଂଘର୍ଷ କରୁଥିବା ଅଲିମ୍ପିକ ବ୍ରୋଞ୍ଜ୍ ପଦକ ବିଜୟିନୀ ସାକ୍ଷୀ ମଲିକ ଏହି ସ୍କିମ୍‌ରୁ ବାଦ୍ ପଡିଛନ୍ତି। ସ୍ପୋର୍ଟ୍ସ ଅଥରିଟୀ ଅଫ୍ ଇଣ୍ଡିଆ (ସାଇ)ର ମିଶନ ଅଲିମ୍ପିକ୍ ସେଲ ଏ ନେଇ ନିଷ୍ପତ୍ତି ନେଇଛି।

କାଜାଖସ୍ଥାନର ନୁର– ସୁଲତାନଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରବି ୫୭ କେ.ଜି. ବର୍ଗ ଫ୍ରି ଷ୍ଟାଇଲ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଓ ଏଥିସହ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାକ୍ଷୀ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ଦୀର୍ଘଦିନଧରି ଫର୍ମ ପାଇଁସଂଘର୍ଷ କରିଆସୁଛନ୍ତି। ନୁର ସୁଲତାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସାକ୍ଷୀ ୬୨ କେ.ଜି. ବର୍ଗରେ ଓପନିଂ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ।


ସେହିପରି ଭାରୋତ୍ତୋଳକ ରଗଲା ଭେଙ୍କଟ ରାହୁଲ ଟପ୍ସ ସ୍କିମ୍‌ରୁ ବାଦ୍ ପଡିଛନ୍ତି। ଏହି ସ୍କିମ୍‌ରେ ସାମିଲ ରହିଥିବା ବେଳେ ୫୦, ୦୦୦ ଟଙ୍କା ସହାୟତା ପାଉଥିଲେ। ସେହିପରି ମହିଳା ରେସଲର ପୂଜା ଧଣ୍ଡ ନିଜ ଘରୋଇ ସହର ହିସାରରେ ରୋମାନିଆ କୋଚ୍ ଫନେଲ କାର୍ପଙ୍କ ତତ୍ତ୍ୱାବଧାନରେ ଗୋଟିଏ ମାସ ଟ୍ରେନିଂ ନେବେ ଓ ଏ ନେଇ କମିଟି ପ୍ରସ୍ତାବ ଅନୁମୋଦନ କରିଛି। ସେହିପରି ମହିଳା ୱେଟ୍ ଲିଫ୍ଟର ମୀରାବାଇ ଚାନୁଙ୍କୁ ମଧ୍ୟ ସହାୟତା ଦେବାକୁ କମିଟି ଅନୁମୋଦନ ଦେଇଛି। ଚାନୁ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଫିଜିଓଥେରାପିଷ୍ଟ ଶିବାନି ଭରୁକାଙ୍କ ସହାୟତା ପାଇବେ। ଏହି କମିଟି ୭୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ନେଇ ନିକଟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛି।

୩ଟି ଜାତୀୟ ଫେଡେରେଶନ ଯଥା ଶୁଟିଂ, ଟେବୁଲ ଟେନିସ ଓ ୱେଟଲିଫ୍ଟିଙ୍ଗ୍ ୨୦୨୦, ୨୦୨୪ ଓ ୨୦୨୮ ଅଲିମ୍ପିକ୍ସ ପାଇଁ ସେମାନଙ୍କ ଯୋଜନା ତଥା ରୋଡ ମ୍ୟାପ୍ ନେଇ ପରସ୍ପରକୁ ଅବଗତ କରାଇଛନ୍ତି। ପ୍ରତିଭା ଚିହ୍ନଟ ଓ ବିକାଶ ନେଇ ଏହି ଫେଡେରେଶନ ବୈଠକରେ ବିଭିନ୍ନ ଯୋଜନା ତଥା ରଣନିତୀ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପୁରୁଷ ୩୦୦୦ମି. ଷ୍ଟିପଲଚେଜ ରନର ଅବିନାଶ ସାବଲଙ୍କ ପ୍ରଶିକ୍ଷଣ ପାଇଁ ମିଶନ ଅଲିମ୍ପିକ୍ ସେଲ ଅନୁମୋଦନ ଦେଇଛି। ଫଳରେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଅବିନାଶ କଲରୋଡା ସ୍ପ୍ରିଙ୍ଗ୍‌ରେ ସ୍କଟ ସିମନ୍ସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇପାରିବେ।

ସେହିପରି ବ୍ୟାଡମିଣ୍ଟନରେ ସମୀର ବର୍ମା ୩ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଯଥା ଡଚ୍ ଓପନ୍, ମାକାଉ ଓପନ ଓ କୋରିଆ ମାଷ୍ଟର୍ସରେ ଅକ୍ଟୋବର ଓ ନଭେମ୍ବରରେ ଅଂଶଗ୍ରହଣ କରିବେ। କମିଟି ଏଥିପାଇଁ ଅନୁମୋଦନ ପ୍ରଦାନ କରିଛି। ସେହିପରି ମହିଳା ତାରକା ସାଇନା ନେହ୍ୱାଲ ତାଙ୍କ ଫିଟ୍‌ନେସ୍ ଟ୍ରେନର ସ୍ୱରୁପ ସିହ୍ନାଙ୍କ ସହ ୨୦୧୯ ଡିସେମ୍ବର ପର୍ଯ୍ୟନ୍ତ ୭ଟି ଟୁର୍ନାମେଣ୍ଟରେ ଯାତ୍ରା କରିବା ନେଇ କମିଟି ଅନୁମୋଦନ ଦେଇଛି।

୭ ଜଣ ଶୁଟର ଯଥା ଅଞ୍ଜୁମ ମୋଡଗିଲ, ରାହି ସାର୍ନୋବାଟ, ମନୁ ଭାକର, ଅଭିଷେକ ବର୍ମା, ଲକ୍ଷ୍ୟ ଶେଓରାନ, ମେହୁଲି ଘୋଶ ଓ ଅନିଶ ଭାନୱାଲାଙ୍କ ଟ୍ରେନିଂ, ଆମ୍ୟୁନିଶନ ଓ କମ୍ପିଟିଶନ ଅବଶ୍ୟକତା ନେଇ ସହାୟତା ଦେବାକୁ ପ୍ରସ୍ତାବ ଗୃହିତ ହୋଇଛି।

ସେହିପରି ୫ଜଣ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ସୁହାସ ୟାଥିରାଜ, ମନୋଜ ସରକାର, ସୁକାନ୍ତ କଦମ ଓ ତରୁନ ଡେନ୍‌ମାର୍କ ଓପନ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ନେଇ ପ୍ରସ୍ତାବ ଅନୁମୋଦନ କରିଛି। ସେହିପରି ପାରା ଶୁଟିଂ ଓ ପାରା ଆଥଲେଟିକ୍ସରେ ପ୍ରଶିକ୍ଷଣ ଓ ଉପକରଣ ଯୋଗାଇଦେବା ପାଇଁ ପ୍ରସ୍ତାବ ଗୃହିତ ହୋଇଛି। ଦୀପେନ୍ଦର ଓ ପରାଆଥଲେଟ୍ ଶରଦ କୁମାର ଓ ସନ୍ଦୀପ ଚୌଧୁରୀଙ୍କୁ ଏନେଇ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି।



ରବି ଦହିୟା

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାଧା ମାଧବ ମିଶ୍ର
ଆବିର୍ଭାବ: ୧୯।୧୦।୧୯୩୪
ତିରୋଧାନ: ୨୭।୦୯।୨୦୧୭
ଚକ୍ଷୁ ପଲକରେ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଉଭାନ ହୋଇଗଲ ସବୁଦିନ ପାଇଁ ? ଚତୁର୍ଦ୍ଦିଗରେ ଖୋଜି ବୁଲୁଛୁ ତୁମର ସ୍ୱଚ୍ଛ, ନିର୍ମଳ ହସ ହସ ମୁହଁ। ହୃଦୟର ଗଳିକନ୍ଦିରେ ଦରାଣ୍ଡି ଚାଲିଛୁ। ସତେ କ'ଣ ତୁମେ ଆଉ କେବେ ଲେଉଟି ଆସିବନି ଆମ ପରିବାରକୁ ?
ହତଭାଗ୍ୟ ପତ୍ନୀ: ଅନୁରାଧା ମିଶ୍ର (ଲିଲି), ପୁତ୍ର: ନିର୍ନିମେଷ ମିଶ୍ର (ଚିନୁ), କନ୍ୟା: ଇପସିତା ମିଶ୍ର (ଇନୁ)
୪୯୧– ମେଟ୍ରୋ ମେନ୍‌ସନ୍, ଭୁବନେଶ୍ୱର
ଯୋଗାଯୋଗ–ଫୋନ୍–୦୬୭୪–୨୪୩୫୬୨୧, ୮୨୮୦୦୭୦୦୮୦
ଧ–୬୭୨୩୫

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସର୍ଗତ ଇଂ. ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦–୦୮–୧୯୭୮
ତରୋଧାନ : ୧୯–୧୦–୨୦୦୭ (ମହାଷ୍ଟମୀ)
ଧନରେ .... ଆଜିର ଏହି ପବିତ୍ର ତିଥିରେ ତୁ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଅସମୟରେ ଚାଲିଗଲୁ। ତୋର ଅଭାବ ଓ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୋର ସ୍ନେହ, ଶ୍ରଦ୍ଧା, ଭକ୍ତି, କର୍ତ୍ତବ୍ୟ ନିଷ୍ଠା ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ତୁ ଯେଉଁଠି ଥାଆ ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
ଆଦରର :– ବୋଉ ଓ ନନା, ନାନୀ ଓ ଭାଇନା ମାନେ, କକେଇ ଓ ଖୁଡିମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସି, ମାନେ, ଭାଇନା ଓ ଭାଉଜ ମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା- ଆଦି ଓ ସାଙ୍ଗସାଥିମାନେ।
ଧ–୬୭୭୧୩

ଦ୍ୱାଦଶାହ ଉପଲକ୍ଷେ



✓ତାରାମଣୀ ପଣ୍ଡା
ସ୍ୱାମୀ- ✓ ଜୟହରି ପଣ୍ଡା,
ପ୍ଲଟ ନଂ-୧୩୪୪,ଖରାଖିଆ ବୈଦ୍ୟନାଥ ଲେନ୍, ଓଲଡ୍ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୫.୦୨.୧୯୩୭
ତିରୋଧାନ: ୨୪.୦୯.୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର ବର୍ଗ, ଆତ୍ମୀୟସ୍ୱଜନ, ଶୁଭମ୍ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ସତ୍ୟସାଇ ବିଦ୍ୟାମନ୍ଦିର କର୍ମଚାରୀ ବୃନ୍ଦ।
ଧ–୬୬୭୯୩



“ ୨୦୦୯ରେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରଠାରୁ ସବିତା ଭାରତୀୟ ଦଳର ନିର୍ଭରଯୋଗ୍ୟ ଗୋଲକିପର ପାଲଟି ଯାଇଛନ୍ତି। ୨୦୦ତମ ମ୍ୟାଚ ପାଇଁ ଅଭିନନ୍ଦନ।

–ମହମ୍ମଦ ମୁସ୍ତାକ ଅହମ୍ମଦ, ହକି ଇଣ୍ଡିଆ ସଭାପତି



“ ମାର୍କ ଆନ୍ଦ୍ରେଟର ଷ୍ଟିଗେନଙ୍କ ଉପସ୍ଥିତି ସତ୍ତ୍ୱେ ୟୁରୋ ୨୦୨୦ ଫାଇନାଲ୍ସ ପାଇଁ ଅଧିନାୟକ ମାନୁଏଲ ନୁଏର ଜର୍ମାନୀ ଫୁଟବଲ ଦଳର ପ୍ରଥମ ପସନ୍ଦ ଗୋଲକିପର ରହିବେ।

–ଜୋଆଚିମ୍ ଲୋଉ, ମୁଖ୍ୟ କୋଚ୍

## ସଂକ୍ଷେପରେ

### ସିଏସ୍‌କେ ପାଇଁ ଖେଳିବି: ଭଜି

ନୂଆଦିଲ୍ଲୀ,୪।୧୦(ପି.ଟି.): ଆଗାମୀ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳିବା ଜାରି ରଖିବା ନେଇ ସିନିୟର ଅଫ୍ ସ୍ପିନର ହରଭଜନ ସିଂ (ଭଜି) ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ୟୁନାଇଟେଡ୍ କିଙ୍ଗ୍‌ଡମଠାରେ ହେବାକୁ ଥିବା ନୂଆ ଲିଗ୍ ‘ଦ ହଣ୍ଡରେଡ୍’ ଖେଳାଳିଙ୍କ ତାଲିକାରୁ ନାମ ହଟାଇବେ ବୋଲି ସେ କହିଛନ୍ତି। ଲିଗ୍‌ର ଖେଳାଳିଙ୍କ ତାଲିକାରେ ଭଜଙ୍କ ନାମ ସାମିଲ ଥିବା ଜଣାପଡ଼ିଥିଲା। କିନ୍ତୁ ବିସିସିଆଇ ନିୟମ ଅନୁଯାୟୀ, ଜାତୀୟ ଦଳ ଲାଗି ସକ୍ରିୟ ଥିବା କୌଣସି ଖେଳାଳି ବିଦେଶ ଲିଗ୍‌ରେ ଖେଳପାରିବେ ନାହିଁ। କେବଳ ଅବସର ନେଇଥିବା ଖେଳାଳିଙ୍କୁ ଏନ୍‌ଓସି ପ୍ରଦାନ କରାଯିବ। ମୋ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ ଓ ଚେନ୍ନାଇ ସୁପର କିଙ୍ଗ୍ସ ଗୁରୁତ୍ୱପୂର୍ଣ୍ଣ। ଗତ ଦୁଇ ସିଜନ ସିଏସକେ ସହ ମୋ ପାଇଁ ଭଲ ଯାଇଛି। ଉଭୟ ଥର ଆମେ ଫାଇନାଲ ଖେଳିଛୁ। ଏଣୁ ଏବେ ତୃତୀୟ ସିଜନରେ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଭଜି କହିଛନ୍ତି। ଦେଶ ପାଇଁ ୩ୟ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ବୋଲର ଭଜି ଆହୁରି କହିଛନ୍ତି, ମୁଁ ବିସିସିଆଇର ନିୟମକୁ ସମ୍ମାନ ଦିଏ। କଦାପି ନିୟମ ଭାଙ୍ଗିବି ନାହିଁ। ଯଦି ଏହାର ଅର୍ଥ ଖେଳାଳିଙ୍କ ତାଲିକାରୁ ଓହରିଯିବା, ମୁଁ ତାହା କରିବି। ତେବେ ୧୦୦ ବଲ ଫର୍ମାଟକୁ ନେଇ ଉତ୍ସାହିତ ଥିବା କହିଛନ୍ତି।

### ଏଚ୍‌ସିଏ ପକ୍ଷରୁ ଆଝରୁଦ୍ଦିନ

ହାଇଦ୍ରାବାଦ,୪।୧୦(ପି.ଟି.): ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକରେ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ନବ ନିର୍ବାଚିତ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ମହମ୍ମଦ ଆଝାରୁଦ୍ଦିନ ଯୋଗଦେବେ। ନିକଟରେ ପ୍ରକାଶ ପାଇଥିବା କିଛି ରିପୋର୍ଟରେ ତାମିଲନାଡୁର ଏନ୍. ଶ୍ରୀନିବାସନଙ୍କ ନିକଟତର ପୂର୍ବତନ ଏଚ୍‌ସିଏ ସଭାପତି ଶିବଲ ଯାଦବ ଯୋଗଦେବାର ଯୋଜନା ଥିଲା। ତେବେ ନବ ନିର୍ବାଚିତ ଏଚ୍‌ସିଏ କର୍ମକର୍ତ୍ତାମାନେ ଆଝାରୁଦ୍ଦିନ ବିସିସିଆଇ ନିର୍ବାଚନରେ ଅଂଶଗ୍ରହଣ କରିବା ନିଷ୍ପତ୍ତି ନେଇଛନ୍ତି। ଆଜାରୁଦ୍ଦିନ ଓ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗାଲ (ସିଏବି) ପକ୍ଷରୁ ସଭାପତି ସୌରଭ ଗାଙ୍ଗୁଲି ମଧ୍ୟ ଯୋଗଦେବେ।

### ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଆର୍‌ସିଏ ସଭାପତି

ଜୟପୁର,୪।୧୦: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ଗେହଲଟ ରାଜସ୍ଥାନ କ୍ରିକେଟ ଆସୋସିଏଶନ (ଆର୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଗେହଲଟଙ୍କୁ ୨୫ ଖଣ୍ଡ ଭୋଟ ମିଳିଛି। ଏବେ ବୈଭବ ଡ. ସିପି ଯୋଶୀଙ୍କ ସ୍ଥାନ ନେବେ। ସେ ଗତ ମାସରେ ରାଜସ୍ଥାନ କ୍ରିକେଟ ରାଜନୀତିରେ ପ୍ରବେଶ କରିଥିଲେ। ପୂର୍ବରୁ ରାଜସ୍ଥାନର ଏକ ଜିଲ୍ଲା କ୍ରିକେଟ ଆସୋସିଏଶନର ଟ୍ରେଜରର ଦାୟିତ୍ୱରେ ଥିଲେ। ବୈଭବ ୨୦୧୯ ଲୋକସଭା ନିର୍ବାଚନରେ ରାଜସ୍ଥାନର ଯୋଧପୁର ମଣ୍ଡଳୀରୁ ଛିଡ଼ା ହୋଇଥିଲେ।

# ଭାରତରେ ଏନ୍‌ବିଏ ମ୍ୟାଚ୍



ଅଡାମ ସିଲଭରଙ୍କୁ ଏନ୍‌ବିଏ ମ୍ୟାଚ୍ ବଲ ପ୍ରଦାନ କରୁଛନ୍ତି ନୀତା ଅମ୍ବାନୀ।

ମୁମ୍ବାଇ, ୪।୧୦(ପି.ଟି.)

ସ୍ଥାନୀୟ ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲବ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ସିଆଇ) ଡୋମଠାରେ ଶୁକ୍ରବାର ଏନ୍‌ବିଏର ଐତିହାସିକ ମ୍ୟାଚ୍ ଆୟୋଜିତ ହୋଇଛି। ଆମେରିକାର ହାଇପ୍ରୋଫାଇଲ ବାସ୍କେଟ ବଲ୍ ଲିଗ୍ ଏନ୍‌ବିଏ (ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ)ର ଦୁଇ ଦଳ ସାକ୍ରେମୋଣ୍ଟୋ କିଙ୍ଗ୍ସ ଓ ଇଣ୍ଡିଆନ ପେସର୍ସ ପରସ୍ପରକୁ ଭେଟିଥିଲେ।

୧୦ରୁ ୧୬ ବର୍ଷ ମଧ୍ୟରେ ବାଳକ ଓ ବାଳିକାମାନେ ଷ୍ଟାଡିୟମରେ ଉପସ୍ଥିତ ରହି ନିଜ ପସନ୍ଦର ଦଳକୁ ଚିୟର କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ଏନ୍‌ବିଏ ପ୍ରୋଗ୍ରାମ୍ ତରଫରୁ ପିଲାମାନେ ପ୍ରତିନିଧିତ୍ୱ କରିଥିଲେ। ଭାରତରେ ଏନ୍‌ବିଏ ଓ ରିଲାଏନ୍ସ ଫାଉଣ୍ଡେଶନ ସହଭାଗିତାର ଷଷ୍ଠବର୍ଷ ପୂର୍ତ୍ତି ଅବସରରେ ଏହି ଐତିହାସିକ ମ୍ୟାଚ୍ ଆୟୋଜନ ହେବା ନିଶ୍ଚିତ ଭାବେ ଏକ ବଡ଼ କଥା। ରିଲାଏନ୍ସ ଫାଉଣ୍ଡେଶନ ଚେୟାରମ୍ୟାନ ନୀତା ଅମ୍ବାନୀ ଉପସ୍ଥିତ ଥିଲେ। ଗତ କେତେବର୍ଷ ହେବ ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ଏନ୍‌ବିଏ ୧୧ ମିଲିୟନ ପିଲାଙ୍କ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ରହିଆସିଛି ଓ ଦେଶର ୨୦ଟି ରାଜ୍ୟର ୩୪ଟି ସହରରୁ ୧୦,୦୦୦ କୋଚ୍‌ଙ୍କୁ ପ୍ରଶିକ୍ଷଣ ଦେଇଛି। ଭାରତ ଏକ କ୍ରୀଡ଼ା ରାଷ୍ଟ୍ରରେ ପରିଣତ ହେଉ ଓ ଏହା ମୋର ସ୍ୱପ୍ନ ବୋଲି ନୀତା କହିଛନ୍ତି। କ୍ରୀଡ଼ା ଓ ଶିକ୍ଷାରେ ଛୋଟ ପିଲାମାନେ ବିକଶିତ ହୁଅନ୍ତୁ ବୋଲି ଆଶା କରୁଛି । ଏ ନେଇ ଭାରତ ସାରା ବିଶ୍ୱ ଦରବାରରେ ପରିଚିତ ହେବା ସହ ସ୍ୱତନ୍ତ୍ର ସ୍ଥାନ ହାସଲ କରିବା ନେଇ ମୋର ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଏନ୍‌ବିଏ କମିଶନର ଅଡାମ ସିଲଭର ଉପସ୍ଥିତ ରହିଥିଲେ। ନୀତା ଏନ୍‌ବିଏ ଅଧିକାରୀଙ୍କୁ ମ୍ୟାଚ୍ ବଲ୍ ପ୍ରଦାନ କରିଥିଲେ।

# ମହିଳା ହକି: ଅନ୍ତିମ ମ୍ୟାଚ୍ ଡ୍ର

ମାର୍ଲୋ(ୟୁକେ), ୪।୧୦ (ପି.ଟି.)

ନବଜୋତ୍ କୌର ଓ ଗୁରଜିତ୍ କୌରଙ୍କ ଗୋଲ ସହାୟତାରେ ଭାରତୀୟ ମହିଳା ହକି ଦଳ ଆୟୋଜକ ଗ୍ରେଟ ବ୍ରିଟେନ ବିପକ୍ଷ ଅନ୍ତିମ ମ୍ୟାଚ୍‌କୁ ୨-୨ରେ ଡ୍ର’ ରଖିବାକୁ ସକ୍ଷମ ହୋଇଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ନବଜୋତ୍ (୮ମ ମିନିଟ୍)ଙ୍କ ଗୋଲ ଭାରତକୁ ଆରମ୍ଭରୁ ଅଗ୍ରଣୀ ଆଣିଦେଇଥିଲା। ତାଙ୍କ ପରେ ଗୁରଜିତ (୪୮ତମ) ଭାରତୀୟ ଦଳର ଅଗ୍ରଣୀକୁ ଦୁଇ ଗୁଣିତ କରିଥିଲେ। ଏହାପରେ ଗ୍ରେଟ ବ୍ରିଟେନର ଏଲିଜାବେଥ ନିଲ (୫୫ତମ) ଓ ଆନ୍ନା ତୋମାନ (୬୦ତମ)ଙ୍କ ଗୋଲ ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଅନ୍ତିମ ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ଭାରତୀୟ ଦଳ ଓ ଶକ୍ତିଶାଳୀ ଗ୍ରେଟ ବ୍ରିଟେନ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ରେ ବରାବର ରହିଛି। ସିରିଜ୍‌ରେ ଭାରତ ଗୋଟିଏ ଜିତିଥିବାବେଳେ ୩ ମ୍ୟାଚ୍ ଡ୍ର’ ଓ ଗୋଟିଏରେ ପରାଜୟ ବରଣ କରିଥିଲା। ଚଳିତ ସିରିଜ୍‌ରେ ୪ର୍ଥ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଭାରତ ପ୍ରଥମ ୧୦ ମିନିଟ୍ ମଧ୍ୟରେ ଖାତା ଖୋଲିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ୮ମ ମିନିଟ୍‌ରେ ଟିମ୍ ଇଣ୍ଡିଆକୁ ମିଳିଥିବା ସୁଯୋଗକୁ ନବଜୋତ ଗୋଲରେ ପରିଣତ କରିଥିଲେ। ଭାରତୀୟ ଦଳର ପତିଆରା ପ୍ରଥମ କ୍ୱାର୍ଟରରେ ଜାରି ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଗ୍ରେଟ ବ୍ରିଟେନ ମଧ୍ୟ ଆଟାକିଂ ଖେଳ ଦେଖାଇ ୩ ପେନାଲ୍ଟି କର୍ନର ପାଇଥିଲା। ହେଲେ କୌଣସିଥର ବଲ ଭାରତୀୟ ଗୋଲକିପର ସବିତାଙ୍କୁ ଅତିକ୍ରମ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ



ଉଭୟ ଦଳ ସ୍କୋର କରିବାକୁ ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଅନ୍ତିମ କ୍ୱାର୍ଟର ତଥା ୪୮ତମ ମିନିଟ୍‌ରେ ଭାରତୀୟ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ଗୁରଜିତ୍ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍ ଶେଷହେବାର ୬ ମିନିଟ୍ ପୂର୍ବରୁ ଗ୍ରେଟ ବ୍ରିଟେନକୁ ମିଳିଥିବା ପେନାଲ୍ଟି କର୍ନରରୁ ଏଲିଜାବେଥ ଗୋଲ ଦେଇଥିଲେ। ଅନ୍ତିମ ମିନିଟ୍‌ରେ ଆୟୋଜକ ଦଳ ପୁଣି ଏକ ପେନାଲ୍ଟି କର୍ନର ପାଇଥିଲା। ଏଥର ଆନ୍ନା ତୋମାନ ଗୋଲ କରିଥିଲେ। ଫଳରେ ମ୍ୟାଚ୍ ୨-୨ ଗୋଲରେ ବରାବର ରହିଥିଲା।

## ସବିତା ଖେଳିଲେ ୨୦୦ତମ ମ୍ୟାଚ

ଇଂଲଣ୍ଡ ଗସ୍ତର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ମହିଳା ହକି ମ୍ୟାଚରେ ଭାରତୀୟ ଗୋଲକିପର ସବିତା କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ମ୍ୟାଚ ପୂର୍ବରୁ କୋଚ୍ ଜୋର୍ଡ ମାରିଜନେ ତାଙ୍କୁ ୨୦୦ ନମ୍ବର ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ସବିତା ୨୦ ବର୍ଷର ହୋଇଥିବାବେଳେ ୨୦୦୯ରେ ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସିନିୟର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗତ କିଛିବର୍ଷ ଧରି ଟପ୍-କ୍ୱାଲିଟି ପ୍ରଦର୍ଶନ ଯୋଗୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ବର୍ତ୍ତମାନ ୨୯ ବର୍ଷରେ ପହଞ୍ଚିଥିବା ସବିତା ୨୦୧୩ରେ ମାଲେସିଆରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ୨୦୧୭ରେ କାନାଡାରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ରେ ଗୋଲକିପର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୨୦୧୬ରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜେତା ଦଳର ସଦସ୍ୟା ମଧ୍ୟ ଥିଲେ। ଏହି ହରିୟାଣା ଯୁବତୀ ୨୦୧୭ ମହିଳା ଏସିଆ କପ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେଠାରେ ସେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ। ୨୦୧୮ରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଦଳର ସେ ସଦସ୍ୟା




ଥିଲେ। ନିଜ ୧୦ ବର୍ଷର କ୍ୟାରିୟର ମଧ୍ୟରେ ସେ ୨୦୧୬ ରିଓ ଅଲିମ୍ପିକ୍ସ ଏବଂ ୨୦୧୮ ମହିଳା ବିଶ୍ୱକପରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ୨୦୧୮ରେ ତାଙ୍କୁ ସମ୍ମାନଜନକ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ତେଜିନ୍ଦର, ଜିନସନ ବିଫଳ

ଦୋହା, ୪।୧୦(ପି.ଟି.)

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍**

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଭାରତୀୟ ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ତୁର୍ ଏବଂ ୧୫୦୦ ମିଟର ରନର ଜିନସନ ଜିନସନ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୨୪ ବର୍ଷୀୟ ତୁର୍ ସିଜନ ଶ୍ରେଷ୍ଠ ୨୦.୪୩ ମିଟର ପ୍ରଦର୍ଶନ କରିଥିଲେ ହେଁ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍ ‘ବି’ରେ ୮ମ ସ୍ଥାନରେ ରହିଥିଲେ। ୩୪ ପ୍ରତିଯୋଗୀ ବିଶିଷ୍ଟ ପ୍ରତିଯୋଗିତାରେ ସେ ଓଭରଅଲ୍ ୧୮ତମ ସ୍ଥାନ ପାଇଥିଲେ। ସେହିପରି ଜିନସନ ଖରାପ ପ୍ରଦର୍ଶନ କରି ୩:୩୯.୮୬ ସେକେଣ୍ଡ ସମୟ ନେଇ ପ୍ରଥମ ରାଉଣ୍ଡ ହିଟ୍‌ରେ ୧୦ମ ସ୍ଥାନରେ ରହିଥିଲେ। ୪୩ ରନରଙ୍କ ମଧ୍ୟରେ ତାଙ୍କର ସ୍ଥାନ ଥିଲା ୩୪। ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟର ଗ୍ରୁପ୍ ‘ଏ’ରେ ୮ ଶଟ୍‌ପୁଟର ୨୦.୯୦ ମିଟର ସହିତ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଫଳରେ ତୁର୍‌ଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ତାଙ୍କ ନାମରେ ୨୦.୭୫ ମିଟରର ଜାତୀୟ ରେକର୍ଡ ରହିଛି। ମାତ୍ର ଏହି ରେକର୍ଡ ବଜାୟ ରଖିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଚଳିତ ସିଜନରେ ପୂର୍ବରୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୨୦.୩୬ ମିଟର। ଏଠାରେ ପ୍ରଥମ ଉଦ୍ୟମରେ ସେ ଏଥିରେ ଉନ୍ନତି ଆଣିଥିଲେ ହେଁ ପରବର୍ତ୍ତୀ ରାଉଣ୍ଡରେ ଫାଉଲ୍ କରିଥିଲେ। ତୃତୀୟ ତଥା ଅନ୍ତିମ ରାଉଣ୍ଡରେ ସେ ଜାତୀୟ ରେକର୍ଡ ସହ ୨୦.୯୦ ମିଟର ସ୍ପର୍ଶ କରିଥିଲେ ଯୋଗ୍ୟତା ହାସଲ କରିପାରିଥାନ୍ତେ। ମାତ୍ର ସେ ୧୯.୫୫ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ପାରିଥିଲେ। ୨୦.୯୦ ମିଟର ଥ୍ରୋ କରିଥିବା ଏବଂ ପରବର୍ତ୍ତୀ ଶ୍ରେଷ୍ଠ ଶଟ୍‌ପୁଟରଙ୍କୁ ମିଶାଇ ମୋଟ ୧୨ ଜଣ ଫାଇନାଲକୁ ଯୋଗ୍ୟତା ପାଇଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଏବଂ ୨୦୧୬ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ନ୍ୟୁଜିଲାଣ୍ଡର ଟୋମାସ ୱାଲ୍ସ ୨୧.୯୨ ମିଟର ଥ୍ରୋ କରି ଶୀର୍ଷସ୍ଥାନ ହାସଲ କରିଥିଲେ। ସେହିପରି ଗତମାସରେ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିବା ୨୮ ବର୍ଷୀୟ ଜିନସନ ଶେଷପର୍ଯ୍ୟନ୍ତ ଭଲ ସ୍ଥିତିରେ ଥିଲେ ହେଁ ଫିନିଶ୍ ଲାଇନ୍ ଅତିକ୍ରମ କରିବା ବେଳକୁ ପଛରେ ପଡ଼ି ଯାଇଥିଲେ। ୩ଟି ହିଟ୍‌ର ଟପ୍ ୬ ଆଥଲେଟ୍ ଏବଂ ପରବର୍ତ୍ତୀ ଶ୍ରେଷ୍ଠ ଟାଇମିଂ ରଖିଥିବା ୬ ଜଣ ସେମିଫାଇନାଲରେ ପ୍ରବେଶ କରିଥିଲେ।

# ହରିୟାଣାଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୪।୧୦

**ବିଜୟ ହଜାରେ ଟ୍ରଫି**


ଭଦୋଦରାର ଏସ୍‌ଜିଏସ୍‌ଏ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୪ ଉଇକେଟରେ ହରିୟାଣାଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ବିନିମୟରେ ୨୦୭ ରନ କରିଥିଲା। ଜବାବରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ହରିୟାଣା ୬ଷ୍ଠ ଉଇକେଟରେ ଦୃଢ଼ ଭାଗୀଦାରି ଯୋଗୁ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓଡ଼ିଶା ୪ଟି ମ୍ୟାଚ୍ ଖେଳିସାରିଥିବା ବେଳେ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସମେତ ୨ଟି ମ୍ୟାଚ୍ ବାତିଲ ଯୋଗୁ ମୋଟ ୮ ପଏଣ୍ଟ ସଂଗ୍ରହ କରି ଟେବୁଲର ୭ମ ସ୍ଥାନରେ ରହିଛି। ୭ ତାରିଖରେ ଓଡ଼ିଶା ମହାରାଷ୍ଟ୍ରକୁ ଭେଟିବ।

ବର୍ଷା ଯୋଗୁ ମ୍ୟାଚକୁ ୪୬ ଓଭର ବିଶିଷ୍ଟ କରାଯାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ସନ୍ଦୀପ ପଟ୍ଟନାୟକ ଓ ସ୍ୱସ୍ତିକ ସାମଲ ପ୍ରଥମ ଉଇକେଟ




ଗୋବିନ୍ଦ ପୋଦ୍ଦାର

ଯୋଡ଼ିରେ ୨୩ ରନ ସଂଗ୍ରହ କରିବା ପରେ ସ୍ୱସ୍ତିକ ୧୨ ରନରେ ଆଉଟ ହୋଇଥିଲେ। ପରେ ଅଧିନାୟକ ଶୁଭ୍ରାଂଶୁ ମଧ୍ୟ ୩ ରନ ସଂଗ୍ରହ କରି କ୍ରିଜ ଛାଡ଼ିଥିଲେ। ବ୍ୟାଟିଂ କ୍ରମ ୪ନଂରେ କ୍ରିଜକୁ ଆସିଥିବା ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୬୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁଁ ଦଳ ବ୍ୟାଟିଂ ବିପର୍ଯ୍ୟୟରୁ ମୁକୁଳିଥିଲା। ଓପନର ସନ୍ଦୀପ ୪୪, ଉଇକେଟ କିପର ସୁଜିତ ଲେଙ୍କା ୩୪, ପପୁ ରାୟ ୧୧ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନଥିଲେ। ଓଡ଼ିଶା ୯ ଉଇକେଟ ହରାଇ ୨୦୭ରନ କରିଥିଲା । ହରିୟାଣାର ହର୍ଷଲ ପଟେଲ ଓ ସୁମିତ କୁମାର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୦୮ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ହରିୟାଣା ୨୮ରନରେ ପ୍ରଥମ ଉଇକେଟ ହରାଇଥିଲା। ଏହାପରେ ୭୮ ରନରେ ୫ଟି ଉଇକେଟ ହରାଇ ଦଳ ସଙ୍କଟରେ ପଡ଼ିଥିଲା। ଓଡ଼ିଶାର ପେସ ବୋଲରମାନେ ଭଲ ବୋଲିଂ କରିଥିଲେ। ରାଜେଶ ମହାନ୍ତି ଓ ଦୀପକ ବେହେରା ୨ଟି ଲେଖାଏ ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଓପନର ନୀତୀନ ସଇନି ୪୪ ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ହରିୟାଣା ଅଲରାଉଣ୍ଡର ଜୟନ୍ତ ଯାଦବ(୬୭ରନ) ଓ ସୁମିତ କୁମାର(୬୪ରନ) ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ




MARUTI SUZUKI NEXA

THIS NAVRATRI CELEBRATE EXCITING OFFERS



10 DAYS OFFER ONLY

HURRY! AVAIL BEFORE 10th OCTOBER

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹25,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹52,000 | ₹1,12,900 | ₹65,000 | ₹87,700 |

Contact us at 1800-200-[6392] 1800-102-[NEXA] www.nexaexperience.com NOW YOU CAN ALSO BOOK ONLINE

BHUBANESWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 8338033884), NEXA TWIN CITY (SKY AUTOMOBILES PH: 9776497764, 7064400101).

connect — A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5-year warranty (2-year standard warranty + 3-year extended warranty) on NEXA Diesel cars.



## ସଂକ୍ଷେପରେ

### ଟ୍ରେନରୁ ଖସିପଡ଼ି କଟିଲା ଗୋଡ଼

**ଧର୍ମଶାଳା,୪ା୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ଷ୍ଟେଶନ ନିକଟରେ ଶୁକ୍ରବାର ଟ୍ରେନ୍‌ରୁ ଖସିପଡି ଜଣେ ବ୍ୟକ୍ତିଙ୍କ ୨ ଗୋଡ କଟିଯାଇଛି। ସେ ହେଉଛନ୍ତି ଧର୍ମଶାଳା ବ୍ଲକ ଥାନୁଆଳ ଗ୍ରାମର ପେଡା ବ୍ୟବସାୟୀ ଗୁଣନିଧି ଦୋରା(୫୪)। ଧର୍ମଶାଳା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗୁଣନିଧି କୌଣସି ଏକ କାମରେ ବନ୍ଧୁଘରକୁ ଯିବାଲାଗି ଷ୍ଟେଶନରେ ଟ୍ରେନ୍‌ରେ ଚଢ଼ିବା ସମୟରେ ହଠାତ୍ ଖସିପଡ଼ିଥିଲେ। ଫଳରେ ଟ୍ରେନ ଚକାରେ ତାଙ୍କର ଗୋଡ କଟିଯାଇଥିଲା। ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ସରକାର ତାଙ୍କର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସରପଞ୍ଚ ଅମୂଲ୍ୟଧନ ଜେନା ଓ ଗ୍ରାମବାସୀ ଦାବି କରିଛନ୍ତି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଜେନାପୁର/ଚଢ଼େଇଧରା, ୪ା୧୦(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ୧୨ ନମ୍ବର ଜିଲା ପରିଷଦ ଜୋନ୍‌ର ୯ ପଞ୍ଚାୟତରେ ଶୁକ୍ରବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ଜନ ସାଧାରଣଙ୍କ ସହ ଆଲୋଚନା କରିଥିଲେ। ପଦଯାତ୍ରା ଗଡ଼ ମଧୁପୁର, ମହିସରା, ସପାରୁ, ପୁରୁଣା ବୋଉଲମାଲ, ସାହାଣୀ ଡ଼ିହ, ବୃନ୍ଦାଦେଇପୁର ଜେନାପୁର, ଆଣ୍ଡିଆ, କମାଗଡ଼ରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ବିଜେଡି ସଭାପତି ଜଳ ଧର ସାହୁ, ବ୍ଲକ ସଭାପତି ନିରଞ୍ଜନ ବଳ, ଜିଲା ପରିଷଦ ସଭ୍ୟ ପ୍ରଣତୀ ଲେଙ୍କା, ପ୍ରହ୍ଲାଦ ଲେଙ୍କା, ଦିଲୀପ କୁମାର ବରାଳ, ଅଶୋକ କୁମାର ସାହୁ, କପିଳେନ୍ଦ୍ର ଲେଙ୍କା, ମଦିନା ବିବି, ସରପଞ୍ଚ ଗିରିଧାରୀ ଜେନା, ବିଚିତ୍ରା ନନ୍ଦ ସାହୁଙ୍କ ସମେତ ବିଜେଡିର ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ଓଏମ୍‌ସି ଦୈତାରି ଲୌହ, ମାଙ୍ଗାନିଜ ଖଣି ଜନଶୁଣାଣି

# ସମର୍ଥନ ପାଇଁ ସର୍ତ୍ତ ରଖିଲେ ଅଞ୍ଚଳବାସୀ

**କାଳିଆପାଣି,୪ା୧୦(ଡି.ଏନ୍.ଏ.)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ପରିଚାଳିତ ଦୈତାରୀଲୌହ ଓ ମାଙ୍ଗାନିଜ ଖଣିର ବାର୍ଷିକ ୩ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍ କ୍ରୋମାଇଟ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଶୁକ୍ରବାର ଜନଶୁଣାଣି ହୋଇଛି। ପରିବେଶ ମଞ୍ଜୁରୀ ନିମନ୍ତେ କରାଯାଇଥିବା ଜନଶୁଣାଣିରେ ବିଭିନ୍ନ ସର୍ତ୍ତ ରଖି ପ୍ରଭାବିତ ଅଞ୍ଚଳବାସୀ ସମର୍ଥନ ପ୍ରସ୍ତାବ ଦେଇଛନ୍ତି। ଖଣି ନିଗମ ମହାପ୍ରବନ୍ଧକ ଅଶୋକ କୁମାର ବେହେରା ପର୍ଯ୍ୟାୟକ୍ରମେ ସମସ୍ତ ଦାବି ପୂରଣ କରିବାକୁ ଖଣି ନିଗମ ପ୍ରୟାସ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଶେଷକରି ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗୁରୁତ୍ୱ ଦୃଷ୍ଟିରୁ ତୁରନ୍ତ ଏକ ଯୁକ୍ତ ୨ କଲେଜ ନିର୍ମାଣ ଏବଂ ଖାଲି ପଡିଥିବା ଡାକ୍ତର ନିଯୁକ୍ତି କରିବାକୁ ପ୍ରୟାସ କରାଯାଉଥିବା ଅଶୋକ କୁମାର କହିଛନ୍ତି।

ଚିଙ୍ଗୁଡ଼ିପାଳ ପଞ୍ଚାୟତ ପଟଣା ଆମ୍ବତୋଟାଠାରେ ରାଜ୍ୟ ପ୍ରଦୂଷଣ ବୋର୍ଡ଼ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପ୍ରଦୂଷଣ ବୋର୍ଡର କଳିଙ୍ଗନଗର ପରିଚାଳକ ପ୍ରମୋଦ କୁମାର ବେହେରା




ଅଧ୍ୟକ୍ଷତା କରିଥିଲେ। କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର ପରିଚାଳନା କରିଥିଲେ। ଜନଶୁଣାଣି ଆଭିମୁଖ୍ୟ ସମ୍ପର୍କରେ ପ୍ରଦୂଷଣ ବୋର୍ଡ଼ ପରିଚାଳକ ପ୍ରମୋଦ କୁମାର ଉପସ୍ଥାପନ କରି ମତାମତ ରଖିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଖଣି ନିଗମ ଦୈତାରିର ଆଞ୍ଚଳିକ ପରିଚାଳକ ସୁବ୍ରତ ମିଶ୍ର ନିଗମ ପକ୍ଷରୁ ନିଆଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରି ଜନଶୁଣାଣିକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ୫୮ ଜଣ ପୁରୁଷ ମହିଳା ସ୍ଥାନୀୟ ଅଞ୍ଚଳରେ ହେଉଥିବା ସମସ୍ୟାକୁ ଉପସ୍ଥାପନ କରିଥିଲେ। ଏଥିସହ ବେକାରିଙ୍କୁ ସ୍ଥାୟୀ ନିଯୁକ୍ତି, ଯୁକ୍ତ ୨ କଲେଜ, ଖଣି ନିଗମ ଡାକ୍ତରଖାନରେ ଅଧିକସଂଖ୍ୟକ ଡାକ୍ତର ସହ ପ୍ରସୂତି ବିଭାଗ ଓ ଶିଶୁ ବିଭାଗ ଡାକ୍ତର ନିଯୁକ୍ତି, ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା, ପାନୀୟ ଜଳ ସମସ୍ୟା ସମାଧାନ, ରାସ୍ତାଘାଟ ମରାମତି, ସ୍ଥାନୀୟ ସ୍କୁଲଗୁଡିକୁର ସମସ୍ୟା ସମାଧାନ ପରି ବିଭିନ୍ନ ପ୍ରକାର ଦାବି ଉପସ୍ଥାପନ କରି ସର୍ତ୍ତ ମୂଳକ ସମର୍ଥନ ପାଇଁ ପ୍ରସ୍ତାବ ଦେଇଥିଲେ। ସୂଚନା ଯୋଗ୍ୟ, ଓଡ଼ିଶା ଖଣି ନିଗମର ଦୈତାରି ସଂରକ୍ଷିତ ଜଙ୍ଗଲରେ ୧୦୧୮.୩୦୮୫ ହେକ୍ଟର ମଧ୍ୟରୁ ୪୬.୩୯୯୫ ହେକ୍ଟର ଜଙ୍ଗଲ ଜମି ଏବଂ ୧୭୧.୯୦୯ ହେକ୍ଟର ଅଣ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ରହିଛି। ଅଣଜଙ୍ଗଲ ଜମିକୁ ପରିବେଶ ମଞ୍ଜୁରୀ ମିଳିଥିଲେ ମଧ୍ୟ ଉତ୍ପାଦନ ବୃଦ୍ଧି ପାଇଁ ମଞ୍ଜୁରୀ ନିତାନ୍ତ ଆବଶ୍ୟକତା ଦୃଷ୍ଟିରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଶୁଣାଣି ଆରମ୍ଭ ହୋଇଥିଲା। ଏଥିରେ ଖଣି ନିକଟର୍ତ୍ତୀ ଚିଙ୍ଗୁଡ଼ିପାଳ ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ, କାଳିଆପାଣି ସମିତି ସଭ୍ୟ ମୋତିଲାଲ ମହାନ୍ତ, ରାଁଶୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି, ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଉପାଧ୍ୟକ୍ଷ ବିବେକା ବୋଷ, ଯୁବନେତା ପ୍ରଭାତ ପ୍ରଧାନ, ପାଟଣା ଗ୍ରାମର ତ୍ରିଲୋଚନ ମୁଣ୍ଡାରୀ ପ୍ରମୁଖ ନିଜ ମତାମତ ରଖିବା ସହ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ପ୍ରଦୂଷଣ ବୋର୍ଡର ମନମୋହନ ମୁର୍ମୁ, ଦିବ୍ୟଲୋଚନ ମହାପାତ୍ର, ମଦନ ମୋହନ ସାହୁ, ସତ୍ୟସ୍ୱରୂପ୍‌ବେଦୀ ଓ ଖଣି ନିଗମ ବିଭୂତି ଭୂଷଣ ନାୟକ, ନଳିନକାନ୍ତ ନାୟକ, ପ୍ରଫୁଲ୍ଲ କୁମାର ସାହୁ, ସାଗରିକା ପାତ୍ର ସହ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ ଶୃଙ୍ଖଳା ଦୃଷ୍ଟିକୁ ରଖି କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଏକ ପ୍ଲାଟୁନ ଫୋର୍ସ ସହ ଉପସ୍ଥିତ ଥିଲେ।

- **ବାର୍ଷିକ ୩ ଲକ୍ଷ ଟନ୍‌ରୁ ୬ ଲକ୍ଷ ଟନ୍ କ୍ରୋମାଇଟ ଉତ୍ପାଦନ ବୃଦ୍ଧି ପାଇଁ ଶୁଣାଣି**
- **ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ**
- **ତୁରନ୍ତ ଯୁକ୍ତ ୨ କଲେଜ ନିର୍ମାଣ ଏବଂ ଡାକ୍ତର ନିଯୁକ୍ତି ପ୍ରତିଶ୍ରୁତି**

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

# ଅଧାରୁ ଉଠିଗଲେ ଅଧ୍ୟକ୍ଷା

**ବରୀ/ରତ୍ନଗିରି, ୪ା୧୦(ସ୍ୱ.ପ୍ର/ଡି.ଏନ୍.ଏ.)**


ବରୀ ବ୍ଲକ ସଭାଗୃହରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ହୋଇଯାଇଛି। ବିଡିଓ ଶୁଭଶ୍ରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଦେଶ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବ୍ଲକ ଅଧ୍ୟକ୍ଷା ଶୁଭାସିନୀ ନାଥଶର୍ମା ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ସମୟରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ହିତାଧିକାରୀଙ୍କୁ ଜଳଖିଆ, ପାନୀୟଜଳ ଦେବାର ବ୍ୟବସ୍ଥା ରହିଥିବା ବେଳେ ଅଧିକାଂଶ ହିତାଧିକାରୀ ଏଥିରୁ ବଞ୍ଚିତଥିବା ନାଥଶର୍ମା କହିଛନ୍ତି। ଏଥିସହ ଉତ୍ସବ ପାଇଁ ସରକାରୀଭାବେ ମୋତେ ଚିଠି ଦିଆଯାଇଥିବାବେଳେ ବିଡିଓ କୌଣସି ଆଲୋଚନା ତାଙ୍କ ସହ କରି ନାହାନ୍ତି। ହଠାତ୍ ଏଭଳି କାର୍ଯ୍ୟାଦେଶ ବଣ୍ଟନ ଉତ୍ସବକୁ ନେଇ ଅଧ୍ୟକ୍ଷା ନାଥଶର୍ମା ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟଦେଶସ୍ଥାନ ଛାଡି ପଳାଇଥିଲେ। ପରେ ବିଧାୟିକା ଦାସ ହିତାଧିକାରୀଙ୍କ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକର ୨୯ ପଞ୍ଚାୟତରେ ମୋଟ ୬୯୧ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସମସ୍ତ ହିତାଧିକାରୀଙ୍କ ଜମାଖାତା ବହିକୁ ପ୍ରଥମ କିସ୍ତି ବାବଦରେ ୨୦ହଜାର ଟଙ୍କା ଜମା ଦିଆଯାଇଥିବା ବିଡିଓ ତ୍ରିପାଠୀ ସୂଚନା ଦେଇଛନ୍ତି। ଶେରପୁର, ମନ୍ଦାରୀ, ଗୋଳକୁଣ୍ଡ ପଞ୍ଚାୟତ ଯୋଜନାରୁ ବାଦ ପଡିଥିବାବେଳେ ସର୍ବାଧିକ କାର୍ଯ୍ୟାଦେଶ ବାଇଁଶିରିଆ ପଞ୍ଚାୟତରେ ୬୭ଜଣ ହିତାଧିକାରୀଙ୍କୁ ମିଳିଥିଲା ବେଳେ ଅରଙ୍ଗାବାଦ ପଞ୍ଚାୟତର ସର୍ବନିମ୍ନ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଛି। ଜନପ୍ରତିନିଧି, ସରକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ପାଇଁ ସରକାର ବିଧି ବ୍ୟବସ୍ଥା ଉପରେ ସମସ୍ତେ ଅବଗତ ହେବା ପାଇଁ ବିଡ଼ିଓ ତ୍ରିପାଠୀ ନିବେଦନ କରିଛନ୍ତି। ଏହି ବ୍ଲକରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। କମ୍ପ୍ୟୁଟର, ଇଣ୍ଟରନେଟ୍ ଓ କର୍ମଚାରୀଙ୍କ ଅଭାବ ରହିଛି। ଏସବୁକୁ ସୁଧାରିଲା ପରେ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ, କାର୍ଯ୍ୟାଦେଶ ବଣ୍ଟନ ଉତ୍ସବରେ କୌଣସି ଅବ୍ୟବସ୍ଥା ହୋଇ ନାହିଁ। ଶାନ୍ତି ଶୃଙ୍ଖଳାରେ ସମସ୍ତ କାର୍ଯ୍ୟ ହୋଇଥିବା କହିଛନ୍ତି।

### ହୋଇପାରିଲାନି ପଞ୍ଚାୟତ ସମିତି ବୈଠକ

**କୋରେଇ,୪ା୧୦(ସ୍ୱ.ପ୍ର.)**

କୋରାଇ ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ତଥା ନିର୍ବାଚନ ପରର ପ୍ରଥମ ବୈଠକ ଶୁକ୍ରବାର ହୋଇପାରି ନାହିଁ। ପଞ୍ଚାୟତ ସମିତି ଗୃହର ଆବାହକ ତଥା ବ୍ଲକ ପ୍ରଶାସନର ମୁଖ୍ୟ ବିଡିଓ ହୋଇଥିବା ବେଳେ ନିଜେ ବୈଠକ ସ୍ଥିର କରି ଅନୁପସ୍ଥିତ ରହିଥିଲେ। ଯାହାକୁ ନେଇ ଅଧ୍ୟକ୍ଷା ଓ ତାଙ୍କ ସମର୍ଥକ ବୈଠକରେ ଯୋଗ ନ ଦେଇ ନ ଥିଲେ। ଏ ନେଇ ଜିଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ମେଲ୍ କରିବା ସହ ଜିଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିବା କହିଛନ୍ତି। ଅଭିଯୋଗ ମୁତାବକ ଗତ ମାସ ୧୯ ତାରିଖରେ କୋରାଇ ବ୍ଲକ ପକ୍ଷରୁ ବିଡିଓ ଉମାକାନ୍ତ ପରିଡ଼ା ପତ୍ର ସଂଖ୍ୟା- ୩୪୪୮ ଜରିଆରେ ଅକ୍ଟୋବର ୪ରେ ସମିତିର ବୈଠକ ହେବାକୁ ସୂଚନା ଦେଇଥିଲେ। ଏହି କ୍ରମରେ ସଭ୍ୟମାନେ ବ୍ଲକରେ ପହଞ୍ଚିଥିଲେ। କିନ୍ତୁ ବୈଠକରେ ବିଡିଓ ଅନୁପସ୍ଥିତ ରହି ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ବୈଠକ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ବୈଠକ ଗୃହରେ କେବଳ ଜିପିଓ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ସମେତ ବିଭିନ୍ନ ଲାଇନସ୍ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଅନୁପସ୍ଥିତ ଥିବାର ଜିପିଓ ସୂଚନା ଦେବାପରେ ଅଧ୍ୟକ୍ଷାଙ୍କ ସମେତ ପିଆର୍‌ଆଇ ମେମ୍ବରମାନେ ସଭାଗୃହ ତ୍ୟାଗ କରିଥିଲେ। ବୈଠରେ ବିଡିଓ ଅନୁପସ୍ଥିତ ରହିଲେ ସମିତି ବୈଠକ ପରିଚାଳନାର ଦାୟିତ୍ୱ ଜିଲାପାଳ ଅନ୍ୟ କାହାକୁ ଦେବାର ନିୟମ ରହିଛି। ହେଲେ ବିଡିଓ ପରିଡ଼ା କିପରି ବେଆଇନ୍ ଭାବରେ ସହକାରୀ ଯନ୍ତ୍ରୀଙ୍କୁ ଦାୟୀତ୍ୱ ହସ୍ତାନ୍ତର କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ସହିତ ଶାସକ ଦଳର ସଭ୍ୟମାନେ ଅନୁପସ୍ଥିତ ରହିବାକୁ ନେଇ ଅଧ୍ୟକ୍ଷା ମାଳତୀ ଟୁଡୁ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘ ୧୩ ମାସପରେ ହେବାକୁ ଥିବା ବୈଠକରେ ବ୍ଲକ୍‌ରେ ବହୁ ଦୁର୍ନୀତି ପର୍ଦ୍ଦାଫାସ ହେବା ସହ ସମସ୍ୟାର ସମାଧାନ ହୋଇପାରି ଥାନ୍ତା ବୋଲି ସେ କହିଛନ୍ତି।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### ବ୍ରାହ୍ମଣୀ ନଦୀରେ କୁମ୍ଭୀର ଆତଙ୍କ

ରସୁଲପୁର,୪।୧୦(ଡିଏନଏ): ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତର ଦୁର୍ଗାପୁର ଗାଁ ଘାଟ ନିକଟରେ ଶୁକ୍ରବାର ଏକ କୁମ୍ଭୀର ଦେଖାଯାଇଥିବା ନେଇ ଚର୍ଚ୍ଚା ହେଉଛି। ନଦୀକୁ ଗାଧୋଇବାକୁ ଯାଇଥିବା ଲୋକେ କୁମ୍ଭୀରକୁ ଦେଖିଥିବା ପ୍ରଚାର ହେବା କ୍ଷଣି ନଦୀବନ୍ଧ ଉପରେ ଲୋକଙ୍କ ଭିଡ଼ ଜମିଥିଲା। ମାତ୍ର ଦୀର୍ଘ ସମୟ ଧରି କୁମ୍ଭୀରଟି ନଦୀର ମଧ ଭାଗରେ ଦେଖାଯାଇଥିଲା। ପରେ ତାହା ଗଭୀର ଜଳ ମଧ୍ୟରେ ବୁଡି ଯାଇଥିଲା। ଏବେ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ନଦୀ ତଳମୁଣ୍ଡ ରାଜନଗର ଓ ଭିତରକନିକା ଅଞ୍ଚଳରୁ କୁମ୍ଭୀରଟି ଆସିଥାଇପାରେ ବୋଲି କୁହାଯାଉଛି। କୁମ୍ଭୀର ଆତଙ୍କ ଯୋଗୁ ଗ୍ରାମବାସୀ ନଦୀ ମଧକୁ ଯିବାକୁ ଭୟ କରୁଛନ୍ତି।

### ଛଦାମୁଣ୍ଡ ନୋଡାଲ ବିଦ୍ୟାଳୟର ପରିଚାଳନା କମିଟି ଗଠିତ

ସିଂହପୁର,୪।୧୦(ଡିଏନଏ): ବିଂଝାରପୁର ବ୍ଲକ ଛଦାମୁଣ୍ଡ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ଶୁକ୍ରବାର ଗଠିତ ହୋଇଛି। ପ୍ରଧାନ ଶିକ୍ଷକଙ୍କ ଆବାହକରେ ବାଙ୍ଗରା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା, ନ୍ୟାୟାବ ସରପଞ୍ଚ, ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକମାନେ ଯୋଗ ଦେଇଥିଲେ। ଏହି କମିଟି ସୁଚାରୁ ରୂପେ ଗଠନ କରାଯାଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ତଥା ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

### କଳିଙ୍ଗନଗର ବିକାଶ ମଞ୍ଚର ବୈଠକ

ଡୁବୁରୀ,୪।୧୦(ଡି.ଏନ୍.ଏ.): କଳିଙ୍ଗନଗର ବିକାଶ ମଞ୍ଚ ପକ୍ଷରୁ ଗୁରୁବାର ସ୍ଥାନୀୟ କପିଳେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଜୟନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଳିଙ୍ଗନଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ କଳିଙ୍ଗନଗର ଅଞ୍ଚଳରେ ସମଗ୍ର ସୁକିନ୍ଦା ବ୍ଲକକୁ ସାମିଲ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟମାନ କରିବା ନିମନ୍ତେ ପ୍ରସ୍ତାବରେ ଗୃହୀତ କରାଯାଇଥିଲା। ଆଇନଜୀବୀ ସୁବାସ ଚନ୍ଦ୍ର ବଳସାମନ୍ତ, ସମ୍ପାଦକ ଅକ୍ଷୟ କୁମାର ଧଳ, ଅମୀୟ ରଞ୍ଜନ ଘଡ଼ାଇ, ବିପ୍ରଜ୍ୟୋତି ଧୀର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ

ଡୁବୁରୀ,୪।୧୦(ଡି.ଏନ୍.ଏ.): କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ କାରଖାନାର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ସିଆଇଏସଏଫ୍ (ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) କର୍ମଚାରୀ ପକ୍ଷରୁ ଗୁରୁବାର ଏକ ସ୍ୱଚ୍ଛତାପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡୁବୁରୀ ଛକର ଚତୁଃପାର୍ଶ୍ୱ ସଫେଇ କରାଯିବା ସହ ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ମହେଶ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜି. ଭଟ୍ଟାଚାରିଆ, କେ.କେ.ଲାଲ, ସମ୍ରାଟ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

■ସାହାରା ଗ୍ରୁପ କମ୍ପାନୀ ଉପରେ ନିରୀକ୍ଷଣ ପ୍ରସଙ୍ଗ

# ରିପୋର୍ଟ ନ ଦେଲେ ଦରମା ବନ୍ଦ

■୭ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ
■୧୦ଟି ପ୍ରସଙ୍ଗ ଉପରେ ଗୁରୁତ୍ୱ, ତତ୍ପର ଏଆରସିଏସ୍

ଯାଜପୁର ଅଫିସ,୪।୧୦

ସାହାରା କ୍ରେଡିଟ କୋପୋରେଟିଭ ସୋସାଇଟି, ହମାରା ଇଣ୍ଡିଆ କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲିଃ ଓ ସାହାରିୟାନ ଇ-ମଲ୍ଟିପରପୋଜ କୋପୋରେଟିଭ ସୋସାଇଟି ଲିଃର କାର୍ଯ୍ୟକଳାପ ଉପରେ ରାଜ୍ୟ ସମବାୟ ସମିତି ନିବନ୍ଧକ(ଆରସିଏସ୍) ବହୁ ଗୁରୁତ୍ୱ ଦେଉଛନ୍ତି । ଯାଜପୁର ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି କମ୍ପାନୀ ଓ ତାର ଶାଖାଗୁଡିକର ୧୦ଟି ପ୍ରସଙ୍ଗ ଉପରେ ନିରୀକ୍ଷଣ କରିବାକୁ ଆରସିଏସ ବାରମ୍ବାର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ (ଏଆରସିଏସ)ଙ୍କୁ ନିର୍ଦ୍ଦେଶ ଦେଇଆସୁଛନ୍ତି। କିନ୍ତୁ ସମ୍ପୃକ୍ତ ଏଆରସିଏସ୍ ଏହି ପ୍ରସଙ୍ଗ ନିରୀକ୍ଷଣ କରିବାରେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ଯେନେତେନ ପ୍ରକାରେ ରିପୋର୍ଟ ଦାଖଲ କରି ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ମସୁଧା ଚଳାଇଛନ୍ତି। ଏହା ଉପରେ ଆରସିଏସ ଉଦ୍‌ବେଗ ପ୍ରକାଶ କରିବା ସହ ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ ନ କଲେ ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରସିଏସ ଚେତାବନୀ ଦେଇଛନ୍ତି।

ଯାଜପୁର ଜିଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ସାହାରା ଗ୍ରୁପ ଅଫ୍ କମ୍ପାନୀର କାର୍ଯ୍ୟକଳାପ ଉପରେ ନୀରିକ୍ଷଣ କରି ରିପୋର୍ଟ ଦାଖଲ କରିବାକୁ ୨୦୧୮ ମସିହାରୁ ୭ରୁ ଉର୍ଦ୍ଧ୍ୱ ଥର ନିର୍ଦ୍ଦେଶ ହୋଇଆସୁଛି । ତେବେ ସେପ୍ଟେମ୍ବରରେ ଏଆରସିଏସମାନେ ନିରୀକ୍ଷଣ ରିପୋର୍ଟ ଦାଖଲ କରିଥିଲେ। ସେହି ନୀରିକ୍ଷଣ ରିପୋର୍ଟ ବେପରୁଆଭାବେ ହୋଇଥିବା ଆରସିଏସ ଅନୁଭବ କରି ୧୦ଟି ପ୍ରସଙ୍ଗ ଉପରେ ପୁନଃନିରୀକ୍ଷଣ କରି ୭ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ୧୬।୯।୨୦୧୯ରେ ଏଆରସିଏସ୍ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ପ୍ରସଙ୍ଗଗୁଡିକ ହେଲା ସାହାରା ଗ୍ରୁପର ବିଭିନ୍ନ ବ୍ରାଞ୍ଚରେ ସମୁଦାୟ ସଭ୍ୟ, ଅଂଶଧନ ପରିମାଣ, ଅଂଶଧନ ସଂଗ୍ରହ ସମୁଦାୟ ପରିମାଣ, ଭୋଟିଂ ମେମ୍ବରଠାରୁ ଜମା ଅର୍ଥ ସଂଗ୍ରହ ପ୍ରଭୃତି ରହିଛି । ଆରସିଏସଙ୍କ ଅଭିଯୋଗକ୍ରମେ ନଭେମ୍ବରରେ ରାଜ୍ୟ ପୋଲିସ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ଏନେଇ ପ୍ରାରମ୍ଭିକ ତଦନ୍ତ ଆରମ୍ଭ ହୋଇଥିଲା। ଏହାପରେ ସାହାରା ଗ୍ରୁପ ଅଫ କମ୍ପାନୀର ସାର୍କିଲ/ଡିଭିଜନର ବିଭିନ୍ନ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଆସୁଛି। କିନ୍ତୁ ନିରୀକ୍ଷଣ ରିପୋର୍ଟ ଖାମଖିଆଲିଭାବେ ଦାଖଲ କରାଯାଇ ନିଜ ଦାୟିତ୍ୱ ସମ୍ପାଦନ କରାଯାଇଛି ମାତ୍ର ସାହାରା ଗ୍ରୁପ କମ୍ପାନୀର ବିଭିନ୍ନ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହିଛି। ନିବେଶ କର୍ତ୍ତାଙ୍କ ମାଚ୍ୟୁରିଟି ହୋଇସାରିଥିଲେ ହେଁ ଜମା ଅର୍ଥ ଫେରସ୍ତ ପାଇନାହାନ୍ତି । ନିର୍ଦ୍ଦେଶପତ୍ରରେ ଏମଏସ୍‌ସିଏସ୍ ଆଇନ ୨୦୦୨ ଅନୁସାରେ ଅନୁଷ୍ଠାନର ନାମ, ପଞ୍ଜୀକରଣ ସଂଖ୍ୟା, ରେଜିଷ୍ଟରିଂ ଅଥରିଟି, ବ୍ରାଞ୍ଚର ଏରିଆ ଅଫ୍ ଅପରେଶନ ଇତ୍ୟାଦି ୪୨ଟି ତଥ୍ୟ ତଦନ୍ତ କରିବାକୁ ଦର୍ଶାଇଥିଲେ। ଯଦି ଆଇନଗତ ଅଧିକାର ନ ଥାଇ ସାଧାରଣ ଲୋକଙ୍କଠାରୁ ଟଙ୍କା ଆଦାୟ କିମ୍ବା କୌଣସି ବେଆଇନ କାର୍ଯ୍ୟକଳାପ ହେଉଛି ତେବେ ସମ୍ପୃକ୍ତ କମ୍ପାନୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଇଓଡବ୍ଲ୍ୟୁ ଏସ୍‌ପି ନିର୍ଦ୍ଦେଶ ଜାରି କରିଥିଲେ। ଏଥିରେ ସାର୍କିଲ, ବ୍ରାଞ୍ଚ, କ୍ରେଡିଟ ସୋସାଇଟି, ସଭ୍ୟ ସଂଖ୍ୟା ଓ ଜମାରାଶି, ସୁଧ ପରିମାଣ, ଅଗ୍ରୀମ ଋଣ ସୁଧ ସହ ଆଦି ତଥ୍ୟ ଦେବାକୁ କୁହାଯାଇଥିଲା। ଏପରିକି ଟଙ୍କା ଫେରସ୍ତ ହୋଇ ନ ଥିବା କେତେ ଅଭିଯୋଗ ହୋଇଛି ସେ ସମ୍ପର୍କରେ ତଥ୍ୟ ଦେବାକୁ ଦର୍ଶାଯାଇଥିଲା। ଏହି ପ୍ରସଙ୍ଗକୁ ବିଭାଗୀୟ ଅଧିକାରୀ ଅତି ଗୁରୁତର ସହ ଗ୍ରହଣ କରିଛନ୍ତି । ଆରସିଏସ ତାଙ୍କ ପତ୍ରସଂଖ୍ୟା ୨୧୭୦୩/୪।୧୦।୨୦୧୯ରେ ଦର୍ଶାଇଛନ୍ତି ଯେ, ସାହାରା ଗ୍ରୁପର ୧୦ଟି ପ୍ରସଙ୍ଗ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇ ଆସୁଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା ରିପୋର୍ଟ ନ ମିଳିବାରୁ ଭୁବନେଶ୍ୱର ଇଓଡବ୍ଲ୍ୟୁ ଓ ଆରବିଆଇଙ୍କୁ ଆବଶ୍ୟକ ରିପୋର୍ଟ ଦାଖଲ ହୋଇପାରୁ ନାହିଁ । ତେଣୁ ୭ଦିନ ମଧ୍ୟରେ ଆବଶ୍ୟକ ରିପୋର୍ଟ ଦାଖଲ ନ କଲେ ସମ୍ପୃକ୍ତ ଅଧିକାରୀଙ୍କ ଦରମା ବନ୍ଦ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆହତ ଅବସ୍ଥାରେ ଅଜଗର ଉଦ୍ଧାର



ରସୁଲପୁର,୪।୧୦(ଡିଏନଏ)

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥର ଦୁର୍ଗାପୁର ଗାଁ ନିକଟରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଏକ ଅଜଗର ଶାବକ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲା। ଏକ ବାଇକ ସାପ ଉପରେ ଚଢି ଯିବାରୁ ସାପଟି ଗୁରୁତର ଅବସ୍ଥାରେ ପଡ଼ି ରହିଥିଲା। ବନ ବିଭାଗ ଆସି ସାପଟିକୁ ଉଦ୍ଧାର କରି ନେଇଥିବା ଜଣାପଡ଼ିଛି। ଅଜଗର ସାପଟିର ଲମ୍ବ ୫ଫୁଟ୍ ହେବ ବୋଲି କୁହାଯାଉଛି। ସାପଟି ଜାରକା ବଜାର ନିକଟସ୍ଥ ଦେଉଳି ପାହାଡରୁ ଏହି ଅଞ୍ଚଳକୁ ପଳାଇ ଆସିଥାଇ ପାରେ ବୋଲି ଅନୁମାନ କରାଯାଉଛି।

■ବସ୍ ଚାପାରେ ଯୁବକଙ୍କ ମୃତ୍ୟୁ ଘଟଣା

## ୫ ଘଣ୍ଟା ରାସ୍ତାରୋକୋ, ଥାନାରେ ଅଟକିଲା ମୃତଦେହ

ବିଞ୍ଝାରପୁର / ସିଂହପୁର,୪।୧୦(ଡି.ଏନ.ଏ)



ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ସିଂହପୁର ନିକଟସ୍ଥ ଚନ୍ଦନପୁରଛକଠାରେ ଗୁରୁବାର ଅପରାହ୍ନରେ କଟକରୁ ଓଳାଭରକୁ ଫେରୁଥିବା ଗୁଡିଜୁଡି ନାମକ ଯାତ୍ରୀବାହୀ ବସ୍ ଟିଣା ଗ୍ରାମର ଚନ୍ଦ୍ରମଣି ମଲ୍ଲିକଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ଟିଣା ଗ୍ରାମର ଶହଶହ ପୁରୁଷ ଓ ମହିଳା ଚନ୍ଦ୍ରମଣିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଯାଜପୁର-ସିଂହପୁର ମୁଖ୍ୟ ରାସ୍ତାକୁ ବାଛୋଳ ଛକଠାରେ ଦୀର୍ଘ ୫ଘଣ୍ଟା କାଳ ଅବରୋଧ କରିଥିଲେ। ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ଛକର ଦୁଇ ପାର୍ଶ୍ୱ ରାସ୍ତା ଅବରୋଧ କରିବା ସହିତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତା ଅବରୋଧରୁ ହଟିବେ ନାହିଁ ବୋଲି ଅଡ଼ି ବସିଥିଲେ। ଘଟଣାସ୍ଥଳରେ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା, ବିଞ୍ଝାରପୁର ଅତିରିକ୍ତ ତହସିଲଦାର ଆର୍ଯ୍ୟଦୀପ୍ତ ଅରଣ୍ୟକ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ଲୋକେ କିଛି ଶୁଣି ନ ଥିଲେ। ସେପଟେ ଉତ୍ତେଜନା ଲାଗି ରହିଥିବାରୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ବ୍ୟବଚ୍ଛେଦ ପରେ ଚନ୍ଦ୍ରମଣିଙ୍କ ମୃତଦେହ ଗ୍ରାମକୁ ନେଇ ଆସୁଥିବା ଗାଡ଼ି ବିଞ୍ଝାରପୁର ଥାନା ନିକଟରେ ଅଟକି ରହିଥିଲା। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ରାସ୍ତା ଅବରୋଧ ରହିଥିବାରୁ ଯାତ୍ରୀବାହୀ ଗାଡ଼ି ଅଟକି ରହିଥିଲା। ଫଳରେ ହଜାର ହଜାର ଯାତ୍ରୀ ହୀନସ୍ତା ହୋଇଥିଲେ। ଅପରାହ୍ନରେ ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଯେନା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ କରିଥିବାବେଳେ ବସ୍ ମାଲିକ ମଧ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ପୋଲିସ ଏହି ଦୁର୍ଘଟଣା ଘଟଣାରେ ଏକ ମାମଲା (ନଂ.୨୬୪/୧୯) ରୁଜୁ କରି ବେସରକାରୀ ବସ୍‌ଟିକୁ ଜବତ କରିଥିବା ଜଣାପଡିଛି। ରାସ୍ତା ଅବରୋଧ ହଟିବା ପରେ ଚନ୍ଦ୍ରମଣିଙ୍କ ମୃତଦେହ ଗ୍ରାମକୁ ନିଆଯାଇଥିଲା। ସେଠାରେ ଶୋକାକୂଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ଜିଲାପାଳଙ୍କୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନ

ଯାଜପୁର ଟାଉନ,୪।୧୦(ଡିଏନଏ)

ପ୍ରେରଣାଦାୟୀ ବ୍ୟକ୍ତିତ୍ୱଭାବେ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଇଣ୍ଟରଭ୍ୟୁ ଟାଇମ୍‌ସ୍ ମାଗାଜିନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦି ଇଣ୍ଟରଭ୍ୟୁ ଟାଇମ୍‌ସ୍‌ର ୮ମ ବାର୍ଷିକ ଉତ୍ସବ ଗାନ୍ଧୀ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାସଙ୍କ ସହ ବିଭିନ୍ନ କ୍ଷେତ୍ରରୁ ମୋଟ ୨୦ ଜଣଙ୍କୁ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଚାରପତି ଜଷ୍ଟିସ୍ ମଦନ ମୋହନ ଦାସ, ସମ୍ମାନିତ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ, ଅମର ପଟ୍ଟନାୟକ, ଫାଲକନ ମେରାଇନ ପ୍ରତିଷ୍ଠାତା ତାରା ରଞ୍ଜନ ପଟ୍ଟନାୟକ ଓ ବେଦାନ୍ତ ଲିମିଟେଡର ରାକେଶ ମୋହନ ପ୍ରମୁଖ ଉପସ୍ଥିତ ଥିଲେ।

■ସରକାରୀ ସହାୟତାରୁ ବିଧବା ବଞ୍ଚିତ ଘଟଣା

## ବ୍ଲକ ପ୍ରଶାସନ, ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଦେଖା

ରସୁଲପୁର,୪।୧୦(ଡିଏନଏ)

**ସହାୟତାର ହାତ ବଢାଇଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ**

ରସୁଲପୁର ବ୍ଲକ ଅର୍ଥଗାଁ ପଞ୍ଚାୟତ ବଡ଼ଚଅପୋଇ ଗ୍ରାମର ବବି ଦଳାଇଙ୍କ ସ୍ୱାମୀ ମୃତ୍ୟୁ ପରେ ସେ ଅସହାୟ ହୋଇପଡିଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିନାହିଁ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇଥିବାବେଳେ ତାଙ୍କର ଗୋଟିଏ ୮ବର୍ଷର ପୁତ୍ର ଓ ୧୧ବର୍ଷର କନ୍ୟା ସନ୍ତାନ ରହିଛି। ପୁଅ ଜନ୍ମରୁ ଦିବ୍ୟାଙ୍ଗ ଓ ଝିଅ ପୁଷ୍ଟିହୀନତାର ଶିକାର ହୋଇଛନ୍ତି। ଏ ନେଇ ଧରିତ୍ରୀରେ ଗତ ୧ତାରିଖରେ ଖବର ପ୍ରକାଶିତ ହୋଇଥିଲା। ୪ଦିନ ପରେ ଶୁକ୍ରବାର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୁଷ ଡାକ୍ତର ବସନ୍ତ କୁମାର ପଣ୍ଡା, ନର୍ସ ଅବିନାଶ ମଲ୍ଲିକ, ସାମାଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ଅସହାୟ ପରିବାର ନିକଟରେ ପହଞ୍ଚି ତାଙ୍କୁ ସହାୟତାର ହାତ ବଢାଇଥିବା ଜଣାପଡ଼ିଛି। ଉଭୟ ପିଲାଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ । ପୁଷ୍ଟିହୀନତା ଦୂର କରିବା ପାଇଁ ସେମାନଙ୍କୁ ପ୍ରୋଟିନ ପାଉଡର ପ୍ରଦାନ କରାଯିବ। ଉକ୍ତ ଶିଶୁଙ୍କୁ ବାଣିଶ୍ରୀ ବୃତ୍ତି ଭାବେ ଏକକାଳୀନ ୫ହଜାର ଟଙ୍କା ମିଳିବ ବୋଲି ସୂଚନା ମିଳିଛି। ଉକ୍ତ ଶିଶୁଙ୍କ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ସେମାନଙ୍କୁ ପୁଷ୍ଟପୋଷକତା ସହାୟତା ଯୋଜନାରେ ସାମିଲ କରାଯାଇ ପାରିବ। ଏହାଦ୍ୱାରା ପ୍ରତ୍ୟେକ ପିଲାଙ୍କୁ ମାସିକ ୨ହଜାର ଟଙ୍କା ମିଳିପାରିବ । ମାତ୍ର ଶିଶୁ ସୁରକ୍ଷା ଅଧିକାରୀଙ୍କ ଅବହେଳା ଯୋଗୁ ଅସହାୟ ପରିବାରକୁ ସରକାରୀ ସହାୟତା ମିଳିବାରେ ବାଧା ଉପୁଜିଛି। ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ମଣ୍ଟୁ ଦାସ ଅଭିଯୋଗ କରିଛନ୍ତି। ଏହାଛଡା ଦଳିତ ପରିବାରକୁ ସରକାରୀ ଆବସ ମିଳିନାହିଁ। ବିଧବାକୁ ଭତ୍ତା ମିଳିନାହିଁ । ସାମାଜିକ ନିରାପତ୍ତାକୁ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାସତ୍ତ୍ୱେ ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ଅସହାୟ ମହିଳାଙ୍କ ପାଖରେ ପହଞ୍ଚିଥିବା ଅଧିକାରୀମାନେ।

## ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଆଇଶା ଫିଲ୍ମକୁ ବିରୋଧ

ରସୁଲପୁର,୪।୧୦(ଡିଏନ)

ରସୁଲପୁର ବ୍ଲକ ଅଞ୍ଚଳର ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଆଇଶା ଶୀର୍ଷକ ଫିଲ୍ମକୁ ଘୋର ବିରୋଧ କରାଯାଇଛି । ଏନେଇ ଗୁରୁବାର ଏହି ବ୍ଲକର ମିର୍ଜାପୁର, ହାଜିବାଗ୍, ପଠାନ୍ ମହଲା, ଗୋପିନାଥପୁର, ଅତଲାପୁର ପ୍ରଭୃତି ଗ୍ରାମର ଶତାଧିକ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଆଇଶା ଫିଲ୍ମରେ ମୁସଲିମ୍ ଧର୍ମାଲମ୍ବୀଙ୍କ ଧର୍ମଗ୍ରନ୍ଥରେ ମା' ଆଇଶାଙ୍କ ଚରିତ୍ରକୁ କଦର୍ଥ କରାଯାଇଛି। ଆଇଶାକୁ ସମ୍ପ୍ରଦାୟ ମା' ବୋଲି ଆଖ୍ୟା ଦେଇଆସୁଛି। ମାତ୍ର ଉକ୍ତ ସିନେମାରେ ତାଙ୍କ ଚରିତ୍ରକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରାଯାଇଛି। ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇ ସିନେମା ନିର୍ମାତା ବ୍ୟବସାୟ କରିବାକୁ ଲକ୍ଷ୍ୟ ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ମନ୍ଦ ଉଦ୍ଦେଶ୍ୟକୁ ତାଙ୍କ ସମ୍ପ୍ରଦାୟ ବରଦାସ୍ତ କରିବ ନାହିଁ ବୋଲି ଚେତାବନୀ ଶୁଣାଇଛନ୍ତି। ଏହାକୁ ପ୍ରେକ୍ଷାଳୟରେ ପରିବେଷଣ କରିବା ଉପରେ ରୋକ ଲଗାଯାଉ ବୋଲି ଦାବି ହୋଇଛି। ସୂଚନା ଥାଉକି, ଫିଲ୍ମ ନିର୍ମାତା ଉତ୍ତରପ୍ରଦେଶ ରାଜ୍ୟ ଲକ୍ଷ୍ନୌ ସହର ବାସିନ୍ଦା ସିଂହା ସମ୍ପ୍ରଦାୟର ୱାକଅଫ୍ ବୋର୍ଡ ଅଧକ୍ଷ ୱସିମ୍ ରିଜୱୀ ଆଇଶା ନାମକ ଫିଲ୍ମ ନିର୍ମାଣ କରିଛନ୍ତି । ଉକ୍ତ ଫିଲ୍ମ ସୁଟିଂ ଚାଲିଛି ଏବଂ ୨୦୨୦ ମସିହାରେ ସମଗ୍ର ଦେଶର ପ୍ରେକ୍ଷାଳୟରେ ପ୍ରଦର୍ଶିତ ହେବ ବୋଲି ଜଣାପଡ଼ିଛି। ୱସିମ ରିଜୱୀ ଆଇଶା ମା'ଙ୍କ ଜୀବନୀ ଉପରେ ସିନେମା ନିର୍ମାଣ କରିଛନ୍ତି। ଉକ୍ତ ଚଳଚ୍ଚିତ୍ରରେ ମା'ଙ୍କ ବାସ୍ତବ ଚରିତ୍ରକୁ ଲୁଚାଇ ଦିଆଯାଇଛି । ମନଗଢା କାହାଣୀକୁ ପାଥେୟ କରି ମାଙ୍କ ଚରିତ୍ରକୁ ନଗ୍ନରୂପରେ ପ୍ରଦର୍ଶିତ କରାଯାଇଛି ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଅଭିଯୋଗ ହୋଇଛି।

ମା' ଦୁର୍ଗାଙ୍କ ଆଗମନରେ ଉତ୍ସବମୁଖର ସହର

## ବିରଜାଙ୍କ ରଥଯାତ୍ରାରେ ଜମିଲା ଭିଡ଼

ଯାଜପୁର, ଟାଉନ,୪।୧୦(ଡିଏନଏ)

ଶକ୍ତିପୀଠ ବିରଜାକ୍ଷେତ୍ର ଯାଜପୁରରେ ଦେବୀ ଦୁର୍ଗାଙ୍କ ଆଗମନ ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡିଛି। ବିଶେଷ କରି ମା' ବିରଜାଙ୍କ ସିଂହଧ୍ୱଜ ରଥଯାତ୍ରା ପ୍ରତ୍ୟେକ ଅପରାହ୍ନରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ସହସ୍ରାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ଦ୍ୱିତୀୟାରୁ ଦେବୀଙ୍କର ଶୋଡଷ ଉପଚାର ପୂଜା ଆରମ୍ଭ ହୋଇଯାଇଥିବା ବେଳେ ଶୁକ୍ରବାର ଦେବୀଙ୍କ ସପ୍ତମୀ ତିଥିରେ ଅତିପ୍ରତ୍ୟୁଷରୁ ପାଦ ଦର୍ଶନ ପାଇଁ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିପରି ସହରର ବିଭିନ୍ନ ଅଞ୍ଚଳରେ ଦୁର୍ଗା ମଣ୍ଡପଗୁଡିକରେ ବ୍ୟାପକ ସାଜସଜ୍ଜା ସହ ପୂଜାରମ୍ଭ ହୋଇଛି। ଜିଲାର ବରୀ ବ୍ଲକ କିମ୍ପିରିଆପାଳ ପଞ୍ଚାୟତ ଉଦୟପୁରଠାରେ ବହୁ ପୁରାତନ କନକ ଦୁର୍ଗାଙ୍କ ପୂଜା ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଯାଜପୁର ବ୍ଲକ ଶ୍ୟାମଦାସପୁର ପଞ୍ଚାୟତ ଅଧୀନ କଳସପୁରଠାରୁ କନକ ଦୁର୍ଗା ଦେବୀ ଉଦୟପୁରକୁ ପୂଜା ପାଇଁ ବହୁ ବର୍ଷ ହେଲା ଆସିଥାନ୍ତି। ଏହି ଦୁଇ ଗ୍ରାମ ସହିତ କନକ ଦୁର୍ଗାଙ୍କୁ ନେଇ ଏକ ଆଧାତ୍ମିକ ସମ୍ପର୍କ ରହିଛି। ଜିଲାରେ ଦୁର୍ଗାପୂଜା ଓ ବିରଜାଙ୍କ ରଥଯାତ୍ରାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ଚରଣ ସିଂ ମୀନା ଯୋଗଦେଇ ପୂଜା ଓ ଭସାଣୀ ସମୟରେ ପଲିଥିନ ବ୍ୟବହାରକୁ ରୋକିବା ସହିତ ମଦ ଓ ମାଦକଦ୍ରବ୍ୟର ସେବନ କରୁଥିବା ଏବଂ ଶବ୍ଦ ପ୍ରଦୂଷଣ କରୁଥିବା ଡିଜେଗୁଡିକ ଉପରେ କଟକଣା ଲଗାଇଛନ୍ତି। ଯେଉଁମାନେ ଏହାକୁ ନ ମାନିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ଶ୍ରୀବିରଜା ସେବା ସମିତି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ଅଧିକାରୀ ନବ କିଶୋର ଦାସ, ବାବା ରାମ ଦାସ, ସଂସ୍କୃତି ଅଧିକାରୀ ସନ୍ତୋଷ ସେଠୀ, କାହ୍ନୁ ଚରଣ ମିଶ୍ର, ଗିରିଧାରୀ ସ୍ୱାଇଁ, ଅଧାପକ ପୂର୍ଣ୍ଣଚନ୍ଦ୍ର ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ରଥଯାତ୍ରା କମିଟିର ସମ୍ପାଦକ ରାଧାରମଣ ଦାସ ଯୋଗ ଦେଇଥିଲେ।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

## ମରାମତି ସତ୍ତ୍ୱେ ରାସ୍ତା ବିପର୍ଯ୍ୟସ୍ତ

ଯାଜପୁର ଅଫିସ,୪।୧୦



■ଗତ ୪ ବର୍ଷରେ ୮.୮୧ କୋଟି ଖର୍ଚ୍ଚ
■ମରାମତି ପରେ ସୁଧୁରିନି ରାସ୍ତା

ରାସ୍ତା ନିର୍ମାଣ ଓ ମରାମତି ନାମରେ ଠିକାଦାରୀ ରାଜନୀତି ଯାଜପୁର ଜିଲାରେ ଅଣାୟତ୍ତ ହେବାରେ ଲାଗିଛି । ଫଳରେ ବିଭିନ୍ନ ଯୋଜନାରେ ହେଉଥିବା ରାସ୍ତା ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ । ଏଥିରେ ପୁଣି ମରାମତି ନାମରେ କୋଟିକୋଟି ଟଙ୍କା ହେରାଫେରି ରାଜ୍ୟ ସରକାରଙ୍କ ୫-ଟି ସୂତ୍ରକୁ ଚ୍ୟାଲେଞ୍ଜ କରିଛି। ଗତ ୫ବର୍ଷ ମଧ୍ୟରେ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ୩୫ଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ନିର୍ମାଣ ସମ୍ପୂର୍ଣ୍ଣ ହେବାର ୫ବର୍ଷ ମଧ୍ୟରେ ମରାମତି ନାମରେ ୮କୋଟି ୮୧ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ସେହି ରାସ୍ତାଗୁଡିକ ଏବେ ବି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ ସେ ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରୀ ରାଜନୀତି ବିକାଶ ଧାରାକୁ ପଛରେ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ରାଜନୈତିକ କର୍ମୀଙ୍କୁ ପୋଷିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗ ଅର୍ଥକୁ ମାଧମ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ହେଉଥିବା ରାସ୍ତା କାର୍ଯ୍ୟକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ଗତ ୫ବର୍ଷ ମଧ୍ୟରେ ଏହି ବିଭାଜନ ଅଧୀନରେ ପିଏମ୍‌ଜିଏସ୍‌ୱାଇ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍‌ଏମ୍‌ଏ।ସ୍‌ୱାଇ), ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଆରଆଇଡିଏଫ) ଓ ନିଜସ୍ୱ ପାଣ୍ଠିରେ ୧୧୨୩୧.୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୩୦୩.୦୮୨ କି.ମି. ରାସ୍ତା ସମ୍ପନ୍ନ ହୋଇଥିବା ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ବିଭାଗ ପକ୍ଷରୁ ଏହା ଦର୍ଶାଯାଇଛି। ତେବେ ପିଏମ୍‌ଜିଏସ୍‌ୱାଇ ମରାମତି ନାମରେ କୋଟିକୋଟି ଟଙ୍କା ହେରାଫେରି ହେଉଥିବା ଅଭିଯୋଗ ହେଉଛି। ୨୦୧୫-୧୬ ଆର୍ଥିକ ବର୍ଷରେ ୩ଟି ରାସ୍ତା କାର୍ଯ୍ୟର ୧୫.୩୦ କି.ମି ପାଇଁ ୧୪୭.୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ କଲାଣ୍ଡୋ-ବିଛାଖଣ୍ଡି, ଆରଡି ରାସ୍ତାରୁ ସୁଦୁରୀ ଓ ବନ୍ଦାଳୋ-ଏଣ୍ଡାରପଦା ରାସ୍ତା ରହିଛି। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ୪ଟି ରାସ୍ତା କାର୍ଯ୍ୟର ୧୫.୮୦ କି.ମି. ରାସ୍ତା ମରାମତି ପାଇଁ ୧୫୮.୦୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ କ୍ଷେତ୍ରପାଳ-କଣ୍ଟାବଣିଆ, ଖଇରା ବ୍ରିଜ-ବଟୁ, ଆରଡି ରାସ୍ତାରୁ କୁରିକେଣା ଓ ପଞ୍ଚାୟତ ସମିତି ଅଫିସରୁ ଗୁଲଝରଣଗରପଟନା ରାସ୍ତା ରହିଛି । ୨୦୧୭-୧୮ ବର୍ଷରେ ନରସିଂହପୁର-ରସୁଣା, ଏନଏଚ-୨୦୦ରୁ ଗୋଡିପାଟିଆ ରାସ୍ତା, ତାଳଜଙ୍ଗ-ରାଇଛନ୍ଦା ରାସ୍ତା, ରଗଡିପଶି-ବରମୁଣ୍ଡୁଲି ରାସ୍ତା, ରାଉତରାପୁରା-କୁଣ୍ଡପାଟନା ରାସ୍ତା, ଧର୍ମଶାଳା-ଭୁବନ ରାସ୍ତା, ବାଘୁଆ-ଚଉଷଠିପଦା ରାସ୍ତା, ରଘୁନାଥପୁର-ମଧୁସୁଦନପୁର ରାସ୍ତା, ଜନକ-ମୋହନପୁର ରାସ୍ତା, ଆରଡି ରାସ୍ତାରୁ ନୂଆହାଟ ରାସ୍ତା ପ୍ରଭୃତି ୨୨ଟି ରାସ୍ତାର ୬୦.୧୯୦ କିମି ପାଇଁ ୫୪୭.୧୨ ଲକ୍ଷ ଟଙ୍କା ମରାମତି ନାମରେ ଖର୍ଚ୍ଚ ହୋଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ହରିଦାଶପୁର ରୁ ଭାତୁଡିପଶି, ଏନଏଚ-୫ରୁ ସୁଦୁରିଆ ହିଲଟପ ରାସ୍ତା, ଆରଡି ରାସ୍ତାରୁ କୁରିକୁଣା, ବଡଘୁମୁରୀ-ପାଇକରାପୁର, ପିଡବ୍ଲ୍ୟୁଡି ରାସ୍ତାରୁ ସୁନା ବାଲିକୁଦା ଓ ପିଡବ୍ଲ୍ୟୁଡି ରାସ୍ତାରୁ ମଟକାପୁର ରାସ୍ତାର ୧୩.୫୪୪ କି.ମି. ରାସ୍ତା ପାଇଁ ୨୮.୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । କାଁଭାଁ ମରାମତି କରାଯାଇ ଆବଣ୍ଟିତ ଉପରୋକ୍ତ ଅର୍ଥ ପରିମାଣରୁ ସିଂହଭାଗ ଅର୍ଥ ମିଥ୍ୟା ବିଲ ଭାଉଚର କରି ହଡ଼ପ ହୋଇଥିବା ଅଭିଯୋଗ ହେଉଛି। ଫଳରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ଯେଉଁଭଳି ନିର୍ମାଣ ହେବା କଥା ତାହା ପରାହତ ହେଉଛି । ଏହିସବୁ ରାସ୍ତାରେ ଏବେ ବି ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ରାସ୍ତା ସଙ୍କୁଚିତ ହେଉଥିବା ଦେଖିବାକୁ ମିଳିଛି । ପିଏମଜିଏସ୍‌ୱାଇ ଅଧୀନରେ ହେଉଥିବା କଂକ୍ରିଟ ରାସ୍ତାଗୁଡିକ ମଝିରେ ଫାଟ ସୃଷ୍ଟି ହେଉଥିବା ମଧ ଦେଖିବାକୁ ମିଳିଛି। ତେବେ ଏହି ବିଭାଗ ଉପରେ ରାଜ୍ୟ ରାଜନୀତିରେ ଜଣେ ପ୍ରଭାବଶାଳୀ ରାଜନେତାଙ୍କ ଆଶୀର୍ବାଦ ରହିଥିବାରୁ କୌଣସି ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଜାରକା ଗ୍ରାମ୍ୟ ନିର୍ମାଣର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କ ମତାମତ ନେବାକୁ ତାଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

**ସଂକ୍ଷେପରେ**

## ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍ ଅଭିଯୋଗ

**ଓଡ଼ଗାଁ,୪।୧୦(ସ୍ୱ.ପ୍ର.):** ଓଡଗାଁରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା ବାରମ୍ବାର ଘଟୁଥିବା ଦେଖାଯାଉଛି। ଗତ ୨୬ ତାରିଖରେ କୁରାଳରୁ ଦଣ୍ଡୋର ଦେଇ ଓଡ଼ଗାଁ ଆସୁଥିବା ଜଣେ କର୍ମଚାରୀଙ୍କଠାରୁ ୯୦ ହଜାର ଟଙ୍କା ଲୁଟ୍ ହୋଇଥିବା ବେଳେ ଶୁକ୍ରବାର ସମାନ ଢଙ୍ଗରେ ୫୫ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଏକ ଘରୋଇ ଅର୍ଥ ଲଗାଣ ସଂସ୍ଥାର କର୍ମଚାରୀ ନାରାୟଣ ସେଠୀ ଶରଧାପୁର ଅଞ୍ଚଳରୁ ଗ୍ରୁପମାନଙ୍କଠାରୁ ଟଙ୍କା ଆଦାୟ କରି ବାଉଁଶଗାଡିଆ ଫେରୁଥିବା ବେଳେ ଲୁଟର ଶିକାର ହୋଇଥିଲେ । ବର୍ଷା ସମୟରେ ସେ ଏକାକୀ ଟଙ୍କା ବ୍ୟାଗ ଧରି ଫେରୁଥିବା ବେଳେ ବାଇକ୍‌ରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ପରେ ସେମାନେ ଭୁଜାଲି ଓ ଛୁରି ଦେଖାଇ ଟଙ୍କା ବ୍ୟାଗ ଲୁଟି ଫେରାର ହୋଇଯାଇଥିଲେ । ସେ ଏ ନେଇ ସ୍ଥାନୀୟ ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ପତ୍ତା ମିଳି ନାହିଁ।

## ସାହିବସ୍ତି ବୁଲି ସ୍ୱଚ୍ଛତା ବାର୍ତ୍ତା ଦେଲେ କଲେଜ ଛାତ୍ରୀ

**ଖଣ୍ଡପଡ଼ା,୪।୧୦(ସ୍ୱ.ପ୍ର)**-ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପକ୍ଷରୁ ଏକ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୫ଶହରୁ ଉର୍ଦ୍ଧ ଛାତ୍ରୀ ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳି ମହାପାତ୍ର ଓ ଯୁକ୍ତ ୩ ଅଧକ୍ଷା ଲିପିକା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସହରାଞ୍ଚଳର ସାହିବସ୍ତି ବୁଲି ସ୍ୱଚ୍ଛତା ବାର୍ତ୍ତା ଦେବା ସହ ଗାନ୍ଧିଜୀଙ୍କ ନୀତି, ଆଦର୍ଶ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ନୟାଗଡ଼ ଅଫିସ, ୪।୧୦**

- କମ୍ପ୍ୟୁଟର ଓ ପ୍ରିଣ୍ଟର ପୋଡ଼ି ନଷ୍ଟ
- ଶର୍ଟ ସର୍କିଟରୁ ଲାଗିଲା ନିଆଁ
- କାର୍ଯ୍ୟାଳୟରେ ନାହିଁ ଅଗ୍ନିନିର୍ବାପନ ଯନ୍ତ୍ର


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା କମ୍ପ୍ୟୁଟର ଓ ପ୍ରିଣ୍ଟର।

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ୨ୟ ମହଲା ସାଧାରଣ ଓ ବିବିଧ ଉପବିଭାଗ (ଜେନେରାଲ ଆଣ୍ଡ ମିସ୍ ସେକ୍ସନ)ରେ ଶୁକ୍ରବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାର୍ଯ୍ୟାଳୟର ଗୋଟିଏ କମ୍ପ୍ୟୁଟର ଓ ପ୍ରିଣ୍ଟର ପୋଡ଼ି ନଷ୍ଟ ହୋଇଯାଇଥିବା ବେଳେ ଫାଇଲଗୁଡ଼ିକ ସୁରକ୍ଷିତ ରହିଛି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି।

ଭୋର ୫ଟା ସମୟରେ ଉକ୍ତ କୋଠରିରେ ବିସ୍ଫୋରଣ ହେବା ଭଳି ଶବ୍ଦ ହୋଇଥିଲା। କାର୍ଯ୍ୟାଳୟରେ ଥିବା ରାତ୍ର ଜଗୁଆଳି କାଳନ୍ଦୀ ଚରଣ ବେହେରା ଯାଇ ଦେଖିବା ବେଳକୁ ଚାରିଆଡ଼େ ଧୂଆଁମୟ ହୋଇଥିବା ବେଳେ ଏକ କୋଠରିରୁ ନିଆଁ ବାହାରୁଥିଲା। ସଙ୍ଗେ ସଙ୍ଗେ ସେ ଏ ନେଇ ଫୋନ୍ କରିବାରୁ ନୟାଗଡ଼ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର କ୍ଷୟକ୍ଷତିରୁ ଜିଲାପାଳଙ୍କ କାର୍ଯ୍ୟାଳୟ ବର୍ତ୍ତିଯାଇଥିବା ଆଲୋଚନା ହେଉଛି। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ କୌଣସି ଫାଇଲ୍ ପୋଡ଼ି ନ ଥିବା ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣା ପରେ ଜିଲାପାଳଙ୍କ କାର୍ଯ୍ୟାଳୟର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନା ଅନୁଯାୟୀ ୩ ମହଲା କାର୍ଯ୍ୟାଳୟର କୌଣସି ବି ସ୍ଥାନରେ ଅଗ୍ନି ନିର୍ବାପନ ଯନ୍ତ୍ର ନାହିଁ। ସେହିଭଳି ଅଗ୍ନିକାଣ୍ଡ ଘଟିଥିବା କୋଠରିରେ ବିଭିନ୍ନ ସମୟରେ ବିଦ୍ୟୁତ୍ ସଂଯୋଗକୁ ନେଇ ଅବ୍ୟବସ୍ଥା ଦେଖାଯାଇଥାଏ। ଉକ୍ତ କୋଠରିରେ ଥିବା ପଙ୍ଖା କେତେବେଳେ ପଡ଼ିଯିବ ତାହା କହିବା ମୁସ୍କିଲ। ଏ ନେଇ ବିଭିନ୍ନ ଆଡ଼େ ଜଣାଯାଉଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ଦୁର୍ବଳ ଓୟାରିଂ ଯୋଗୁ ଶର୍ଟ ସର୍କିଟ ହୋଇ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବନମାଳୀପୁର ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଖଣ୍ଡପଡା/ଭାପୁର, ୪।୧୦(ସ୍ୱ.ପ୍ର./ଡି.ଏନ୍.ଏ.)**


ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ବନମାଳୀପୁର ଆନୁକୂଲ୍ୟରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ୩୨ ତମ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ବାଙ୍କୀର ବ୍ରହ୍ମପୁରା କ୍ରିକେଟ କ୍ଲବ ୧୮ ରନରେ ରଘୁନାଥ କ୍ରିକେଟ କ୍ଲବ ଓଡ଼ଗାଁକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ରହ୍ମପୁରା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୨୩ ରନ ସଂଗ୍ରହ କରିଥିଲା । ଜବାବରେ ଓଡଗାଁ ଟିମ୍ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୫ ରନ କରି ପରାଜିତ ହୋଇଥିଲା । ବିଜୟୀ ଦଳର ଅନିଲ ସାହୁ ସର୍ବାଧିକ ୩୦ ରନ କରିଥିବା ବେଳେ ଚିତ୍ତ ରଞ୍ଜନ ଧଳ ୪ ଓଭରରେ ୧୭ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଶିକ୍ଷାବିତ୍ ଗଦାଧର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଭୟ ଟିମ୍‌ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ବିଭୁ ପ୍ରସାଦ ସାହୁ ଓ ବିରଞ୍ଚି ନାରାୟଣ ପୃଷ୍ଟି ମ୍ୟାଚ ପରିଚାଳନା କରିଥିଲେ । ଶନିବାର ବ୍ରାହ୍ମଣୀ ଦେବୀ କ୍ରିକେଟ କ୍ଲବ ଝଗଡ଼ପଡ଼ା ଓ ବରୁଣେଇ କ୍ରିକେଟ କ୍ଲବ ମଧ୍ୟରେ ୨ୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟର ଆୟୋଜକଙ୍କଠାରୁ ପ୍ରକାଶ । ଚଳିତବର୍ଷ ଆଖପାଖ ଅଞ୍ଚଳରୁ ୮ଟି ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଜଣାପଡିଛି ।

## ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ କଳସ ଶୋଭାଯାତ୍ରା

**ଖଣ୍ଡପଡ଼ା,୪।୧୦(ସ୍ୱ.ପ୍ର)**

କଣ୍ଟିଲୋ ପାଣ୍ଡୁସାହୁପାଟଣା ଆର୍ଯ୍ୟସମାଜ ପକ୍ଷରୁ ଦୀର୍ଘ ୪୬ ବର୍ଷ ହେଲା ବିଶ୍ୱଶାନ୍ତି ଉପଲକ୍ଷେ ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଏହି ଅବସରରେ ଶୁକ୍ରବାର ଠାରୁ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହେବ । ଏହି ଅବସରରେ ଅପରାହ୍ଣରେ ଗ୍ରାମର ମହିଳା ଓ ପୁରୁଷ ମହାନଦୀ ଘାଟରୁ ଜଳ ଉଠାଇ ଏକ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପାଣ୍ଡୁସାହୁପାଟଣା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ଶୁକ୍ରବାର କାର୍ଯ୍ୟସୂଚୀ ଅନୁଯାୟୀ ସନ୍ଧ୍ୟା ଉପାସନା, ପ୍ରବଚନ ଓ ବାଲ୍ୟଲୀଳା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ଶନିବାର ପୂର୍ବାହ୍ଣରେ ଓମ୍ ଧ୍ୱଜା ଉତ୍ତୋଳନ ପରେ ଋକ ବେଦ ଯଜ୍ଞ ସହ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ବିମଳାଙ୍କ ନିକଟରେ ଚଣ୍ଡୀପାଠ

**ଖଣ୍ଡପଡା, ୪।୧୦(ସ୍ୱ.ପ୍ର.)**



କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ଶୁକ୍ରବାର ସପ୍ତମୀ ପୂଜା ଅବସରରେ ଚଣ୍ଡୀପାଠ ସହ ଅପରାହ୍ଣରେ ହୋମକାର୍ଯ୍ୟ ଅନୁଷ୍ଠିତ ହୋଇଛି । ମା' ବିମଳାଙ୍କ ଶାରଦୀୟ ଷୋଡ଼ଶ ଉପଚାର ପୂଜା ଉତ୍ସବ ଆରମ୍ଭ ହୋଇଥିବା ବେଳେ ସପ୍ତମୀ ତିଥିରେ ମା' ବିମଳାଙ୍କ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ବାସୁଦେବ ମିଶ୍ର ଓ ବ୍ରଜରାଜ ମିଶ୍ରଙ୍କ ଦ୍ୱାରା ଚଣ୍ଡୀପାଠ ଏବଂ ହୋମଯଜ୍ଞ ଆରମ୍ଭ ହୋଇଥିଲା । ଚଣ୍ଡୀପାଠ ୩ ଦିନ ବ୍ୟାପୀ ଅନୁଷ୍ଠିତ ହେବ । ମା' ବିମଳା ଭଦ୍ରକାଳୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପାର୍ବଣ ଉତ୍ସବରେ ନୀଳମାଧବ ମନ୍ଦିର ପାଇଁ ଦେବୋତ୍ତର ମ୍ୟାନେଜର ହରିହର ଦାଶ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ ।

## ଘରବାରି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ, ଜଣେ ଗୁରୁତର

**ଓଡ଼ଗାଁ,୪।୧୦(ସ୍ୱ.ପ୍ର.)**

ଓଡ଼ଗାଁ ଥାନା ରୋହିବାଙ୍କ ଖଦାଳ ସାହିରେ ପୈତୃକ ଘରବାରି ଭାଗବଣ୍ଟାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳରୁ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଉକ୍ତ ଗ୍ରାମର ଗୁମାନୀ ନାୟକ ଓ ଭରତ ନାୟକ ସମ୍ପର୍କୀୟ ଦୁଇଭାଇ। ଉଭୟଙ୍କ ପୈତୃକ ସମ୍ପତ୍ତି ଘରବାରି ଭାଗବଣ୍ଟାକୁ ନେଇ ଭଦ୍ରଲୋକଙ୍କ ନ୍ୟାୟ ଅନୁସାରେ ଗୁମାନୀ, ଭରତଙ୍କୁ ୬୫ ହଜାର ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଗୁମାନୀ କୁଆଡେ ଧାର୍ଯ୍ୟ ସମୟରେ ଟଙ୍କା ନ ଦେବାରୁ ଭରତ ଉକ୍ତ ଘରବାରି ଦଖଲକୁ ନେବାକୁ ଉଦ୍ୟମ କରିଥିଲେ। ଶୁକ୍ରବାର ମଧ୍ୟାହ୍ନରେ ସେ ମାଙ୍କଡା ପଥର ପୋତି କାନ୍ଥ ଉଠାଇବା ବେଳେ ଗୁମାନୀ ଓ ତାଙ୍କ ଭାଇ ମୂଳିଆ ଆସି ଭରତଙ୍କୁ ଏଥିରୁ ନିବୃତ୍ତ ହେବାକୁ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଭରତଙ୍କ ଠେଙ୍ଗା ମାଡରେ ମୂଳିଆଙ୍କ ମୁଣ୍ଡ ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଗୁମାନୀ ଓ ମୂଳିଆଙ୍କ ରଡ୍ ମାଡରେ ଭରତ ସାମାନ୍ୟ ଆହତ ହୋଇଥିବା ପ୍ରକାଶ କରିଛନ୍ତି । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ସୂଚନା ପାଇବା ପରେ ମାମଲାର ଅନୁସନ୍ଧାନ କରି ଭରତ ଓ ତାଙ୍କ ପୁଅଙ୍କୁ ଅଟକ ରଖିଛି । ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି ।

## କାଇପଦରରେ ସାର୍ବଜନୀନ ଦୁର୍ଗାପୂଜା

**ଖୋର୍ଦ୍ଧା ଅଫିସ,୪।୧୦:** ଖୋର୍ଦ୍ଧା ବ୍ଲକର କାଇପଦରରେ ସାର୍ବଜନୀନ ଦୁର୍ଗାପୂଜା ଶନିବାର ଆରମ୍ଭ ହୋଇ ୯ ତାରିଖରେ ଉଦ୍‌ଯାପିତ ହେବ। ଏ ଅବସରରେ ୬ ତାରିଖରୁ ମଞ୍ଚ ନାଟକ ପ୍ରତିଯୋଗିତା ଆରମ୍ଭ ହୋଇ ୮ରେ ଶେଷ ହେବ। ୬ରେ ନଛିପୁରର ମେଘଦୂତ ୟୁଥ୍ କ୍ଲବ ପକ୍ଷରୁ ରାମ ବନବାସ କାହାଣୀ ଶେଷ, ୭ରେ ଭୁବନେଶ୍ୱର ଉତ୍କଳ ନାଟ୍ୟ ଚେତନାର ନାଟକ ଅଧେ ତୋର ଅଧେ ମୋର, ଅନୁଷ୍ଠିତ ହେବ।



## ସଂକ୍ଷେପରେ

### ହବିଷିଆଳିଙ୍କ ଦାୟିତ୍ୱ ନେବେ ୧୨ ନୋଡାଲ ଅଧିକାରୀ


**ପୁରୀ ଅଫିସ, ୪।୧୦:** ହବିଷିଆଳିମାନଙ୍କ ରହିବା, ଖାଇବା, ମହାପ୍ରଭୁଙ୍କୁ ଦର୍ଶନ ଓ ମହାପ୍ରସାଦ ସେବନ ତଥା ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଚଳିତ ମାସ ୧୩ରୁ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ୩ଟି ସ୍ଥାନରେ ପ୍ରାୟ ୩ ହଜାର (ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୯୦୦, ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ୬୦୦ ଏବଂ ନରେନ୍ଦ୍ର କୋଣ ହବିଷିଆଳି କେନ୍ଦ୍ରରେ ୧,୫୦୦) ହବିଷିଆଳିଙ୍କ ରହିବା ବନ୍ଦୋବସ୍ତ କରାଯାଉଛି। ଏଥିପାଇଁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୧୧ ତାରିଖ ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଯିବ। ଶ୍ରୀମନ୍ଦିରକୁ ଯିବା ଆସିବା ପାଇଁ ସ୍ୱତନ୍ତ୍ର ବସ୍, ପୁଷ୍କରିଣୀରେ ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା ସହ ରହଣି କେନ୍ଦ୍ରରେ ସିସିଟିଭି ଲଗାଯିବ। ସନ୍ଧ୍ୟାରେ ମହାପ୍ରସାଦ ସେବନ, ପୂଜା ପାଇଁ ପିଣ୍ଡି ବ୍ୟବସ୍ଥା ଏବଂ ପାଲା, ପ୍ରବଚନ ଆଦି ଆଧାତ୍ମିକ କାର୍ଯ୍ୟକ୍ରମ କରାଯିବ। ସମସ୍ତ କେନ୍ଦ୍ର ଏବଂ ନରେନ୍ଦ୍ର ପୁଷ୍କରିଣୀରେ ହବିଷିଆଳି ତୁଠ ନିକଟରେ ନିରାପତ୍ତା ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର ଏବଂ ଅଗ୍ନିଶମ ସେବା ବ୍ୟବସ୍ଥା କରାଯାଉଛି। ପ୍ରତି କେନ୍ଦ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳ ରହିବ। ଏଥିନିମନ୍ତେ ୧୨ ଜଣ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ ତିନିଦିନ ପାଇଁ ରେଳ ଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରେ ହବିଷିଆଳିଙ୍କ ସୁବିଧା ଲାଗି ଅସ୍ଥାୟୀ ସୂଚନା କେନ୍ଦ୍ର ଏବଂ ଆଶ୍ରୟସ୍ଥଳୀରେ ଛାଡିବା ପାଇଁ ବସ୍‌ର ବନ୍ଦୋବସ୍ତ ହେବ। ଏ ସମସ୍ତ କାର୍ଯ୍ୟ ଜିଲାପାଳ ବଲୱନ୍ତ ସିଂଙ୍କ ତତ୍ତ୍ୱାବଧାନରେ ଜାରି ରହିଛି।

■ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ

# ଦଲାଲଙ୍କୁ ଲଗାମ ନାହିଁ

**ରଣପୁର, ୪।୧୦(ସ୍ୱ.ପ୍ର.)–**

### ଡାକ୍ତରଖାନା ପରିସରରେ ମାଳମାଳ ମେଡିସିନ୍ ରିପ୍ରେଜେଣ୍ଟେଟିଭ



ଚାନ୍ଦପୁରସ୍ଥିତ ବସନ୍ତମଞ୍ଜରୀ ସ୍ୱାସ୍ଥ୍ୟ ନିବାସ।

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦଲାଲ, ମେଡିସିନ୍ ରିପ୍ରେଜେଣ୍ଟେଟିଭଙ୍କୁ ହଟାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ହେଲେ ନୟାଗଡ ଜିଲା ରଣପୁର ବ୍ଲକ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ଏହି ନିର୍ଦ୍ଦେଶକୁ ବେଖାତିର କରାଯାଉଛି । ଏଠାରେ ଦଲାଲ ରାଜ ଚାଲିଥିବା ଅଭିଯୋଗ ହେଉଛି। ପ୍ରତ୍ୟହ ୪୦ରୁ ଊର୍ଦ୍ଧ୍ୱ ଦଲାଲ ଓ ମେଡିସିନ୍ ରିପ୍ରେଜେଣ୍ଟେଟିଭଙ୍କୁ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ଦେଖିବାକୁ ମିଳୁଛି। ଦଲାଲମାନେ ରୋଗୀଙ୍କୁ ଘରୋଇ ଡାକ୍ତରଖାନାକୁ ପ୍ରବର୍ତ୍ତାଇବା, ଡାକ୍ତରଙ୍କ ଘରେ ନେଇ ଦେଖାଇବାକୁ କହିବା ଓ ନିର୍ଦ୍ଦିଷ୍ଟ ଔଷଧ ଦୋକାନରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ସେହିପରି ଡାକ୍ତରଖାନା ପରିସରରେ ମେଡିସିନ ରିପ୍ରେଜେଣ୍ଟେଟିଭମାନେ ଡାକ୍ତରଙ୍କୁ ଭେଟୁଥିବା ଅଭିଯୋଗ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ନୟାଗଡ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ନିକଟରେ ଚାନ୍ଦପୁର ଥାନା ରହିଥିବାବେଳେ ପୋଲିସ ଦଲାଲ ଦମନ ନୀତିକୁ କାହିଁକି ଅଣଦେଖା କରୁଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସରେ ୩୦୦ ଶଯ୍ୟା ଥିବାବେଳେ ମାତ୍ର ୮ଜଣ ଡାକ୍ତର ଅଛନ୍ତି। ଏଠାରେ ୪୦ ଡାକ୍ତର ପଦବୀ ରହିଥିବାବେଳେ ୩୨ ଖାଲି ପଡିଛି । ଯେଉଁ ୮ଜଣ ଡାକ୍ତର ଆସୁଛନ୍ତି ସେମାନଙ୍କ ଠାରୁ ଠିକ୍ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି । ସେହିପରି ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖିବା କମ୍ ସମୟ, କ୍ୱାର୍ଟର୍ସରେ ବେଶି ସମୟ ଦେଖୁଥିବା ମଧ୍ୟ ଅଭିଯୋଗ ହେଉଛି। କ୍ୱାର୍ଟର୍ସରେ ରୋଗୀ ଦେଖିଲେ ଜଣ ପିଛା ଡାକ୍ତର ୩୦୦ ଟଙ୍କା ପାଇଥାନ୍ତି । ଏଣୁ ଡାକ୍ତରଙ୍କ କ୍ୱାର୍ଟର୍ସ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳ ମାଳ ଦଲାଲ ଘୂରି ବୁଲୁଛନ୍ତି। ଏଠାରେ ଦଲାଲଙ୍କୁ ନ ଧରିଲେ କୌଣସି କାମ ହେଉନାହିଁ। ସେହିପରି ମେଡିସିନ୍ ରିପ୍ରେଜେଣ୍ଟେଟଭଙ୍କ ଭିଡ ମଧ୍ୟ ଲାଗି ରହୁଛି ଏନେଇ ରଣପୁରର ରାମଚନ୍ଦ୍ର ପ୍ରଧାନ କୁହନ୍ତି ଚାନ୍ଦପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଦଲାଲ ରୋଗୀଙ୍କୁ ସର୍ବସାନ୍ତ କରୁଛନ୍ତି। ଡାକ୍ତର ଦଲାଲଙ୍କ ସପକ୍ଷରେ ରହିଛନ୍ତି। ହେଲେ ପୋଲିସ ନୀରବ ରହିବା ଠିକ୍ ନୁହେଁ । ଦଲାଲଙ୍କୁ ଲଗାମ ଦେବାକୁ ହେଲେ ପୋଲିସର ଅତର୍କିତ ଚଢାଉ କରାଯିବା ଦରକାର ରହିଛି ବୋଲି ସେ କହିଥିଲେ । ନାମ ଗୋପନ ରଖି ଜଣେ ଦଲାଲ କହିଥିଲେ, ନୟାଗଡ ଓ ଖୋର୍ଦ୍ଧା ଜିଲାର ସୀମାନ୍ତ ଅଞ୍ଚଳ ଚାନ୍ଦପୁର । ଉକ୍ତ ଡାକ୍ତରଖାନା ଉପରେ ପ୍ରଶାସନର ନଜର ପଡୁନି । ପୁଣି ଦଲାଲମାନେ ଯାହା କିଛି କରୁଛନ୍ତି ସେଥିରେ ଘରୋଇ ହସ୍ପିଟାଲ ଓ ଡାକ୍ତରଙ୍କ ପ୍ରମୁଖ ଭୂମିକା ରହୁଛି । ଉଭୟଙ୍କର ଲାଭ ରହୁଥିବାରୁ ଦଲାଲଙ୍କୁ ଧରାଇବାକୁ ଡାକ୍ତର ଆଗ୍ରହ ପ୍ରକାଶ କରିବେ ନାହିଁ। ସରକାରଙ୍କର ଦଲାଲ ଦମନ ଅଭିଯାନ ପରେ ନୂଆକରି ପୋଲିସକୁ କୋଟା ଦେବାକୁ ପଡୁଛି । ଏଣୁ ପୋଲିସ ଚୁପ ରହିବା ସ୍ୱାଭାବିକ୍ । ସେହିପରି ଲୋକଙ୍କର ବି ଆଖିଦୃଷ୍ଟିଆ ଅଭିଯୋଗ ନାହିଁ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ମେଡିକାଲ ଅଫିସର ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି, କୌଣସି ଦଲାଲ ଓ ମେଡିସିନ୍ ରିପ୍ରେଜେଣ୍ଟେଟଭଙ୍କ ରାଜ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲୁନି । ରୋଗୀ ସେବା ଠିକ୍‌ରେ ଚାଲିଛି । ରୋଗୀଙ୍କ ଅଭିଯୋଗ ମଧ୍ୟ ନାହିଁ ।

## ସାହିଭାଇର ସଂକଳ୍ପ ସପ୍ତାହ

**ପୁରୀ ଅଫିସ, ୪।୧୦**

ପୁରୀର ଅନ୍ୟତମ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସାହିଭାଇର ବାର୍ଷିକ ଉତ୍ସବ କର୍ତ୍ତବ୍ୟ–୨୦୧୯ ଉପଲକ୍ଷେ ଗାନ୍ଧୀ ଜୟନ୍ତୀ ବୁଧବାରଠାରୁ ଆରମ୍ଭ କରିଛନ୍ତି ସଂକଳ୍ପ ସପ୍ତାହ। ଭାରତ ସରକାରଙ୍କ ପ୍ଲାଷ୍ଟିକ ପଲିଥିନ ମୁକ୍ତ ଆହ୍ୱାନରେ ନିଜକୁ ସାମିଲ କରିଛି ସାହିଭାଇ। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ପୁରୀ ସହରକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ବ୍ୟାପକ ଜନ ସଚେତନତା ଲାଗି ଅଣ୍ଟା ଭିଡିଛନ୍ତି। ଗତ ତିନି ଦିନ ଧରି ବିଭିନ୍ନ ସାହି, ବସ୍ତିରେ ବୁଲି ଏନେଇ ଲୋକଙ୍କୁ ଲିଫଲେଟ ବାଣ୍ଟି ସଚେତନ କରୁଛନ୍ତି। ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନ କରିବାକୁ ଶପଥପାଠ କରାଉଛନ୍ତି। ଲୋକଙ୍କ ମଧ୍ୟରେ ଜନ ଜାଗରଣ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି। ଏହି ଅଭିଯାନରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବଜ୍ରବନ୍ଧୁ ମହାରଣା, ସତ୍ୟକାମ ସାହୁ, ବିକ୍ରମ ନାୟକ, ରାଜେନ୍ଦ୍ର କୁମାର ଦାସ, ସନ୍ତୋଷ ଶେଖର ମହାନ୍ତି, ଲକ୍ଷ୍ମୀଧର ବେହେରା, ବ୍ରଜକିଶୋର ସାହୁ, ତନ୍ମୟ ଚାଟାର୍ଜୀଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଛନ୍ତି। ଗୁରୁବାର ବଳିଆପଣ୍ଡା ବସ୍ତିରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ବସ୍ତି ବାସିନ୍ଦାଙ୍କୁ ଏନେଇ ସଚେତନ କରିଥିଲେ। ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ ପଲିଥିନ ବର୍ଜନ ଲାଗି ପରାମର୍ଶ ଦେଇଥିଲେ। ବଳିଆପଣ୍ଡା ବସ୍ତିରେ ଏକ ସୁନ୍ଦର ସ୍ୱଚ୍ଛ ପରିବେଶ ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ରାକମା ଗାଁ କଲ୍ୟାଣ ସମିତି ପକ୍ଷରୁ ବିଶ୍ୱାସ ଅଭିଯାନ



ଜନସଚେତନତା ଶୋଭାଯାତ୍ରା।

**ଭାପୁର, ୪।୧୦(ଡି.ଏନ.ଏ.)**

ସ୍ୱଚ୍ଛତା ଯେଉଁଠି ଭଗବାନ ସେଇଠି। ଏହି ବାର୍ତ୍ତା ପ୍ରଚାର କରିବା ଉଦ୍ଦେଶ୍ୟରେ ଗୁରୁବାର ଭାପୁର ବ୍ଲକ ରାକମା ଗାଁ କଲ୍ୟାଣ ସମିତି ପକ୍ଷରୁ 'ବିଶ୍ୱାସ' ଅଭିଯାନ ଅନୁଷ୍ଠିତ ହୋଇଛି। ଗାଁର ୧ ନମ୍ବର ଅଙ୍ଗନୱାଡି କର୍ମୀ ତଥା ଆବାହିକା ନମିତା ପାଟ୍ଟଯୋଶୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଏଥିରେ ଅଙ୍ଗନୱାଡି ୨ର କର୍ମୀ ସସ୍ମିତା ବେହେରା, ଆଡିପଡ଼ା ଗ୍ରାମର କର୍ମୀ ବିନିବାଳା ସାହୁ, ଆଶାକର୍ମୀ ନିବାସୀ ବାରିକ ଓ ନିର୍ମଳା ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଆଞ୍ଚଳ ପାତ୍ର, ହେଲ୍‌ଥ ସୁପରଭାଇଜର ନାରାୟଣ ଶୁକ୍ଳ, ଅଙ୍ଗନୱାଡ଼ି ଯାଞ୍ଚ କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, କଲ୍ୟାଣ ସମିତିର ସମସ୍ତ ସଭ୍ୟାସଭ୍ୟ ସାମିଲ ହୋଇ ପଲିଥିନ ବର୍ଜନ, ପାଇଖାନା ବ୍ୟବହାର, ସିଗାରେଟ୍ ବା ତମାଖୁ ଜାତୀୟ ଦ୍ରବ୍ୟ ବର୍ଜନ କରିବା, ମଶାରି ଟାଣି ଶୋଇବା ଆଦି ସ୍ଲୋଗାନ ଦେଇ ଜନସଚେତନତା କରିଥିଲେ।

## ନବନିର୍ମାଣ କୃଷକ ସଂଗଠନର ସମାବେଶ



ସମାବେଶରେ ଉପସ୍ଥିତ ମହିଳା, ପୁରୁଷମାନେ।

**ଦଶପଲ୍ଲା, ୪।୧୦(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକ ନବନିର୍ମାଣ କୃଷକ ସଂଗଠନର ସାଙ୍ଗଠନିକ ବୈଠକ ଶୁକ୍ରବାର ସ୍ଥାନୀୟ ସ୍ୱପ୍ନେଶ୍ୱର ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ରବିନାରାୟଣ ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ରାଜ୍ୟ କୃଷକ ନେତା ତଥା ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ହେଁ କୃଷକମାନେ ଏଠାରେ ଚରମ ଅବହେଳାର ଶିକାର ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି ବୋଲି କହିଥିଲେ। ଏହାସହ ଆସନ୍ତା ନଭେମ୍ବର ୬ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ବହୁ ସଂଖ୍ୟାରେ କୃଷକ ଯୋଗଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ମହେଶ୍ୱର ଜେନା, ସହସମ୍ପାଦକ ମମତା ନାଥ, ରଣଜିତ ଦଳବେହେରା, ପ୍ରସନ୍ନ ପ୍ରଧାନଙ୍କ ସମେତ ସ୍ଥାନୀୟ କୃଷକ ନେତା ଗଙ୍ଗାଧର ବିଶ୍ୱାଳ, ଗୌରାଙ୍ଗ ମଲିକ, ମାନସ ବେହେରା, ଜଗନ୍ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀଙ୍କ ସମସ୍ୟା ଉପରେ ଉଦ୍‌ବୋଧନ ଦେଇଥିଲେ। ଶେଷରେ ବ୍ଲକ ସଂଯୋଜକ ସେଠୀ ଧନ୍ୟବାଦ ଦେଇଥିଲେ।

## ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ

**ପୁରୀ ଅଫିସ, ୪।୧୦**

ଶାରଦୀୟ ପୂଜା ଅବସରରେ ଶ୍ରୀମନ୍ଦିର ପରିସର ମା' ବିମଳାଙ୍କ ପୀଠରେ ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଶୁକ୍ରବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଅଷ୍ଟମୀ ଏବଂ ରବିବାର ନବମୀ ପୂଜା ଅନୁଷ୍ଠିତ ହେବ। ଏହାକୁ ତ୍ରିଦିନାତ୍ମକ ପୂଜା କୁହାଯାଇଥାଏ। ସପ୍ତମୀଠାରୁ ଏହି ତ୍ରିଦିନାତ୍ମକ ପୂଜା ପାଳନ ନିମନ୍ତେ ସଂକଳ୍ପ କରାଯାଇଥିଲା। ଏହି ସଂକଳ୍ପିତ କର୍ମରେ ତର୍ପଣ, ମାର୍ଜଣା ଆଦି ସହ ବଳି, ଜପ ଓ ହୋମାଦି କର୍ମ କରାଯାଇଥିଲା। ନିଷାର୍ଦ୍ଧରେ ମହାପ୍ରଭୁଙ୍କ ପହୁଡ ହେବା ପରେ ଭିତର ଶୋଧ କରାଯାଇ ମା' ବିମଳାଙ୍କ ନିକଟରେ ଶଙ୍ଖୁଡ଼ି ଓ ଆମିଷ ଭୋଗ କରାଯାଇଛି। ଏହି ଭୋଗ ପ୍ରସ୍ତୁତି ନିମନ୍ତେ ବିମଳାଙ୍କ କୂଅ ନିକଟରେ ଏକ ଅସ୍ଥାୟୀ ପାକଶାଳା ନିର୍ମିତ ହୋଇଛି।

## ନଭେମ୍ବର ୩ରେ ଷୋଳଶାସନ ଅମୃତମଣୋହି ଭୋଗ

**ପୁରୀ ଅଫିସ, ୪।୧୦**

ପ୍ରତିବର୍ଷ ପରି ଚଳିତବର୍ଷ ଆସନ୍ତା ନଭେମ୍ବର ୩ ତାରିଖ କାର୍ତ୍ତିକ ଶୁକ୍ଳ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ଷୋଳଶାସନ ଅମୃତମଣୋହି ଭୋଗ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଆନୁକୂଲ୍ୟରେ ଏହା ଯଥାବିଧି କରାଯାଇ ସେହିଦିନ ରାତି ୭ଟାରେ ଶ୍ରୀମନ୍ଦିର ପରିସର ନିର୍ମାଲ୍ୟ ଖଳାରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯିବ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ଗଙ୍ଗାଧର ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

## ଗାନ୍ଧିଜୀଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା



ବିଚାରକମଣ୍ଡଳୀ ଗହଣରେ କୃତୀ ଛାତ୍ରୀମାନେ ।

**ନୟାଗଡ଼ ଅଫିସ, ୪।୧୦**

ନୟାଗଡ଼ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ରୋଟାରି ଭବନଠାରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ବ୍ଲକରୁ ୩ଜଣ ଲେଖାଏଁ ୨୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଗାନ୍ଧିଜୀଙ୍କ ଆଦର୍ଶ–ବିଶ୍ୱସ୍ତରୀୟ ଆହ୍ୱାନ ଶୀର୍ଷକରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଭାକିରଣ ମହାପାତ୍ର ପ୍ରଥମ, ଭାପୁର ବ୍ଲକ ବାଲୁଙ୍କେଶ୍ୱର ବିଦ୍ୟାପୀଠର ଛାତ୍ରୀ ପ୍ରତ୍ୟାଶା ମଲ୍ଲିକ ଦ୍ୱିତୀୟ ଓ ରଣପୁର ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲର ଛାତ୍ରୀ ଶୁଭଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ନୟାଗଡ଼ କ୍ଲବ ସଭାପତି ପ୍ରମୋଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ବିଚାରକ ଭାବେ ନାଟ୍ୟକାର ଡ. ବିଜୟ କୁମାର ଚୌଧୁରୀ, ଅଧ୍ୟାପକ ଗଣେଶ ମିଶ୍ର, ପ୍ରସନ୍ନ କୁମାର ବସନ୍ତିଆ ଯୋଗ ଦେଇଥିଲେ। ଧୀରେନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ରଥ, ମିହିର ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ନିଖିଳ ଉତ୍କଳ କଂସାରି ସମାଜର ଜିଲାସ୍ତରୀୟ ବୈଠକ

## ସଙ୍ଗଠିତ ନ ହେଲେ ସମସ୍ୟା ସମାଧାନ ହୋଇପାରିବନି

**ନୟାଗଡ଼ ଅଫିସ, ୪।୧୦**

ନିଖିଳ ଉତ୍କଳ କଂସାରି ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଂସା ପିତ୍ତଳର ଏହି ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବା ସହିତ କଂସାରି ସମାଜକୁ ସୁଦୃଢ କରିବାକୁ ହେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ପଡିବ । ଆମେ ସଂଗଠିତ ନ ହେଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ୫ଟି ଅଞ୍ଚଳର ପ୍ରତିନିଧିଙ୍କୁ ନେଇ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ନୟାଗଡର ମୃତ୍ୟୁଞ୍ଜୟ ମହାରଣା, ଉପସଭାପତି ରଣପୁରର ରମାକାନ୍ତ ମହାରଣା, ସମ୍ପାଦକ ନୟାଗଡର ଅନ୍ତର୍ଯ୍ୟାମୀ ମହାରଣା, ସହସମ୍ପାଦକ ହରିହରପୁରର କେଦାର ନାଥ ସାହୁ, କୋଷାଧ୍ୟକ୍ଷ ଭାବେ ଇଟାମାଟିର ଲକ୍ଷ୍ମୀଧର ସାହୁଙ୍କୁ ଚୟନ କରାଯାଇଥିଲା। ସେହିପରି କମିଟି ସଦସ୍ୟ ଭାବେ ମାଗି ମହାରଣା, ଅଶୋକ କୁମାର ସାହୁ, ଫକୀର ମହାପାତ୍ର ଓ ପ୍ରଫୁଲ୍ଲ ସାହୁଙ୍କୁ ଚୟନ କରାଯାଇଥିଲା। ବୈଠକରେ ଅନୁଷ୍ଠାନର ଉପସଭାପତି ଦଣ୍ଡପାଣି ସାହୁ, ସମ୍ପାଦକ ପତି ମହାରଣା ପ୍ରମୁଖ କେନ୍ଦ୍ରୀୟ କମିଟି ସଦସ୍ୟ ଉପସ୍ଥିତ ରହି ରାଜ୍ୟରେ ଥିବା ସମସ୍ତ କଂସାରି ଭାଇ ସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ କାରିଗର ଏକାଠି ହେବା ସହ ରାଜ୍ୟସ୍ତରୀୟ କମିଟିରେ ନାମ ପଞ୍ଜୀକୃତ କରିବାକୁ ପରାମର୍ଶ ଦେଇଥିଲେ। କଂସା ପିତଳ କାରିଗରମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ସେମାନଙ୍କ ସମସ୍ୟା ସରକାରଙ୍କ ପାଖରେ ଠିକ୍ ଭାବେ ପ୍ରଭାବ ପକାଇ ପାରୁନାହିଁ ବୋଲି ପ୍ରକାଶ କରିଥିଲେ।



ବୈଠକରେ ଉପସ୍ଥିତ କମିଟି ସଦସ୍ୟବୃନ୍ଦ।

■ ମାଣିକଗୋଡ଼ାରେ ଦଶହରା ପର୍ବ

# ହିନ୍ଦୁ ଓ ମୁସଲମାନ ମିଳିମିଶି ଆରମ୍ଭ କଲେ

**ଖୋର୍ଦ୍ଧା ଅଫିସ/ ବୋଲଗଡ, ୪।୧୦(ଡି.ଏନ.ଏ.):**

ଖୋର୍ଦ୍ଧା ଓ ନୟାଗଡ ଜିଲାର ସୀମାନ୍ତ ଅଞ୍ଚଳରେ ରହିଛି ବୋଲଗଡ ବ୍ଲକର ମାଣିକାଗୋଡା ଗାଁ। ଯାହାକି ଖୋର୍ଦ୍ଧା ଜିଲାରେ ରହିଛି। ଏଠାରେ ଷୋଡଶ ଶତାବ୍ଦୀର ଶେଷ ଭାଗରୁ ହିନ୍ଦୁ ଓ ମୁସଲମାନ ମିଳିତ ହୋଇ ପାଳନ କରି ଆସୁଛନ୍ତି ଦଶହରା ପର୍ବ। ପର୍ବର ଅୟାମ୍ବରମ୍ବରେ ପାରମ୍ପରିକ ରୀତିନୀତି ମୁତାବକ ଖଡ୍‌ଗ, ଲେଖନୀ, ତାଳପତ୍ର ଓ କଟାରିକୁ ଭଗବତୀ ମନ୍ଦିର ସମ୍ମୁଖରେ ସଜରେ ବସାଯାଇଛି। ଏହି ଅବସରରେ କୁମୁଟି ସାହିସ୍ଥିତ ମହିଷାମର୍ଦ୍ଦିନୀ ମନ୍ଦିରରେ ସପ୍ତମୀ ପୂଜା ଉତ୍ସବ ଆରମ୍ଭ ହୋଇ କଟାରିକୁ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ରାତିରେ ହିନ୍ଦୁ, ମୁସଲମାନମାନେ ମାଣିକଗୋଡା ଗ୍ରାମର ମୁସଲମାନ ଦଳବେହେରାଙ୍କ ଦୁଆର ସମ୍ମୁଖରେ ରୁଣ୍ଡ ହୋଇଥିଲେ। କିଛି ସମୟ ପରେ ମାଣିକଗୋଡାର ବିଭିନ୍ନ ସ୍ଥାନରୁ ବାହାରିଥିଲା ୪ଟି ପୃଥକ ରୋଷଣି ପଟୁଆର। ପ୍ରଥମ ପଟୁଆରରେ ପୂଜକ ଓ ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ରାଜଗୁରୁଙ୍କ ଘରେ ଅବସ୍ଥାପିତ ଦିବ୍ୟସିଂହପୁର ଗ୍ରାମର ଶ୍ରୀକନକଦୁର୍ଗା ଆସିଥିଲେ। ୨ୟ ରୋଷଣି ପଟୁଆରରେ କୋଠକରଣ ଲେଖନି ଓ ତାଳପତ୍ର ନେଇ ବାହାରିଥିଲେ। ତୃତୀୟ ରୋଷଣି ପଟୁଆରରେ ଡୁମାଳଗଡଡ (ଶବର) ପୂଜିତ ଶ୍ରୀମହିଷାସୁରମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ଏକ ବିରାଟ କଟାରି (ଲମ୍ବା କଟୁରି) ଓ ଆଞ୍ଜାମାଳ ଧରି ବାହାରିଥିଲେ। ଶେଷ ପଟୁଆର ମୁସଲମାନ ଦଳବେହେରାଙ୍କ ଦୁଆରୁ ବାହାରିଥିଲା। ଲଉଡି ଖେଳ, ପାଇକ ଖେଳ, ମଶାଲ ଓ ଢୋଲ ବାଦ୍ୟରେ ମୁସଲମାନ ଦଳବେହେରା ମୋଜେବୁର ରହେମାନ୍ କଚ୍ଛା ମାରି ଗଜପତିଙ୍କ ପ୍ରଦତ୍ତ ଖଡ୍‌ଗ ଆଣି ମାନ୍‌ସିଂହଙ୍କୁ ଧରିବାକୁ ଦେଇଥିଲେ। ମାନସିଂହ ଖଡ୍‌ଗ ଧରି ରୋଷଣି ପଟୁଆରରେ ବାହାରିଥିଲେ। ପୃଥକ୍ ପୃଥକ୍ ରୋଷଣି ପଟୁଆର ଗ୍ରାମର ଦେବୀ ପୀଠ ଶ୍ରୀଭଗବତୀ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ଏକତ୍ରିତ ହୋଇଥିଲେ। ଶ୍ରୀଭଗବତୀ ଠାକୁରାଣୀଙ୍କ ସମ୍ମୁଖ ମଣ୍ଡପ ଉପରେ ନବନିର୍ମିତ ସ୍ୱତନ୍ତ୍ର ପିଢ଼ା ଉପରେ ଗଜପତିଙ୍କ ପ୍ରଦତ୍ତ ଦଳବେହେରାଙ୍କ ଖଡ୍‌ଗ, କୋଠକରଣଙ୍କ ଲେଖନୀ ଓ ତାଳପତ୍ର ଏବଂ ଶ୍ରୀମହିଷାସୁରମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ଏକ ବିରାଟ କଟାରୀ ରଖାଯାଥିଲା । ଅପରପକ୍ଷେ ମହିସାମର୍ଦ୍ଦିନୀ ମନ୍ଦିର ଥିବା କୁମୁଟିସାହିରେ ମଞ୍ଚ ନାଟକ କରାଯାଇଛି। ସେହିପରି ସାନପଦର ଗାଁର ଅଧିଷ୍ଠାତ୍ରୀ ଦେବୀ ବୃନ୍ଦାବତୀଙ୍କ ପୀଠରେ ଅନୁରୂପ ଭାବେ ଦଶହରା ପର୍ବ ଆରମ୍ଭ ହୋଇଛି। ଏଠାରେ ସବୁବର୍ଗର ଲୋକ ମିଳିମିଶି ଦଶହରା ପର୍ବ ଶୁକ୍ରବାରଠାରୁ ଆରମ୍ଭ କରିଛନ୍ତି। ବସ୍ତ୍ରାବୃତ୍ତ ଦୁଇଖଣ୍ଡି ବାଉଁଶରେ ବଧିପାଟଣା ଗାଁର ମା' କଙ୍କାଳୀ ଠାକୁରାଣୀ ବିଜେ ସମୟରେ ବଧିପାଟଣା, ନରେନ୍ଦ୍ରପୁର, ରାସୋଳ, କୃଷ୍ଣସରଣପୁର ଓ ସାନପଦର ଗାଁ ପରିକ୍ରମା କରି ଟାଟେରି ଭୋଗ ଖାଇ ସାନପଦରସ୍ଥିତ ମା' ବୃନ୍ଦାବତୀଙ୍କ ପୀଠକୁ ବିଜେ କରିଛନ୍ତି।



ଭଗବତୀ ମନ୍ଦିରରେ କଟାରୀ, ଖଡ୍‌ଗ, ଲେଖନୀ ରଖାଯାଇ ପୂଜା କରାଯାଉଛି।